# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ’ ୧/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, May 1/2019 | ★★★★

୪୫ଶ ଭାଗ ୧୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଭାରତୀୟ ହକି ଦଳରେ ବୀରେନ୍ଦ୍ର

ମେ ୧୦ରୁ ଆରମ୍ଭ ହେଉଥିବା ଅଷ୍ଟ୍ରେଲିଆ ଟୁର୍ ପାଇଁ ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ବୀରେନ୍ଦ୍ର ଲାକ୍ରା।

୧୪

୦୫

## ପୁନମ୍ ସିହ୍ନା ସବୁଠୁ ଧନୀ ପ୍ରାର୍ଥୀ

ପଞ୍ଚମ ପର୍ଯ୍ୟାୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୬୬୮ ଜଣଙ୍କ ମଧ୍ୟରୁ ଲକ୍ଷ୍ନୌ ଲୋକ ସଭା ଆସନର ଏସ୍‌ପି ପ୍ରାର୍ଥୀ ପୁନମ୍ ସିହ୍ନା ସବୁଠୁ ଧନୀ ବୋଲି ଏଡିଆର୍ ପକ୍ଷରୁ କୁହାଯାଇଛି।



## ଓଡ଼ିଶା ମୁହାଁ ବାତ୍ୟା ‘ଫନୀ’

# ୫ ମିଟର ଯାଏ ଉଠିବ ସମୁଦ୍ର ଢେଉ

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

ଦକ୍ଷିଣ ପୂର୍ବ ବଙ୍ଗୋପସାଗରର ଶ୍ରୀଲଙ୍କା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଅତି ଭୟଙ୍କର ସାମୁଦ୍ରିକ ଝଡ଼ (ଭେରି ସିଭିୟର ସାଇକ୍ଲୋନିକ ଷ୍ଟର୍ମ) ରେ ପରିଣତ ହୋଇଛି। ଘଣ୍ଟା ପ୍ରତି ୨୧ କିଲୋମିଟର ବେଗରେ ଓଡ଼ିଶା ଉପକୂଳ ଆଡ଼କୁ ମାଡ଼ି ଆସୁଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ସାମୁଦ୍ରିକ ଝଡ଼ ମଙ୍ଗଳବାର ମଧ୍ୟରାତ୍ରି ସୁଦ୍ଧା ପୁରୀଠାରୁ ଦକ୍ଷିଣ ଦକ୍ଷିଣ ପଶ୍ଚିମ ଦିଗରେ ୭୦୦ କିଲୋମିଟର ଏବଂ ଦକ୍ଷିଣ ଦକ୍ଷିଣ ପୂର୍ବ ବିଶାଖାପାଟଣା ଠାରୁ ୫୪୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୬ ଘଣ୍ଟା ମଧ୍ୟରେ ଏହା ଆହୁରି ଶକ୍ତିଶାଳୀ (ଏକ୍ସଟ୍ରିମିଲ ଭେରି ସିଭିୟର ସାଇକ୍ଲୋନିକ ଷ୍ଟର୍ମ) ହୋଇ ମହାବାତ୍ୟାର ରୂପ ନେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୧ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ବାତ୍ୟା ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରିବ। ଏହା ପରେ ଦିଗ ପରିବର୍ତ୍ତନ କରି ଉତ୍ତର ପୂର୍ବ ଆଡ଼କୁ ମୁହାଁଇବ। ଆସନ୍ତା ୩ ତାରିଖ ମଧ୍ୟାହ୍ନ ☞ପୃଷ୍ଠା-୧୨




- ୨୧ କି.ମି. ବେଗରେ ମାଡ଼ି ଆସୁଛି
- ଘଣ୍ଟାକୁ ବହିବ ୨୦୫ କି.ମି
- ଉପକୂଳରେ ରଚିବ ତାଣ୍ଡବ
- ପୁରୀର ଉଦୟଗିରିଠାରେ ସ୍ଥଳଭାଗ ଛୁଇଁବ
- ସବୁ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ
- ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ
- ହାଇ ଆଲର୍ଟରେ ନୌସେନା
- ସଚିବାଳୟରେ ଘନଘନ ପ୍ରସ୍ତୁତି ବୈଠକ
- ଖାଲୁଆ ଅଞ୍ଚଳରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ
- ଉପକୂଳ ଜିଲା କର୍ମଚାରୀଙ୍କ ଛୁଟି ବାତିଲ
- ୨ ହେଲିକପ୍ଟର ମାଗିଲା ଓଡ଼ିଶା

## ତିହିଡ଼ିରେ ବିଷାକ୍ତ ମଦମୃତ୍ୟୁ ବିଭୀଷିକା

# ୯ମୃତ, ୬୦ରୁ ଊର୍ଦ୍ଧ୍ୱ ଅସୁସ୍ଥ


ଚିକିତ୍ସାଧୀନ ଅସୁସ୍ଥମାନେ।

**ଭଦ୍ରକ ଅଫିସ/ତିହିଡ଼ି/ଚାନ୍ଦବାଲି, ୩୦।୪(ଡି.ଏନ୍.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ଥାନାର ଦୌଲତପୁର ପଞ୍ଚାୟତ ଏବଂ ଚାନ୍ଦବାଲି ଥାନାର ଯଶୀପୁର ଗାଁରେ ବିଷାକ୍ତ ମଦମୃତ୍ୟୁ ବିଭୀଷିକା ଘଟିଛି। ଏଥିରେ ୯ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦ରୁ ଅଧିକ ଲୋକ ଅସୁସ୍ଥ ହୋଇ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସୋମବାର ଚତୁର୍ଥ ପର୍ଯ୍ୟାୟ ଭୋଟ ଶେଷ ହେବା ପରେ ଦୌଲତପୁର ଓ ଚାନ୍ଦବାଲି ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଦଳର କେତେ ଜଣ କର୍ମୀ ‘ନମ୍ବର ୱାନ’ ବ୍ରାଣ୍ଡ ବିଦେଶୀ ମଦ ପିଇଥିଲେ। ଏହା ନକଲି ହୋଇଥିବାରୁ ମଦ ପିଇଥିବା ଲୋକେ କିଛି ସମୟ ପରେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ରାତିରେ ସେମାନଙ୍କୁ ତିହିଡି ଓ ଚାନ୍ଦବାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପରେ ଭଦ୍ରକ ଜିଲା ଡାକ୍ତରଖାନାକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ☞ପୃଷ୍ଠା-୧୨

- ଅବକାରୀ କମିଶନର ଦେଲେ ତଦନ୍ତ ନିର୍ଦ୍ଦେଶ
- ନିର୍ବାଚନବେଳେ କର୍ମୀଙ୍କୁ ଖୁସି କରାଇବାକୁ ବିଷାକ୍ତ ମଦ ବଣ୍ଟାଯାଇଥିବା ଅଭିଯୋଗ
- ବାଲେଶ୍ୱରରୁ ୧୦ ଲକ୍ଷ ଟଙ୍କାର ନକଲି ବିଦେଶୀ ମଦ ଅଣାଯାଇଥିବା ନେଇ ଚର୍ଚ୍ଚା
- କାର୍ଯ୍ୟାନୁଷ୍ଠାନ ଦାବିକରି ଅଞ୍ଚଳବାସୀଙ୍କ ସମେତ ଭାଜପା ପକ୍ଷରୁ ରାସ୍ତା ଅବରୋଧ
- ମୃତକଙ୍କ ପରିବାରକୁ ୨୫ ଲକ୍ଷ ଲେଖାଏ କ୍ଷତିପୂରଣ, ମଦ ବଣ୍ଟନକାରୀଙ୍କୁ ଗିରଫ ଦାବି
- ଅସୁସ୍ଥଙ୍କ ମଧ୍ୟରୁ କେତେଜଣ ଦୃଷ୍ଟିଶକ୍ତି ହରାଇବା ଆଶଙ୍କା




## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

सत्यमेव जयते

“ମଇ ଦିବସ” ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇ-ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)

DADLS-05 15001/13/0007/1920


## ବାତ୍ୟା ମୁକାବିଲା: ଇସିଆଇଙ୍କୁ ଭେଟିଲେ ନବୀନ

# ନିର୍ବାଚନ କଟକଣା ହଟାଅ, ପାଟକୁରା ଭୋଟ ଘୁଞ୍ଚାଅ

**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ଡର ମାଡ଼ିବସିଛି: ବିଜୟ**

ଓଡ଼ିଶାମୁହାଁ ହୋଇଛି ବାତ୍ୟା ‘ଫନୀ’। ଏହା ଭୟଙ୍କର ରୂପ ନେଇସାରିଛି। ୨୨୦କିମି ବେଗରେ ପବନ ସହ ବାତ୍ୟା କେନ୍ଦ୍ରାପଡା ଜିଲାରେ ସ୍ଥଳଭାଗ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଛି। ଏହି ବାତ୍ୟା ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲା ଦେଇ ଆସିବାକୁ ଥିବାରୁ ଧନଜୀବନ କ୍ଷୟକ୍ଷତିର ମୁକାବିଲା ପାଇଁ ଜରୁରୀ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାର ଏନେଇ ତତ୍ପର ହୋଇଛନ୍ତି। ଏଭଳି ଦୁର୍ବିପାକର ମୁକାବିଲା ପାଇଁ ସୁସ୍ଥ ରାଜନୈତିକ ବାତାବରଣ ଓ ଜନସାଧାରଣଙ୍କ ☞ପୃଷ୍ଠା-୧୨

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଧରିତ୍ରୀର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ’ ୧ ତାରିଖ ବୁଧବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ’ ୩ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ମଦ ପିଇ ମରିବା

### ଆଜିର ମନ୍ତବ୍ୟ

“ ନିର୍ବାଚନ ଫଳ ଆସିବା ପରେ ଏସ୍‌ପି-ବିଏସ୍‌ପି ନେତାମାନେ ପରସ୍ପର ପୋଷାକ ଚିରାଚିରି ହେବେ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଭାରତ ୨୦୧୯ ମାର୍ଚ୍ଚରେ ୯.୪୧୨ ଏମ୍‌ଟି ଅଶୋଧିତ ଷ୍ଟିଲ୍ ଉତ୍ପାଦନ କରିଛି।

–ବିଶ୍ୱ ଷ୍ଟିଲ ଆସୋସିଏଶନ


NECC NATIONAL EGG CO-ORDINATION COMMITTEE | 30.04.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 108 | 168 | 178 |
| CTC | 109 | 170 | 180 |
| DKL | 109 | 170 | 180 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 109 | 170 | 180 |

*Conditions Apply

Eggs Retail Price- 36/-Dozen
Issued in the Interest of Consumers










"ରାଜନୀତିରେ କେହି ସ୍ଥାୟୀ ଶତ୍ରୁ ନୁହନ୍ତି। ନୂଆ ସହଯୋଗୀଙ୍କ ଲାଗି ଏନ୍‌ଡିଏ ଦ୍ୱାର ଆଦୌ ବନ୍ଦ ହେବ ନାହିଁ।
-କୈଳାସ ବିଜୟବର୍ଗୀୟ, ଭାଜପା ନେତା



## ନେସ୍ ୱାଡିଆଙ୍କୁ ୨ ବର୍ଷ ଜେଲ୍

**ନୂଆଦିଲ୍ଲୀ,୩୦।୪:** ଶିଳ୍ପପତି ନୁସ୍‌ଲି ୱାଡିଆଙ୍କ ପୁତ୍ର ତଥା ଆଇପିଏଲ୍‌ରେ କିଙ୍ଗ୍ସ ଏକାଦଶ ପଞ୍ଜାବ ଟିମ୍‌ର ସହ ମାଲିକ ନେସ୍ ୱାଡିଆ ଛୁଟି କଟାଇବା ଲାଗି ଜାପାନ୍ ଯାଇଥିବାବେଳେ ପାଖରେ ନିଶା ଦ୍ରବ୍ୟ ରଖିବା ଅଭିଯୋଗରେ ତାଙ୍କୁ ସେଠାରେ ୨ ବର୍ଷ କାରାଦଣ୍ଡାଦେଶ ମିଳିଛି।



ନ୍ୟୁ ଚିଟୋସ୍ ବିମାନ ବନ୍ଦରଠାରେ ସେ ୨୫ ଗ୍ରାମ ନିଶା ଦ୍ରବ୍ୟ ସହ ମାର୍ଚ୍ଚ ପ୍ରଥମ ସପ୍ତାହରେ ଧରାପଡ଼ିଥିଲେ। ତାଙ୍କୁ ଅଟକ ରଖାଯିବା ସହ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଦିଆଯାଇଥିଲାବେଳେ ସାପୋରୋ କୋର୍ଟ ତାକୁ କମାଇ ୨ ବର୍ଷ କରିଛନ୍ତି।

## ନାରାୟଣ ସାଇଙ୍କୁ ଆଜୀବନ

**ନୂଆଦିଲ୍ଲୀ,୩୦।୪**

ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ଆଶାରାମ ବାପୁଙ୍କ ପୁଅ ନାରାୟଣ ସାଇଙ୍କୁ ମଙ୍ଗଳବାର ସୁରଟର ଏକ ଅଦାଲତ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାବ୍ୟତୀତ ସାଇଙ୍କର ତିନି ସହଯୋଗୀ ଗଙ୍ଗା, ଯମୁନା ଏବଂ ହନୁମାନଙ୍କୁ ୧୦ ବର୍ଷ ଲେଖାଏ ଜେଲ୍‌ଦଣ୍ଡ ହୋଇଛି। ସୁରଟର ଦୁଇ ଭଉଣୀ ଆଶାରାମ ଓ ତାଙ୍କ ପୁଅଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିବା ପରେ ସାଇଙ୍କୁ ୨୦୧୩ ଡିସେମ୍ବରରେ ହରିୟାଣାର ପିପ୍‌ଲିରୁ ଗିରଫ କରାଯାଇଥିଲା। ୨୦୦୨ରୁ ୨୦୦୫ ମଧ୍ୟରେ ଦୁଇ ଭଉଣୀ ଆଶାରାମଙ୍କ ସୁରଟସ୍ଥିତ ଆଶ୍ରମରେ ରହୁଥିବାବେଳେ ସାଇ ବାରମ୍ବାର ଯୌନ ନିର୍ଯାତନା



ଦେଉଥିଲେ ବୋଲି ସାନଭଉଣୀ ଅଭିଯୋଗ କରିଥିବାବେଳେ ବଡ଼ଭଉଣୀ ଆଶାରାମଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଥିଲେ।

### ■ ବିଷ ଓଗାଳିଲେ ଆଇଏସ୍ ମୁଖ୍ୟ ବାଗ୍‌ଦାଦି

## ସିରିଆର ପ୍ରତିଶୋଧ ଶ୍ରୀଲଙ୍କା ଆକ୍ରମଣ

**କଲମ୍ବୋ,୩୦।୪**

ସିରିଆରୁ ବଳପୂର୍ବକ ଆମକୁ ତଡ଼ିଦେବାର ପ୍ରତିଶୋଧ ଶ୍ରୀଲଙ୍କା ଆକ୍ରମଣ ବୋଲି ଆଇଏସ୍ ମୁଖ୍ୟ ଅବୁ ବକ୍ର ଅଲ-ବାଗଦାଦି କହିଛନ୍ତି। ଗତ ୫ ବର୍ଷ ମଧ୍ୟରେ ପ୍ରଥମ ଥର ବାଗଦାଦି ଏକ ଭିଡିଓରେ ଦେଖାଦେବା ସହ ଶ୍ରୀଲଙ୍କାରେ ହୋଇଥିବା ଇଷ୍ଟର ସଣ୍ଡେ ବିସ୍ଫୋରଣକୁ ପ୍ରଶଂସା କରିଛନ୍ତି। ପଶ୍ଚିମ ଏସୀୟ ରାଷ୍ଟ୍ର ସିରିଆରୁ ଆମକୁ ତଡ଼ିବାର ଏହା ପ୍ରତିଶୋଧ ଥିଲା ବୋଲି ସେ କହିଛନ୍ତି।

ଆମେରିକାର ଏକ ଗୋଇନ୍ଦା ସଂସ୍ଥା ପ୍ରଚାର ଭିଡିଓରେ ବାଗଦାଦି ଏଭଳି ଦର୍ଶାଇଥିବା କହିଛି। ସୋମବାର ଆଇଏସ୍‌ର ଅଲ୍ ଫର୍କନ୍ ମିଡ଼ିଆ ଆର୍ମରେ ପ୍ରକାଶ ପାଇଥିବା ୧୮ ମିନିଟ୍‌ର ଏହି ଭିଡିଓ ଶ୍ରୀଲଙ୍କା ବିସ୍ଫୋରଣ ସମ୍ପର୍କରେ ଥିଲା। ଏହା ପୂର୍ବରୁ ୨୦୧୪ରେ ସେ ଇରାକର ମୋସୁଲ ସହରରେ



ଥିବା ଅଲ୍ ନୁରି ମସ୍‌ଜିଦ୍‌ରୁ ଉପଦେଶ ଦେଉଥିବା ଭିଡିଓ ପ୍ରକାଶ ପାଇଥିଲା। ଏଥିରେ ଆଇଏସ୍ ଅଧିକୃତ ଅଞ୍ଚଳର ସେ 'ଖଲିଫା' ବୋଲି ନିଜକୁ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ସେନା ପୋଷାକରେ ଆସି ଆତଙ୍କବାଦୀମାନେ ଶ୍ରୀଲଙ୍କାରେ ପୁଣି ଆତ୍ମଘାତୀ ବିସ୍ଫୋରଣ କରିବାର ଆଶଙ୍କା ଥିବାରୁ ସୁରକ୍ଷା ଅଧିକାରୀଙ୍କୁ ଏନେଇ ସତର୍କ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ମହିଳା ଆତ୍ମଘାତୀ ଭକ୍ତଙ୍କ ବେଶରେ ଆସି ବୁଦ୍ଧମନ୍ଦିରରେ ବିସ୍ଫୋରଣ ଯୋଜନା କରିପାରନ୍ତି ବୋଲି ସତର୍କ କରାଯାଇଛି।

### ■ 'ଚୌକିଦାର ଚୋର' ମନ୍ତବ୍ୟ: ସୋମବାର ସାନି ସତ୍ୟପାଠ ଦାଖଲ ଲାଗି ଅନୁମତି

# କ୍ଷମା ମାଗିଲେ ରାହୁଲ, କିନ୍ତୁ ...

**ନୂଆଦିଲ୍ଲୀ,୩୦।୪(ପି.ଟି.)**

ସର୍ବୋଚ୍ଚ ଅଦାଲତଙ୍କ ରାଫାଲ ରାୟକୁ ଭୁଲ୍ ଉପସ୍ଥାପନ କରି 'ଚୌକିଦାର ଚୋର ହୈ' ମନ୍ତବ୍ୟ ଦେଇଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏଥିପାଇଁ ମଙ୍ଗଳବାର କ୍ଷମା ମାଗିଛନ୍ତି। ତାଙ୍କୁ ସୋମବାର ସାନି ସତ୍ୟପାଠ ଦାଖଲ କରିବା ଲାଗି କୋର୍ଟ ଅନୁମତି ଦେଇଛନ୍ତି। ରାହୁଲ ଅଦାଲତି ଅଡୁଆରେ ଫସିବା ପରେ ସୁପ୍ରିମକୋର୍ଟରେ ନିଜ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରିଛନ୍ତି ସତ, କିନ୍ତୁ ରାଫାଲ ଚୁକ୍ତିରେ ଅନିୟମିତତା ନେଇ କଂଗ୍ରେସର ଆଭିମୁଖ୍ୟ ଅପରିବର୍ତ୍ତିତ ରହିବ। କାରଣ ନିର୍ବାଚନ ଶେଷ ହେବା ଯାଏ 'ଚୌକିଦାର ଚୋର ହୈ' ସ୍ଲୋଗାନରୁ ଦଳ ଓହରିବ ନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ସୁପ୍ରିମକୋର୍ଟରେ ରାହୁଲଙ୍କ ପକ୍ଷ ରଖିଥିବା ଆଇନଜୀବୀ ଅଭିଷେକ ମନୁ ସିଂଘଭି ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି।

ଅଦାଲତଙ୍କ ରାୟର ଭୁଲ୍ ଉପସ୍ଥାପନ କରାଯାଇଥିବା ରାହୁଲ ଓ ତାଙ୍କ ଓକିଲ ସିଂଘଭି ସ୍ୱୀକାର କରିବା ସତ୍ତ୍ୱେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ



**ସ୍ଲୋଗାନରୁ ଓହରିବ ନାହିଁ କଂଗ୍ରେସ**

କହିଥିଲେ, କଂଗ୍ରେସ ଅଧ୍ୟକ୍ଷ ତାଙ୍କ ସତ୍ୟପାଠରେ ଗୋଟିଏ ଜାଗାରେ ଭୁଲ୍ ମାନିଥିବାବେଳେ ଅନ୍ୟ ସ୍ଥାନରେ ଏଭଳି ଅପମାନଜନକ ମନ୍ତବ୍ୟ ଦେବା କଥାକୁ ଅସ୍ୱୀକାର କରିଛନ୍ତି। ସେ କ'ଣ କହିବାକୁ ଚାହୁଁଛନ୍ତି ତାହା ଆମେ ବୁଝିପାରୁନାହୁଁ। ସତ୍ୟପାଠରେ ଉଲ୍ଲେଖ ଥିବା ରାଜନୈତିକ ଆଭିମୁଖ୍ୟ ସମ୍ପର୍କରେ କିଛି ଯାଏଆସେ ନାହିଁ। ତେବେ 'ଦୁଃଖ ପ୍ରକାଶ' ଶବ୍ଦକୁ କ୍ଷମା ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଥିଲେ। ରାହୁଲ ତାଙ୍କ ମନ୍ତବ୍ୟ ପାଇଁ କ୍ଷମା ମାଗିବେ ବୋଲି ତାଙ୍କ ଓକିଲ ଖଣ୍ଡପୀଠଙ୍କୁ ଜଣାଇବା ପରେ କଂଗ୍ରେସ ଅଧ୍ୟକ୍ଷଙ୍କୁ ସତ୍ୟପାଠ ଦାଖଲ ଲାଗି ତୃତୀୟ ସୁଯୋଗ ଦିଆଯାଇଛି। ଚୌକିଦାର ଚୋର ମନ୍ତବ୍ୟ ଉପରେ ଗତ ସପ୍ତାହରେ ସୁପ୍ରିମକୋର୍ଟ କଂଗ୍ରେସ ଅଧ୍ୟକ୍ଷଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ରାହୁଲ ତାଙ୍କ ସତ୍ୟପାଠରେ କହିଥିଲେ, ନିର୍ବାଚନ ପ୍ରଚାରର ଉତ୍ତେଜନାରେ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। କୋର୍ଟଙ୍କ ମର୍ଯ୍ୟାଦା ହାନି କରିବା ତାଙ୍କର ଉଦ୍ଦେଶ୍ୟ ନଥିଲା। ମଙ୍ଗଳବାର ସୁପ୍ରିମକୋର୍ଟରେ ହାଜର ହୋଇ ରାହୁଲଙ୍କ ଓକିଲ ସିଂଘଭି କହିଛନ୍ତି, ତାଙ୍କ ମହକିଲଙ୍କର ସତ୍ୟପାଠରେ ତିନୋଟି ଭୁଲ୍ ରହିଛି। ସେଥିପାଇଁ ସେ କ୍ଷମା ମାଗୁଛନ୍ତି। ପିଟିଶନର ଭାଜପା ଏମ୍‌ପି ମୀନାକ୍ଷୀ ଲେଖିଙ୍କ ତରଫରୁ ମୁକୁଲ ରୋହତଗୀ କୋର୍ଟରେ ହାଜର ହୋଇଥିଲେ। ସତ୍ୟପାଠରେ ପରସ୍ପର ବିରୋଧୀ ଉକ୍ତି ରହିବା ଠିକ୍ ନୁହେଁ। ଏହା ଉପରେ ଯୁକ୍ତି କଲେ ସାନି ସତ୍ୟପାଠ ଦାଖଲ ସୁଯୋଗ ଦିଆଯିବନି ବୋଲି ଖଣ୍ଡପୀଠ ସିଂଘଭିଙ୍କୁ କହିଥିଲେ। ତୃତୀୟ ସତ୍ୟପାଠର ଗ୍ରହଣୀୟତା ଉପରେ କୋର୍ଟ ମେ ୬ରେ ବିଚାରକରିବେ ବୋଲି କହିଛନ୍ତି।

### ରାଫାଲ ରାୟ ଉପରେ ରିଭ୍ୟୁ ପିଟିଶନ

## ୪ ସୁଦ୍ଧା ଜବାବ ଦାଖଲ ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩୦।୪(ପି.ଟି.):** ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମା ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ରାୟର ସମୀକ୍ଷା ପାଇଁ ଦାଏର ପିଟିଶନ ଉପରେ ୪ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଫ୍ରାନ୍ସରୁ ୩୬ଟି ରାଫାଲ ବିମାନ କିଣାଯିବା ଲାଗି ଭାରତର ଚୁକ୍ତିନାମାରେ ଅନିୟମିତତା ନେଇ କୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଡିସେମ୍ବରରେ ସର୍ବୋଚ୍ଚ ଅଦାଲତ ପିଟିଶନକୁ ଖାରଜ କରିଦେଇଥିଲେ। ଉକ୍ତ ରାୟର ସମୀକ୍ଷା ପାଇଁ ଦାଏର ଅନ୍ୟ କେତେକ ପିଟିଶନ ଉପରେ ଜବାବ ଦାଖଲ ଲାଗି କେନ୍ଦ୍ର ସରକାର ୪ ସପ୍ତାହ ସମୟ ଚାହିଁଥିବାବେଳେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଶନିବାର ସୁଦ୍ଧା ଜବାବ ଦାଖଲ କରିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ପିଟିଶନ୍‌ଗୁଡିକର ଶୁଣାଣି ମେ ୬କୁ ଧାର୍ଯ୍ୟ କରିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫ ରହିଛନ୍ତି।

ସୁପ୍ରିମକୋର୍ଟ ଡିସେମ୍ବର ୧୪ରେ ରାଫାଲ ଡିଲ୍‌କୁ କ୍ଲିନ୍‌ଚିଟ୍ ଦେଇଥିଲେ। ଯୁଦ୍ଧବିମାନ କିଣା ନେଇ ସରକାରଙ୍କ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଉପରେ ସନ୍ଦେହ କରିବାର କୌଣସି କାରଣ ନାହିଁ। କୌଣସି ଘରୋଇ କମ୍ପାନୀକୁ ବ୍ୟବସାୟିକ ଅନୁକମ୍ପା ଦେଖାଯାଇଥିବାର ପ୍ରମାଣ ନ ଥିବା ଅଦାଲତ କହିଥିଲେ। ଉକ୍ତ ରାୟର ସମୀକ୍ଷା ଲାଗି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ସୌରୀ, ଯଶୱନ୍ତ ସିହ୍ନା ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ।

## କିରଣ ବେଦୀଙ୍କ କ୍ଷମତା ସଙ୍କୁଚିତ

**ଚେନ୍ନାଇ,୩୦।୪(ପି.ଟି.)**

ପୁଡୁଚେରୀ ଉପରାଜ୍ୟପାଳ କିରଣ ବେଦୀ ସରକାରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ମଙ୍ଗଳବାର ମାଡ୍ରାସ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଅଦାଲତଙ୍କ ରାୟକୁ ଗଣତନ୍ତ୍ରର ବିଜୟ ବୋଲି ମୁଖ୍ୟମନ୍ତ୍ରୀ ନାରାୟଣସ୍ୱାମୀ ଅଭିହିତ କରିଛନ୍ତି। କଂଗ୍ରେସ ବିଧାୟକ କେ. ଲକ୍ଷ୍ମୀନାରାୟଣଙ୍କ ପିଟିଶନ୍‌ର ଶୁଣାଣି କରି ଜଷ୍ଟିସ୍ ଆର. ମହାଦେବନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଜାରି ୨ଟି କମ୍ୟୁନିକେଶନ୍(ନିର୍ଦ୍ଦେଶନାମା ସମ୍ପର୍କିତ ପତ୍ର)କୁ ଖାରଜ କରିଦେଇଥିଲେ। ଉପରାଜ୍ୟପାଳଙ୍କ କ୍ଷମତା ବଢ଼ାଗଲା ବୋଲି ୨୦୧୭ ଜାନୁୟାରୀ ଓ ଜୁନ୍‌ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କମ୍ୟୁନିକେଶନ୍ ଜାରି କରିଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ଉପରାଜ୍ୟପାଳ ଅନିଲ ବୈଜଲଙ୍କ ମଧ୍ୟରେ ଚାଲିଥିବା ବିବାଦ ଉପରେ



**ସରକାରଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରିପାରିବେନି ଉପରାଜ୍ୟପାଳ: ହାଇକୋର୍ଟ**

ସୁପ୍ରିମକୋର୍ଟଙ୍କ ରାୟର ଅବତାରଣା କରି ଜଷ୍ଟିସ୍ ମହାଦେବନ କହିଥିଲେ, ଦିଲ୍ଲୀ ସରକାରଙ୍କ ଉପରେ ଲାଗୁ ହୋଇଥିବା କଟକଣା ପୁଡୁଚେରୀ ସରକାରଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ନୁହେଁ। ଅନ୍ୟପକ୍ଷରେ କୋର୍ଟଙ୍କ ରାୟକୁ ଅନୁଧ୍ୟାନ କରାଯାଉଛି ବୋଲି ବେଦୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।




### ■ ମୋଦି, ଶାହଙ୍କ ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

## ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ଚେନ୍ନାଇ,୩୦।୪(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ମୋଦି ଏବଂ ଶାହ ଘୃଣିତ ଭାଷଣ ଦେବା ସହ ଦେଶର ସୈନ୍ୟବାହିନୀକୁ ରାଜନୈତିକ ପ୍ରଚାରରେ ବ୍ୟବହାର କରି ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରିଥିବା ନେଇ ସିଲଚର୍ ଏମ୍‌ପି ତଥା ମହିଳା କଂଗ୍ରେସ ସଭାପତି ସୁସ୍ମିତା ଦେବ୍ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଭାଜପାର ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କଲେ ଇସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏହା ଗୁରୁତର ପକ୍ଷପାତ ଏବଂ ନିର୍ବାଚନ ପ୍ରକ୍ରିୟାର ସାଧୁତାକୁ ନଷ୍ଟ କରୁଛି ବୋଲି ଦେବ୍ ତାଙ୍କ ପିଟିଶନରେ ଦର୍ଶାଇଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ ଏସ.କେ. କୌଲ୍ ଏବଂ କେ.ଏମ୍ ଯୋଶେଫଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଉପରେ ନିର୍ଦ୍ଦେଶ ଜାରି କରିବା କ୍ଷମତା ଇସିଙ୍କର ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ଗୁରୁବାରକୁ ଧାର୍ଯ୍ୟ କରାଯାଇଛି।

## ହିମମାନବ ପାଦଚିହ୍ନ ଜାରିକଲା ସେନା

**ନୂଆଦିଲ୍ଲୀ,୩୦।୪:** ପିଲାବେଳେ ବହିରେ ପଢିଥିବା ହିମମାନବକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଆଲୋଚନା କରାଯାଏ। ଏବେ କିନ୍ତୁ ଭାରତୀୟ ସେନା ଏହି ହିମମାନବର ଉପସ୍ଥିତି ସମ୍ପର୍କରେ ସୂଚନା ଦେଇଛି। ହିମମାନବ 'ୟେତି'କୁ ନେଇ ସେନା କିଛି ତଥ୍ୟ ପ୍ରଦାନ କରିଛି। ଏହାକୁ ନେଇ ଟୁଇଟରରେ କିଛି ଫଟୋ ଶେୟାର କରାଯାଇଛି। ଯେଉଁଥିରେ ହିମମାନବର ବଡ ବଡ ପାଦର ଫଟୋ ଦେଖିବାକୁ ମିଳିଛି। ଏହି ପାଦ ହିମମାନବ 'ୟେତି'ର ପାଦ ହୋଇଥାଇପାରେ ବୋଲି କୁହାଯାଉଛି। ଉକ୍ତ ପାଦଚିହ୍ନର ଲମ୍ବ ୩୨ଇଞ୍ଚ ଏବଂ ଚଉଡା ୧୫ଇଞ୍ଚ। ପ୍ରଥମଥର ଲାଗି ଭାରତୀୟ ସେନାର ଏକ ପର୍ବତାରୋହୀ ଦଳ ନେପାଳର ମକାଲୁ ବେସ୍ କ୍ୟାମ୍ପ ନିକଟରେ ଏପ୍ରିଲ ୯ରେ ଏହି ରହସ୍ୟମୟୀ ପାଦର ସନ୍ଧାନ ପାଇଥିଲେ। ସୂଚନାଯୋଗ୍ୟ, ବିଶ୍ୱର ସବୁଠାରୁ ରହସ୍ୟମୟୀ ପ୍ରାଣୀଙ୍କ ଭିତରେ ଅନ୍ୟତମ ହେଉଛି 'ୟେତି'। ଏହା ପାଖାପାଖି ଶହେ ବର୍ଷ ତଳର ଜୀବ। ତେବେ ଏହି ଜୀବକୁ କେତେଥର ଦେଖାଯାଇଥିବା ଖବର ଆସିଛି। ଲଦାଖର କେତେଜଣ ବୌଦ୍ଧ ସନ୍ନ୍ୟାସୀ ଦାବି କରିଥିଲେ ଯେ, 'ହିମମାନବ'ୟେତିକୁ ଏମାନେ



ଦେଖିଛନ୍ତି। ଏପଟେ କିନ୍ତୁ ବିଶେଷଜ୍ଞମାନେ କହିଛନ୍ତି 'ୟେତି' ମାନବ ନୁହେଁ ବରଂ ଏହା ବରଫ ଭାଲୁର କ୍ରସ୍ ବ୍ରିଡିଂ ବା ସଙ୍କର ଜାତୀୟ ଜୀବ।

### [ଇତିହାସର ଆଇନାରେ]

**ମେ ୧ର ପ୍ରମୁଖ ଘଟଣା**

୧୯୪୫ ମେ ୧ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ରୁଷିଆର ଲାଲ୍ ସେନାର ଆକ୍ରମଣ ଭୟରେ ଡେମିନ୍‌ଠାରେ ପାଖାପାଖି ୨୫୦୦ ଲୋକ ଗଣ ଆତ୍ମହତ୍ୟା କରିଥିଲେ। ୧୯୧୭ ଅକ୍ଟୋବର ବିପ୍ଳବ ପରେ ଏହି ସୈନ୍ୟବାହିନୀ ଗଠନ କରାଯାଇଥିଲା।

୧୮୮୬ ମେ ୧ରେ ଦୈନିକ ୮ଘଣ୍ଟା ପରିଶ୍ରମ ଦାବିକରି ଯୁକ୍ତରାଷ୍ଟ୍ର ଆମେରିକାରେ ଶ୍ରମିକ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏଥିପାଇଁ ଚିକାଗୋର ହେମାର୍କେଟରେ ଆନ୍ଦୋଳନକୁ ଚପାଇଦେବାପାଇଁ ଆକ୍ରମଣ ହେବାରୁ ଅନେକ ଶ୍ରମିକ ମୃତାହତ ହୋଇଥିଲେ। ଏହିଦିନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଦେଶରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇ ଆସୁଛି।

## ରିଷି କପୁର କ୍ୟାନ୍‌ସରମୁକ୍ତ

**ମୁମ୍ବାଇ**

ବଲିଉଡ୍‌ର ବିଶିଷ୍ଟ ଅଭିନେତା ରିଷି କପୁର ବର୍ତ୍ତମାନ କ୍ୟାନ୍‌ସରମୁକ୍ତ ବୋଲି ତାଙ୍କ ଭାଇ ରଣଧୀର କପୁର ପ୍ରକାଶ କରିଛନ୍ତି। ତେବେ ତାଙ୍କୁ ଭାରତ ଆସିବାକୁ ଆଉ କିଛିମାସ ଲାଗିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ରିଷି ବର୍ତ୍ତମାନ ନ୍ୟୁୟର୍କରେ ଚିକିତ୍ସାଧୀନ ଅଛନ୍ତି। ରଣଧୀର ଏ ସମ୍ପର୍କରେ କହନ୍ତି, ରିଷିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବର୍ତ୍ତମାନ ଭଲ ଅଛି। ତାଙ୍କର ଚିକିତ୍ସା ଆଉ କିଛିଦିନ ଲାଗିବ ଏବଂ ସେ ଶୀଘ୍ର ଭାରତ ଫେରିଆସିବେ। ରିଷି କପୁର କ୍ୟାନ୍‌ସର ମୁକ୍ତ ଦର୍ଶାଇ ତାଙ୍କର ଏକ ଫଟୋକୁ ଫେସବୁକ୍‌ରେ ପୋଷ୍ଟ କରିଥିଲେ ଫିଲ୍ମ ନିର୍ମାତା ରାହୁଲ ରାୱେଲ୍। ଏହାପରେ ରଣଧୀର ମଙ୍ଗଳବାର ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇଛନ୍ତି। କିଛିମାସ ତଳେ ରିଷି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିବା ପରେ ତାଙ୍କୁ ଚିକିତ୍ସା ପାଇଁ ନ୍ୟୁୟର୍କ ନିଆଯାଇଥିଲା। ତେବେ କପୁର ପରିବାର ରୋଗ ସମ୍ପର୍କରେ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିଆସୁଥିଲେ। ରିଷିଙ୍କ ସହ ତାଙ୍କ ପତ୍ନୀ ତଥା ବିଶିଷ୍ଟ ଅଭିନେତ୍ରୀ ନୀତୁ କପୁର ଉଭୟଙ୍କର ଫଟୋ ଫ୍ୟାନ୍‌ମାନଙ୍କ ନିମନ୍ତେ ସୋସିଆଲ ମିଡିଆରେ ପୋଷ୍ଟ କରିବା ସହିତ ୨୦୧୯ ସୁଖଶାନ୍ତିର ବର୍ଷ ହେଉ ବୋଲି କାମନା କରିଥିଲେ।



# ତାତିରେ ବେହାଲ ପଶ୍ଚିମ ଓଡ଼ିଶା | ୪୦ ଡିଗ୍ରୀ ଉପରେ ୧୧ ସହର

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଉପକୂଳ ଓଡ଼ିଶାକୁ ବାତ୍ୟା ଭୟ ଘାରିଥିବା ବେଳେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ପରିବେଶକୁ ବେହାଲ କରିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଆସନ୍ତା ୨୪ ଘଣ୍ଟା ଯାଏ ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବାଲେଶ୍ୱର, ଅନୁଗୋଳ ଏବଂ ସୋନପୁରରେ ଗ୍ରୀଷ୍ମ ପ୍ରବାହ ଜରି ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗତ କିଛିଦିନ ହେବ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀକୁ ମଧ୍ୟ ଛୁଇଁଛି। ତେବେ ମଙ୍ଗଳବାର ତାତିରେ ସାମାନ୍ୟ ହ୍ରାସ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ୪୨.୪ ଡିଗ୍ରୀ ତାପମାତ୍ରା ସେଲସିୟସ ରେକର୍ଡ କରାଯାଇଥିବାବେଳେ ଅନୁଗୋଳ ୪୦.୭, ଝାରସୁଗୁଡ଼ା ୪୧.୬, ସମ୍ବଲପୁର ୪୧.୬, ସୁନ୍ଦରଗଡ଼ ୪୦, ହୀରାକୁଦ ୪୧, ତାଳଚେର ୪୧.୭, ଭବାନୀପାଟଣା ୪୧.୫, ବଲାଙ୍ଗୀର ୪୧, ଟିଟିଲାଗଡ଼ ୪୧.୫ ଏବଂ ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୧.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।




## ଆଜିଠୁ ଭିତରକନିକା ବନ୍ଦ

ରାଜନଗର, ୩୦।୪ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ବିଶ୍ୱପ୍ରସିଦ୍ଧ ଭିତରକନିକା ବୁଧବାରଠାରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଥିବାରୁ ମେ ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ ବନ୍ଦ ରହିବ ବୋଲି ରାଜନଗର ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଭିତରକନିକା ଓ ଏହା ସଂଲଗ୍ନ ନଦୀ, ନାଳରେ ରହୁଥିବା କୁମ୍ଭୀରମାନେ ବିଭିନ୍ନ ସନ୍ତସନ୍ତିଆ ସ୍ଥାନରେ ଅଣ୍ଡାଦାନ କରିଥାନ୍ତି। ଏହି ସମୟରେ ସେମାନେ ଖୁବ୍ ହିଂସ୍ର ହୋଇ ଉଠୁଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଏହି ତିନି ମାସ ଭିତରକନିକା ବନ୍ଦ ରହିଥାଏ। ସୂଚନାଯୋଗ୍ୟ, ଚଳିତବର୍ଷ ୧୬୯୮ କୁମ୍ଭୀର ଚିହ୍ନଟ ହୋଇଥିବା ବେଳେ ୧୦୦ଟି କୁମ୍ଭୀର ବସା ଦେଖାଯାଇଥିଲା। ଭିତରକନିକାରେ ପ୍ରବାହିତ ନଦୀନାଳ ଓ ଏହି ନଦୀକୁ ସଂଯୋଗ କରୁଥିବା ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଏବଂ ଏହାର ଶାଖା ନଦୀ ଖୋଳା, ହଂସୁଆରେ ରହୁଥିବା କୁମ୍ଭୀରମାନେ ଏହି ପ୍ରଜନନ ପ୍ରକ୍ରିୟାରେ ସାମିଲ ହୋଇଥାନ୍ତି।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମାମୁନି
ପରିବାରବର୍ଗ


ଶ୍ରେୟାଂଶ
ପରିବାରବର୍ଗ


ଦିବ୍ୟାଶା
ପରିବାରବର୍ଗ


ଅର୍ପିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଫସଲ ବୀମା ପାଇନାହାନ୍ତି ୭୭ଚାଷୀ

**ବିନିକା, ୩୦।୪(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ୨୦୧୭ ଖରିଫ ଧାନଚାଷ ଚକଡ଼ା ପ୍ରାଦୁର୍ଭାବ ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ଏଥିଯୋଗୁ ଚାଷୀମାନେ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହୋଇଥିଲେ। ଯେଉଁ ଚାଷୀ ଫସଲ ବୀମା କରିଥିଲେ ସେମାନେ ସହାୟତା ରାଶି ପାଇବାକୁ ଆଶା ବାନ୍ଧିଥିଲେ। ମାତ୍ର ଅଦ୍ୟାବଧି ବ୍ଲକ ଅନ୍ତର୍ଗତ ବାଙ୍କିଘିର୍ଡି ପଞ୍ଚାୟତର ୭୭ଜଣ ଚାଷୀଙ୍କୁ ଫସଲ ବୀମା ଅର୍ଥରାଶି ମିଳି ନ ଥିବା ଅଭିଯୋଗ ହୋଇଛି।

# classifieds Everyday

**0674-2580101, 2549302**




### BRIDE WANTED

Wanted Brahmin bride for boy 38, 5'6", software engineer, CTS, Kolkata. 9439493709, 9348327142. D-12376

Wanted beautiful educated bride for Karana boy, 35, SR. MGR (Yes Bank), Bhubaneswar. 8847846105, 6371555584. D-65642

For Khandayat groom 31/163cm. senior software engineer, required engineer/MCA bride 25-30 years, fair, slim. Contact: 8249254037, 9776320025. D-64964

Urgent bride requirement for Gudia groom. Qualification-IT, Age-34, Rasi- 5/2, Height- 5'.7". Contact: 9778124128. D-12184

### GROOM WANTED

Divorcee bride Manager 43, Teacher 35, Business 40 (caste-no-bar). 7873374269. D-66445

33, MBA ପଢିଥିବା ଭୁବନେଶ୍ୱରସ୍ଥିତ ଅବିବାହିତା ହଲୁଆ ବ୍ରାହ୍ମଣ ପାଇଁ ଖଣ୍ଡାୟତ/ କରଣ/ ବ୍ରାହ୍ମଣ ପୁଅ ଦରକାର। 7008080967. D-60832

Beautiful Brahmin girl 1993, 5'5" B.Tech, Engineer, Bangalore. "Sunasansar" 9937512659. D-12373

Wanted groom for Brahmin bride 1974, 5'5", MA. Only candidates working and living at Bhubaneswar in a non-transferable service please respond on 9937286668 between 4.00 pm to 7.00 pm. Horoscope match must, registered marriage preferred, caste no bar. D-12381

Wanted serviceable groom for sovour Jena (SC) bride 24yrs, BA (Hons), PGDCA. Contact: 9437068620. D-12397

26 ବୟସ୍କା Lab Technician ଛାଡ଼ପତ୍ର ପ୍ରାପ୍ତ କୈବର୍ତ୍ତ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 7008080967. D-60833

Khandayat girl, Govt. Odia lecturer 40, required job/ businessman proposal (caste no bar). 9078940188. D-12399

Brahmin B.Tech 28/ 5'2" working Hyderabad searching groom (Hyderabad). 8338083380. D-12419

Divorcee Brahmin B.Tech 30/ 5'6" searching qualified groom (Bangalore). 8480611745. D-12420

Teli B.Tech 26/ 5'5" working Bangalore searching qualified groom. 8480611745. D-12421

Now Matrimonial ads. only on Wednesday & Sunday
Book 1 Get 1 FREE

### automobile

### SALE

Scrap vehicle Scorpio, Bolero, Winger, Indica, Lancer, Sumo. 6370803032, 9861056470. D-64963

2016 swift DZire Rs. 3,80,000/- for sale. Refinance available. Contact: 8249627855. D-12383

### HIRE

ଡେଲିଭରି ନିମନ୍ତେ ଅଟୋ ଏବଂ ମ୍ୟାଜିକ୍ (ଡ୍ରାଇଭର ସହ) ଭଡ଼ାରେ ଆବଶ୍ୟକ। Contact: 8018172594, 9078000108. D-66507

### real estate

### SALE

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

ଭୁବନେଶ୍ୱର KEC, ଗୁଡିଆପୋଖରୀ୦ରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12389

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-66099

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

3BHK apartment ready for sale near Pratap Nagari, Cuttack-Bhubaneswar NH facing. Built up 1400 sqft. and garage. Contact: 6372939596, 7978625048. Email: landbank.19@gmail.com (Broker Excuse). D-66501

**Bhubaneswar Infocity-II** ମଦନପୁର ନିକଟରେ **sqft. 399/-ରେ Boundary plot** କିଣନ୍ତୁ। **9337285332.** D-66366

Duplex approved plot for sale near Patia college, Bhubaneswar. 7978751719. D-62179

Resale furnished 2BHK, flat for sale in Patia and Nayapalli, Bhubaneswar. 9861616986. D-62178

Gharabari plot NH road side at Khordha, just one k.m from Khordha Hospital. 9439778849. D-64962

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

1000 to 3000 sqft. land at Sisupalgarh, one kilometer from Lingaraj Temple. Contact: Hindustan Jewellers, Bhubaneswar. D-65643

କଟକ- ଭୁବନେଶ୍ୱର **Twincity** ମଧ୍ୟରେ ନିର୍ମିତ ବୃହତ୍ତମ (**Grand bazar**) ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Pramod: 9124321519.** D-66355

Commercial plots connecting NH for sale near Khandagiri, Bhubaneswar. 9861616986. D-62177

କେଶୁରାରେ ଘରବାରି corner plot black top road କୁ ଲାଗି boundary ଓ elctricity ସହିତ ମିଳୁଛି। 9178031478. D-65892

Six nos. gharabari plots for sale near main road Malipada, Nuagaon, 500 metres from Sum Hospital, yellow zone 1600/-, 1800/- sqft. 9777063609. D-65891

3 bedroom flat=35 lakhs at Bhubaneswar, gated community, genuine buyers directly contact Deepak: 9937329999. D-66230

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

### to-let

To let for office/ Nursing home/ Bank/ Hospital at Unit-6, near Maa Shakti Hospital. Address- 160 Ekamra Marg. 8763038774, 7077704997. D-12388

1800 sqft. office space for rent at Goutam nagar, Bhubaneswar. 9337117523. D-62180

### packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-12311

### healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66510

Newly opening ayurvedic body massage smart therapist, Shree herbal. 7750020754. D-66513

Experience full body massage with us (expert). Call: 7377048581, 0674-2597822. D-66511

Herbal full body massage by smart/expert therapist. Contact: 8338067247. D-66512

Summer special mesmerizing offer expert therapeutic refreshing massage appointment. 9668374480. D-66514

Sampark ayurvedic massage club fully relaxed by smart lady, home service available. 8280102993. D-65887

### education

English teaching CBSE course for clss 6 to 10 and Spoken English for class 4 to 8 by experienced Teacher at Goutam Nagar, Bhubaneswar. Contact: 9439828200. D-12398

### astrology

କାଳୀ ଓ ବଗଳାମୁ ଶକ୍ତିରେ ନିପୁଣ। ଯନ୍ତ୍ର-ମନ୍ତ୍ର-ତନ୍ତ୍ର ଦ୍ୱାରା ସମସ୍ୟାଗୁଡ଼ିକ ମୂଳରୁ ସମାପ୍ତ 100% ବଶୀକରଣ, ଋଣ ମୁକ୍ତି। 9779988848. D-12380

### LOST

On dt.30-03-19 one of our HDFC Bank ID card name Prasanna Kumar Sahoo misplaced at Jajpur Location . SRS Advisory Pvt. Ltd. 9040472346. D-66450

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ନିରୁଦ୍ଦିଷ୍ଟ



**ସଞ୍ଜୟ କୁମାର ସେଠୀ**
**ଲକ୍ଷ୍ମୀସାଗର, ଭୁବନେଶ୍ୱର, ଖୋର୍ଦ୍ଧା**

ସେ ତା.୨୬।୦୪।୨୦୧୯ରିଖ ଶୁକ୍ରବାର ତାଙ୍କ ପିତା ଓ ମାତାଙ୍କ ସହିତ ଏକ ମାମଲା ସମ୍ପର୍କରେ ବୁଝିବା ପାଇଁ ଲକ୍ଷ୍ମୀସାଗର ଥାନାକୁ ଯାଇଥିଲେ। ସେଠାରୁ ତାଙ୍କ ପିତାମାତା ଘରକୁ ଫେରିଆସିଥିଲେ ମଧ୍ୟ ତାଙ୍କର ଖୋଜଖବର ନାହିଁ କି ତାଙ୍କ ମୋବାଇଲ ବି ସୁଇଚ୍ ଅଫ୍ ରହିଛି। ଯଦି କୌଣସି ସହୃଦୟବ୍ୟକ୍ତି ତାଙ୍କ ସମ୍ପର୍କରେ ସୂଚନା ପାଆନ୍ତି ତେବେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।
Mob: 8249979574
ଧ-୬୬୪୮

### ବ୍ରତୋପନୟନ ଶୁଭେଚ୍ଛା



**ଆୟୁଷ୍ମାନ ରିଶୁଲ ଦେବ ଶର୍ମା (ରିଶୁଲ)**
**ପ୍ଲଟ୍ ନଂ:ଏ/୧୨୯, ଶହୀଦ ନଗର, ଭୁବନେଶ୍ୱର-୭**

ଆଜି ତା ୦୧/୦୫/୨୦୧୯ରିଖ ତୁମର ପବିତ୍ର ବ୍ରତୋପନୟନ ପର୍ବରେ ''ତଂ ବିପ୍ରଃ''- ବ୍ରହ୍ମଜ୍ଞାନୀ ହେବାର ଦୀକ୍ଷା ନେଇ ''ବ୍ରହ୍ମ ତେନ ପୁନତୁମା''- ତଥା ଈଶ୍ୱର ତୁମକୁ ''ବ୍ରହ୍ମାନୁଭବୀ-ବିଶ୍ୱମୁଖୀ-ଏକାତ୍ମବୋଧ'' ବ୍ରହ୍ମଣି ଚରିତୀତି ସିଏ, ବ୍ରହ୍ମଚାରୀଟି ଅଟେ ସିଏ'' ରେ ପରିଣତ କରିଦେଇ ତୁମକୁ ସର୍ବଦା ''ସତ୍ୟଂବଦ, ଧର୍ମଂଚର'' ଆଶୀର୍ବଚନରେ ବ୍ରତୀ କରାନ୍ତୁ ଏହାହିଁ ଆମ ସଭିଙ୍କର ତୁମ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ କାତର ପ୍ରାର୍ଥନା। (ଇତି) ତୁମର ପୂଜ୍ୟ-ପୂଜ୍ୟା ଗୁରୁଜନମାନେ ଏବଂ ସମସ୍ତ ଶୁଭେଚ୍ଛୁ ଆତ୍ମୀୟ-ପ୍ରିୟ ପରିଜନମାନେ, ମାର୍ଫତ ବାପା ! ଆଚାର୍ଯ୍ୟ ଦାମୋଦର ଶର୍ମା
ଧ-୬୬୨୨୯

### ଜନ୍ମଦିନ ଶୁଭେଚ୍ଛା



**ଆୟୁଷ କୁମାର ମଙ୍ଗରାଜ**
**ପ୍ଲଟ ନଂ:୧୭୮, ଭୋଇ ନଗର, ୟୁନିଟ-୯, ଭୁବନେଶ୍ୱର**

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ ଓ ତୋର ଚଳାପଥ କୁସୁମିତ କରନ୍ତୁ।

**ଶୁଭେଚ୍ଛା ସହ**

ବା, ମା, ବାବା, ମାମା, ଦାଦା, ଖୁଡ଼ୀ, ଖୁସୀ, ଅଂଶୁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୪୧୮

### ୨୪ତମ ଜନ୍ମବାର୍ଷିକୀ ଶୁଭେଚ୍ଛା



**ଚନ୍ଦ୍ରିକା ପ୍ରଧାନ (ଚକୋଲେଟ୍)**
**ଶଙ୍କରାପୋଶ, ବଡ଼ଗାଁ (ସୁନ୍ଦରଗଡ଼)**

ଆଜି ତୁମର ୨୪ତମ ଜନ୍ମବାର୍ଷିକୀ ଅବସରରେ ତୁମର ଚଳାପଥ କୁସୁମିତ ହେଉ ଏବଂ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ କୋଟି କୋଟି ପ୍ରାର୍ଥନା।

**ଶୁଭେଚ୍ଛା ସହ**

ବିଶାଖା, ରାଧିକା, ପ୍ରିୟଙ୍କା, ନେତ୍ରା, ବାପା, ବୋଉ ଏବଂ ପରିବାରବର୍ଗ।
ଧ-୧୨୪୨୩

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଦ୍ୱାଦଶସ୍ଥ ଶୁକ୍ର ଓ ଚନ୍ଦ୍ରଙ୍କ ସମ୍ବନ୍ଧ ଯୋଗୁ ଆପଣଙ୍କ ଯେମିତି ଉଚ୍ଚମନା, ଠିକ୍ ସେମିତି ଆପଣଙ୍କ କାମ ଗୁଡ଼ିକ ମଧ୍ୟ ସେହିପରି ସରସ, ସୁନ୍ଦର ରହିବ। ବୁଧଙ୍କ ପ୍ରଭାବରୁ ଏମିତି କଥାରେ କଥାରେ ମରମ କଥା କହିଦେବେ ଯେ- ବୁଝିଲା ଲୋକ ଠିକ୍ ବୁଝିବେ। ଆତ୍ମୀୟମାନଙ୍କ ନିକଟରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ବୃଷ** ଏକାଦଶରେ ରବିଙ୍କ ପ୍ରଭାବରେ ଉଚ୍ଚବର୍ଗର ବନ୍ଧୁମାନେ ଆପଣଙ୍କ ଗୁଣାନୁକୀର୍ତ୍ତନ କରିପାରନ୍ତି। ବିଳମ୍ବରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ବୁଧଙ୍କ ଦୁର୍ବଳତା ହେତୁ ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଯେତେ ରୋଜଗାର କଲେ ମଧ୍ୟ ହାତ ସବୁବେଳେ ଖାଲି ରହିବାରୁ ଚିନ୍ତା ପ୍ରକାଶ କରିପାରନ୍ତି।

**ମିଥୁନ** ଚତୁର୍ଥଭାବକୁ ଶୁକ୍ର ଓ ଚନ୍ଦ୍ର ଦେଖୁଥିବାରୁ ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି କୌଣସି ନୂତନ ଜିନିଷଟିଏ କ୍ରୟ କରିପାରନ୍ତି। ବିଭିନ୍ନ ପ୍ରକାରର ମନ ଧରିବା ଭଳି କାମ କଲେ ମଧ୍ୟ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନେ ସହଜରେ ବଦଳିବେ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ।

**କର୍କଟ** ଭାଗ୍ୟସ୍ଥାନରେ ତିନୋଟିଗ୍ରହ ଅବସ୍ଥାନ କରିଥିବାରୁ ବନ୍ଧୁମାନଙ୍କ ସହାୟତାରେ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବେ। ଭାବପ୍ରବଣତାବଶତଃ ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ କଥାକୁ ସତ୍ୟ ମନେକରି ଅନୁସରଣ କଲେ ଅସୁବିଧାରେ ପଡ଼ିପାରନ୍ତି। ତଥାପି ମନର ବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି କାର୍ଯ୍ୟ ସାଧନ କରିବେ।

**ସିଂହ** ରବି ଉଚ୍ଚଭାବରେ ଅବସ୍ଥାନ କରି ଆପଣଙ୍କୁ ସାମାଜିକ ସ୍ତରରେ ରାଜକୀୟ ସମ୍ମାନ ପ୍ରଦାନ କରିବେ। ଆଜି ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି ସମସ୍ତ କାର୍ଯ୍ୟ ସୁବିଧାରେ ସମ୍ପନ୍ନ ହୋଇପାରିବ। ବନ୍ଧୁମିଳନ ସାଙ୍ଗକୁ ସାମାଜିକ ସ୍ତରରେ ଉଚ୍ଚ ପ୍ରଶଂସିତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ଆଶଙ୍କା ରହିଛି।

**କନ୍ୟା** ରାଶିପ୍ରତି ଚାରୋଟିଗ୍ରହଙ୍କ ପ୍ରତ୍ୟକ୍ଷଦୃଷ୍ଟି ଆପଣଙ୍କୁ ଏକାଧିକ ଚିନ୍ତାରେ ନିମଗ୍ନ କରାଇବ। ବିକ୍ଷିପ୍ତ ମାନସିକତା କାରଣରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଶୃଙ୍ଖଳିତ ରହିବ ନାହିଁ। ଆପଣଙ୍କର ଅର୍ଥସମ୍ପର୍କୀୟ ଅଭାବନୀୟ ପରିସ୍ଥିତିକୁ ହୃଦୟଙ୍ଗମ କରି ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ତୁଳା** ଲାଭାଧିପ ସପ୍ତମ କେନ୍ଦ୍ରସ୍ଥ ହେତୁ ଆଜି ଯାହା ଚାହିଁବେ ତାହାକୁ ନିର୍ବିଘ୍ନରେ ସମାପନ କରିପାରିବେ। ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ବନ୍ଧୁ,ସହକର୍ମୀମାନଙ୍କ ପରାମର୍ଶ ଗ୍ରହଣ କରିବା ଭଲ ହେବ। ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ, ଗବେଷଣା, ଚୁକ୍ତିପତ୍ର, ଆଲୋଚନା ତଥା ଲେଖାପଢାରୁ ଶୁଭଫଳ ପାଇବେ।

**ବିଛା** ବୃହସ୍ପତି ରାଶିରେ ରହିବା ଯୋଗୁ ଉଦ୍ୟମକୁ ଭଣ୍ଡୁର କରିଦେଇ ପାରନ୍ତି। ଏଣେ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସାମୟିକ ଭାବରେ ଟେନ୍ସନ ବୃଦ୍ଧିର କାରଣ ହୋଇପାରେ। ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ। କେତେକ କ୍ଷେତ୍ରରେ ମନ କଥା ମନରେ ରହିଯିବ ସିନା ସମ୍ପର୍କକୁ ଖରାପ କଲାଭଳି କିଛି କାମ କରିବା ଠିକ୍ ହେବ ନାହିଁ।

**ଧନୁ** ଚନ୍ଦ୍ର ଓ ଶୁକ୍ର ସହିତ ବୁଧ ପରିବାର ସ୍ଥାନରେ ଆପଣଙ୍କୁ ନୂତନ ଯାନବାହନ, ବିଳାସ ସାମଗ୍ରୀ ସହ ବନ୍ଧୁମିଳନଜନିତ ମନ ଖୁସି କରାଇବ। ଆପଣଙ୍କୁ ପାରିବାରିକ କ୍ଷେତ୍ରର ବିଶୃଙ୍ଖଳା ସକାଶେ ହଠାତ୍ କୌଣସି ପ୍ରତିକାର କିମ୍ବା ପ୍ରତିଷେଧକ ବ୍ୟବସ୍ଥା କରିପାରିବେ ନାହିଁ। ବାଣିଜ୍ୟ, ବ୍ୟବସାୟ,ପରିବହନ କ୍ଷେତ୍ରରେ ଯଥେଷ୍ଟ ଆଶାଜନକ ସୁଫଳ ପାଇପାରନ୍ତି।

**ମକର** ଭାଗ୍ୟସ୍ଥାନକୁ ଶୁକ୍ରଙ୍କ ଦୃଷ୍ଟି ପ୍ରଭାବରେ ଦିନଚର୍ଯ୍ୟା ସାମଗ୍ରିକ ଉନ୍ନତମାନର ହେଲେ ମଧ୍ୟ ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଆନୁଷ୍ଠାନିକ କାମ ସାଙ୍ଗକୁ ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ହାସଲ କରିବେ। ସଙ୍ଗଠନ, ସଭାସମିତି, ଆନୁଷ୍ଠାନିକ କାମ ତଥା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ।

**କୁମ୍ଭ** ଯେଉଁପ୍ରକାରର ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିଲେ ମଧ୍ୟ ମୁଖଭାବସ୍ଥ ଗ୍ରହ ଆପଣଙ୍କ ପ୍ରଭାବଶାଳୀ କଥାରେ ବଶୀଭୂତ ହୋଇଯିବେ। ରହୁଥିବା ସ୍ଥାନର ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ବହୁତ ଭଲ ରହିବ। ଅର୍ଥ, ନୂତନ ଯୋଜନା ଦିଗରେ ଜଣେ ଦୂରାଗତ ବନ୍ଧୁ ସାହାଯ୍ୟ କରିବେ। ପରିବାରରେ ସାଧାରଣ ଭୁଲ୍ ବୁଝାମଣାକୁ ଦୂରେଇ ନେଲେ ଉପକୃତ ହେବେ।

**ମୀନ** ରାହୁଙ୍କ ପ୍ରଭାବରୁ ମନରେ ଅସ୍ଥିରତା ସୃଷ୍ଟି ହେଲେ ମଧ୍ୟ ପ୍ରତିଶ୍ରୁତି ଅନୁଯାୟୀ କାମ କରିବାକୁ ପ୍ରସ୍ତୁତ ହେବେ। ଭୁଲ୍ ବୁଝାମଣା କ୍ରମେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାର ସମ୍ଭାବନା ରହିଛି। ବନ୍ଧୁ କିମ୍ବା ସହକର୍ମୀଙ୍କ ଜରିଆରେ ସକାଳୁ ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। ପ୍ରିୟଜନଙ୍କ ସହ ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ।

ଆଜି ବୈଶାଖ କୃଷ୍ଣ ଦ୍ୱାଦଶୀ ବୁଧବାର, ମେ ୧ ତାରିଖ, ଶ୍ରମିକ ଦିବସ, ରାଶି ନକ୍ଷତ୍ର-ଦିବା ଘ.୧୧।୨୭ମି. ପର୍ଯ୍ୟନ୍ତ ପୂର୍ବଭାଦ୍ରପଦ/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ଦିବା ଘ୬।୫୨ମି. ଗତେ, ଘ୮।୨୭ମି. ମଧ୍ୟେ ଘ୨।୫୮ମି. ଗତେ, ଘ୪।୩୩ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୨ମି. ମଧ୍ୟେ ଘ୧୦।୦୨ମି. ଗତେ, ଘ୧୧।୩୭ମି. ମଧ୍ୟେ ଘ୪।୩୩ମି. ଗତେ, ଘ୬।୦୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୪୩ମି. ଗତେ ଘ୧।୧୯ମି. ମଧ୍ୟେ ରାହୁକାଳ।




## ■ ପାଟକୁରା ନିର୍ବାଚନମଣ୍ଡଳୀ

# ବିଜେଡି ପ୍ରାର୍ଥୀ ସାବିତ୍ରୀଙ୍କ ନାମାଙ୍କନପତ୍ର ଦାଖଲ

କେନ୍ଦ୍ରାପଡ଼ା ଅଫିସ/ ଡେରାବିଶ (ସ୍ୱ.ପ୍ର.), ୩୦।୪

ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା, ମେ ୧୯ ରେ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ହେବ। ଏଥିପାଇଁ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ମଙ୍ଗଳବାର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ସଞ୍ଜୟ କୁମାର ମିଶ୍ରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ରାଜ୍ୟରେ ୪ର୍ଥ ତଥା ଶେଷ ପର୍ଯ୍ୟାୟ ପାଇଁ ସୋମବାର ଭୋଟ ଗ୍ରହଣ ଥିଲା। ମାତ୍ର କେନ୍ଦ୍ରାପଡା ଲୋକ ସଭା ମଣ୍ଡଳୀ ଅନ୍ତର୍ଗତ ପାଟକୁରା ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ବେଦ ପ୍ରକାଶ ଅଗ୍ରୱାଲଙ୍କ ଗତ ୨୦ ତାରିଖରେ ଦେହାନ୍ତ ହୋଇଯାଇଥିଲା। ଫଳରେ ଏହି ଆସନ ପାଇଁ ନିର୍ବାଚନ ସ୍ଥଗିତ ରହିଥିଲା। ଜିଲା ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ସୁପାରିସ କ୍ରମେ ଆସନ୍ତା ମେ ୧୯ରେ ଏଠାରେ ନିର୍ବାଚନ କରିବା ଲାଗି ଗତ ୨୪ରେ ମୁଖ୍ୟ ନିର୍ବାଚନ କମିଶନର ବିଜ୍ଞପ୍ତି ପ୍ରକାଶ କରିଥିଲେ। ପୂର୍ବରୁ ଅନ୍ୟ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିସାରିଥିବାରୁ ଆଇନ ୧୯୫୧ ଧାରା ୫୨ (୨) ଅନୁଯାୟୀ,କେବଳ ବିଜେଡି ପ୍ରାର୍ଥୀଙ୍କୁ ନାମାଙ୍କନ ପତ୍ର ଦାଖଲ କରିବା ସୁଯୋଗ ଦିଆଯିବ ବୋଲି ଏଥିରେ ଉଲ୍ଲେଖ ଥିଲା। ଏହାପରେ ସ୍ୱର୍ଗତ ବେଦପ୍ରକାଶଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ଏହି ଆସନରୁ ପ୍ରାର୍ଥୀ ଭାବେ ସୋମବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ମଙ୍ଗଳବାର ସାବିତ୍ରୀଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ, ବେଦପ୍ରକାଶଙ୍କ ପୁଅ ସଞ୍ଜୟ ଅଗ୍ରୱାଲ ଓ ଝିଅ ମଧୁମତୀ ଅଗ୍ରୱାଲଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ ଓ ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଡେରାବିଶ ବାଲିପାଟଣାସ୍ଥିତ ଶ୍ରୀଶ୍ରୀ ଲଛମନ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସାବିତ୍ରୀ ଏକ ରୋଡ ଶୋରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଆସନ୍ତା ୨ ତାରିଖ ପ୍ରାର୍ଥୀପତ୍ର ଯାଞ୍ଚ ହେବାକୁ ଥିବା ବେଳେ ୪ ତାରିଖ ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି ବୋଲି ରିଟର୍ନିଂ ଅଫିସର ମିଶ୍ର ସୂଚନା ଦେଇଛନ୍ତି। ପ୍ରାର୍ଥୀତ୍ୱ ସମ୍ପର୍କରେ ସାବିତ୍ରୀ କହିଛନ୍ତି ଯେ, ପାଟକୁରାର ବିକାଶ ପାଇଁ ସ୍ୱାମୀ ବେଦପ୍ରକାଶଙ୍କ ବହୁ ସ୍ୱପ୍ନ ଥିଲା। ତାଙ୍କର ପରଲୋକ ପରେ ଅଧୁରା ସ୍ୱପ୍ନକୁ ପୂରଣ ପାଇଁ ରାଜ୍ୟ ସଭାପତି ପଟ୍ଟନାୟକ ମୋତେ ସୁଯୋଗ ଦେଇଛନ୍ତି। ଏହାର ସଦୁପଯୋଗ କରି ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶଧାରାକୁ ଆଗେଇ ନେବି ବୋଲି ସେ ପ୍ରକାଶ କରିଥିଲେ। ପ୍ରକାଶ ଯେ, ଏଠାରେ ଭାଜପା ପକ୍ଷରୁ ବିଜୟ ମହାପାତ୍ର, କଂଗ୍ରେସରୁ ଜୟନ୍ତ ମହାନ୍ତି, କୃପା ପାର୍ଟିରୁ ଶ୍ରୀକାନ୍ତ ସାମଲ, ସମାଜବାଦୀ ପାର୍ଟିରୁ ପ୍ରଦୀପ କୁମାର ଦାସ ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ ସଞ୍ଜୟ କୁମାର ସ୍ୱାଇଁ, ରତିକାନ୍ତ କାନୁନଗୋ, ପ୍ରଫୁଲ୍ଲ କୁମାର ବେହେରା, ପରମାନନ୍ଦ ଦାସ ଓ ଦିବ୍ୟସିଂହ ଦାସ ପ୍ରମୁଖ ନିର୍ବାଚନ ଲଢ଼ିବା ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।


ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ନିକଟରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ସଂକ୍ଷେପରେ

### ଆଜି ମହାପ୍ରଭୁଙ୍କ ବନକଲାଗି ୪ଘଣ୍ଟା ଦର୍ଶନ ବନ୍ଦ

**ପୁରୀ ଅଫିସ,୩୦।୪:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ଘଣ୍ଟା ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ମଙ୍ଗଳବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏହି ନୀତି ସମ୍ପନ୍ନ ପରେ ପୁଣି ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଛଡ଼ାଯିବ।

### ଭଦ୍ରକ ବିଷାକ୍ତ ମଦ ମୃତ୍ୟୁ ଘଟଣା ମାନବାଧିକାର କମିଶନଙ୍କ ନିକଟରେ ମାମଲା

**କଟକ ଅଫିସ,୩୦।୪:** ଭଦ୍ରକ ଜିଲାରେ ବିଷାକ୍ତ ମଦମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ ହୋଇଛି। ଭୁବନେଶ୍ୱରର ସିଭିଲ ସୋସାଇଟି ଫୋରମ୍ ଅନ୍ ହ୍ୟୁମାନ ରାଇଟ୍ସ ସଂସ୍ଥାର ୱାର୍କିଂ ଗ୍ରୁପ୍ ସଦସ୍ୟ ତଥା ମାନବାଧିକାର କର୍ମୀ ଅଖଣ୍ଡ ଏହି ଘଟଣା ପାଇଁ ସରକାରୀ ଅଧିକାରୀଙ୍କୁ ଦାୟୀ କରି କମିଶନଙ୍କ ନିକଟରେ ପିଟିସନ୍ ଦାଏର କରିଛନ୍ତି। ରାଜ୍ୟରେ ବିଷାକ୍ତ ମଦର ଉତ୍ପାଦନ ଓ ବିକ୍ରିକୁ ବନ୍ଦ କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି ସେ ଦର୍ଶାଇଛନ୍ତି। ତୁରନ୍ତ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏଥିରେ ସେ ମୁଖ୍ୟ ଶାସନ ସଚିବ, ପୋଲିସ୍ ଡିଜି, ଭଦ୍ରକ ଜିଲାର ଜିଲାପାଳ ଓ ଏସପିଙ୍କୁ ପକ୍ଷ କରିଛନ୍ତି।

### ଗାଡ଼ି ନେଲା ଛାତ୍ରୀଙ୍କ ଜୀବନ

**ଝୁମ୍ପୁରା, ୩୦।୪(ଡି.ଏନ.ଏ.):** ଝୁମ୍ପୁରା ଥାନାଞ୍ଚଳ ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର ପାଟକୁଳ ନିକଟରେ ସୋମବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଙ୍କର ନାମ ବିଷ୍ଣୁପ୍ରିୟା ମହାନ୍ତ(୬)। ସେ ଝୁମ୍ପୁରା ଶିଶୁ ମନ୍ଦିରରେ ପ୍ରଥମ ଶ୍ରେଣୀରେ ପଢୁଥିଲେ। ସନ୍ଧ୍ୟା ସମୟରେ ଛାତ୍ରୀ ଜଣଙ୍କ ତାଙ୍କ ମା'ଙ୍କ ସହ ରାସ୍ତା ପାର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏକ କଳା ରଙ୍ଗର ବୋଲେରୋ ଛାତ୍ରୀଙ୍କୁ ଧକ୍କା ଦେଇଥିବା କୁହାଯାଉଛି। ଦୁର୍ଘଟଣା ଘଟାଇ ଗାଡ଼ିଟି ଫେରାର ହୋଇଯାଇଛି। ଛାତ୍ରୀଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନା ଅଣା ଯାଇଥିଲା। ସେତେବେଳକୁ ଛାତ୍ରୀଙ୍କର ମୃତ୍ୟୁ ହୋଇ ସାରିଥିଲା ବୋଲି ଲୋକେ କହୁଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜପଥକୁ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଲୋକେ ଅବରୋଧ କରିଥିଲେ। ଖବର ପାଇ ସଦର ଏସଡିପିଓ ପ୍ରକାଶ ଟୋପ୍ପ, ଭାରତୀୟ ପୋଲିସ ସେବା ଅଧିକାରୀ ପ୍ରହ୍ଲାଦ ସାଇ ମୀନା, ଝୁମ୍ପୁରା ଥାନା ଅଧିକାରୀ ଏଫ ଟିଗା ପୋଲିସ ଫୋର୍ସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ଛାତ୍ରୀଙ୍କ ପରିବାରକୁ ୧୦ହଜାର ଟଙ୍କା ରେଡକ୍ରସରୁ ସହାୟତା ଦିଆଯାଇଛି। ଲୋକଙ୍କୁ ବୁଝାଶୁଝା ପରେ ରାସ୍ତା ଅବରୋଧ ହଟିଥିଲା। ଏ ନେଇ ଝୁମ୍ପୁରା ଥାନାରେ ଏକ ମାମଲା (ନଂ. ୩୭/୧୯) ରୁଜୁ ହୋଇଛି।

## ଫନୀ ପାଇଁ ଶ୍ରୀମନ୍ଦିର ପ୍ରଶାସନର ପଦକ୍ଷେପ

# ନୀଳଚକ୍ରରେ ବନ୍ଧାଯିବ ୫ହାତିଆ ଧ୍ୱଜା

ପୁରୀ ଅଫିସ,୩୦।୪



ସାମୁଦ୍ରିକ ବାତ୍ୟା 'ଫନୀ' ଉଗ୍ର ରୂପ ଧାରଣ କରି ଓଡ଼ିଶା ଆଡ଼କୁ ମୁହାଁଉଛି। ଏହାର ମୁକାବିଲା ଲାଗି ବିଭିନ୍ନ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ବାତ୍ୟା ସ୍ଥଳଭାଗ ଛୁଇଁବା ସମୟରେ ଅଧିକ ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହାଦ୍ୱାରା ଶ୍ରୀମନ୍ଦିରର ନୀଳଚକ୍ର ଯଥେଷ୍ଟ ମାତ୍ରାରେ ପ୍ରଭାବିତ ହେବା ଆଶଙ୍କା କରି ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଆଗୁଆ ସତର୍କତା ଅବଲମ୍ବନ ଗ୍ରହଣ କରିଛି। ମେ ୧ରୁ ୫ତାରିଖ ପର୍ଯ୍ୟନ୍ତ ନୀଳଚକ୍ରରେ ସର୍ବାଧିକ ୫ହାତ ଲମ୍ବର କେବଳ ଗୋଟିଏ ଧ୍ୱଜା ବାନ୍ଧିବା ପାଇଁ ଚୂନରା ସେବକଙ୍କୁ ଆଦେଶ ଦିଆଯାଇଛି। ତେବେ ଅଧିକ ଜରୁରୀ ପରିସ୍ଥିତିରେ ମହାପ୍ରଭୁଙ୍କ ନୀତି ସମ୍ପାଦନ ବ୍ୟାହତ ନ ହେବା ଲାଗି ଏହି ଲମ୍ବର ଅନ୍ୟ ଏକ ଧ୍ୱଜା ନୀଳଚକ୍ର ପରିଧିରେ ଶକ୍ତ ଭାବେ ଗୁଡ଼ାଇ ରଖିବା ପାଇଁ କୁହାଯାଇଛି। ଶ୍ରୀମନ୍ଦିର ସୁପରଭାଇଜର ଏହି ଦିନଗୁଡ଼ିକ ପାଇଁ କୌଣସି ଧ୍ୱଜା ବନ୍ଧା ରସିଦ୍ କାଟିବେ ନାହିଁ। ଆବଶ୍ୟକସ୍ଥଳେ ଧ୍ୱଜା କ୍ରୟ କରି ବାନ୍ଧିବା ନିମନ୍ତେ ଚୂନରା ସେବକଙ୍କୁ ଯୋଗାଇଦେବେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉ କି, ନୀଳଚକ୍ରରେ ପ୍ରତିଦିନ ୧୪ହାତିଆ ମୁଖ୍ୟ ଧ୍ୱଜା ସହ ଭକ୍ତଙ୍କ ଦ୍ୱାରା ପ୍ରଦତ୍ତ ବହୁ ସଂଖ୍ୟକ ଧ୍ୱଜା ବନ୍ଧାଯାଇଥାଏ।

# ମୁଖ୍ୟମନ୍ତ୍ରୀ-ଧର୍ମେନ୍ଦ୍ରଙ୍କ ଭେଟଘାଟ ନେଇ ଚର୍ଚ୍ଚା

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଭୟ ଏକାଠି ଦେଖାଯାଉଥିବାର ଏକ ଫଟୋକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟରେ ୪ଟି ପର୍ଯ୍ୟାୟ ନିର୍ବାଚନ ଶେଷ ହେବାର ଠିକ୍ ଦିନକପରେ ଏଭଳି ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ମୁଖ୍ୟମନ୍ତ୍ରୀ ଓ ଧର୍ମେନ୍ଦ୍ରଙ୍କ ମଧ୍ୟରେ ଥିବା ତିକ୍ତତା କଥା କାହାକୁ ଅଛପା ନାହିଁ। ନିର୍ବାଚନ ସମୟରେ ତଥା ଏହା ପୂର୍ବରୁ ଧର୍ମେନ୍ଦ୍ର ଦୈନିକ ମୁଖ୍ୟମନ୍ତ୍ରୀଙ୍କୁ ଖବରଦାତା ସମ୍ମିଳନୀ କରି ସାମାଜିକ ଗଣମାଧ୍ୟମ ଜରିଆରେ ଗାଳି ଦେଉଥିଲେ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମଧ୍ୟ ଅନେକ ସମୟରେ ଧର୍ମେନ୍ଦ୍ରଙ୍କ ନାଁ ନ ନେଇ ତାଙ୍କୁ ସମାଲୋଚନା କରିଛନ୍ତି। ବିଜେଡି ପକ୍ଷରୁ ମଧ୍ୟ ଖବରଦାତା ସମ୍ମିଳନୀ ଜରିଆରେ ଧର୍ମେନ୍ଦ୍ରଙ୍କୁ ଗାଳି ଦିଆଯାଉଥିବା ଲକ୍ଷ୍ୟ କରାଯାଇଛି। ଏତେସବୁ ସତ୍ତ୍ୱେ ମଙ୍ଗଳବାର ଦିଲ୍ଲୀ ବିମାନବନ୍ଦରଠାରେ ମୁଖ୍ୟମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଏହି ଫଟୋ ସମସ୍ତଙ୍କୁ ଚକିତ କରିଛି। ଏକ ବ୍ୟାଟେରି ଚାଳିତ ଗାଡିରେ ମୁଖ୍ୟମନ୍ତ୍ରୀ ବସୁଥିବା ବେଳେ ଧର୍ମେନ୍ଦ୍ର ସେହି ଗାଡିଟିକୁ ଧରିଥିବାର ଦୃଶ୍ୟ ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ କିଛିବାଟ ଉଭୟ ଏକାଠି ଚାଲିକି ଆସିବାପରେ ପରସ୍ପର ସହ ହାତ ମିଳାଇ ଚାଲିଯାଉଥିବାର ଭିଡିଓ ମଧ୍ୟ ଦେଖିବାକୁ ମିଳିଛି। ଉଭୟ ନେତାଙ୍କ ଏହି ଭେଟଘାଟକୁ ନେଇ ଭିନ୍ନ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ମାତ୍ର ଦିଲ୍ଲୀ ଏୟାରପୋର୍ଟରେ ଧର୍ମେନ୍ଦ୍ରଙ୍କ ସହ ଭେଟଘାଟ ସଂଯୋଗବଶତଃ ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଦିଲ୍ଲୀ ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ର ପ୍ରଧାନ।

**ଏହା ସଂଯୋଗବଶତଃ ଥିଲା: ମୁଖ୍ୟମନ୍ତ୍ରୀ**

# ଛତିଶା ନିଯୋଗ ବୈଠକ ବର୍ଜନ କଲେ ସେବାୟତ

ପୁରୀ ଅଫିସ,୩୦।୪

ଆସନ୍ତା ୭ତାରିଖରେ ଚନ୍ଦନ ଯାତ୍ରା। ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ଏଥିଲାଗି ଗତ ୧୮ତାରିଖରେ ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ନୀତି ନିର୍ଘଣ୍ଟ ହୋଇଥିଲା। ଏହି ନୀତି ନିର୍ଘଣ୍ଟ ବିଷୟରେ ଆଲୋଚନା କରାଯାଇ ଅନୁମୋଦନ ଲାଗି ମଙ୍ଗଳବାର ଛତିଶା ନିଯୋଗ ବୈଠକ ଡକାଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପୂର୍ବାହ୍ନ ସାଢେ ୧୧ଟାରେ ବୈଠକ ବସିବ ବୋଲି ସ୍ଥିର ହୋଇଥିଲା। ତେବେ ସେବାୟତମାନେ ଏହି ବୈଠକକୁ ବର୍ଜନ କରିଛନ୍ତି। ଫଳରେ ଛତିଶା ନିଯୋଗ ବୈଠକ ସମ୍ଭବ ହୋଇପାରିନାହିଁ।

ଶ୍ରୀମନ୍ଦିରରେ ଦୈନିକ ୩୬ଜଣ ସେବକ ମହାପ୍ରଭୁଙ୍କ ସେବାପୂଜା କରିପାରିବେ ବୋଲି ସୁପ୍ରିମ୍‌କୋର୍ଟରେ ଦାଖଲ ସତ୍ୟପାଠକୁ ବିରୋଧ କରି ସେବାୟତମାନେ ଛତିଶା ନିଯୋଗ ବୈଠକ ବର୍ଜନ କରିଛନ୍ତି। ଏ ନେଇ ସୋମବାର ରାତିରେ ଶ୍ରୀମନ୍ଦିର ପରିସରରେ ଛତିଶା ନିଯୋଗ ସେବାୟତମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ମନ୍ଦିର ପ୍ରଶାସନ ପକ୍ଷରୁ ଡକାଯାଇଥିବା ଛତିଶା ନିଯୋଗ ବୈଠକ ବର୍ଜନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ସେହି ମୁତାବକ ସେବାୟତମାନେ ବୈଠକକୁ ଆସି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏ ନେଇ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ମଙ୍ଗଳବାର ଚନ୍ଦନ ଯାତ୍ରା ନୀତି ନିର୍ଘଣ୍ଟ ସଂକ୍ରାନ୍ତରେ ଆଲୋଚନା ଲାଗି ସ୍ଥିର ହୋଇଥିଲା। ବୈଠକକୁ ଯିଏ ନ ଆସିଛନ୍ତି, ତାଙ୍କୁ ଲିଖିତ ଭାବେ ନୀତି ନିର୍ଘଣ୍ଟ ବିଷୟରେ ଜଣାଇ ଦିଆଯିବ।

# ଜଟିଳ ହେଉଛି ଦାଦନ ସମସ୍ୟା

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଓଡ଼ିଶାର ଦାଦନ ସମସ୍ୟା ସବୁବେଳେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ହୋଇ ରହିଆସିଛି। ଦାଦନ ରୋକିବାକୁ ସରକାରଙ୍କ ପକ୍ଷରୁ ଯେତେ ଯୋଜନା କାର୍ଯ୍ୟକାରୀ ହେଲେ ବି ତାହା ଫଳପ୍ରଦ ହୋଇପାରିନାହିଁ। ଦାଦନ ସମସ୍ୟାରେ ସେଭଳି କୌଣସି ସୁଧାର ଆସୁ ନ ଥିବାବେଳେ ଏହାର ସିଧାସଳଖ ପ୍ରଭାବ ଦାଦନ ଖଟିବାକୁ ଯାଉଥିବା ଶ୍ରମିକଙ୍କ ପିଲାମାନଙ୍କ ଉପରେ ପଡୁଛି। ଉପଯୁକ୍ତ ରକ୍ଷଣାବେକ୍ଷଣା ଏବଂ ପରିବାରର ଯତ୍ନ ଅଭାବରୁ ପିଲାମାନେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସବୁବେଳେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯିବା ଫଳରେ ସେମାନଙ୍କ ପିଲାମାନେ ଅଧାରୁ ପାଠ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଫଳରେ ସେମାନେ ବଡ଼ ହୋଇ ଏହିଭଳି ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି, ଯାହାକି ପିଢ଼ି ପରେ ପିଢ଼ି ଲାଗିରହୁଛି। ଅନ୍ୟପକ୍ଷରେ ମହିଳା ଶ୍ରମିକଙ୍କ ଅବସ୍ଥା ଆହୁରି ଖରାପ ହୋଇପଡ଼ିଛି। ସେମାନଙ୍କ ପାଇଁ ରହିଥିବା ବିଭିନ୍ନ ନିୟମକୁ କାମ ଯୋଗାଉଥିବା ସଂସ୍ଥାଗୁଡ଼ିକ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି।

ଓଡ଼ିଶାର ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ସୋନପୁର, ବରଗଡ଼, କୋରାପୁଟ, ଗଜପତି, ମାଲକାନଗିରି, ଗଞ୍ଜାମ, ରାୟଗଡା ଓ ନବରଙ୍ଗପୁର ଭଳି ଜିଲାରେ ଦାଦନ ସମସ୍ୟା ସବୁଠାରୁ ଅଧିକ ରହିଛି। ଏଠାକାର ଲୋକେ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ କର୍ଣ୍ଣାଟକ ଭଳି ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେହିଭଳି କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର ଭଳି ପଶ୍ଚିମ ଓଡ଼ିଶା ଜିଲାର ଶ୍ରମିକମାନେ ପଡ଼ୋଶୀ ଛତିଶଗଡ଼, ଆନ୍ଧ୍ରପ୍ରଦେଶକୁ ଯାଇ ବିଭିନ୍ନ ଫାର୍ମ ଓ ଇଟାଭାଟିରେ କାମ କରୁଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ମୁତାବକ ସୁନ୍ଦରଗଡ଼ ଜିଲାର ସର୍ବାଧିକ ମହିଳା ଓ ଯୁବତୀ ରାଜ୍ୟ ବାହାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଆଦିବାସୀ ପ୍ରବଣ ଜିଲାର ବହୁ ଯୁବତୀ ଦିଲ୍ଲୀ, ହରିୟାଣା ଯାଇ ସେଠାରେ ଘରୋଇ ଶ୍ରମିକ ଭାବେ କାମ କରୁଛନ୍ତି। ବାଲେଶ୍ୱର ଓ ଗଞ୍ଜାମ ଭଳି ଉପକୂଳ ଜିଲାରୁ ବହୁ ଯୁବ ଶ୍ରମିକ ଗୁଜରାଟ, ବମ୍ବେରେ ଥିବା ଟେକ୍ସଟାଇଲ ମିଲ୍ ଏବଂ ହୀରା ପଲିସ୍ ଦୋକାନକୁ କାମ କରିବାକୁ ଯାଉଛନ୍ତି। କେବଳ ଏତିକି ନୁହେଁ, ଗୋଆର ମାଛଧରା ବନ୍ଦି ଏବଂ କେରଳ କନ୍‌ଷ୍ଟ୍ରକଶନ ସାଇଟ୍‌ରେ ମଧ୍ୟ ଓଡ଼ିଶାର ବହୁ ଶ୍ରମିକ କାମ କରୁଛନ୍ତି। ଅଧିକାଂଶ ଶ୍ରମିକ ବର୍ଷର ପ୍ରାୟ ୬ମାସ ଏଭଳି ଦାଦନ ଖଟିବାକୁ ବାହାରକୁ ଯାଉଥିବା ଦେଖାଯାଉଛି। ଏଭଳିସ୍ଥଳେ ସେମାନଙ୍କ ପିଲାମାନଙ୍କ ପାଠପଢ଼ାରେ ଡୋରି ବନ୍ଧାହେଉଛି। ସରକାରଙ୍କ ପକ୍ଷରୁ ରାଜ୍ୟରେ ସିଜନାଲ ହଷ୍ଟେଲମାନ ଖୋଲାଯାଇଥିଲେ ବି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅନେକ ପିଲା ଏବେ ବି ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଅଧିକାଂଶ ଶ୍ରମିକ ଏହି ସିଜନାଲ ହଷ୍ଟେଲ ସମ୍ପର୍କରେ ଜାଣି ନ ଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। କେନ୍ଦ୍ରୀୟ ସ୍ତରରେ ଏକ ଆନ୍ତଃରାଜ୍ୟ ସମନ୍ୱୟ କମିଟି ଗଠନ କରାଯାଇ ଦାଦନ ଶ୍ରମିକମାନଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବାର ନିୟମ ରହିଥିଲେ ବି କୌଣସି ଯୋଜନା ସେମାନଙ୍କ କାମରେ ଆସିପାରୁନାହିଁ।

■ ସୁନ୍ଦରଗଡ଼ରେ ସର୍ବାଧିକ ମହିଳା ଦାଦନ ଶ୍ରମିକ
■ ପିଲାଙ୍କ ପାଠପଢ଼ାରେ ଲାଗୁଛି ଡୋରି
■ ଫେଲ୍‌ମାରିଛି ଆନ୍ତଃରାଜ୍ୟ ସମନ୍ୱୟ କମିଟି

**ମହିଳା ଶ୍ରମିକଙ୍କୁ ମିଳୁନି ସମାନ ମଜୁରି**

ରାଜ୍ୟର ଅର୍ଥନୈତିକ ପ୍ରଗତିରେ ମହିଳା ଶ୍ରମିକଙ୍କ ୭୦ ପ୍ରତିଶତ ଯୋଗଦାନ ରହିଛି, ହେଲେ ସେମାନଙ୍କୁ ମଜୁରୀ ପ୍ରଦାନରେ ପାତର ଅନ୍ତରର ଶିକାର ହେବାକୁ ପଡୁଛି। ସମାନ କାମକୁ ସମାନ ମଜୁରି ମିଳୁନାହିଁ। ଯେଉଁଠି ପୁରୁଷ ଶ୍ରମିକଙ୍କୁ ଦିନକୁ ୩୦୦ ଟଙ୍କା ମିଳୁଛି, ସେଠାରେ ମହିଳା ଶ୍ରମିକଙ୍କୁ ୧୫୦ରୁ ୨୦୦ ଟଙ୍କାରେ ସନ୍ତୁଷ୍ଟ ହେବାକୁ ପଡୁଛି। କାର୍ଯ୍ୟସ୍ଥଳରେ ନା ବିଶ୍ରାମାଗାର ରହୁଛି ନା ଶୌଚାଳୟ। ସେହିଭଳି ନିୟମାନୁଯାୟୀ ସେମାନଙ୍କ ପିଲାମାନଙ୍କୁ ରଖିବାକୁ କାର୍ଯ୍ୟସ୍ଥଳରେ କୌଣସି ପ୍ରକାର ସୁବିଧା ଉପଲବ୍ଧ ହେଉନି। ଏପଟେ ଏପ୍ରିଲ, ମେ ଭଳି ଖରାରେ ଶ୍ରମିକମାନଙ୍କୁ ଦିନବେଳା କାମ କରିବାକୁ ବାରଣ କରାଯାଉଥିବା ବେଳେ କୌଣସି ସଂସ୍ଥା ଏହାକୁ ଖାତିର୍ କରୁନାହାନ୍ତି।




# କୋମ୍ବିଂ ବେଳେ ଲ୍ୟାଣ୍ଡମାଇନ ଉଦ୍ଧାର

**ପାରଳାଖେମୁଣ୍ଡି, ୩୦।୪ (ସ୍ୱ.ପ୍ର.):** ଗଜପତି-କନ୍ଧମାଳ ସୀମାନ୍ତ ଅଡବା ଥାନା ଅଧୀନ ଢେପାଗୁଡା-କନ୍ଧବା-ବାଲିଗଣ୍ଡା ଅଞ୍ଚଳରେ କୋମ୍ବିଂ ଅପରେଶନ ବେଳେ ୨୨ ଡିଭିଏଫ୍ ଯବାନମାନେ ଲ୍ୟାଣ୍ଡମାଇନ ଉଦ୍ଧାର କରିଛନ୍ତି। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ସାରା ଶର୍ମା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗୁଇନ୍ଦା ସୂତ୍ରକୁ ଆଧାର କରି ୨୨ ଡିଭିଏଫ ଯବାନମାନେ ଢେପାଗୁଡା ଘଞ୍ଚ ଜଙ୍ଗଲରେ କୋମ୍ବିଂ ଅପରେଶନ ଚଳାଇଥିଲେ। ଏହି ସମୟରେ ସେଠାରୁ ମାଓବାଦୀମାନେ ରଖିଥିବା ୨ଟି ଲ୍ୟାଣ୍ଡମାଇନ ସହ ବିପୁଳ ପରିମାଣର ତାର ଓ ଅନ୍ୟ ସାମଗ୍ରୀ ଯବାନମାନେ ଜବତ କରିଛନ୍ତି। ଏହି ଲ୍ୟାଣ୍ଡମାଇନର ଓଜନ ଯଥାକ୍ରମେ ୧୫ ଓ ୩୫ କେ.ଜି. ବୋଲି ଜଣାପଡିଛି । ଏହି ସୂଚନା ପାଇ ଏସ୍‌ପି ସାରା ଶର୍ମା ଓ ବୋମା ନିଷ୍କ୍ରିୟ ଦଳ ସେଠାରେ ପହଞ୍ଚି ଏହାକୁ ନିଷ୍କ୍ରିୟ କରିଥିଲେ। ଏହି ସମୟରେ ମୋହନା ଥାନାଧିକାରୀ ଲଳିତ ମୋହନ ସାଗର, ଅଡବା ଥାନାଧିକାରୀ ସୁନ୍ଦର ସିଂ କହଁର ଉପସ୍ଥିତ ଥିଲେ।

## ପଞ୍ଚମ ପର୍ଯ୍ୟାୟ ନିର୍ବାଚନ: ମଇଦାନରେ ୧୮୪ କୋଟିପତି

# ପୁନମ୍ ସିହ୍ନା ସବୁଠୁ ଧନୀ

ନୂଆଦିଲ୍ଲୀ,୩୦।୪(ପି.ଟି.)

ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିବା ସବୁଠୁ ଧନୀ ହେଉଛନ୍ତି ଲକ୍ଷ୍ନୌ ଲୋକସଭା ଆସନର ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରାର୍ଥୀ ପୁନମ୍ ସିହ୍ନା। ପୁନମଙ୍କ ସମ୍ପତ୍ତି ୧୯୩ କୋଟି ଟଙ୍କା ବୋଲି ନିର୍ବାଚନ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ନ୍ୟାଶନାଲ ଇଲେକ୍ସନ୍ ୱାଚ୍ (ଏନ୍‌ଇଡବ୍ଲ୍ୟୁ) ଏବଂ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ପକ୍ଷରୁ ମଙ୍ଗଳବାର କୁହାଯାଇଛି।



ମେ ୬ରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୭ ରାଜ୍ୟର ଯେଉଁ ୫୧ ଆସନରେ ମତଦାନ ହେବ ସେଗୁଡ଼ିକ ହେଲା ବିହାର (୫), ଜମ୍ମୁ ଓ କଶ୍ମୀର (୨), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୭), ରାଜସ୍ଥାନ (୧୨), ୟୁପି (୧୪) ଓ ପଶ୍ଚିମବଙ୍ଗ (୭)। ଏହି ପର୍ଯ୍ୟାୟରେ ମୋଟ ୬୬୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ। ସେମାନଙ୍କ ମଧ୍ୟରୁ କଂଗ୍ରେସ ନେତା ଶତ୍ରୁଘ୍ନ ସିହ୍ନାଙ୍କ ସ୍ତ୍ରୀ ପୁନମ୍ ଲକ୍ଷ୍ନୌ ଆସନରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କ ବିରୋଧରେ ମହାମେଣ୍ଟ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୧୯୩ କୋଟିର ମାଲିକାଣୀ ପୁନମ ସବୁଠୁ ଧନୀ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ତଳକୁ ଅଛନ୍ତି ୟୁପି ସୀତାପୁରର ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ପ୍ରାର୍ଥୀ ବିଜୟ କୁମାର ମିଶ୍ର, ଯାହାଙ୍କ ସମ୍ପତ୍ତି ୧୭୭ କୋଟି ଟଙ୍କା। ତୃତୀୟରେ ଝାଡ଼ଖଣ୍ଡ ହଜାରିବାଗର ଭାଜପା ପ୍ରାର୍ଥୀ ଜୟନ୍ତ ସିହ୍ନା। କେନ୍ଦ୍ରମନ୍ତ୍ରୀ ସିହ୍ନାଙ୍କ ସମ୍ପତ୍ତିର ମୂଲ୍ୟ ୭୭ କୋଟି ଟଙ୍କା। ମଇଦାନରେ ଏପରି ୩ ଜଣ ପ୍ରାର୍ଥୀ ଅଛନ୍ତି, ଯାହାଙ୍କ ନିକଟରେ କିଛି ସମ୍ପତ୍ତି ନାହିଁ ବୋଲି ସେମାନେ ନାମାଙ୍କନପତ୍ର ଦାଖଲ ବେଳେ ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଏନ୍‌ଇଡବ୍ଲ୍ୟୁ ଏବଂ ଏଡିଆର୍ ଅନୁସାରେ ଏଭଳି ୧୮୪ ପ୍ରାର୍ଥୀ ରହିଛନ୍ତି, ଯାହାଙ୍କ ସମ୍ପତ୍ତି ୧ କୋଟି କିମ୍ବା ତଦୂର୍ଦ୍ଧ୍ୱ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାଜପାର। ଏହି ଦଳର ୪୮ ପ୍ରାର୍ଥୀଙ୍କ ମଧ୍ୟରୁ ୩୮ କୋଟିପତି। ସେହିପରି କଂଗ୍ରେସର ୪୫ରୁ ୩୨, ବିଏସ୍‌ପିର ୩୩ରୁ ୧୭, ଏସ୍‌ପିର ୯ରୁ ୮ ଏବଂ ସ୍ୱାଧୀନ ୨୫୨ରୁ ୩୧ ପ୍ରାର୍ଥୀ ନିଜକୁ କୋଟିପତି ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ଅର୍ଥାତ୍ ଏହି ପର୍ଯ୍ୟାୟର ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୨.୫୭ କୋଟି ଟଙ୍କା। ୨୬୪ ଜଣ ପ୍ରାର୍ଥୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ବୋଲି ସ୍ୱୀକାର କରିଛନ୍ତି। ୩୪୮ ପ୍ରାର୍ଥୀ ସ୍ନାତକ କିମ୍ବା ତଦୂର୍ଦ୍ଧ୍ୱ ପାଠ ପଢ଼ିଛନ୍ତି। ୪୩ ପ୍ରାର୍ଥୀ ନାମକୁ ମାତ୍ର ସାକ୍ଷର ହୋଇଥିବାବେଳେ ୬ ଜଣ ନିରକ୍ଷର ବୋଲି ସେମାନଙ୍କ ସତ୍ୟପାଠ ବିଶ୍ଳେଷଣ କରିବା ପରେ ଜଣାପଡ଼ିଛି।

“ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ। -ଶ୍ରୀମା

# ମଦ ପିଇ ମରିବା

ଚଳିତ ସାଧାରଣ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ଓଡ଼ିଶାରେ ୨୯ ଏପ୍ରିଲରେ ଶେଷ ହୋଇଛି। ଏହି ଚୂଡ଼ାନ୍ତ ପର୍ଯ୍ୟାୟରେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଦେଖାଦେଇଥିଲା। ଇଭିଏମ୍ ଭଙ୍ଗାରୁଜା ଓ ହତ୍ୟାକାଣ୍ଡ ଭିତରେ ଏହା ସୀମିତ ନ ରହି ବିଷାକ୍ତ ମଦ ପିଇ ଲୋକଙ୍କ ଜୀବନ ଯିବା ପର୍ଯ୍ୟନ୍ତ ଦୁଃଖଦ ଘଟଣା ଦେଖିବାକୁ ମିଳିଲା। ଭଦ୍ରକ ଜିଲା ତିହିଡ଼ିରେ ଭୋଟ ଗ୍ରହଣ ପରେ ରାତିରେ କେତେକେ ଭୋଜିଭାତ ସହ ମଦ ପିଇଥିଲେ। ବାନ୍ତି କରିବା ସହ କେତେକେ ଅସୁସ୍ଥ ହୋଇପଡ଼ିବା ପରେ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁତରମାନଙ୍କୁ କଟକ ବଡ଼ ମେଡିକାଲରେ ଚିକିତ୍ସା କରାଯାଇଥିଲେ ମଧ୍ୟ ଏହା ଲେଖା ହେଲା ବେଳକୁ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୦ ଅସୁସ୍ଥ ଅଛନ୍ତି। ଗୁରୁତରଙ୍କ ଅବସ୍ଥା ଦେଖିଲେ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇପାରେ। ବିଷାକ୍ତ ମଦ ପିଇଥିବା କେତେକଙ୍କ ଦୃଷ୍ଟିଶକ୍ତି ହରାଇବା ଆଶଙ୍କା ସୃଷ୍ଟି ହୋଇଛି। ଭଦ୍ରକ ଜିଲା ପ୍ରଶାସନ ସଫେଇ ଦେଇ କହିଛି ଯେ, ଭୋଟ ଗ୍ରହଣର ଦିନକ ପୂର୍ବରୁ ଜିଲାର ମଦ ଦୋକାନଗୁଡ଼ିକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ପ୍ରଶାସନର ନିର୍ଦ୍ଦେଶ କେବଳ ନିର୍ଦ୍ଦେଶ ଭିତରେ ରହିଯାଇଥିବା ଉପରଲିଖିତ ଘଟଣାରୁ ଜଣାପଡୁଛି। ଅବଶ୍ୟ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ରନ୍ଧାମଦ କିମ୍ବା ବିଦେଶୀ ମଦକୁ ପୂର୍ବରୁ କିଣାଯାଇ ଛପେଇ ରଖାଯାଇଥାଇପାରେ। ସରକାରୀ ଲାଇସେନ୍ସ ପାଇଥିବା ଦୋକାନୀ କୌଣସି ବେଆଇନ କାର୍ଯ୍ୟ କରିଥିବେ ବୋଲି ବିଶ୍ୱାସ ହେଉନାହିଁ।

ଓଡ଼ିଶାର ମଦମୃତ୍ୟୁ ଇତିହାସ ଦେଖିଲେ ୧୯୯୨ର କଟକ ମଦମୃତ୍ୟୁ ଘଟଣା ସାମ୍ନାକୁ ଆସୁଛି। ସେତେବେଳେ ବିଷାକ୍ତ ମଦ ପିଇ ୨୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ଏହା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ମଦ ପିଇ ବହୁ ଲୋକଙ୍କ ଜୀବନଯାଇଛି। ଅକାଳରେ ଲୋକଙ୍କ ଜୀବନହାନି ପରେ ସ୍ଥାନୀୟ ଅଞ୍ଚଳରେ ହୋହଲ୍ଲା ହେବା ସହ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦିଆଯିବା ନିୟମିତ ଘଟଣା। କିନ୍ତୁ ସାଧାରଣ କରଦାତା ପାଇଁ ଏହିଭଳି କ୍ଷତିପୂରଣ ଅତ୍ୟନ୍ତ ପୀଡ଼ାଦାୟକ ହୋଇଥାଏ। ଅନେକ ସମୟରେ ମତ ପ୍ରକାଶ ପାଏ ଯେ ମଦୁଆଙ୍କ ମୃତ୍ୟୁ ଘଟିଲେ ସରକାରୀ ଅର୍ଥରୁ କ୍ଷତିପୂରଣ ଦେବା ଅନୁଚିତ। ଯିଏ ଜାଣିଶୁଣି ଏଭଳି କାର୍ଯ୍ୟରେ ଲିପ୍ତ ରହୁଛି, ସେଭଳି ମଣିଷ ପ୍ରତି କରଦାତାଙ୍କ ଅର୍ଥରୁ ଅନୁକମ୍ପା ପ୍ରଦର୍ଶନ ଉଚିତ ଦୃଷ୍ଟାନ୍ତ ସୃଷ୍ଟି କରେ ନାହିଁ। ଦେଖିବାକୁ ଗଲେ ମଦମୃତ୍ୟୁ ଘଟଣାରେ ମଦ ବ୍ୟବସାୟୀଙ୍କୁ ଗିରଫ କରାଯିବା ସହ କେତେକ ଦୋକାନ ଉପରେ ଲୋକଦେଖାଣିଆ ଚଢ଼ାଉ ହୋଇଥାଏ। ପ୍ରଶାସନିକ ସ୍ତରରେ ଏଭଳି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯିବା ପରେ କମିଶନ ବସିବା ଅନେକ ଥର ଦେଖିବାକୁ ମିଳିଛି। ହେଲେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଆସିପାରୁ ନାହିଁ। ସାଧାରଣତଃ ଗରିବ ଲୋକମାନେ ସ୍ଥାନୀୟ ଅଞ୍ଚଳରେ ଥିବା ଦେଶୀ ମଦଭାଟିରୁ କମ୍ ପଇସାରେ ମଦ କିଣି ପିଇଥାଆନ୍ତି। ଅନେକ ସମୟରେ ସେହି ମଦ ପ୍ରସ୍ତୁତି ଠିକ୍ ଭାବେ ହେଉ ନ ଥିବାରୁ ଭାଗମାପ ଭୁଲ ହୋଇ ବିଷାକ୍ତ ପାଲଟିଯାଏ। ଏହା ବ୍ୟତୀତ ରନ୍ଧାମଦକୁ ଶକ୍ତିଶାଳୀ କରିବାକୁ ଯାଇ ଅଧିକ ସ୍ପିରିଟ୍ ବା ରାସାୟନିକ ପଦାର୍ଥ ମିଶାଇ କଡ଼ା କରିଦିଆଯାଏ। ଏହାକୁ ପାନ କରି ଯେଉଁ ଉଚ୍ଚକୋଟୀର ନିଶା ଧରେ ତାହା ଜୀବନର ଶେଷନିଃଶ୍ୱାସ ପାଲଟିଯାଏ। ଭଦ୍ରକ ଜିଲା ତିହିଡ଼ିରେ ନିର୍ବାଚନ ସମୟରେ ଲୋକଙ୍କୁ ଦିଆଯାଇଥିବା ମଦ ବିଦେଶୀ କୁହାଯାଉଥିଲେ ମଧ୍ୟ ତାହା ନକଲି ଥିବା ଅନୁମାନ କରାଯାଉଛି। ଏହାକୁ ଯେଉଁ ରାଜନୈତିକ ଦଳ ଲୋକଙ୍କୁ ଯୋଗାଇଛି, ସେ ବିଷୟରେ ବିଭିନ୍ନ ଅଭିଯୋଗ ହୋଇଥିଲେ ମଧ୍ୟ ଠୋସ୍ ପ୍ରମାଣ ମିଳିପାରି ନାହିଁ।

ଫେବୃୟାରୀ ୨୦୧୯ରେ ଆସାମରେ ବିଷାକ୍ତ ମଦ ପିଇ ୧୫୫ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଉତ୍ତରାଖଣ୍ଡରେ ସେହି ମାସରେ ସମାନ ଧରଣ ଘଟଣାରେ ୭୦ ଜଣଙ୍କ ପ୍ରାଣ ଯାଇଥିଲା। ମଦ ପିଉଥିବା ଲୋକଙ୍କ ସଂଖ୍ୟା କମାଇବା ଲାଗି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସରକାର ପଦକ୍ଷେପ ନେଉଛନ୍ତି। ଗୁଜରାଟ, ବିହାର, ମିଜୋରାମ, ଲାକ୍ଷାଦୀପ, ନାଗାଲାଣ୍ଡ ଭଳି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିଜ ଇଲାକାକୁ ମଦମୁକ୍ତ କରିଦେଇଛନ୍ତି। ଏହା ସତ୍ତ୍ୱେ ସେହିସବୁ ରାଜ୍ୟକୁ ଚୋରାରେ ବିପୁଳ ପରିମାଣର ମଦ ଯାଉଥିବା ସମସ୍ତେ ଜାଣନ୍ତି। ବିଶେଷକରି ଗୁଜରାଟରେ ମଦ ବିକ୍ରି ଓ ବ୍ୟବହାରକୁ ନିଷେଧ କରାଯାଇଥିଲେ ମଧ୍ୟ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ମଦ କିଣିବା ଅତି ସହଜ।

ରାଜସ୍ୱ ସଂଗ୍ରହ ଉଦ୍ଦେଶ୍ୟ ରଖାଯାଇ ଓଡ଼ିଶା ଭଳି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ରାଜ୍ୟରେ ମଦ ବିକ୍ରି କରାଯାଉଛି। ହେଲେ ଅଣଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ଅବକାରୀ ଆଇନ ଉଲ୍ଲଂଘନ କରି ବେପାର କରୁଛନ୍ତି। ଦେଶୀ ମଦର ବହୁଳ ପ୍ରସାର ମଧ୍ୟ ହେଉଛି। ଅବକାରୀ ଦ୍ରବ୍ୟରୁ କଞ୍ଚା ଅର୍ଥ ମିଳୁଥିବାରୁ ଏହି ବ୍ୟବସାୟ ସହ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ସରକାରୀ ଅଧିକାରୀଙ୍କ ପର୍ଯ୍ୟନ୍ତ ପକେଟ ଗରମ କରିବାରେ ବ୍ୟସ୍ତ। ବିଧିବଦ୍ଧ ଯାଞ୍ଚ କରାଯାଉ ନ ଥିବାରୁ ସମୟ ବ୍ୟବଧାନରେ ମଦମୃତ୍ୟୁ ଘଟଣା ଘଟିଚାଲିଛି। ନିର୍ବାଚନ ଋତୁ ଆସିଲେ କର୍ମୀଙ୍କୁ ମଦ ଓ ମାଂସରେ ନେତାମାନେ ଆପ୍ୟାୟିତ କରିବା ବିଷୟ ଜଣାଶୁଣା କଥା। ଭଦ୍ରକରେ ଘଟିଥିବା ଘଟଣାରୁ ଏସବୁ ସହଜରେ ଅନୁମେୟ। ଏଥିରୁ ବୁଝିବାକୁ ହେବ, କ୍ଷଣକ ପାଇଁ ନିର୍ବାଚନ ଓ ପର୍ବପର୍ବାଣି ବେଳେ ଯେଉଁଭଳି ଲାଇସେନ୍ସପ୍ରାପ୍ତ ମଦ ଦୋକାନ ବନ୍ଦ କରାଯାଏ ତାହା ଉପରଠାଉରିଆ ମାତ୍ର। ସବୁ ମେଢ଼ ବିସର୍ଜନ ବେଳେ ଯୁବକମାନେ ଯେଭଳି ମଦ୍ୟପାନ କରି ରାସ୍ତାରେ ଉଦଣ୍ଡ ନୃତ୍ୟ କରନ୍ତି ତାହାକୁ ସବୁ ପୋଲିସ, ଅବକାରୀ ଓ ସରକାରୀ ବିଭାଗର ଅଧିକାରୀ ଦେଖିଥାଆନ୍ତି। ତେବେ ଜନସାଧାରଣଙ୍କୁ ରୋକିବାର କ୍ଷମତା କିମ୍ବା ଶକ୍ତି ସେମାନଙ୍କ ପାଖରେ ସ୍ୱାଭାବିକ ଭାବେ ନ ଥାଏ। ଏହିଭଳି ସାମାଜିକ କୁପ୍ରଭାବକୁ ଦୂର କରିବାକୁ ହେଲେ ଜନସାଧାରଣ ନିଜେ ସଚେତନ ହେବା ଦରକାର ଏବଂ ମୁରବିମାନେ ଯୁବକମାନଙ୍କୁ ବାରଣ ମଧ୍ୟ କରିବା ଆବଶ୍ୟକ। ଯେଉଁମାନେ ନ ମାନିବେ, ସେମାନଙ୍କୁ କ୍ଷତିପୂରଣ ଦେବା ପରିବର୍ତ୍ତେ ଚାଲ ମଦ ପିଇବା କହି ମୃତ୍ୟୁମୁଖକୁ ଠେଲିଦେବା ଦରକାର।

# ଶ୍ରମିକଙ୍କ ଅଧିକାର ପାଇଁ ଲଢ଼େଇ



ଭାଲଚନ୍ଦ୍ର ଷଡ଼ଙ୍ଗୀ

‘ଆଠ ଘଣ୍ଟା କାମ, ଆଠ ଘଣ୍ଟା ବିଶ୍ରାମ ଓ ଆଠ ଘଣ୍ଟା ମନୋରଞ୍ଜନ’ ଦାବିରେ ଆଜିକୁ ୧୩୩ ବର୍ଷ ତଳେ ଆମେରିକାର ଶିକାଗୋ ସହରର ‘ହେ ମାର୍କେଟ’ ଛକରେ ହୋଇଥିବା ଆନ୍ଦୋଳନ ବିଶ୍ୱର ଶ୍ରମିକ ଶ୍ରେଣୀ ଇତିହାସରେ ଏକ ମାଇଲଖୁଣ୍ଟ ଥିଲା। ସେଦିନ ନିଜର ନ୍ୟାୟସଙ୍ଗତ ଦାବି ନେଇ ଜମା ହୋଇଥିବା ହଜାର ହଜାର ଶ୍ରମିକଙ୍କ ଶାନ୍ତିପୂର୍ଣ୍ଣ ସମାବେଶ ଉପରେ ପୋଲିସ ଅତର୍କିତ ଗୁଳି ଚାଳନା କରିବା ଫଳରେ ବହୁ ଶ୍ରମିକ ମୃତାହତ ହୋଇଥିଲେ। ଗୁଳିକାଣ୍ଡ ଓ ତତ୍‌ପରବର୍ତ୍ତୀ ହିଂସାକାଣ୍ଡ ଘଟଣାରେ ଅନେକ ଶ୍ରମିକ ନେତାଙ୍କୁ ଗିରଫ କରାଯିବା ସହ ଚାରିଜଣ ଶ୍ରମିକ ନେତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ଫାଶୀଦଣ୍ଡ ଦିଆଯାଇଥିଲା। କିନ୍ତୁ ଶିକାଗୋର ଶ୍ରମିକମାନଙ୍କ ସେଦିନର ବଳିଦାନଟି ବ୍ୟର୍ଥ ଯାଇ ନ ଥିଲା। ପୁଞ୍ଜିବାଦୀ ଶୋଷଣ ବିରୋଧରେ ପ୍ରଥମ ଥର ପାଇଁ ଶ୍ରମିକ ଶ୍ରେଣୀର ଏତେ ବଡ଼ ସଂଗଠିତ ତଥା ଲଢୁଆ ପ୍ରତିରୋଧ ପୁଞ୍ଜିପତିଙ୍କ ଭିତରେ ଏକରକମ ଆତଙ୍କ ଖେଳାଇଦେବା ସହ ଶ୍ରମିକ ଶ୍ରେଣୀକୁ ନିଜର ଅର୍ଥନୈତିକ ଓ ରାଜନୈତିକ ଅଧିକାର ପାଇଁ ଆଗକୁ ଲଢ଼େଇ କରିବା ପାଇଁ ପ୍ରେରଣା ଦେଇଥିଲା। ଶ୍ରମିକମାନଙ୍କ ଦାବିକୁ ଶେଷରେ ପୁଞ୍ଜିପତି ଶ୍ରେଣୀ ମାନିବାକୁ ବାଧ ହୋଇଥିଲେ। ଆମେରିକା ଓ ୟୁରୋପର ଅନେକ ଦେଶର ସରକାର ଆଠଘଣ୍ଟାର କାର୍ଯ୍ୟଦିବସକୁ ଆଇନସମ୍ମତ କରିବାକୁ ବାଧ ହୋଇଥିଲେ। ପରେ ପରେ ତାହା ଭାରତ ସମେତ ବିଶ୍ୱର ସବୁ ଦେଶରେ ଶ୍ରମିକମାନଙ୍କର ଏକ ଆଇନସିଦ୍ଧ ଅଧିକାରରେ ପରିଣତ ହୋଇଥିଲା।

୧୯୯୧ରେ ଆମ ଦେଶରେ ନବ-ଉଦାର ଅର୍ଥନୀତି ଲାଗୁ ହେବା ପରେ ଶ୍ରମିକମାନଙ୍କ ଅବସ୍ଥା ପୂର୍ବାପେକ୍ଷା ଅଧିକ ଖରାପ ହୋଇଛି। ଅଧିକ ଲାଭ ପାଇଁ ମାଲିକଶ୍ରେଣୀ କଳକାରଖାନାର ଅଧିକରୁ ଅଧିକ ଯାନ୍ତ୍ରିକୀକରଣ କରିବା ଫଳରେ ନିଯୁକ୍ତି ହାର କମିବା ସହିତ ଯାହା ବି ନିଯୁକ୍ତି ମିଳୁଛି ତାହା ପ୍ରାୟତଃ ଠିକାଭିତ୍ତିକ ହିଁ ହେଉଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ୍ ଆକାଶଛୁଆଁ ହେଉଛି, ଅଥଚ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ପ୍ରତିବର୍ଷ ବଜାର ଦର ଅନୁସାରେ ବଢୁନି। ଆଜି ବି ଦେଶର ପ୍ରାୟ ୯୨% ଶ୍ରମିକ ଅର୍ଥନୀତିର ଅସଙ୍ଗଠିତ କ୍ଷେତ୍ରରେ ନିୟୋଜିତ ରହି ସମସ୍ତ ପ୍ରକାର ଶ୍ରମ ଅଧିକାର ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। କୃଷି ପରେ ନିର୍ମାଣ କ୍ଷେତ୍ରରେ ଦେଶର ସର୍ବାଧିକ ଶ୍ରମିକ କାର୍ଯ୍ୟରତ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରବାସୀ ଶ୍ରମିକ ଭାବେ ମହାନଗର ଓ ସହରର ବସ୍ତିମାନଙ୍କରେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଜୀବନଯାପନ କରୁଛନ୍ତି। ମନରେଗା, କେନ୍ଦୁପତ୍ର, ବାଉଁଶ, ବିଡ଼ି, ଇଟାଭାଟି ଭଳି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅଧିକାଂଶ ଶ୍ରମିକ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ପାଇବାରୁ ବଞ୍ଚିତ। କାର୍ଯ୍ୟକ୍ଷେତ୍ରରେ ବିଶେଷ କରି ନିର୍ମାଣ ଭଳି ଅସଂଗଠିତ କ୍ଷେତ୍ରରେ ମହିଳା ଶ୍ରମିକଙ୍କୁ ପୁରୁଷଠାରୁ କମ୍ ମଜୁରି ଦେଇ ଶୋଷଣ କରାଯାଉଛି। ଦେଶରେ ଆଠଘଣ୍ଟାର ଶ୍ରମ ଦିବସ ପାଇଁ ଅନେକ ଦିନରୁ ଆଇନ ଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଦୈନିକ ବାର ଘଣ୍ଟା ବା ତା’ଠାରୁ ଅଧିକ ସମୟ ଖଟିବାକୁ ପଡୁଛି। ଏଭଳି ପରିସ୍ଥିତିରେ ଶ୍ରମିକ ଦିନସାରା ପରିଶ୍ରମ କରି ଯାହା ବି ରୋଜଗାର କରୁଛି ତାହା ତା’ର ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହେଉନି।

ଦେଶରେ ନବ-ଉଦାର ଅର୍ଥନୀତିର ଆରମ୍ଭ ପରଠାରୁ ରୋଜଗାରର ଠିକାକରଣ ଆମ ଶ୍ରମିକଶ୍ରେଣୀର ବଡ଼ ଶତ୍ରୁ ଭାବେ ମୁଣ୍ଡ ଟେକିଛି, ଏହାର ଫଳସ୍ୱରୂପ ଘରୋଇ କ୍ଷେତ୍ର ଏପରି କି ସରକାରୀ କ୍ଷେତ୍ରରୁ ବି ସ୍ଥାୟୀ ଏବଂ ନିୟମିତ ନିଯୁକ୍ତି ଧୀରେ ଧୀରେ ହ୍ରାସ ପାଉଥିବା ବେଳେ ଅସ୍ଥାୟୀ, ଠିକା ଏବଂ ଆଉଟସୋର୍ସିଂରେ ନିଯୁକ୍ତି ହାର ବଢ଼ିବାରେ ଲାଗିଛି। ଦେଶର ମୋଟ ଶ୍ରମଶକ୍ତିର ଠିକା ଶ୍ରମିକଙ୍କ ଅଂଶ ୧୯୯୯-୨୦୦୦ରେ ୨୦% ଥିବାବେଳେ ତାହା ବୃଦ୍ଧିପାଇ ୨୦୦୮-୦୯ରେ ୩୨%ରେ ପହଞ୍ଚି ଥିବାବେଳେ ଅନେକ ଉଦ୍ୟୋଗରେ ଠିକା ଶ୍ରମିକଙ୍କ ସଂଖ୍ୟା ନିୟମିତ ଶ୍ରମିକଙ୍କ ସଂଖ୍ୟାକୁ ବି ଟପି ସାରିଲାଣି। ଜାତୀୟ ନମୁନା ସର୍ଭେର ସଦ୍ୟତମ ତଥ୍ୟ ଅନୁଯାୟୀ ଦେଶର ମୋଟ ଶ୍ରମସମ୍ପଦର ୫୧% ସ୍ୱରୋଜଗାର ହୋଇଥିବା ବେଳେ ୩୩.୫% ଅସ୍ଥାୟୀ ବା ଠିକା ଶ୍ରମିକ ଏବଂ ମାତ୍ର ୧୫.୬% ହିଁ ସ୍ଥାୟୀ ରୋଜଗାର ପାଇଛନ୍ତି। ଆଶା, ଅଙ୍ଗନୱାଡ଼ି, ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା ପରି ସରକାରଙ୍କ ବିଭିନ୍ନ ସ୍କିମ୍‌ରେ ନିଯୁକ୍ତ କର୍ମଚାରୀମାନଙ୍କୁ ସରକାର ନିୟମିତ କାମରେ ନିୟୋଜିତ କରିଥିଲେ ବି ସେମାନଙ୍କୁ କର୍ମଚାରୀର ମାନ୍ୟତା ମିଳୁନି କି ସେମାନେ କୌଣସି ଶ୍ରମ ଅଧିକାର ପାଉନାହାନ୍ତି।

ଦେଶର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କର ମଜୁରି ଉତ୍ପାଦନର ମୂଲ୍ୟ ତୁଳନାରେ ହ୍ରାସ ପାଇବାରେ ଲାଗିଛି। ୧୯୮୦ ମସିହାରେ ପ୍ରସ୍ତୁତ ମାଲରେ ଶ୍ରମିକର ମଜୁରିର ଅଂଶଟି ୩୦% ଥିବାବେଳେ ୧୯୯୦ରେ ତାହା ୨୦% ଏବଂ ୨୦୦୮-୦୯ରେ ତାହା ଆହୁରି ହ୍ରାସ ପାଇ ୧୦%ରେ ଯାଇ ପହଞ୍ଚିଛି। ଅଥଚ ସେହି ସମୟ ମଧ୍ୟରେ ମାଲିକର ମୁନାଫା ଆଶାତୀତ ବୃଦ୍ଧି ପାଇଛି। ସରକାରୀ ଓ ବେସରକାରୀ ଉଭୟ କ୍ଷେତ୍ରରେ ବର୍ଷ ବର୍ଷ ଧରି ନିୟମିତ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ-କର୍ମଚାରୀଙ୍କୁ ସିଧାସଳଖ ଓ ସ୍ଥାୟୀ ନିଯୁକ୍ତି ଦେବା ପରିବର୍ତ୍ତେ ଅଧିକ ମୁନାଫା ପାଇଁ କମ୍ ପାରିଶ୍ରମିକରେ ଠିକା ଓ ଆଉଟ୍‌ସୋର୍ସିଂରେ ନିଯୁକ୍ତି ଦିଆଯାଉଛି। ବିଭିନ୍ନ କଳକାରଖାନା ଓ ସେବାରେ ଠିକା ଓ ଆଉଟସୋର୍ସିଂରେ ନିଯୁକ୍ତ ଥିବା ଏହି କୋଟି କୋଟି ଶ୍ରମିକ ତଥା କର୍ମଚାରୀ ସ୍ୱଳ୍ପ ବେତନ ସହ ସମସ୍ତ ପ୍ରକାର ଶ୍ରମ ଅଧିକାର ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ ହୋଇ ଦୟନୀୟ ଜୀବନଯାପନ କରିବାକୁ ବାଧ ହେଉଛନ୍ତି।

ଆଜି ବିଶ୍ୱ ଶ୍ରମିକ ଦିବସ ଏପରି ଏକ ସମୟରେ ହେଉଛି, ଯେତେବେଳେ ବିଶ୍ୱବ୍ୟାପୀ ମୂଲ୍ୟବୃଦ୍ଧି, ବେରୋଜଗାରି, ମଜୁରି ହ୍ରାସ ଏବଂ ଶ୍ରମ ଅଧିକାର ଉପରେ ଆକ୍ରମଣ ପ୍ରକ୍ରିୟାଟି ବଢ଼ିବାରେ ଲାଗିଛି। ନବ-ଉଦାର ଆର୍ଥିକ ନୀତି ଫଳରେ ସମାଜର ସବୁ ମେହନତି ମଣିଷଙ୍କ ଶୋଷଣ ତୀବ୍ର ହେବାରେ ଲାଗିଛି। ସମାଜରେ ଅର୍ଥନୈତିକ ବୈଷମ୍ୟ ବୃଦ୍ଧି ପାଇ ଅଳ୍ପ କିଛି ଧନକୁବେରଙ୍କ ହାତରେ ସମାଜର ଅଧିକାଂଶ ସମ୍ପତ୍ତି ଠୁଳ ହେବାରେ ଲାଗିଛି। ଜାତୀୟ ନମୁନା ସର୍ଭେର ସଦ୍ୟତମ ତଥ୍ୟ ଅନୁଯାୟୀ ଆମ ଦେଶରେ ବର୍ତ୍ତମାନ ବେରୋଜଗାରିର ହାର ଗତ ୪୫ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। କର୍ପୋରେଟ୍‌ମାନଙ୍କୁ ଲକ୍ଷ ଲକ୍ଷ କୋଟିର ରିହାତି ଦିଆଯାଉଥିବା ବେଳେ ସାମାଜିକ କ୍ଷେତ୍ରରେ ସରକାରୀ ବିନିଯୋଗ କମିବାରେ ଲାଗିଛି। ଶ୍ରମିକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ରହିଥିବା କାରଖାନା ଆଇନ, ଶିଳ୍ପ ବିବାଦ ଆଇନ, ଠିକା ଶ୍ରମିକ ଆଇନ ଏବଂ ଶିକ୍ଷାନବୀଶ ଆଇନ ଆଦିକୁ ସଂଶୋଧନ କରିବା ଦିଗରେ ସରକାର ଚେଷ୍ଟା ଚଳାଇଛନ୍ତି। ଶ୍ରମ ଆଇନରେ ପ୍ରସ୍ତାବିତ ଏହି ସଂଶୋଧନଗୁଡ଼ିକ ଶ୍ରମିକ ଶ୍ରେଣୀର ସ୍ୱାର୍ଥବିରୋଧୀ। ଏହାଦ୍ୱାରା ମାଲିକମାନେ ଶ୍ରମିକଙ୍କୁ ମନଇଚ୍ଛା କାମରେ ରଖିବା ଓ କାମରୁ ବାହାର କରିବା ସହଜ ହୋଇଯିବ।

ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ ଶ୍ରମିକ ଶ୍ରେଣୀ ନିଜର ଅଧିକାର ପାଇଁ ଲଢ଼େଇରେ ସର୍ବଦା ଆଗରେ ରହି ଆସିଛନ୍ତି। ମେ ଦିବସ କେବଳ ଆଠଘଣ୍ଟିଆ ଶ୍ରମ ଦିବସର କଥା କହୁନାହିଁ ବରଂ ପୁଞ୍ଜି ଦ୍ୱାରା ଶ୍ରମର ଶୋଷଣ ବିରୋଧରେ ଅବିରାମ ସଂଘର୍ଷର ଶିକ୍ଷା ଦେଇଆସିଛି। ଅତଏବ ଏହି ମହାନ୍ ଦିବସ ଅବସରରେ ସମାଜର ପ୍ରତ୍ୟେକ ଶ୍ରମଜୀବୀ ମଣିଷ ନିଜର ଅର୍ଥନୈତିକ ତଥା ରାଜନୈତିକ ଦାବି ହାସଲ ପାଇଁ ଲଢ଼େଇ କରିବାକୁ ଶପଥ ନେବା ଆବଶ୍ୟକ। ସମାଜରୁ ମଣିଷ ଦ୍ୱାରା ମଣିଷର ଶୋଷଣକୁ ହଟାଇ ତା’ ସ୍ଥାନରେ ଏକ ନ୍ୟାୟପୂର୍ଣ୍ଣ ବିକଳ୍ପ ସମାଜବାଦୀ ବ୍ୟବସ୍ଥାର ନିର୍ମାଣ ପାଇଁ ଲଢ଼େଇରେ ସାମିଲ ହେବା ହିଁ ଅନ୍ତର୍ଜାତୀୟ ଶ୍ରମିକ ଦିବସର ଯଥାର୍ଥ ଆହ୍ୱାନ।

bhalachandra.odisha@gmail.com

# ନିଦାଘ ଓ ଜଳକଷ୍ଟ



ଅଲେଖ ଚନ୍ଦ୍ର ସାମଲ

ଉପକୂଳ ଓଡ଼ିଶାରୁ ଆରମ୍ଭ କରି ରାଜ୍ୟର ପଶ୍ଚିମାଞ୍ଚଳ, ଦକ୍ଷିଣର ପାହାଡ଼ିଆ ଇଲାକା ପର୍ଯ୍ୟନ୍ତ ସବୁଠି ପିଇବା ପାଣି ପାଇଁ ଲୋକେ ଡହଳବିକଳ ହେବାର ଦେଖାଯାଉଛି। ଖରାର ତାତି ଯେତିକି ବଢୁଛି, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳକଷ୍ଟ ସେତିକି ଉତ୍କଟ ହେବାରେ ଲାଗିଛି। ରାଜ୍ୟର କେତେକ ସ୍ଥାନରେ ପାଣି ମୁନ୍ଦିଏ ପାଇଁ ମହିଳାଙ୍କୁ ତିନିରୁ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଦୂର ସ୍ଥାନକୁ ଯିବାକୁ ପଡୁଛି। କେଉଁଠି ପାନୀୟ ଜଳର ଆଦୌ ବ୍ୟବସ୍ଥା ନାହିଁ ତ ଆଉ କେଉଁଠି ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ସରକାରୀ ରେକର୍ଡ ଅନୁଯାୟୀ ଗ୍ରାମାଞ୍ଚଳର ନଳକୂପ, ଷ୍ଟାଣ୍ଡପୋଷ୍ଟ ସମେତ ପ୍ରାୟ ୩ଲକ୍ଷ ୧୨ ହଜାର ୨୮୧ଟି ୱାଟର ସ୍ପଟ୍ ରହିଛି। ସେଥିରୁ ଏବେ ବହୁ ସଂଖ୍ୟକ ଅଚଳ, ବ୍ୟବହାର ଅନୁପଯୋଗୀ। କେଉଁଠି ନଳକୂପ ଭାଙ୍ଗି ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ଭୂତଳ ଜଳସ୍ତର କମି ଯାଇଥିବାରୁ ନଳକୂପରୁ ପାଣି ବାହାରୁ ନାହିଁ। ଆଉ କେଉଁଠି ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ପାଇପ୍ ଖୋଲିଲେ ପାଣି ବଦଳରେ ସୁଁ ସୁଁ ହୋଇ ପବନ ବାହାରୁଛି। ବହୁ ସଂଖ୍ୟକ ଗାଁରେ ପାନୀୟ ଜଳର ମୁଖ୍ୟ ଉତ୍ସ କୂଅଗୁଡ଼ିକ ଶୁଖିଯିବା ଫଳରେ ସମସ୍ୟା ଦେଖାଦେଉଛି। ପାନୀୟ ଜଳର ଏ ଉତ୍କଟ ସମସ୍ୟା ଭିତରେ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଲୁଚି ଯାଉଛି। କିନ୍ତୁ ପାନୀୟ ଜଳ ସମସ୍ୟାଠାରୁ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଅଧିକ ଗୁରୁତର, ଯାହାଫଳରେ ବିପଜ୍ଜନକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ରହିଛି।

ତେବେ ଚଳିତ ବର୍ଷ ଦେଖାଦେଇଥିବା ଏ ପାନୀୟ ଜଳାଭାବ ଏକ ବ୍ୟତିକ୍ରମ ନୁହେଁ। ପ୍ରାୟ ପ୍ରତିବର୍ଷ ରାଜ୍ୟରେ ନିଦାଘ ଗ୍ରୀଷ୍ମ ତା’ ସହ ପାନୀୟ ଜଳ ସମସ୍ୟାକୁ ସାଥିରେ ନେଇ ଆସେ। ପ୍ରତିବର୍ଷ ଏହାର ନିରାକରଣ ପାଇଁ ପଦକ୍ଷେପ ଘୋଷଣା କରାଯାଏ, ଅଥଚ ପରବର୍ତ୍ତୀ ବର୍ଷ ପୁଣି ସମସ୍ୟାର ପୁନରାବୃତ୍ତି ହୁଏ। ବିଡ଼ମ୍ବନାର ବିଷୟ ହେଲା, ପାନୀୟ ଜଳ ଯୋଗାଣ ପାଇଁ ଅନେକ ଯୋଜନା ଚାଲିଥିବା ଦାବି କରାଯାଉଛି, କିନ୍ତୁ ଅବସ୍ଥାରେ ଉନ୍ନତି ହେବା ପରିବର୍ତ୍ତେ ସ୍ଥିତି ଅଧିକ ବିଗିଡ଼ି ଚାଲିଛି। ଏ ସନ୍ଦର୍ଭରେ ଜନଗଣନା ରିପୋର୍ଟର ତଥ୍ୟକୁ ଉଦ୍ଧାର କରାଯାଇପାରେ। ପାନୀୟ ଜଳ ସ୍ଥିତି ନେଇ ୨୦୦୧ ଏବଂ ୨୦୧୧ ଜନଗଣନା ରିପୋର୍ଟର ତୁଳନାତ୍ମକ ବିଶ୍ଳେଷଣ କଲେ ସ୍ଥିତିରେ ଅବନତି ସ୍ପଷ୍ଟ ଜଣାପଡ଼େ। ଦଶବର୍ଷ ତଳେ ରାଜ୍ୟର ୩୦.୮ ପ୍ରତିଶତ ପରିବାରକୁ ନିଜ ଘରଠାରୁ ୫୦୦ ମିଟରରୁ ଅଧିକ ଦୂରକୁ ଯାଇ ପାଣି ଆଣିବାକୁ ପଡୁଥିଲା। ୨୦୧୧ ବେଳକୁ ନିଜ ଘରୁ ୫୦୦ ମିଟରରୁ ଅଧିକ ଦୂର ଯାଇ ପାଣି ଆଣୁଥିବା ପରିବାରଙ୍କ ଭାଗ ୩୫.୪ ପ୍ରତିଶତକୁ ବୃଦ୍ଧି ପାଇଛି। ସଂଖ୍ୟା ଦୃଷ୍ଟିରୁ ଦେଖିଲେ ୨୦୦୧ରେ ରାଜ୍ୟର ୩୦ ଲକ୍ଷ ୪୪ ହଜାର ୮୮୪ ପରିବାର ୫୦୦ ମିଟର କିମ୍ବା ତା’ଠାରୁ ଅଧିକ ଦୂରରୁ ପାନୀୟ ଜଳ ସଂଗ୍ରହ କରୁଥିବା ପରିବାରଙ୍କ ସଂଖ୍ୟା ୪୪ ଲକ୍ଷ ୧୬ ହଜାର ୬୮୬କୁ ବୃଦ୍ଧି ପାଇଛି। ଜନଗଣନା ରିପୋର୍ଟର ଏହି ତଥ୍ୟ ସ୍ୱତଃ ପାନୀୟ ଜଳ ସମସ୍ୟା ସୁଧୁରିବା ପରିବର୍ତ୍ତେ ଅଧିକ ଗୁରୁତର ହୋଇଥିବାର ଦୁଃଖଦ ସୂଚନା ଦେଉଛି। ବର୍ତ୍ତମାନ ବି ରାଜ୍ୟର ମାତ୍ର ୨୨.୪ ପ୍ରତିଶତ ପରିବାର ପାଇଁ ନିଜ ଘର ପରିସରରେ ପାନୀୟ ଜଳର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୭ ପ୍ରତିଶତ ପରିବାରକୁ ପାଣି ପାଇଁ ଘରୁ ବାହାରକୁ ଯିବାକୁ ପଡ଼େ। ଖୋଦ ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୪୬ ହଜାର ୭୩୨ଟି ଗ୍ରାମ ଅନ୍ତର୍ଗତ ମୋଟ ୧ଲକ୍ଷ ୪୧ ହଜାର ୯୨୮ଟି ଜନବସତି ମଧ୍ୟରୁ ୮୧,୮୧୨ଟି ଜନବସତି ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଏହାର ଅର୍ଥ ହେଲା ବର୍ତ୍ତମାନ ବି ପ୍ରାୟ ୪୦ ପ୍ରତିଶତ ଜନବସତି ଜଳକ୍ଲିଷ୍ଟ। ଏହାହିଁ ରାଜ୍ୟର ପାନୀୟ ଜଳ ସମସ୍ୟାର ଉତ୍କଟ ରୂପର ଦୁଃଖଦ ଚିତ୍ର ପ୍ରଦାନ କରୁଛି। ଯଦି ସାଧାରଣ ଭାବେ ପାନୀୟ ଜଳ ଯୋଗାଣର ସ୍ଥିତି ଏହା, ଗ୍ରୀଷ୍ମରେ ସମସ୍ୟା ଅଧିକ ଗୁରୁତର ହେବା ସ୍ୱାଭାବିକ। ଏହା କେବଳ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଫଳତାର ସୂଚନା ଦେଉନାହିଁ, ସାମଗ୍ରିକ ଭାବେ ବିକାଶ ଓ ପ୍ରଗତି ନେଇ ଦାବି କେତେ ଫମ୍ପା ଓ ଅନ୍ତଃସାରଶୂନ୍ୟ ତାହାର ମଧ୍ୟ ଦୁର୍ଭାଗ୍ୟଜନକ ଇଙ୍ଗିତ ଦେଉଛି।

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ଏହି ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଷ୍ଠା ଓ ଆନ୍ତରିକତାର ସହ ତ୍ୱରାନ୍ୱିତ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରୀ। ପାନୀୟ ଜଳ ବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଭିଜନ୍ ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଅଞ୍ଚଳକୁ ଫ୍ଲୋରୋସିସ୍‌ମୁକ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି। ପ୍ରତି ବ୍ଲକ୍‌ରେ ୧୬ଶହଟି ନଳକୂପ ଏବଂ ୫୮ଟି ପାଇପ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ତେବେ ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଉଦାସୀନତା ଫଳରେ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ଦେଖାଦେଇଛି। ଏହାଛଡ଼ା ତ୍ରୟୋଦଶ ଅର୍ଥ କମିଶନ ପାନୀୟ ଜଳ, ପରିମଳ ପାଇଁ ସ୍ୱତନ୍ତ୍ର ଭାବେ ୨,୭୫୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ ସୁଦ୍ଧା ଏହାର ବିନିଯୋଗ ଆଦୌ ଉତ୍ସାହଜନକ ନୁହେଁ। ସାମ୍ପ୍ରତିକ ପାନୀୟ ଜଳ ସମସ୍ୟାର ମୁକାବିଲା ସରକାରୀ କଳ ପାଇଁ ଏକ ବଡ଼ ଆହ୍ୱାନ। ଏଥିପାଇଁ ଉଭୟ ସ୍ୱଳ୍ପମିଆଦୀ ଏବଂ ଦୀର୍ଘମିଆଦୀ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ପ୍ରଥମେ ସ୍ୱଳ୍ପମିଆଦୀ ପଦକ୍ଷେପ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ ଅନେକ ନଳକୂପର ମରାମତି କରାଯାଇ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉ, ଦୂଷିତ ହୋଇ ଯାଇଥିବା ଜଳଉତ୍ସଗୁଡ଼ିକର ବିଶୁଦ୍ଧୀକରଣ ଏବଂ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ଗଭୀର ନଳକୂପ ଖନନ ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଉ। ଦୀର୍ଘମିଆଦୀ ପଦକ୍ଷେପ ସ୍ୱରୂପ ପାନୀୟ ଜଳ ଯୋଗାଣ ନେଇ ପ୍ରସ୍ତୁତ ଭିଜନ୍ ଏବଂ ଅନ୍ୟ ଯୋଜନାଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରାଯାଉ। ଅନ୍ୟଥା ଆସନ୍ତା ବର୍ଷ ପୁଣି ଗ୍ରୀଷ୍ମ ଆସିବ ଓ ତାହା ସହ ନେଇ ଆସିବ ଉତ୍କଟ ପାନୀୟ ଜଳକଷ୍ଟ।

ସହକାରୀ ବନ ସଂରକ୍ଷକ, ରାୟଗଡ଼ା
ବନ୍ୟ ଡିଭିଜନ, ରାୟଗଡ଼ା,
ମୋ-୯୪୩୭୨୫୭୧୨୩

## ଏଇ ଭାରତରେ

ବିହାରର ଭୋଜପୁର ଜିଲାରେ ଘଟିଛି ଏକ ଅଭାବନୀୟ ଘଟଣା। ଏଠାରେ ୧୩ ବର୍ଷର ଜଣେ ବାଳିକାବଧୂ ବିବାହ ପୂର୍ବରୁ ପୋଲିସ ସହାୟତା ଲୋଡ଼ିଥିଲେ। ଏନେଇ ସେ ସ୍ଥାନୀୟ ମହିଳା ଥାନାକୁ ଏକ ଚିଠି ଲେଖି ବିବାହ କରିବାକୁ ତାଙ୍କର ଇଚ୍ଛା ନ ଥିବା ପ୍ରକାଶ କରିଥିଲେ। ଏଥିସହିତ ବରଙ୍କ ବୟସ ୩୪ ବର୍ଷ ବୋଲି ସେ ଚିଠିରେ ଉଲ୍ଲେଖ କରିଥିଲେ। ସ୍ଥାନୀୟ ଥାନାର ଟାଳଟୁଳ ନୀତି ଯୋଗୁ ନାବାଳିକା ସଦର ଏସ୍‌ଡିଓଙ୍କୁ ମଧ୍ୟ ଚିଠି ଲେଖିଥିଲେ। ଏସ୍‌ଡିଓ ଏନେଇ ତଦନ୍ତ ପାଇଁ ଧନଗାଇ ପୋଲିସ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ବିବାହ ହେବ ନାହିଁ ବୋଲି ପୋଲିସ ପକ୍ଷରୁ ଆଶ୍ୱାସନା ମଧ୍ୟ ଦିଆଯାଇଥିଲା। ତେବେ ପୋଲିସ ଏହି ଘଟଣାରେ କିଛି ପଦକ୍ଷେପ ଗ୍ରହଣ ନ କରିବାରୁ ତାଙ୍କର ବିବାହ ହୋଇଯାଇଥିଲା। ବିବାହର ୨୦ ଦିନ ପରେ ଆରମ୍ଭ ହୋଇଛି ଖୋଳତାଡ଼। ମହିଳା ଥାନା ଅଧିକାରୀ ମାଧୁରୀ କୁମାରୀ ବଧୂଙ୍କ ଚିଠି ମିଳି ନ ଥିବା ସଫେଇ ଦେଇଛନ୍ତି। ବିବାହ କରାଇଥିବା ଅଖଗାଁ ମନ୍ଦିର ପୂଜାରୀଙ୍କୁ ଏନେଇ ପୋଲିସ ପଚରାଉଚରା କରିଛି। ତେବେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସର ନିଷ୍କ୍ରିୟତା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧ ମେ ୧୯୯୪

- ଉତ୍ତର-ଦକ୍ଷିଣ ୟେମେନ ସୈନ୍ୟବାହିନୀ ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗି ଦୁଇଦିନ ଭିତରେ ୪୦୦ ସୈନ୍ୟଙ୍କ ମୃତ୍ୟୁ।
- ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ମଧୁକର ରାଓ ଚୌଧୁରୀଙ୍କ ଇସ୍ତଫା।

## ଚିରନ୍ତନୀ

ମାଳତୀର ଆଖି ଓଦା
        ଅଶ୍ରୁର ଶିଶିରେ
        ଆଜି ପ୍ରିୟ ଏ ଭାଦର ନିଶିରେ!
ଅତୀତ ମୋ ଯଉବନ
ଆଣିଅଛି ନିମନ୍ତ୍ରଣ
        କେତକୀ ସୁବାସେ ଦଶ ଦିଶିରେ
        ଆଜି ପ୍ରିୟ ଏ ଭାଦର ନିଶିରେ!
(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | C | | | | | | 8 | E | | 0 | | | |
| | | | | 8 | 6 | B | | E | 2 | | 1 | 3 | D | |
| | | | | | | | 2 | 9 | | 6 | | 7 | | |
| | B | 8 | 5 | | 2 | 1 | | 0 | | 9 | | | | |
| | 2 | | | 9 | 4 | D | 5 | | | | | | | E |
| | | | B | | 9 | | | 3 | 6 | | | | 0 | |
| D | E | 6 | | 7 | | | A | | | 8 | 5 | | | |
| | | 4 | | E | | | 1 | 6 | B | | | | | 9 |
| | A | | | | | | 7 | | C | | | D | | |
| | | 0 | | | 3 | 9 | | 5 | | | 4 | | 2 | C |
| | 0 | D | | | | | 3 | 7 | | | | 8 | | |
| | 4 | | | | | A | | | | | 6 | | B | |
| | | 7 | 0 | | E | | | | | 1 | C | | | |
| | | | | A | | | | | 8 | | E | 0 | 4 | |
| 6 | | | | C | | E | 8 | D | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 6 | 2 | 9 | 4 | 8 | 7 | B | A | C | D | 1 | 0 | 3 | 5 |
| 4 | 5 | 9 | D | E | A | 8 | 3 | 0 | 7 | 6 | B | 1 | 2 | C |
| 7 | C | 0 | B | 3 | 2 | 6 | D | 1 | A | 8 | 5 | 4 | E | 9 |
| D | 3 | 8 | 5 | 1 | 6 | C | 9 | E | 4 | 2 | 0 | A | 7 | B |
| 1 | B | A | C | 0 | 7 | 2 | 5 | 4 | 9 | E | 3 | 8 | 6 | D |
| 2 | D | 4 | 8 | C | 5 | B | 0 | 9 | E | 3 | 7 | 6 | 1 | A |
| 5 | 1 | E | 6 | 9 | 4 | A | 8 | D | 2 | B | C | 7 | 0 | 3 |
| C | 8 | B | A | 7 | 3 | 4 | E | 6 | 1 | 0 | D | 9 | 5 | 2 |
| 6 | A | 3 | 1 | B | 0 | 5 | 2 | 7 | 8 | 9 | 4 | D | C | E |
| 0 | 9 | 7 | 2 | D | E | 1 | C | 3 | 6 | 5 | A | B | 8 | 4 |
| B | E | 6 | 0 | 8 | 9 | D | 7 | 5 | 3 | A | 2 | C | 4 | 1 |
| 8 | 7 | C | E | A | B | 0 | 4 | 2 | 5 | 1 | 9 | 3 | D | 6 |
| 3 | 2 | 1 | 4 | 6 | C | 9 | A | 8 | D | 7 | E | 5 | B | 0 |
| 9 | 0 | D | 3 | 5 | 1 | E | 6 | C | B | 4 | 8 | 2 | A | 7 |
| A | 4 | 5 | 7 | 2 | D | 3 | 1 | B | 0 | C | 6 | E | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୈତିକ ଏଲ୍‌ନିନ୍ୟୋ

ମହାଶୟ,

ଧରିତ୍ରୀ(୧।୪)ର ସମ୍ପାଦକୀୟ ଲେଖା ‘ରାଜନୈତିକ ଏଲ୍‌ନିନ୍ୟୋ’ ବର୍ତ୍ତମାନ ସମୟ ପାଇଁ ନିଶ୍ଚିତ ଉପାଦେୟ। ଏହାର ସମାଧାନ ନା କୃଷକ ପାଖରେ ଅଛି ନା ନେତାଙ୍କ ପାଖରେ। ଏହା ପ୍ରତ୍ୟେକଙ୍କ ପାଖରେ ଅଛି। ମଣିଷ ତା’ର ଚଳଣିରେ ପରିବର୍ତ୍ତନ ଆଣିବା ଦରକାର। ପ୍ରଥମତଃ ଖାଦ୍ୟ, ଦ୍ୱିତୀୟରେ ବୃକ୍ଷରୋପଣ। କୁକୁଡ଼ା ଚାଷ ହେଉ କି ବତକ, ଛେଳି, ମେଣ୍ଢା, ଘୁଷୁରି ଚାଷ ପରିବେଶକୁ ନଷ୍ଟ କରୁଛି। ଯାହା ଆପଣ ଉଲ୍ଲେଖ କରିଛନ୍ତି ମଣିଷକୁ ଛାଡ଼ିଦେଲେ ପ୍ରାଣିଜଗତ ଖାଦ୍ୟଶୃଙ୍ଖଳ ଉପରେ ନିର୍ଭରଶୀଳ। ମଣିଷ ବି ଖାଦ୍ୟଶୃଙ୍ଖଳ ଉପରେ ନିର୍ଭରଶୀଳ। କାରଣ ଫଳ, ମୂଳ ଓ ଶସ୍ୟ ଆଦି ଖାଇ ବଞ୍ଚେ ଓ ସେସବୁକୁ ଚାଷ କରେ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ରାଜଧାନୀରେ ଭୋଟ ମାତ୍ରା କମ୍ କାହିଁକି

ରାଜଧାନୀ ଭୁବନେଶ୍ୱରରେ ଭୋଟ ମାତ୍ରା ଏତେ କମ୍ କାହିଁକି? ଅନେକେ କହନ୍ତି ଭୋଟ ଗ୍ରହଣ ଦିନ ଛୁଟି ଥିବାରୁ କର୍ମଚାରୀମାନେ ଗାଁକୁ ଚାଲିଯାଆନ୍ତି। ତେଣୁ ମତହାର ହ୍ରାସ ପାଏ। ମାତ୍ର ପ୍ରକୃତରେ ଗ୍ରୀଷ୍ମରେ ପିଲାଛୁଆଙ୍କୁ ଏକାକୀ ଛାଡ଼ି ଗାଁକୁ ଯିବା ପାଇଁ ଆବେଗ ନ ଥାଏ। ଶିକ୍ଷିତ ଭୋଟର ଓ ସରକାରୀ କର୍ମଚାରୀ ଜାଣନ୍ତି ଭୋଟ ନ ଦେଲେ ସେମାନଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ ନାହିଁ। ଅନ୍ୟପକ୍ଷେ ରାଜଧାନୀର ଶିକ୍ଷିତ ଭୋଟର ରାଜନେତାଙ୍କଠାରୁ କୌଣସି ସାହାଯ୍ୟ ଆଶା କରନ୍ତି ନାହିଁ। ନିଜର ସ୍ୱାଭିମାନକୁ ବଜାୟ ରଖନ୍ତି। ଅନେକେ ଚିରକୁଟି ଖଣ୍ଡେ ପାଆନ୍ତି ନାହିଁ। ଏଥର ଭୋଟ ପ୍ରଚାର ବେଳେ ଯେଭଳି ବୋମା ଫୁଟିଲା ଓ ଛୁରୀ ଚାଲିଲା ସଚେତନ ଭୋଟର ଓ ବରିଷ୍ଠ ନାଗରିକ ଭୟଭୀତ ହେଲେ। ଏଇସବୁ କାରଣ ପାଇଁ ରାଜଧାନୀରେ ଭୋଟ ଦାନର ହାର ହ୍ରାସ ପାଇଲା। ଏହା ମୋର ନିଜସ୍ୱ ମତ।

ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର, ପୂର୍ବତନ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)





# ବିଶ୍ୱ ଶ୍ରମିକ ଦିବସ



ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟରେ ବହୁ ଶିଳ୍ପ କାରଖାନା ଗଢ଼ିଉଠିଥିଲା। ଆମେରିକାର ଶିଳ୍ପପତିମାନେ ଶ୍ରମିକ ଶ୍ରେଣୀକୁ ଶୋଷଣ କରିବା ସହିତ ଦୈନିକ ୧୫ଘଣ୍ଟା ଖଟାଉଥିଲେ। ଶ୍ରମିକମାନେ ଏକତ୍ରିତ ହୋଇ ଏହାର ପ୍ରତିବାଦ କଲେ। ଏଥିସହିତ ଛୁଟିଦିନର ଦରମା, ଯଥାର୍ଥ ମଜୁରି ଏବଂ ଶ୍ରମ କରିବା ସମୟରେ ବିରତି ଦାବି କରିଥିଲେ। ଦୈନିକ ୨୪ଘଣ୍ଟା ମଧ୍ୟରୁ ୮ଘଣ୍ଟା ପରିଶ୍ରମ, ୮ଘଣ୍ଟା ଅବସର ବିନୋଦନ ଏବଂ ୮ଘଣ୍ଟା ବିଶ୍ରାମ ପାଇଁ ଦାବି କରାଗଲା। ଏହାକୁ ବିଶ୍ୱର ସମାଜବାଦୀ, ସାମ୍ୟବାଦୀ ଏବଂ ରାଜତନ୍ତ୍ର ଗୋଷ୍ଠୀ ସମର୍ଥନ କରିଥିଲେ। ବର୍ତ୍ତମାନ ପୃଥିବୀର ଦେଶସମୂହ ମେ ୧କୁ ଛୁଟି ଦିବସ ଭାବେ ପାଳନ କରିଆସୁଛନ୍ତି।

## ଐତିହାସିକ ମଇ ଦିବସ

ପ୍ରଦୀପ୍ତ ନାୟକ

ମେ ୧ ତାରିଖ, ଆନ୍ତର୍ଜାତିକ ଶ୍ରମିକ ଦିବସ। ବିଶ୍ୱର କୋଟି କୋଟି ଶ୍ରମଜୀବୀ ମଣିଷଙ୍କର ମାଲିକର ନାଲିଆଖି ଆଉ ଶୋଷଣ ବିରୋଧରେ ମୁକ୍ତିର ଦିବସ। ଉଚିତ କାମର ନ୍ୟାଯ୍ୟ ପ୍ରାପ୍ୟ ପାଇବା ନିମନ୍ତେ ଦାବି ହାସଲର ଦିବସ। ୧୮୮୬ ମେ ୧ ତାରିଖରେ ସିକାଗୋ ସହରରେ ଝଙ୍କୃତ ହୋଇଥିଲା ୩ ଲକ୍ଷ ଶ୍ରକିକଙ୍କର ସ୍ୱର ଶୋଷଣ, କଷଣ ଓ ନିର୍ଯାତନା ବିରୋଧରେ। ତମାମ ଆମେରିକାର କଳକାରଖାନା, ଦୋକାନ ବଜାର, ଅଫିସ ଦପ୍ତରରେ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀ ହରତାଳ କରି ଶ୍ରମିକ ଦିବସ ପାଳନ କରିଥିଲେ ମାଲିକର ତାନାସାହି ବିରୋଧରେ। ସେତେବେଳେ କାମ କରିବାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନ ଥିଲା କି କାମ ଅନୁଯାୟୀ ରୋଜଗାର ପାଇବାର କିଛି ବ୍ୟବସ୍ଥା ନ ଥିଲା। ଏପରି କି ଦିନକୁ ୧୬ ଘଣ୍ଟା କାମ କରିବାକୁ ପଡୁଥିଲା। ଶ୍ରମିକମାନଙ୍କ ମଧ୍ୟରେ କିଛି ଏକତା ନ ଥିବାରୁ ପ୍ରତବାଦ କରିବାର ଜ୍ଞ ମଧ୍ୟ ନ ଥିଲା। ଯଦି କେହି କାମ କରିପାରୁ ନ ଥିଲା ଅସହ୍ୟ ପ୍ରହାର ଖାଇବାକୁ ପଡୁଥିଲା। ମାନସିକ ଓ ଶାରୀରିକ ନିର୍ଯାତନା ସହିବାକୁ ପଡୁଥିଲା। ଉଚିତ ରୋଜ ମିଳୁ ନ ଥିଲା କି ରୋଗ ବୈରାଗ ଓ ସାମାଜିକ ଅନୁଷ୍ଠାନ ଇତ୍ୟାଦିରେ ଛୁଟି ମିଳୁ ନ ଥିଲା। ତୀବ୍ର ଅସନ୍ତୋଷ ଦାନା ବାନ୍ଧିଥିଲା ଶ୍ରମିକମାନଙ୍କ ମଧ୍ୟରେ। ସମଗ୍ର ଆମେରିକାରେ ବଡ଼ ବଡ଼ ଶିଳ୍ପ କାରଖାନା ଓ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ମଧ୍ୟରେ ବିଭିନ୍ନ ସଂଗଠନ ଯଥା ଟ୍ରେଡର୍ସ ଏବଂ ଲେବର ଆସେମ୍ବ୍ଲି, ଲୋକାଲ ନାଇଟ୍ସ ଅଫ ଲେବର, ସୋସିଆଲିଷ୍ଟ ଲେବର ପାର୍ଟି ଇତ୍ୟାଦି ଗଢି ଉଠିଥିଲା। ୧୮୬୦ ମସିହା ପୂର୍ବରୁ ଆପ୍‌ଟନ ସିଂକ୍ଲାୟାରଙ୍କ 'ଦି ଜଙ୍ଗଲ' ଏବଂ ଜ୍ୟାକ୍ ଲଣ୍ଡନଙ୍କ 'ଦି ଆଇରନ୍ ହିଲ୍' ନାମକ ପୁସ୍ତକ ଗୁଡ଼ିକ ଶ୍ରମିକମାନଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲା। ଶ୍ରମିକ ସଂଗଠନଗୁଡ଼ିକ ତରଫରୁ ମଜୁରି ନ କାଟି ଦୈନିକ ୮ ଘଣ୍ଟା କାମ ଓ ସମସ୍ତ ନିର୍ଯାତନା ବନ୍ଦ କରିବା ଦାବି ନେଇ ୧୮୮୪ ମସିହାରେ ଏକ ଜାତୀୟ କନ୍‌ଭେନ୍‌ଶନ ଆହୂତ ହୋଇଥିଲା। ସମଗ୍ର ଆମେରିକାରେ ହରତାଳର ଆହ୍ୱାନ ସମେତ ମେ' ୧ ତାରିଖକୁ ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ପାଳନର ଆହ୍ୱାନ ସେଠାରେ ଦିଆଯାଇଥିଲା। ଏକତରଫା ଭାବେ ଦୈନିକ ୮ ଘଣ୍ଟାର କାମ କରିବାର ଦାବି ପାସ୍ ହୋଇଥିଲା।

ଶ୍ରମିକମାନଙ୍କର ବଜ୍ର ଶପଥ, ଲୌହ ଦୃଢ଼ ଏକତା ଓ ଗୁରୁ ଗମ୍ଭୀର ଲଢେଇ ଆଗରେ ମଥା ନୁଆଁଇ ମାଲିକ ଶ୍ରେଣୀ ମାନି ନେଇଥିଲା ଶ୍ରମିକଙ୍କ ଐତିହାସିକ ଦାବି। ସେହିଦିନଠାରୁ ତମାମ ବିଶ୍ୱରେ ଶ୍ରମଜୀବୀ ମଣିଷ ପାଳନ କରୁଛି ଆନ୍ତର୍ଜାତିକ ଶ୍ରମିକ ଦିବସ। ଲାଲ ଝଣ୍ଡା ପାଲଟିଛି ଶ୍ରମିକ ଆନ୍ଦୋଳନର ଅପରାଜେୟ ନିଶାନ। ଦା' ଆଉ ହାତୁଡ଼ି ଖଚିତ ଏହି ଲାଲ ପତାକା କେବେ ତଳେ ପଡ଼ିନାହିଁ କି ଶ୍ରମିକ ଶ୍ରେଣୀର ଲଢେଇ କେବେ ହାର ମାନିନାହିଁ।

୧୯୧୭ ମସିହାରେ ରୁଷ୍‌ରେ କମ୍ୟୁନିଷ୍ଟ ବଲ୍‌ସେଭିକ୍ ପାର୍ଟିର ନେତା ଭି.ଆଇ. ଲେନିନ୍‌ଙ୍କ ନେତୃତ୍ୱରେ ଶ୍ରମିକ କୃଷକର ମହାନ୍ ବିପ୍ଳବ ବିଜୟ ମଣ୍ଡିତ ହେଲା ପରେ ଶ୍ରମଜୀବୀ ମଣିଷର ସ୍ୱାଭିମାନର ସହ ବଞ୍ଚିବାର ଅଧିକାର ତମାମ ବିଶ୍ୱରେ ଦୃଢରୁ ଦୃଢତର ହୋଇଥିଲା। ଭିଏତ୍‌ନାମ, କ୍ୟୁବା, ପୋଲାଣ୍ଡ, ଉତ୍ତରକୋରିଆ, ଚାଇନା ପ୍ରଭୃତି ଦେଶ ପରେ ଦେଶରେ ସମାଜବାଦୀ ବିପ୍ଳବ ବିଜୟ ମଣ୍ଡିତ ହୋଇ କୋଟି କୋଟି ଶ୍ରମଜୀବୀ ମଣିଷର ଦାବି ହାସଲ କରିଛି। ବେଶ୍ କିଛି ଲୋକଙ୍କୁ ଜଣାନାହିଁ ଏହି ଦିବସର ସଂଗ୍ରାମର ଐତିହ୍ୟ। କିଛି ଭାବନ୍ତି ଏହା ଏକ ଶ୍ରମିକମାନଙ୍କର ଛୁଟି ଦିବସ ବା ଆମୋଦ ପ୍ରମୋଦର ଦିବସ। ଇତି ମଧ୍ୟରେ ୧୩୨ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ଭୁଲି ଯାଇଛି ନୂତନ ପିଢ଼ିର ଶ୍ରମିକ ଶ୍ରେଣୀ ନିଜ ଲଢେଇର ଏହି ମର୍ଯ୍ୟାଦାବନ୍ତ ଇତିହାସକୁ। ଲାଲ୍ ପତାକା ଉତ୍ତୋଳନ, ସଭା ସମିତି ଓ ମିଷ୍ଟାନ୍ନ ବଣ୍ଟନରେ ସୀମିତ ହୋଇଯାଇଛି ଏହି ଦିବସ ପାଳନ। ନବ୍ୟ ରୂପରେ ଏବେ ଏହି ଉଦାରବାଦୀ ଯୁଗରେ ଚାଲିଛି ଶ୍ରମର ଶୋଷଣ। ଚାକିରିର ସ୍ଥାୟିତ୍ୱ ନାହିଁ। କାମ କରିବାର ନିର୍ଦ୍ଦିଷ୍ଟତା ନାହିଁ। ଦରମା ଓ ଶ୍ରମ ଆଇନ ମୁତାବକ ଅନ୍ୟାନ୍ୟ ପାଉଣା ଠିକ୍ ଭାବେ ମିଳୁନାହିଁ। କାମ କରି କରି ଶ୍ରମିକର ମୃତ୍ୟୁ ହୋଇଯାଉଛି, ମାତ୍ର ଚେତନା ପଶୁନାହିଁ ମଣିଷ ମୁଣ୍ଡରେ। ଲଢେଇ ତ ଦୂରର କଥା ଏକାଠି ହୋଇ ଏକ ପ୍ରତିବାଦ ସଭା କରିବାକୁ ସାହସ ନାହିଁ ବର୍ତ୍ତମାନର ନୂତନ ଯୁବପିଢିର ଶ୍ରମଜୀବୀ ନିକଟରେ। ସମୟ ବଦଳିଛି, ଆଉ ପୁରୁଣା କଳା କୌଶଳରେ ଶିଳ୍ପ କାରଖାନା ଚାଲୁନାହିଁ। ଅତ୍ୟାଧୁନିକ କମ୍ପ୍ୟୁଟର ଆସିଲା ପରେ ଉନ୍ନତ ଜ୍ଞାନକୌଶଳରେ ପରିଚାଳିତ କଳକାରଖାନା ଓ ଅଫିସ ଦପ୍ତରରେ କାର୍ଯ୍ୟ କରୁଥିବା ଶ୍ରମଜୀବୀ ଆଉ ନିଜକୁ ଶ୍ରମିକ ବୋଲି ଭାବୁନାହିଁ। ଦିନ ରାତି ଶୋଷିତ ହେଉଥିବା ଏହି ବୁଟ୍ ଶୁଟ୍ ପିନ୍ଧା ଯୁବକମାନେ ନିଜକୁ ଭାବୁଛନ୍ତି ବାବୁ ବୋଲି। ତେଣୁ ଭୁଲି ଯାଉଛନ୍ତି ସେହି ଅମ୍ଳାନ ଅତୀତକୁ। ସ୍ଥାୟୀ ନିଯୁକ୍ତି ବଦଳରେ ସ୍ୱଳ୍ପ ବେତନରେ ଠିକା ଶ୍ରମିକଙ୍କ ଦ୍ୱାରା କାର୍ଯ୍ୟ ଉଠାଇ ଅଧିକ ଲାଭବାନ ହେଉଛନ୍ତି। ଶିଳ୍ପପତିମାନଙ୍କ ଦ୍ୱାରା ପୋଷା ସରକାର ଶ୍ରମ ଆଇନକୁ କୋହଳ କରି ଶ୍ରମିକମାନଙ୍କ ଉପରେ ବୋଝ ଉପରେ ନଳିତବିଡ଼ା ଲଦି ଶୋଷଣକୁ ବହୁ ଗୁଣ ବଢାଇ ଦେଇଛନ୍ତି। ଏହି ରହସ୍ୟକୁ ଆମ ଶ୍ରମଜୀବୀ ଭାଇଭଉଣୀମାନେ ଧରିପାରୁ ନାହାନ୍ତି। ଘରୋଇ ଶିଳ୍ପ ସଂସ୍ଥାଗୁଡ଼ିକରେ ଅତ୍ୟଧିକ ଠିକା ଶ୍ରମିକ ବଢିଯିବାରୁ ସଂଗଠିତ ହୋଇପାରୁ ନାହାନ୍ତି। ଯଦି କେଉଁଠି ଲୁଚା ଚୋରାରେ ୟୁନିୟନ ପଞ୍ଜୀକରଣ ନିମନ୍ତେ ଶ୍ରମ ବିଭାଗର କାର୍ଯ୍ୟାଳୟରେ ଆବେଦନ କରୁଛନ୍ତି କମ୍ପାନୀର ଦଲାଲ ସାଜି ଅଧିକାରୀମାନେ ପଞ୍ଜୀକରଣ କରାଇ ଦେଉନାହାନ୍ତି। ୟୁନିୟନ କରିବାକୁ ଉତ୍ସାହିତ ଶ୍ରମିକନେତାମାନଙ୍କୁ କାର୍ଯ୍ୟରୁ ବାହାର କରିଦିଆଯାଉଛି। ଫଳରେ ବେକାରି ଓ ଦାରିଦ୍ର୍ୟରେ ଆଉଟୁପାଉଟୁ ବିଚରା ଶ୍ରମଜୀବୀ କାମ ହରାଇବା ଡରରେ ୟୁନିୟନ ନାମ ଧରୁନାହାନ୍ତି। ମାଲିକମାନଙ୍କର ଶୋଷଣ ୟୁନିୟନ ନ ରହିବା ଫଳରେ ବଢି ବଢି ଚାଲିଛି। ଠିକାଶ୍ରମିକ ହେତୁ ବୋନସ, ଇପିଏଫ୍, ଗ୍ରାଚ୍ୟୁଇଟି, ପେନ୍‌ସନ ଓ ବୀମା, ଇଏସ୍‌ଆଇ ଭଳି ସୁବିଧା ଅଧିକାଂଶ କ୍ଷେତ୍ରରେ ଦିଆଯାଉନାହିଁ। କାର୍ଯ୍ୟ ସମୟର ମଧ୍ୟ ଆଉ କିଛି ସ୍ଥିରତା ନାହିଁ। ମନଇଚ୍ଛା ଶ୍ରମିକମାନଙ୍କୁ ଖଟାଯାଉଛି, ନ କଲେ ରାତାରାତି ଛଟେଇ କରି ଦିଆଯାଉଛି। ସଂଘ ନ ଥିବାରୁ ଶ୍ରମିକମାନେ ପ୍ରତିବାଦ କରିପାରୁ ନାହାନ୍ତି କିମ୍ବା ଆଇନ ଅନୁଯାୟୀ ନିଜର ପ୍ରାପ୍ୟ ପାଇବାକୁ କୋର୍ଟ କଚେରିରେ ଲଢିପାରୁ ନାହାନ୍ତି। ନୂତନ ପିଢ଼ିର ଶ୍ରମିକ ଭୁଲି ଯାଉଛି ଧୀରେ ଧୀରେ ତା' ନିଜ ଲଢ଼େଇର ଗରିମାମୟ ଐତିହ୍ୟକୁ। ମୋ ବିଚାରରେ ମଇ ଦିବସର ଏହି ଗୌରବୋଜ୍ଜ୍ୱଳ ଅଧ୍ୟାୟର ପୁନରାବୃତ୍ତି କରିବାକୁ ପଡ଼ିବ ନବ୍ୟ ଆକ୍ରମଣ ପ୍ରତିବାଦରେ।

*– ଟିକରପଡ଼ା, କାକଟପୁର, ପୁରୀ, ମୋ: ୯୪୩୭୦୫୩୩୨୯*

## ଶିଳ୍ପାଞ୍ଚଳରେ ଶ୍ରମ ଆଇନ ପ୍ରହସନ



ଆନ୍ତର୍ଜାତିକ ଶ୍ରମିକ ଦିବସ ଏକପ୍ରକାର ପ୍ରହସନ ପାଲଟିଛି। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରମିକଙ୍କ ପାଇଁ କୌଣସି ନୂତନ ଯୋଜନା ଘୋଷଣା କରାଯାଉନାହିଁ। ଏପରିକି ଗତ ବର୍ଷ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ବୃଦ୍ଧି ଘୋଷଣା ଠିକ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ନିର୍ମାଣ ଶ୍ରମିକମାନେ ଉପଯୁକ୍ତ ଭାବେ ଉପକୃତ ହୋଇପାରୁ ନାହାନ୍ତି। ସରକାରଙ୍କ ଘୋଷଣା ଏଠାରେ ପ୍ରହସନ ହୋଇଥିବାବେଳେ ଶ୍ରମିକ ଦିବସର ମହତ୍ ଉଦ୍ଦେଶ୍ୟ ପରାହତ ହେଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରମିକ ଆଇନ ପୁର୍ନଗଠନ ନାମରେ ସ୍ଥାୟୀ ଭାବେ ରହିଥିବା ୩୯ଟି ଶ୍ରମ ଆଇନକୁ ସଙ୍କୁଚିତ କରି ୪ଟି ଆଇନରେ ସୀମିତ ରଖିବାକୁ ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ଶ୍ରମିକ ସୁରକ୍ଷା ଆଇନ, ସର୍ବନିମ୍ନ ମଜୁରି, ବୋନସ, ସମାନ ଦରମା, ଦରମା ପ୍ରଦାନ ଆଇନ ଭଳି ଆଇନଗୁଡିକୁ ବନ୍ଦ କରିଦେବାକୁ ମସୁଧା ଚଳାଇଛନ୍ତି। ୩୦୦ରୁ କମ୍ ଶ୍ରମିକଙ୍କୁ ନିଯୁକ୍ତିରୁ ଛଟେଇ କରାଗଲେ ସରକାରଙ୍କ ଅନୁମତିର ଆବଶ୍ୟକତା ପଡ଼ିବ ନାହିଁ ବୋଲି ଆଇନ ପ୍ରଣୟନ କରିବାକୁ ଯୋଜନା କରାଯାଉଛି। ପୂର୍ବରୁ ତ୍ରୈମାସିକ ଓଭରଟାଇମ ୫୦ଘଣ୍ଟାରୁ ୧୦୦ଘଣ୍ଟାକୁ ବୃଦ୍ଧି କରିବା, କାର୍ଯ୍ୟକରୁଥିବା ସମୁଦାୟ କର୍ମଚାରୀଙ୍କ ମଧ୍ୟରୁ ୩୦ପ୍ରତିଶତ ଶ୍ରମିକ ସଦସ୍ୟ ନ ହେଲେ ଟ୍ରେଡ ୟୁନିୟନ ପଞ୍ଜିକୃତ ହୋଇପାରିବ ନାହିଁ। ଶିକ୍ଷାନବିସ ଆଇନ-୧୯୬୧ ଅନୁସାରେ ଶ୍ରମିକଙ୍କ କାର୍ଯ୍ୟ ଓ ପାଉଣା ସରକାର ପକ୍ଷରୁ ପୂର୍ବରୁ ନିର୍ଦ୍ଧାରଣ କରାଯାଉଥିଲା। କିନ୍ତୁ ଏବେ ତାକୁ ପରିବର୍ତ୍ତନ କରି ସଂପୃକ୍ତ କାରଖାନା କର୍ତ୍ତୃପକ୍ଷ ନିର୍ଦ୍ଧାରଣ କରିବାକୁ ଆଇନ ପ୍ରଣୟନ କରାଯାଉଛି। ଯାହାକୁ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ବିରୋଧ କରାଯାଉଛି। ବିଶେଷକରି ଅଣସଂଗଠିତ ଶ୍ରମିକ କ୍ଷେତ୍ରରେ ସରକାରଙ୍କ କୌଣସି ଆଇନ କାର୍ଯ୍ୟକାରୀ ହେଉନାହିଁ। ଏହିକ୍ରମରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସରକାରଙ୍କ ବିଭିନ୍ନ ଶ୍ରମ ଆଇନକୁ ଉଲଂଘନ ହେବାର ଅନେକ ନଜିର ରହିଛି। ଦିନକୁଦିନ ଠିକା ଶ୍ରମିକଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ବିନା ନୋଟିସରେ ବାହାର କରି ଦେଉଛନ୍ତି। ଏନେଇ ଶ୍ରମ ବିଭାଗର ଦ୍ୱାରସ୍ଥ ହେଉଥିଲେ ହେଁ କୌଣସି ଫଳପ୍ରଦ ହେଉନାହିଁ। ଯାଜପୁର ଜିଲାରେ ପ୍ରାୟ ୧ଲକ୍ଷ ୩୧ହଜାର ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। କେତେକ ଟ୍ରେଡ ୟୁନିୟନ କର୍ମକର୍ତ୍ତାଙ୍କ ସୁପାରିଶରେ ପ୍ରାୟ ୯୦ପ୍ରତିଶତ ଜାଲ୍ କରି ଅଣ ସଂଗଠିତ ଶ୍ରମିକ ତଥା ଚାଷୀ ଶ୍ରେଣୀର ବ୍ୟକ୍ତି ଉପକୃତ ହେଉଥିବାବେଳେ ବାସ୍ତବ ନିର୍ମାଣ ଶ୍ରମିକ ଯୋଜନା ଅନ୍ତର୍ଗତ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ସେହିପରି ଯେଉଁ କାର୍ଯ୍ୟରେ ଅର୍ଥ ନେଣଦେଣ ରହୁଛି ସେଥିପ୍ରତି ଶ୍ରମ ବିଭାଗ ଅଧିକାରୀମାନେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଗରିବ ଲୋକଙ୍କ ବିଭିନ୍ନ ମାମଲାଗୁଡିକ ପଡି ରହୁଛି । ଯାଜପୁର ଜିଲାରେ ସର୍ବନିମ୍ନ ମଜୁରି ଆଇନ, ଠିକା ଶ୍ରମିକ ଉଚ୍ଛେଦ ଆଇନ, ଶିଳ୍ପ ବିବାଦ ଆଇନ, ଇଣ୍ଡଷ୍ଟ୍ରିଆଲ ଏମ୍ପ୍ଲୋୟମେଣ୍ଟ ଷ୍ଟାଣ୍ଡିଂ ଅର୍ଡର ପ୍ରଭୃତି ଶ୍ରମିକ ଆଇନ ସମ୍ବନ୍ଧୀୟ କ୍ଷେତ୍ରରେ ପ୍ରାୟ ୩୦୦ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଫଳରେ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ତୁରନ୍ତ ନ୍ୟାୟ ପାଉ ନ ଥିବାରୁ ଶ୍ରମବିଭାଗକୁ ଦୌଡି ଦୌଡି ନୟାନ୍ତ ହୋଇପଡ଼ିଲେଣି। ଜିଲାର କେତେକ ଶ୍ରମିକ ସଂଗଠନ ଏନେଇ ସ୍ୱର ଉତ୍ତୋଳନ କରୁଥିଲେ ବି କିଛି ସୁଫଳ ମିଳିପାରୁ ନାହିଁ। ଅନ୍ୟପକ୍ଷେ କମ୍ପାନୀ ମାଲିକ କୋଟି କୋଟି ଟଙ୍କା ଲାଭ ପାଉଥିବାବେଳେ ଶ୍ରମିକଙ୍କ ଦୁର୍ଦ୍ଦଶା ଅଣାୟତ୍ତ ହେବାରେ ଲାଗିଛି। ପ୍ରକୃତ ଉତ୍ପାଦନକାରୀ ଶ୍ରମିକମାନଙ୍କ ପାଖରେ ଲାଭାଂଶ ଅର୍ଥ ପହଞ୍ଚି ପାରୁନାହିଁ ବୋଲି ବିଭିନ୍ନ ଶ୍ରମିକ ସଂଗଠନ ଅଭିଯୋଗ ଆଣିଛି। ଏପରିକି ସ୍ଥାୟୀ କାର୍ଯ୍ୟରେ ଠିକା ଶ୍ରମିକଙ୍କୁ ନିୟୋଜିତ କରାଯାଇ ଠିକା ଶ୍ରମିକ ଉଚ୍ଛେଦ ଆଇନକୁ ଖୋଲାଖୋଲି ଭାବରେ ଉଲଂଘନ କରାଯାଇ ଶିଳ୍ପପତିମାନେ ମାଲାମାଲ ହେଉଛନ୍ତି । ମେ ଦିବସରେ ହୋଇଥିବା ଶ୍ରମିକଙ୍କ ବଳିଦାନ କ୍ରମଶଃ ଆଇନ ଭିତରେ ଚାପି ହୋଇ ରହିଯାଉଛି । ଶ୍ରମିକଙ୍କ ସ୍ୱାର୍ଥ ପାଇଁ କେହି ଚିନ୍ତା କରୁ ନ ଥିବାବେଳେ ମେ ଦିବସରେ କେବଳ ରାଜନୈତିକ ଭାଷଣବାଜିରେ ସୀମିତ ରହୁଛି। ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କୁହନ୍ତି ଶ୍ରମ ଆଇନକୁ ସଙ୍କୁଚିତ କରି ସଂଶୋଧନ ପ୍ରସ୍ତାବକୁ ବିରୋଧ କରାଯାଉଛି। ଶ୍ରମିକମାନଙ୍କ ଦାବିଗୁଡିକ ପୁରଣ କରାଯାଉ ନାହିଁ। ତେଣୁ ସରକାରଙ୍କ ଶ୍ରମିକଙ୍କ ପ୍ରତି ଉଦାସୀନ ମନୋଭାବ ଶ୍ରମିକ ଦିବସର ମହତ ଉଦ୍ଦେଶ୍ୟକୁ ଦିଗହରା କରୁଛି।

**– ହର୍ଷବର୍ଦ୍ଧନ ବେହେରା, ଯାଜପୁର ଅଫିସ**

## ମେ ଡେ'ର ଇତିହାସ



୧୮୮୬ ମେ ୪ରେ ଚିକାଗୋରେ ବୋମା ବିସ୍ଫୋରଣ ଯୋଗୁ ୭ ପୋଲିସ ଅଫିସର ଏବଂ ୪ ବେସାମରିକ ବ୍ୟକ୍ତି ପ୍ରାଣ ହରାଇଥିଲେ। ଏହାର ଦିନକ ପୂର୍ବରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଥିବା ଶ୍ରମିକଙ୍କ ଉପରକୁ ପୋଲିସ ଗୁଳି ଚଳାଇବାରୁ ଅନେକ ଶ୍ରମିକ ମୃତାହତ ହୋଇଥିଲେ। ଏହାର ପ୍ରତିବାଦରେ ପୋଲିସ ଉପରକୁ ବୋମା ଫିଙ୍ଗାଯାଇଥିଲା। ଏହି ଆକ୍ରମଣ ପାଇଁ ୮ଜଣ ଆନ୍ଦୋଳନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ହେମାର୍କେଟ ହତ୍ୟାକାଣ୍ଡ ସେତେବେଳେ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ଏହାର ୩ବର୍ଷ ପରେ ଫ୍ରାନ୍ସର ସମାଜବାଦୀ ପାର୍ଟି ଶ୍ରମିକ ଆନ୍ଦୋଳନ ଏବଂ ହେମାର୍କେଟ ହତ୍ୟାକାଣ୍ଡକୁ ସ୍ମରଣୀୟ ରଖିବା ପାଇଁ ମେ ୧କୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଭାବେ ଘୋଷଣା କରାଗଲା।

### ଭାରତ ସମେତ ବିଭିନ୍ନ ଦେଶରେ ପାଳନ

ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ ଅନ୍ତର୍ଜାତୀୟ ଶ୍ରମିକ ଦିବସକୁ ସରକାରୀ ଛୁଟି ଦିବସ ଭାବେ ପାଳନ କରାଯାଇ ଆସୁଛି। ଏହିଦିନ ଶ୍ରମିକ ଶ୍ରେଣୀ ତଥା କର୍ମଜୀବୀ ଗୋଷ୍ଠୀର ଅବଦାନକୁ ସମ୍ମାନ ଦିଆଯାଏ। ମେ ୧ ବା ମେ ଦିବସ ଭାରତ, ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା, ଉତ୍ତର କୋରିଆ, କ୍ୟୁବା ଏବଂ ପୂର୍ବତନ ସୋଭିଏଟ୍ ୟୁନିୟନ୍ ଆଦି ଦେଶରେ ପାଳନ କରାଯାଏ। ମେ ଡେ'କୁ ମଧ୍ୟ ଶ୍ରମିକ ଦିବସ ବା ଅନ୍ତର୍ଜାତୀୟ ଶ୍ରମିକ ଦିବସ କୁହାଯାଏ।

ଲେବର ଡେ ୨୦୧୯ର ବାର୍ତ୍ତା ହେଉଛି 'ସାମାଜିକ ଓ ଅର୍ଥନୈତିକ ଅଗ୍ରଗତି ପାଇଁ ଶ୍ରମିକଙ୍କ ଏକତ୍ରୀକରଣ'। ବିଭିନ୍ନ ଦେଶରେ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଭିନ୍ନ ଭିନ୍ନ ହୋଇଥିଲେ ହେଁ ଏହାର ମୌଳିକ କଥାଟି ହେଉଛି ଶ୍ରମିକ ଶୋଷଣ ବିରୋଧରେ ଆଭିମୁଖ୍ୟ ଦୃଢ଼ କରିବା। ଭାରତରେ ପ୍ରଥମକରି ଶ୍ରମିକ ଦିବସ ୧୯୨୩ ମେ ୧ରେ ହିନ୍ଦୁସ୍ଥାନର ଲେବର କିଷାନ ପାର୍ଟି ଦ୍ୱାରା ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ)ରେ ପାଳନ କରାଯାଇଥିଲା। ସେହିଦିନ ପ୍ରଥମ କରି ଲାଲ୍ ପତାକା ବ୍ୟବହାର ହୋଇଥିଲା।


नालको NALCO
National Aluminium Company Limited
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**E-TENDER NOTICE**

OUR ONLINE TENDER REFERENCE NO. CPP/MMP/303/3000004783 DT. 11.04.2019 AND TENDER ID NO. 2019_NALCO_462657_1

Online bids in two-parts are invited for **'Design, Engineering, Manufacture, Supply, Erection and Commissioning of Truck Tippler System for Unloading of Coal Trucks at CHP for Captive Power Plant (CPP) of National Aluminium Company Ltd. (NALCO) at Angul, Odisha'**.The tender document can be downloaded from websites **www.nalcoindia.com**, **http://eprocure.gov.in/epublish/app** or **http://eprocure.gov.in/eprocure/app.** The due date for bid submission and opening the tenders are **dt. 17.05.2019 at 10:00 AM and 22.05.2019 at 10:00 AM** respectively. For any addendum / corrigendum, bidders are requested to visit these websites regularly.

**DGM (Materials),CPP**



## କୃଷକମାନଙ୍କ ପାଇଁ ବିଶେଷ ସୂଚନା

L-02

### 'ଫନୀ' ଜନିତ ସମ୍ଭାବ୍ୟ ବାତ୍ୟା ଓ ବର୍ଷା ମୁକାବିଲା ପାଇଁ ଚାଷୀଭାଇମାନଙ୍କୁ ପରାମର୍ଶ

ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର ଶାଖାର ପୂର୍ବ ସୂଚନା ଅନୁଯାୟୀ ଆସନ୍ତା ୨ ତାରିଖରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପବନ ସହ ବର୍ଷା ଲାଗି ରହିବ। ଏଥିପାଇଁ ଚାଷୀ ଭାଇମାନେ ସଜାଗ ରହି ନିମ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଉଛି।

**ଧାନ :**

୧) ଡାଲୁଅ ଧାନ ଶତକଡ଼ା ୮୦ ଭାଗ ପାଚିଯାଇଥିଲେ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖି ଦିଅନ୍ତୁ।
୨) କଟା ଧାନ ଅମଳ ପାଇଁ ଖଳାରେ ରଖିଥିଲେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନେଇଯାଆନ୍ତୁ କିମ୍ବା ପାଲ ଢାଙ୍କି ରଖନ୍ତୁ।
୩) ଧାନ ଜମିରୁ ବଳକା ପାଣି ବାହାରି ଯିବା ପାଇଁ କର ନାଳୀ କରନ୍ତୁ ଓ ନାଳୀ ମୁହଁ ଖୋଲା ରଖନ୍ତୁ।

**ମୁଗ/ବିରି :**

୧) ଖରାଟିଆ ମୁଗ ଓ ବିରି ଜମିରୁ ଆଣି ଖଳାରେ ଶୁଖାଇଥିଲେ ତୁରନ୍ତ ଅମଳ କରିନିଅନ୍ତୁ।
୨) ଅମଳ ପରେ ଗୋଖାଦ୍ୟ ପାଇଁ ବ୍ୟବହୃତ ହେବାକୁ ଥିବା ବୋଡିକୁ ସୁରକ୍ଷିତ ସ୍ଥାନକୁ ନେଇ ସାଇତି ରଖନ୍ତୁ।
୩) ଅମଳ ହୋଇ ପାରୁ ନଥିବା ଶୁଖିଲା ଗଛଗୁଡ଼ିକୁ ଖଳାରୁ ସୁରକ୍ଷିତ ସ୍ଥାନକୁ ନେଇଯାଆନ୍ତୁ।

**ପନିପରିବା :**

୧) ବର୍ଷା ଯୋଗୁଁ ପୋଟଳ, କାକୁଡ଼ି, କଖାରୁ, ତରଭୁଜ, ଜହ୍ନି ଆଦି ଲତା ଜାତୀୟ ପନିପରିବା ଓ ବାଇଗଣ, ବିଲାତି ବାଇଗଣ ଆଦି ପନିପରିବା ପ୍ରଭାବିତ ହୋଇପାରେ। ତେଣୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ନିଅନ୍ତୁ।
୨) ପନିପରିବା ଜମିରୁ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ।
୩) ରଞ୍ଜା / ଟ୍ରେଲିକୁ ମଜଭୁତ କରି ଦିଅନ୍ତୁ।
୪) ପନିପରିବା ଫସଲରେ ବର୍ଷା ଛାଡ଼ିଗଲା ପରେ ଜଉପୋକ ଲାଗିବାର ସମ୍ଭାବନା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ ଗ୍ରାମ୍ ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୪୦ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଡି.ଜି. କିମ୍ବା ୫୦ ଗ୍ରାମ୍ ଏସିଟାମିପ୍ରିଡ୍ ୨୦% ଏସ୍.ପି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
୫) ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଥିବାରୁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ + ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ମୂଳ ଭାଗକୁ ସିଞ୍ଚନ କରନ୍ତୁ।
୬) ଜମିରେ ରହିଯାଇଥିବା ପନିପରିବାଗୁଡ଼ିକ ସଡ଼ିଯିବାର ସମ୍ଭାବନା ରହିଛି। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ମିଶାଇ ଏକର ପ୍ରତି ୨୦୦ ଲିଟର ମିଶ୍ରଣ ସିଞ୍ଚନ କରନ୍ତୁ।

**ଫଳଚାଷ :**

୧) ବର୍ଷା ସମୟରେ ଆମ୍ବ ବା କାଜୁ ବଗିଚାରେ ରୁହନ୍ତୁ ନାହିଁ।
୨) ବର୍ଷା ଯୋଗୁଁ ଝଡ଼ି ପଡୁଥିବା ଆମ୍ବକୁ ପରିଷ୍କାର କରି ଆଚାର ପ୍ରସ୍ତୁତ କରନ୍ତୁ।
୩) ବର୍ଷା ଛାଡ଼ିଗଲା ପରେ ଗଛରେ ରହିଯାଇଥିବା ଆମ୍ବ ଓ କାଜୁ ଫିମ୍ପି ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ତେଣୁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ମିଶାଇ ସିଞ୍ଚନ କରନ୍ତୁ।

ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର / କୃଷି ସଂପ୍ରସାରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓ.ୟୁ.ଏ.ଟି., ଭୁବନେଶ୍ୱର

01034/11/0001/1920


### କର୍ପୋରେଟ ସ୍ୱାର୍ଥରେ ଶ୍ରମ ଆଇନ ସଂଶୋଧନ କରାଯାଉଛି

କର୍ପୋରେଟଙ୍କ ସ୍ୱାର୍ଥରେ ଶ୍ରମ ଆଇନକୁ ସଂଶୋଧନ କରାଯାଉଛି। ଶ୍ରମିକଙ୍କ ସଂଗ୍ରାମ, ତ୍ୟାଗ ଓ ବଳିଦାନ ଫଳରେ ୧୯୨୬ ପରଠାରୁ ଶ୍ରମିକ ଶ୍ରେଣୀ ନିଜ ସପକ୍ଷରେ ଏକ ଆଇନ ତିଆରି କରିବାରେ ସଫଳ ହୋଇଥିଲେ। ମାତ୍ର ଉକ୍ତ ଆଇନକୁ ଏବେ କର୍ପୋରେଟ ସ୍ୱାର୍ଥରେ ସଂଶୋଧନ କରାଯାଉଛି। ଶ୍ରମିକମାନଙ୍କୁ ସଂଗଠିତ ହେବାର ଅଧିକାର ଆଇନଗତ ଭାବେ ଛଡ଼ାଇ ନେବା ପାଇଁ ଯୋଜନାବଦ୍ଧ ଉଦ୍ୟମ ଆରମ୍ଭ ହୋଇଛି। ଶ୍ରମ ଦପ୍ତରଗୁଡ଼ିକ କର୍ପୋରେଟମାନଙ୍କର ଏଚ୍‌ଆର୍ ଅଫିସ ଭଳି କାର୍ଯ୍ୟ କରୁଛି। ଶ୍ରମ ଆଇନକୁ ଶ୍ରମିକଙ୍କ ସ୍ୱାର୍ଥରେ କଡ଼ାକଡ଼ି ଭାବେ ବ୍ୟବହାର କରାଯାଉ ନାହିଁ। ଦେଶରେ ୯୪ ପ୍ରତିଶତ ଅସଂଗଠିତ ଶ୍ରମିକଙ୍କ ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଯେଉଁ କେନ୍ଦ୍ରୀୟ ଆଇନର ଆବଶ୍ୟକତା ଅଛି ସେ ସମ୍ପର୍କରେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ୮ ଘଣ୍ଟା କାର୍ଯ୍ୟ କରିବାର ଯେଉଁ ଅଧିକାର ଶ୍ରମିକ ଶ୍ରେଣୀ ପାଇଥିଲା ତାହା ଏବେ ଆଇଟି ସେକ୍ଟରଠାରୁ ଆରମ୍ଭ କରି ବିଭିନ୍ନ ଘରୋଇ କ୍ଷେତ୍ରରେ କାର୍ଯ୍ୟକାରୀ ହେଉନାହିଁ। ଏହା ବିରୋଧରେ ଦେଶର ସମସ୍ତ ଶ୍ରମିକ ସଂଗଠନ ଐକ୍ୟବଦ୍ଧ ଭାବେ ସଂଗ୍ରାମ କରିବା ପାଇଁ ଶ୍ରମିକ ଦିବସରେ ଶପଥ ନେବାର ଆବଶ୍ୟକତା ରହିଛି।

**- ରାମକୃଷ୍ଣ ପଣ୍ଡା, ଜାତୀୟ ସମ୍ପାଦକ, ଏଆଇଟିୟୁସି**

### ଶ୍ରମିକ ଅଧିକାର ଉପରେ ଆକ୍ରମଣ

ମଇ ଦିବସରେ ୮ଘଣ୍ଟା କାମର ଅଧିକାର ପାଇଥିଲା ଶ୍ରମିକ ଶ୍ରେଣୀ। ଆଜି ଦିନରେ ଏମାନଙ୍କୁ ବିଭିନ୍ନ କ୍ଷେତ୍ରରେ ୧୨ଘଣ୍ଟା ଖଟାଯାଉଛି। ସର୍ବନିମ୍ନ ମଜୁରି ମଧ୍ୟ ପ୍ରଦାନ କରାଯାଉନି। ଶ୍ରମିକ ଆଇନ ଆଜି ଭୂଲୁଣ୍ଠିତ ହେବାକୁ ଯାଉଛି। ଯେଉଁ ଅଧିକାର ବଳରେ ଶ୍ରମିକ ନ୍ୟାୟ ପାଉଥିଲା ତାକୁ କେନ୍ଦ୍ର ସରକାର ଦଳି ମକଚି ଦେବାକୁ ବସିଛନ୍ତି। ଶ୍ରମିକଙ୍କ ଆଇନଗତ ଅଧିକାର ପ୍ରତ୍ୟାହାର କରିବାକୁ ମୋଦି ସରକାର ଷଡଯନ୍ତ୍ର କରିଛନ୍ତି। ଶ୍ରମିକ ଅଧିକାର ରକ୍ଷା ନେଇ ମଇ ଦିବସରେ ସଂକଳ୍ପ ନିଆଯିବା ଆବଶ୍ୟକ।

**- ବିମାନ ମାଇତି, ସିଆଇଟିୟୁ, ଜିଲା ସାଧାରଣ ସମ୍ପାଦକ**

### ଶ୍ରମିକ ଦିବସର ପ୍ରାସଙ୍ଗିକତା ବଢିଛି

ପୃଥିବୀର ଅଧା ସମ୍ପତ୍ତି ୯ଟି ବହୁରାଷ୍ଟ୍ରୀୟ କମ୍ପାନୀ ହାତରେ ରହିଥିବାବେଳେ ଭାରତରେ ୯ଜଣ ପୁଞ୍ଜିପତିଙ୍କ ହାତରେ ଦେଶର ୫୮ ଭାଗ ସମ୍ପତ୍ତି ଠୁଳ ହୋଇ ରହିଛି। ଏହି ପୁଞ୍ଜିପତିଙ୍କ ଦୈନିକ ଆୟ ୨୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ। ସବୁଠୁ ଅଧିକ କ୍ଷୁଧା, ଦାରିଦ୍ର୍ୟତା ଓ ବେକାରି ଭାରତରେ ଭରି ରହିଥିବାବେଳେ ତାହା ଏକ ଅସମତୁଲ ଅବସ୍ଥା ସୃଷ୍ଟି କରିଛି। ତେଣୁ ଏହି ବୈଷମ୍ୟବାଦକୁ ଦୂର କରିବା ପାଇଁ ଶ୍ରମିକ ଦିବସର ପ୍ରାସଙ୍ଗିକତା ଆହୁରି ଅଧିକ ବଢିଯାଇଛି।

**- ରବି ମଲିକ, ସିଟୁ, କଟକ ଜିଲା ସଭାପତି**

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ବୃଦ୍ଧା ଗୁରୁତର

**ସାଲେପୁର,୩୦।୪(ଡି.ଏନ.ଏ.):** ସାଲେପୁର ବଜାରରେ ଦୀର୍ଘବର୍ଷ ଧରି ରହିଆସୁଥିବା ଜଣେ ଅସହାୟ ବୃଦ୍ଧା ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ସେ ଏବେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁସାରେ, ସାଲେପୁର ସହରର ଆରାଧ୍ୟ ଦେବୀ ମା'ସାହେଶ୍ୱରୀଙ୍କ ପୀଠରେ ଥିବା ଏକ ବରଗଛରେ ବିରାଟ ମହୁଫେଣା ରହିଛି। ଉକ୍ତ ମହୁଫେଣାକୁ କେହି ଯୁବକ ମଙ୍ଗଳବାର ଅପରାହ୍ଣରେ ଟେକା ମାରିଥିଲେ। ଫଳରେ ଫେଣାରେ ଥିବା ମହୁମାଛିଗୁଡ଼ିକ ଉଡ଼ିବା ଆରମ୍ଭ କରିଥିଲେ। ଏହାଦେଖି ମା'ଙ୍କ ପୀଠସ୍ଥଳୀ ନିକଟରେ ବସିଥିବା ବହୁ ଲୋକ ଦଉଡ଼ି ପଳାଇଥିଲେ। କିନ୍ତୁ ଗଛମୂଳରେ ବସିଥିବା ଅସହାୟ ବୃଦ୍ଧା ଜଣଙ୍କ ଯାଇ ପାରି ନ ଥିଲେ। ଫଳରେ ମହୁମାଛି ଘେରିଯାଇ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହେବା ସହ ଗୁରୁତର ହୋଇଥିଲେ। ସେହିପରି ଅନ୍ୟଜଣେ ବ୍ୟକ୍ତିଙ୍କୁ ମହୁମାଛି ଆକ୍ରମଣ କରିଛନ୍ତି। ତେବେ ସେ ନିକଟରେ ଥିବା ଏକ ଟେଲର୍ ଦୋକାନରେ ପଶିଯାଇ କପଡ଼ା ଘୋଡ଼ାଇ ହୋଇ ପଡ଼ିବାରୁ ରକ୍ଷା ପାଇ ଯାଇଛନ୍ତି।

### ସାଲେପୁର ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ

**ସାଲେପୁର,୩୦।୪(ଡି.ଏନ.ଏ.):** ସାଲେପୁର ପବ୍ଲିକ୍ ସ୍କୁଲ୍‌ର ୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ଅଧକ୍ଷା ଡ. ଜୟନ୍ତୀ ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସାଲେପୁର କଲେଜ ଅଧକ୍ଷ ପ୍ରଫେସର ସରୋଜ କୁମାର ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବଡ଼ମଣିଷ ପରିବର୍ତ୍ତେ ଆଦର୍ଶ ମଣିଷଭାବେ ସମାଜରେ ପରିଚୟ ସୃଷ୍ଟିକରିବାକୁ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ସାଲେପୁର ଫାର୍ମାସୀ କଲେଜ ଅଧକ୍ଷ ଡ. ୟୁ.ଏଲ୍. ନାରାୟଣ୍ ଯୋଗଦେଇ ପିଲାଙ୍କ ଅନ୍ତର୍ନିହିତ ଗୁଣର ବିକାଶ ଦିଗରେ ସ୍ୱତନ୍ତ୍ର ଭାବେ ଦୃଷ୍ଟିଦେବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ହାସ୍ୟ ଅଭିନେତା ଦୀପକ୍ କୁମାର ନାୟକ ଯୋଗଦେଇ ଅଭିନୟ ମାଧମରେ ବକ୍ତବ୍ୟଦେଇ ପିଲାଙ୍କ ମନ ମୋହିଥିଲେ। ବିଦ୍ୟାଳୟ ସମ୍ପାଦକ ଦିଲୀପ ବରାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।

## ■ 'ଫନୀ'ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ

# ଜରୁରୀ ସେବା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

■ଜିଲାର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ
■ତଳିଆ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ
■୪୫ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବାକୁ ପରାମର୍ଶ

**ଜଗତ୍‌ସିଂହପୁର ଅଫିସ,୩୦।୪**

ବାତ୍ୟା 'ଫନୀ' ମୁକାବିଲା ପାଇଁ ମଙ୍ଗଳବାର ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ ହୋଇଥିବା ସୂଚନା ଦେବା ସହ ସମସ୍ତେ ହେଡ୍ କ୍ୱାର୍ଟରରେ ଉପସ୍ଥିତ ରହିବାକୁ ଜିଲାପାଳ ଗୁହା ପୁନମ ତାପସ କୁମାର ନିର୍ଦ୍ଦେଶ ଦେଇଛନ୍ତି। ସେ କହିଲେ ଯେ ବିଡିଓ, ତହସିଲଦାର ଓ କ୍ଷେତ୍ରୀୟ କର୍ମଚାରୀମାନେ ଜରୁରୀ ସେବା ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ଜିଲାରେ ଥିବା ସୁରକ୍ଷିତ ଗୃହଗୁଡ଼ିକ ଚିହ୍ନଟ କରାଯିବା ସହ ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରାଯିବ। ଜିଲାରେ ଥିବା ୪୫ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀକୁ ପରିଷ୍କାର କରାଯାଇ ବିଦ୍ୟୁତ ସଂଯୋଗ, ପାନୀୟଜଳ ଓ ସମସ୍ତ ସରଞ୍ଜାମ ପ୍ରସ୍ତୁତ ରଖାଯିବ। ଅପରାହ୍ଣରେ ବିଭିନ୍ନ ପଞ୍ଚାୟତରେ ପ୍ରସ୍ତୁତି ବୈଠକ ହେବ। ଏଥିସହ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକ ପ୍ରସ୍ତୁତ ରଖିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଶୁଖିଲା ଖାଦ୍ୟ ଓ ଆବଶ୍ୟକସ୍ଥଳେ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ଯୋଗାଣ ଅଧିକାରୀ ଚାଉଳ, ଚୂଡ଼ା, ଗୁଡ ଆଦି ମହଜୁତ ରଖିବେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବାକୁ କୁହାଯାଇଥିଲା। ବସ୍ତି ଅଞ୍ଚଳକୁ ପରିଷ୍କାର ଓ ସ୍ୱାସ୍ଥ୍ୟକର କରିବା, ଶୁଦ୍ଧ ପାନୀୟଜଳ ଯୋଗାଣ ଓ ଫୁଟା ପାଣି ଯୋଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଦିବ୍ୟାଙ୍ଗଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବା, ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ସଚେତନ କରାଇବା, ମହମବତୀ ଓ ଦିଆସିଲ ମହଜୁତ ରଖିବା, ବାତ୍ୟାରେ ଭାଙ୍ଗି ଥିବା ଗଛ କାଟିବା, ରାସ୍ତା ଓ ଅଚଳ ନଳକୂପ ମରାମତି ସମ୍ପର୍କରେ ଆଲୋଚନା ହୋଇଥିଲା। ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର କହିଲେ ଯେ ଜିଲାରେ ୯୩୮ ବାତ୍ୟା ପ୍ରବଣ ଗ୍ରାମ ଚିହ୍ନଟ କରାଯାଇଛି। ବୈଠକରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ, ଡେପୁଟି କଲେକ୍ଟର (ଜରୁରୀ)ଙ୍କ ସମେତ ଜିଲାର ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, ସିଡିଏମ୍‌ଓ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଥାରେ ଖୋଷା କାନରେ ଫୁଲ
ଚାଲିଯାଉଥାଏ ଢୁଲଢୁଲ୍ ।**

ତୁଚ୍ଛାଟାରେ କିଛି ବ୍ୟକ୍ତି ଅନ୍ୟଆଗରେ ଦେଖେଇ ହୁଅନ୍ତି। ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ଅନ୍ୟଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ବେଶଭୂଷା ହୋଇ ଅନ୍ୟଆଗରେ ଛଇଛଟକି ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମୂଳରୁ ବାଞ୍ଝ
ପୁଅ ନାଁ ଦିଏ ଶୁଖୁଆ ଲାଞ୍ଜୀ ।**

କିଛି ଆୟୋଜନ ବା ପ୍ରସ୍ତୁତି ନ ଥାଇ ପ୍ରତିଷ୍ଠାର ହିସାବ କିତାବ। ସାଧାରଣତଃ ଯାହାର ପିଲାପିଲି ହେଉ ନ ଥାଏ ତାକୁ ବାଞ୍ଝ କୁହାଯାଇଥାଏ। ପିଲାପିଲି ହେବାର ସମ୍ଭାବନା ନ ଥିବା ନାରୀ ପକ୍ଷେ ପୁଅର ନାଁ ରଖିବା ନେଇ ପରିକଳ୍ପନା କରିବାରେ କୌଣସି ଯଥାର୍ଥତା ନ ଥାଏ। କିଛି ନ ଥାଇ ବଡ଼ ବଡ଼ ସ୍ୱପ୍ନ ଦେଖିବା ଅମୂଳକ ବା ଅକାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

# ରାତି ୧୨ଟା ପର୍ଯ୍ୟନ୍ତ ହେଲା ମତଦାନ



ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ରାତିରେ ଭୋଟ୍ ଦେବାକୁ ଅପେକ୍ଷା କରିଥିବା ଭୋଟର।



୧୪୧ନଂ ବୁଥ୍‌ର ଗେଟ୍ ବାହାରେ ଅପେକ୍ଷାରତ ଭୋଟର।

**ବାଲିଆ,୩୦।୪**

ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ଚଳିତ ନିର୍ବାଚନରେ ମୋଟ୍ ୭୩.୪୨ ପ୍ରତିଶତ ମତଦାନ ହୋଇଛି। ଏହି ନିର୍ବାଚନମଣ୍ଡଳୀ ଅଧୀନ ବିରିଡ଼ି ବ୍ଲକରେ ୭୭ ବୁଥ୍ ହୋଇଥିବାବେଳେ ଅଧିକାଂଶ ବୁଥ୍‌ରେ ଇଭିଏମ୍ ଖରାପ ଯୋଗୁ ମତଦାନରେ ବିଭ୍ରାଟ ସୃଷ୍ଟି ହୋଇଥିଲା। ଏପରି କି କେତେକ ବୁଥ୍‌ରେ ରାତି ୧୨ଟା ପର୍ଯ୍ୟନ୍ତ ମତଦାତାମାନେ ଧାଡ଼ିରେ ଛିଡ଼ା ହୋଇ ଭୋଟ୍ ଦେଇଥିବା ଦେଖିବାକୁ ମିଳିଥିଲା। ଏହି ବ୍ଲକର ହାଜିପୁର ପଞ୍ଚାୟତ ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ୨୦ ନଂ. ବୁଥ୍‌ରେ ରାତି ୧୨ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା। କେତେକ ବୁଥ୍‌ରେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀମାନେ ଇଭିଏମ ଠିକ୍ ଭାବେ କାର୍ଯ୍ୟକ୍ଷମ କରାଇ ନ ପାରିବାରୁ ଭୋଟ ଗ୍ରହଣରେ ବିଳମ୍ବ ହୋଇଥିଲା। ବୁଢାପଡ଼ା ପଞ୍ଚାୟତର ଗୌଷ୍ଟନଗର ପ୍ରାଥମିକ ବିଦ୍ୟାଳୟରେ ଥିବା ୧୪୧ ନଂ ବୁଥରେ ପ୍ରାୟ ୨୦୦ ପୋଲିଂ ହେବା ପରେ ହଠାତ୍ ଇଭିଏମ୍ ଖରାପ ହୋଇଯାଇଥିଲା। ଦିନ ୧୨ଟାରୁ ରାତି ୩ଟା ପର୍ଯ୍ୟନ୍ତ ମତଦାନ ବନ୍ଦ ରହିଥିଲା। ପରେ ମେକାନିକାଲ ଟିମ୍ ଆସି ଇଭିଏମ୍ ବଦଳାଇବା ପରେ ନୂଆ ଇଭିଏମ୍‌ରେ ମତଦାନ ହୋଇଥିଲା। ଭୋଟ ଗ୍ରହଣ ଚାଲିଥିବାବେଳେ ଠିକ ସନ୍ଧ୍ୟା ୬ଟାରେ ପ୍ରିଜାଇଡିଂ ଅଧିକାରୀ ଜ୍ୟୋତିରଞ୍ଜନ ପରିଡ଼ା ନିଜ ସିଟରୁ ଉଠିଆସି ମତଦାନ କେନ୍ଦ୍ରର ଗେଟ୍‌ରେ ତାଲା ପକାଇ ଦେଇ ଭିତରେ ଥିବା ଲୋକଙ୍କୁ ଟୁକନ ଦେବା ଆରମ୍ଭ କରିଦେଇଥିଲେ। ତେଣୁ ବାହାରେ ଥିବା ଲୋକେ ଭୋଟ୍ ଦେଇ ନ ପାରିବା ଆଶଙ୍କାରେ ହୋହଲ୍ଲା କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ସେ ଏଭଳି କରିଥିବା ପ୍ରିଜାଇଡିଂ ଅଧିକାରୀ କହିଥିଲେ। ଏହାକୁ ବିରୋଧ କରି ବୁଥ୍‌ରେ ବସିଥିବା ଏଜେଣ୍ଟମାନେ ମଧ ବାହାରକୁ ଚାଲିଆସିଥିଲେ। ତଥାପି ବୁଥ୍‌ରେ ଏଜେଣ୍ଟଙ୍କ ଅନୁପସ୍ଥିତିରେ ମତଦାନ ଚାଲିଥିଲା, ଯାହାକି ସମ୍ପୂର୍ଣ୍ଣ ବେଆଇନ। ଏହି ସମୟରେ ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇ ସେଠାରେ ପହଞ୍ଚିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ମଧ ଭିତରକୁ ଯିବାକୁ ଉଦ୍ୟମ କରିବାରୁ ତାଙ୍କୁ ବାରଣ କରାଯାଇଥିଲା। ପରେ ଏକ ଫୋନ କଲ୍ ପାଇ ପ୍ରିଜାଇଡିଂ ଅଧିକାରୀ ସେମାନଙ୍କ ସହ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ସମସ୍ତେ ଭୋଟ୍ ଦେବେ ବୋଲି ନିଷ୍ପତ୍ତି ନିଆଯିବା ପରେ ରାତି ୧୨ଟା ପର୍ଯ୍ୟନ୍ତ କଡ଼ା ସୁରକ୍ଷାରେ ଭୋଟ ଗ୍ରହଣ କରାଯାଇଥିଲା।

## ସରିଲା ନିର୍ବାଚନ : ଚାଲିଛି ଅଙ୍କକଷା

# କାହାକୁ ମିଳିବ କେତେ ଭୋଟ

**ପାରାଦୀପ,୩୦।୪(ସ୍ୱ.ପ୍ର.)**

ଚଳିତ ନିର୍ବାଚନର ଶେଷ ପର୍ଯ୍ୟାୟ ସୋମବାର ଶେଷ ହୋଇଯାଇଛି। ଏବେ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଅଙ୍କ କସୁଛନ୍ତି। ହାରିବା ଜିତିବାକୁ ନେଇ ଆକଳନ ଚାଲିଛି। କେଉଁ ୱାର୍ଡରୁ କେତେ ପ୍ରତିଶତ ମତଦାନ ହୋଇଛି, ସେଥିରେ କେତେଜଣ ତାଙ୍କ ସମର୍ଥକ ଥିଲେ, କେତେ ଭୋଟ୍ ତାଙ୍କ ସପକ୍ଷରେ ଯାଇଥିବ, ମତଦାନ କରିଥିବା ଭୋଟରଙ୍କ ମନୋଭାବ, ପୋଲିଂ ବୁଥ୍‌ରେ ବସିଥିବା ଏଜେଣ୍ଟମାନଙ୍କ ରିପୋର୍ଟ ଆଦି ତର୍ଜମା କରାଯାଉଛି। ପାରାଦୀପ ନିର୍ବାଚନମଣ୍ଡଳୀରେ ଏବେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ତେବେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ହୋଇଥିବା ତ୍ରିମୁଖୀ ଲଢେଇରେ କିଏ ବାଜି ମାରୁଛି, ତାହା ମେ ୨୩ରେ ସ୍ପଷ୍ଟ ହେବ। ସେପଟେ ସୋସିଆଲ ମିଡିଆରେ ପ୍ରାର୍ଥୀଙ୍କ ହାରଜିତକୁ ନେଇ ଚାଲିଛି ବିତର୍କ। ଏପରିକି କେତେଜଣ ଦଳୀୟ ପ୍ରାର୍ଥୀ ଖୋଲାଖୋଲି କହିଲେଣି ଆମେ ନିର୍ଦ୍ଦିଷ୍ଟ ଭୋଟ୍ ବ୍ୟବଧାନରେ ଜିତି ସାରିଛୁ। ଏମିତିରେ ଦେଖିବାକୁ ଗଲେ ମତଦାନ ହୋଇଥିବା ପରିସଂଖ୍ୟାନ ଗୋଳମାଳିଆ ରହିଛି। ଅର୍ଥାତ ପାରାଦୀପ ନିର୍ବାଚନମଣ୍ଡଳୀର ମୋଟ ୨,୧୧,୬୦୦ ଭୋଟରଙ୍କ ମଧ୍ୟରୁ ସୋମବାର ସନ୍ଧ୍ୟା ୭ଟା ସୁଦ୍ଧା ୭୩.୪୬ ପ୍ରତିଶତ ମତଦାନ ହୋଇଛି। ଅର୍ଥାତ ୧,୫୫,୦୦୦ ଭୋଟର ମତଦାନ କରିଛନ୍ତି। ୨୦୦୯ ଓ ୨୦୧୪ ନିର୍ବାଚନରେ କଂଗ୍ରେସ ୪୫ରୁ ୪୭ ହଜାର ମଧ୍ୟରେ ଭୋଟ୍ ପାଇଥିଲା। ଗତ ପଞ୍ଚାୟତ ନିର୍ବାଚନରେ ଯଦିଓ ଦଳ କିଛି ଭୋଟ ହରାଇଥିଲା, ତେବେ ବିଧାନ ସଭା ନିର୍ବାଚନରେ ସେପରି ହୋଇ ନ ଥିବ ବୋଲି ଦଳୀୟ କର୍ମୀମାନେ ଆଶାବ୍ୟକ୍ତ କରୁଛନ୍ତି। ତେଣୁ କଂଗ୍ରେସ ପ୍ରାର୍ଥୀ ୪୫ରୁ ୫୦ହଜାର ଭିତରେ ଭୋଟ୍ ପାଇଥିବେ ବୋଲି ଚର୍ଚ୍ଚା ହେଉଛି। ସେହିପରି ଭାଜପା ଗତ ପଞ୍ଚାୟତ ନିର୍ବାଚନରେ ୪୫ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇଥିଲା। ସେହି ଅନୁଯାୟୀ ଚଳିତ ନିର୍ବାଚନରେ ଦଳ ସେତିକି କିମ୍ବା ତା'ଠାରୁ ଅଧିକ ଭୋଟ୍ ପାଇଥାଇପାରେ। ଅବଶିଷ୍ଟ ଭୋଟ୍ ମଧ୍ୟରୁ ଯଦି ସ୍ୱାଧୀନ ପ୍ରାର୍ଥୀମାନେ ୫ ହଜାର ଭୋଟ୍ ହାତେଇଥିବେ ତେବେ ବିଜେଡି ଭୋଟ୍ ମଧ ସେହି ୫୦ ହଜାର ପାଖାପାଖି ରହିବ। ଏହି ହିସାବରେ ୩ ପ୍ରାର୍ଥୀଙ୍କ ଭୋଟ୍ ପ୍ରାୟତଃ ପାଖାପାଖି ରହୁଥିବା କୁହାଯାଉଛି। ଯଦି ଏହି ଧାରାରେ ମତଦାନ ହୋଇଥାଏ, ତେବେ ହାରଜିତ ବ୍ୟବଧାନ ଖୁବ୍ କମ୍ ରହିପାରେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now 7895985440

FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

୧୯୮୨ଠାରୁ ଆପଣଙ୍କ ସେବାରେ
GLOBAL FINANCE PVT. LTD.
ପି.ଏମ୍.ଜନଧନ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଗ୍ରୁପ୍ ଋଣ ଓ ସବୁ ଋଣ ମାତ୍ର ୨୪ ଘଣ୍ଟାରେ
୨% ସୁଧ ଓ ୪୦% ଛାଡ଼
ଯେକୌଣସି କମ୍ପାନୀ, ବ୍ୟାଙ୍କରୁ ପ୍ରତାରିତ ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
7894704743
House No.2, Ram Nagar, Narnol, Haryana.

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେଶନ୍, ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ!!
07052133043
08419077960
Add : - 41/14, Sec.1, Pushp Vihar, Delhi

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449164136
9675859756

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହିଁଥିବା ଭଲପାଉଥିବା, କଳାଯାଦୁ, କରି କରାଇଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

DHARITRI Career appointment Every Wednesday and Saturday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୭ ବଖରା ଭସ୍ମ, ୫ ପରିବାର ସର୍ବସ୍ୱାନ୍ତ

ରାଜନଗର, ୩୦।୪ (ଡି.ଏନ୍.ଏ.): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଯଦୁଚନ୍ଦ୍ରପୁର ଗ୍ରାମରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଭୀମସେନ ରାଉତ, ବାମଦେବ ରାଉତ, ନିରଞ୍ଜନ ରାଉତ, ଅଞ୍ଜନ ରାଉତ ଓ ଜୀବନକାନ୍ତ ରାଉତଙ୍କ ୭ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ବର୍ଷକର ଖାଦ୍ୟ ସାମଗ୍ରୀ ସହ ସମସ୍ତ ଆସବାବ ପତ୍ର ନଷ୍ଟ ହୋଇଯାଇଛି। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଅପରାହ୍ନ ୨ଟା ବଳେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଥିଲା। ପ୍ରଚଣ୍ଡ ଖରା ଯୋଗୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଖବରପାଇ ରାଜନଗର ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କରିଲୋପାଟଣା ମହାବିଦ୍ୟାଳୟରେ ବେଦପ୍ରକାଶଙ୍କ ସ୍ମୃତିସଭା

ମାର୍ଶାଘାଇ, ୩୦।୪ (ଡି.ଏନ୍.ଏ.): ମାର୍ଶାଘାଇ ବ୍ଲକସ୍ଥିତ କରିଲୋପାଟଣା ମହାବିଦ୍ୟାଳୟର ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ପାଟକୁରା ବିଧାୟକ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ମୃତିସଭା ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଅରକ୍ଷିତ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପ୍ରାଧାପକ ଅକ୍ଷୟ କୁମାର ନନ୍ଦ, ଅଧାପକ ବିଜୟ ସାମଲ, ଅଜୟ କୁମାର ରାଉତ, ପ୍ରାଚୀ ପଟ୍ଟନାୟକ, ବିଜୟାଲକ୍ଷ୍ମୀ ଜେନା, ବଟକୃଷ୍ଣ ଜେନା ଅମରେଶ ପଟେଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଅଗ୍ରୱାଲଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଅଗ୍ରୱାଲଙ୍କ ସଭାପତିତ୍ୱ କାଳରେ ମହାବିଦ୍ୟାଳରେ ବିଭିନ୍ନ ବିଭାଗରେ ସ୍ଥାୟୀ ଅଧାପିକାଅଧାପକ ନିଯୁକ୍ତି, ସମ୍ମାନ ଶ୍ରେଣୀ, ସାଇକେଲ ଷ୍ଟାଣ୍ଡ ପାଇଁ ଅନୁଦାନ, ଛାତ୍ରବାସ ନିର୍ମାଣ ଆଦି ବହୁ ଉନ୍ନୟନ କାର୍ଯ୍ୟ ହୋଇଥିଲା ବୋଲି ସଭାରେ ଉପସ୍ଥିତ ଅଧାପିକା, ଅଧାପକ ଓ କର୍ମଚାରୀମାନେ କହିଥିଲେ।

### ୨ ବଖରା ଜଳିଗଲା: ୬ ଗାଈ ଗୁରୁତର

ଆଳି,୩୦।୪(ଡି.ଏନ.ଏ): ଆଳି ଥାନା ଅଧୀନ ପୋଡ଼ାମରାଇ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି କୁଳମଣି ମଲିକଙ୍କ ୧ବଖରା ଘର ଓ ୧ ବଖରା ଗୁହାଳ ଜଳିଯାଇଛି। ଫଳରେ ଗୁହାଳ ଘରେ ବନ୍ଧା ହୋଇଥିବା ୬ ଗାଈ ଗୁରୁତର ହୋଇଛନ୍ତି। ଏଥିସହ ଅନ୍ୟ ଏକ ବଖରରାରେ ଥିବା ଧାନ, ମୁଗ, ବିରି, ଚାଉଳ ଆଦି ବର୍ଷକର ଖାଦ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଆଳି ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧୋତ୍ସବ, ସ୍ମୃତିସଭା

ଡେରାବିଶ, ୩୦।୪ (ସ୍ୱ.ପ୍ର.):ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ ଓ ସ୍ମୃତିଚାରଣ ସଭା ମଙ୍ଗଳବାର ଡେରାବିଶ ବ୍ଲକ ଭାଗବତପୁର ପଞ୍ଚାୟତ ଅଧୀନ ବଣହରାସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଦେବକୀନନ୍ଦନ ମିଶ୍ରଙ୍କ ଦ୍ୱାରା ସମ୍ପାଦିତ ସ୍ମରଣିକାକୁ ପଣ୍ଡିତ ପ୍ରବଚକ ହୃଷୀକେଶ ରଥ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ.କାର୍ତ୍ତିକ ଚରଣ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ସ୍ୱାଇଁ, ପଞ୍ଚାୟତ ସମିତି ସଭ୍ୟ ଧୀରେନ୍ଦ୍ରନାଥ ସ୍ୱାଇଁ, ସହପାଠୀ ଭୁବନମୋହନ ମିଶ୍ର, ସହକର୍ମୀ ଭଜ କିଶୋର ମିଶ୍ର, ଅବସରପ୍ରାପ୍ତ ସାମରିକ କର୍ମଚାରୀ ବ୍ରଜ କିଶୋର ମିଶ୍ର, ଦୋଳଗୋବିନ୍ଦ ମଲ୍ଲ, ଉମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ସ୍ୱର୍ଗତ ଉପସ୍ଥିତ ରହି ସ୍ୱର୍ଗତ ଷଡ଼ଙ୍ଗୀଙ୍କ ସ୍ମୃତି ଚାରଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବକୀନନ୍ଦନ ମିଶ୍ର ଧନ୍ୟବାଦ ଦେଇଥିଲେ। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ବଡ଼ଭାଇ ପଣ୍ଡିତ ପ୍ରସନ୍ନ କୁମାର ଷଡ଼ଙ୍ଗୀ ଅତିଥିମାନଙ୍କୁ ଆତିଥେୟତା ପ୍ରଦାନ କରିଥିଲେ। ମନିଦତ୍ତ ଷଡ଼ଙ୍ଗୀ, ଶିବ ପ୍ରସାଦ ଷଡ଼ଙ୍ଗୀ, ମଧୁସ୍ମିତା ଷଡ଼ଙ୍ଗୀ,ଦେବୀ ପ୍ରସାଦ ଷଡ଼ଙ୍ଗୀ ଓ ଦିଲ୍ଲୀପ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ 'ଫନୀ' ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି

# ନିର୍ବାଚନ ପରେ ବାତ୍ୟା ଚିନ୍ତା

ମହାକାଳପଡା, ୩୦।୪ (ଡି.ଏନ୍.ଏ.)


ମତ୍ସ୍ୟଜୀବୀମାନେ କୂଳକୁ ଫେରୁଛନ୍ତି।

- ■ ଉପକୂଳବାସୀ ଭୟଭୀତ
- ■ ରିଲିଫ ସାମଗ୍ରୀ ମହଜୁଦ୍ ରଖାଯାଉଛି
- ■ ମତ୍ସ୍ୟଜୀବୀଙ୍କୁ କୂଳକୁ ଫେରିବାକୁ ନିର୍ଦ୍ଦେଶ
- ■ ଶିଶୁ, ମହିଳା, ଭିନ୍ନକ୍ଷମଙ୍କୁ ନିରାପଦ ସ୍ଥାନକୁ ନିଆଯାଉଛି

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଆଡ଼କୁ ସାମୁଦ୍ରିକ ଝଡ଼ 'ଫନୀ' ମୁହାଁଇବାରେ ଲାଗିଛି। ଏହି ବାତ୍ୟା ଉଗ୍ରରୂପ ଧାରଣ କରିବାର ଆଶଙ୍କା ଥିବାରୁ ବିପୁଳ ଧନସମ୍ପତ୍ତି କ୍ଷୟକ୍ଷତି ହେବାର ଆଶଙ୍କା ରହିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଉପକୂଳ ଅଞ୍ଚଳରେ ଥିବା କେନ୍ଦ୍ରାପଡା ଜିଲାରେ ସତର୍କ ସୂଚନା ଜାରି କରାଯାଇଛି। ବାତ୍ୟା ଫନୀକୁ ନେଇ ସାଧାରଣରେ ଭୟ ସଞ୍ଚାର ହୋଇଛି। ୨୦୧୯ ସାଧାରଣ ନିର୍ବାଚନର ଦିନକ ପରେ ଏହି ବାତ୍ୟା ସୂଚନା ମିଳିଛି। ଫଳରେ ମହାକାଳପଡା ଉପକୂଳବର୍ତ୍ତୀ ଅଞ୍ଚଳର ବାସିନ୍ଦାଙ୍କ ନିଦ ହଜିଯାଇଛି। ପ୍ରଶାସନ ପକ୍ଷରୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟରେ ପ୍ରବେଶ ନ କରିବା ପାଇଁ ବାରଣ କରାଯାଇଛି। ସୂଚନା ମିଳିଲା ପରେ କେନ୍ଦ୍ରାପଡା ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳର ମହାକାଳପଡା ବ୍ଲକ ବଟିଘର, ଟୁବି, ଖରିନାସୀ,ଜମ୍ବୁ, ତନ୍ତିଆପାଳ, ରାମନଗର, ବଉଳକଣୀ ଆଦି ଅଞ୍ଚଳର ବହୁ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ସ୍ଥାନୀୟ ଅଞ୍ଚଳର ଅନେକ ମତ୍ସ୍ୟଜୀବୀ ସମୁଦ୍ର ଛାଡି କୂଳକୁ ଫେରିବାରେ ଲାଗିଛନ୍ତି। ଅପରପକ୍ଷେ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ ବାତ୍ୟା ଆଶ୍ରୟସ୍ଥଳ ଓ ବିଦ୍ୟାଳୟ ଗୃହଗୁଡିକୁ ଆଦି ଖାଲିକରାଯାଉଛି। ଏଥିସହ ରିଲିଫ ସାମଗ୍ରୀ, ପଲିଥିନ, ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ଆଦି ମହଜୁଦ ରଖାଯାଉଛି। ତଳିଆ ଅଞ୍ଚଳ ବାସିନ୍ଦାମାନଙ୍କୁ ଉଦ୍ଧାର କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ଶିଶୁ, ବୃଦ୍ଧା,ବୃଦ୍ଧ, ରୋଗୀ, ଅସହାୟ, ମହିଳା, ଭିନ୍ନକ୍ଷମମାନଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯାଉଛି।

ମହାକାଳପଡା ବ୍ଲକର ୩୧ ପଞ୍ଚାୟତର ବିଭିନ୍ନ ସ୍ୱେଚ୍ଛାସେବୀ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ କର୍ମଚାରୀଙ୍କୁ ଏଥିରେ ନିୟୋଜିତ କରାଯାଇଛି । ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ, ମହିଳା ଗୋଷ୍ଠୀ, ଅଙ୍ଗନୱାଡି କର୍ମୀମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିବା ପାଇଁ କୁହାଯାଇଛି। ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳର କାର୍ଯ୍ୟକର୍ତ୍ତାମାନେ ଦିନରାତି ରହି ଲୋକଙ୍କୁ ସାହାଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ବିଡିଓ ତଥା ତହସିଲଦାର ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ୧୯୯୯ ମସିହା ମହାବାତ୍ୟା ସମୟରେ କେନ୍ଦ୍ରାପଡା ଜିଲା ତଥା ମହାକାଳପଡା ବ୍ଲକ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ସେହିଦିନଠାରୁ ଉପକୂଳବାସୀଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଯାଇଛି। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି। ତେବେ ଏଥିରେ ପ୍ରତ୍ୟେକ ଜନସାଧାରଣଙ୍କ ସହଯୋଗ ଲୋଡା ବୋଲି ସେ କହିଛନ୍ତି।

## ଫନୀ ପାଇଁ ସରକାରୀ ଛୁଟି ବାତିଲ

କେନ୍ଦ୍ରାପଡା ଅଫିସ, ୩୦।୪

ଦକ୍ଷିଣ- ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ବାତ୍ୟା ଫନୀ ଆସନ୍ତା ୨ ସୁଦ୍ଧା ଭୟଙ୍କର ରୂପ ନେବ। କେନ୍ଦ୍ରାପଡା ଜିଲାରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା ରହିଛି । ଏ ନେଇ ସରକାରୀ ସତର୍କସୂଚନା ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ଛୁଟି ବାତିଲ କରିବା ପାଇଁ ଘୋଷଣା କରାଯାଇଛି।

ଏଥିସହ ସମ୍ଭାବ୍ୟ ବାତ୍ୟା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଏ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତିଯେ, ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବାତ୍ୟାଜନିତ ସମସ୍ୟାର ନିରାକରଣ ପାଇଁ ସଚେତନତା ସୃଷ୍ଟି କରାଯାଉଛି । ପ୍ରଶାସନ ପକ୍ଷରୁ ତଟବର୍ତ୍ତୀ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଆବଶ୍ୟକ ପଡିଲେ, ଖାଦ୍ୟ ଓ ପାନୀୟ ଭଳି ମୌଳିକ ସମସ୍ୟାର ସମାଧାନ ଉପରେ ଧ୍ୟାନ ଦିଆଯାଉଛି ।

## ନିର୍ବାଚନକୁ କେନ୍ଦ୍ରକରି ଗ୍ରାମରେ ଗୋଷ୍ଠୀ ସଂଘର୍ଷ

**ଉଭୟ ପକ୍ଷରୁ ୪ ଆହତ**

ରାଜକନିକା,୩୦।୪(ଡି.ଏନ୍.ଏ.)

ରାଜକନିକା ଥାନା ଅନ୍ତର୍ଗତ ଅବଦୁଲପୁର ପଞ୍ଚାୟତର ଅହମ୍ମଦପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ବିଜେଡି ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସୂଚନାଯୋଗ୍ୟ, ନିର୍ବାଚନକୁ ନେଇ ଏହି ଦୁଇ ଦଳର କର୍ମୀଙ୍କ ମଧ୍ୟରେ ଗତ କିଛି ଦିନ ହେବ ବାକ୍‌ବିତଣ୍ଡା ଲାଗି ରହିଥିଲା। ସନ୍ଧ୍ୟାରେ ଏହା ଉଗ୍ରରୂପ ଧାରଣ କରି ଗୋଷ୍ଠୀ ସଂଘର୍ଷର ରୂପ ନେଇଛି। ଏନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଖବରପାଇ ରାଜକନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମରେ ଫୋର୍ସ ମୁତୟନ କରିଛି। ଏନେଇ ଅଦ୍ୟାବଧି ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

## ସାବିତ୍ରୀଙ୍କ ନାମାଙ୍କନ ଦାଖଲ ପରେ କର୍ମୀ ଉତ୍ସାହିତ

କେନ୍ଦ୍ରାପଡା ଅଫିସ/ଡେରାବିଶ (ସ୍ୱ.ପ୍ର.), ୩୦।୪

ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ମୃତ୍ୟୁପରେ ପାଟକୁରା ବିଧାନସଭା ଆସନ ପାଇଁ ଏବେ ତାଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କୁ ବିଜେଡି ପକ୍ଷରୁ ପ୍ରାର୍ଥୀ କରାଯାଇଛି। ମଙ୍ଗଳବାର ସେ ନାମାଙ୍କନ ପତ୍ର ଦାଖଲ କରିବା ପରେ କର୍ମୀ ମହଲରେ ଉତ୍ସାହ ଭରିଯାଇଛି। ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ରାଜ୍ୟ ସାଧାରଣ ସମ୍ପାଦକ ରାଜେଶ ଦାସ, ରବି ସାମଲ ଓ ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି। ଏସମ୍ପର୍କରେ ଡେରାବିଶ ବ୍ଲକ ଅନ୍ତର୍ଗତ ନରସିଂହପୁର ସରପଞ୍ଚ କମଳାପ୍ରଭା ଖଟୁଆ ପ୍ରକାଶ କରିଛନ୍ତି ଯେ, ସାବିତ୍ରୀଙ୍କୁ ପ୍ରାର୍ଥୀ କରି ବିଜେଡିର ମହିଳା ସଶକ୍ତୀକରଣକୁ ମୁଖ୍ୟମନ୍ତ୍ରୀ ଆହୁରି ସୁଦୃଢ଼ କରିଛନ୍ତି । କେନ୍ଦ୍ରାପଡା ଜିଲାରେ କୌଣସି ରାଜନୈତିକ ଦଳ ମହିଳାଙ୍କୁ ଗୁରୁତ୍ୱ ଦେଇ ନ ଥିବା ବେଳେ ବିଜେଡି ଦ୍ୱାରା ଏହା ସମ୍ଭବ ହୋଇଛି। ସୂଚନାଯୋଗ୍ୟ, ପୂର୍ବରୁ ଏହି ଆସନ ପାଇଁ ବିଜେଡି ପକ୍ଷରୁ ବିଧାୟକ ବେଦ ପ୍ରକାଶ ଅଗ୍ରୱାଲ ପ୍ରାର୍ଥୀ ହୋଇଥିଲେ। ମାତ୍ର ତାଙ୍କ ମୃତ୍ୟୁ ପରେ ନିର୍ବାଚନ ନିର୍ବାଚନ ସ୍ଥଗିତ ହୋଇଯାଇଥିଲା। ଆସନ୍ତା ମେ ୧୯ରେ ଏଠାରେ ନିର୍ବାଚନ କରିବା ଲାଗି ଗତ ୨୪ରେ ମୁଖ୍ୟ ନିର୍ବାଚନ କମିଶନର ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଥିଲେ । ଆଇନ ୧୯୫୧ ଧାରା ୫୨ (୨) ଅନୁଯାୟୀ,କେବଳ ବିଜେଡି ପ୍ରାର୍ଥୀଙ୍କୁ ନାମାଙ୍କନ ପତ୍ର ଦାଖଲ କରିବା ସୁଯୋଗ ଦିଆଯିବ ବୋଲି ଏଥିରେ ଉଲ୍ଲେଖ ଥିଲା। ଏହାପରେ ପରେ ସାବିତ୍ରୀଙ୍କୁ ଏହି ଆସନରୁ ପ୍ରାର୍ଥୀ ଭାବେ ସୋମବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଥିଲେ।

## ୧୦୮ କଳସ ଶୋଭାଯାତ୍ରା

ମାର୍ଶାଘାଇ, ୩୦।୪ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଜୁଣ ଗ୍ରାମଦେବତୀ ମା'ଚାଟେଶ୍ୱରୀଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମର ୧୦୮ ମହିଳା ଏବଂ ପୁରୁଷ ବାଲିକଷୋଟି ନିକଟସ୍ଥ ଲୁଣା ଚିତ୍ରୋତ୍ପଳା ସଂଗମସ୍ଥଳରୁ କଳସରେ ପାଣି ଆଣି ଶୋଭାଯାତ୍ରାରେ ଆସି ମନ୍ଦିର ନିକଟରେ ସ୍ଥାପନ କରିଥିଲେ। ଚାଟେଶ୍ୱରୀଙ୍କ ନୂତନ ବିଗ୍ରହକୁ ସ୍ନାନ କରାଯିବା ସହିତ ବିଧି ଅନୁଯାୟୀ ଗୁପ୍ତ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ନୂତନ ମନ୍ଦିରକୁ ୧୦୮ କଳସୀ ଜଳରେ ସ୍ନାନ କରାଯାଇଥିଲା। ବୁଧବାର ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଥିବା କମିଟି ସଦସ୍ୟ ଗିରିଶ ବେହେରା, ବିଶ୍ୱମ୍ଭର ବାରିକ, ରଶ୍ମିରଞ୍ଜନ ରଥ, ନିର୍ମଳ ରଥ, ନିଗମ ପ୍ରସାଦ ରଥ, କୈଳାସ ବେହେରା ପ୍ରମୁଖ କହିଛନ୍ତି।

■ ଭାଜପାର ଯୁବ ସମାବେଶ

## ବିଜେଡିକୁ ଘାରିଛି ବିଜୟ ଭୟ: ବିଜୟ

ଡେରାବିଶ, ୩୦।୪ (ସ୍ୱ.ପ୍ର.)


ଯୁବ ସମାବେଶରେ ବିଜୟ ମହାପାତ୍ର ଓ ଅନ୍ୟମାନେ।

ଆସନ୍ତା ମେ ୧୯ ତାରିଖରେ ପାଟକୁରା ବିଧାନସଭା ଆସନ ପାଇଁ ସାନି ମତଦାନ ଅନୁଷ୍ଠିତ ହେବ। ଏ ନେଇ ପାଟକୁରାରେ ନିର୍ବାଚନୀ ମାହୋଲ ଉଷ୍ମ ହୋଇଛି। ଏହି ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଏକ ବିଶାଳ ଯୁବ ସମାବେଶରେ ପାଟକୁରା ଭାଜପା ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ବିଜୟ ମହାପାତ୍ର ଯୋଗଦେଇ ବିଜେଡି ଉପରେ ବର୍ଷିଛନ୍ତି। ଏହି ଅବସରରେ ସେ କହିଥିଲେ, ପାଟକୁରା ବିଧାନସଭା ଆସନରେ ଭାଜପାରୁ ତାଙ୍କୁ ପ୍ରାର୍ଥୀ କରାଯିବା ପରେ ବିଜେଡିକୁ ଏହି ଆସନ ହରେଇବାର ଭୟ ଘାରିଛି। ଜାଣି ଜାଣି ରୋଗଶଯ୍ୟାରେ ଥିବା ସମୟରେ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରାଯାଇଥିଲା। ଆଉ ଏବେ 'ଫନୀ' କେନ୍ଦ୍ରାପଡ଼ା ଛୁଇଁ ନ ଥିବା ବେଳେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀରେ ନିର୍ବାଚନ କମିଶନଙ୍କୁ ଭେଟି ନିର୍ବାଚନ ଘୁଞ୍ଚାଇବାକୁ କହିଲେଣି। ଯଦି ବିଜେଡିକୁ ଏତେ ଭୟ ତେବେ ମୁଖ୍ୟମନ୍ତ୍ରୀ ନିଜେ ପାଟକୁରାରୁ ମୋ ବିପକ୍ଷରେ ଲଢ଼ନ୍ତୁ ବୋଲି ବିଜୟ ତାଙ୍କ ଅଭିଭାଷଣରେ କହିଥିଲେ। ଏଥିସହ ସେ କହିଥିଲେ, ଜନ୍ମମାଟିର ସ୍ୱାଭିମାନ ରକ୍ଷା କରିବା ପାଇଁ ସେ ସଙ୍କଳ୍ପବଦ୍ଧ। ୨୦୦୦ ମସିହା ସାଧାରଣ ନିର୍ବାଚନ ବେଳେ ସେ କିପରି ବିଧାନସଭାକୁ ଯାଇ ନପାରିବେ ସେ ନେଇ ବିଜେଡି ପକ୍ଷରୁ ଯୋଜନା କରାଯାଇଥିଲା। ମାତ୍ର ଚଳିତ ନିର୍ବାଚନ ଏକ ଅସାଧାରଣ ଓ ଐତିହାସିକ ହୋଇଥିବାରୁ ଯେତେ ଷଡ଼ଯନ୍ତ୍ର କଲେ ମଧ୍ୟ ବିଜୟଙ୍କ ବିଜୟ ସୁନିଶ୍ଚିତ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। 'ପାଟକୁରାର ସ୍ୱାଭିମାନ ସମସ୍ତଙ୍କ ସଂକଳ୍ପ' ଏହି ବାର୍ତ୍ତା ଡେରାବିଶ ଅଞ୍ଚଳର ପ୍ରତ୍ୟେକ ଲୋକ ଓ ପରିବାର ନିକଟରେ ପହଞ୍ଚାଇବାକୁ ବିଜୟ ଆହ୍ୱାନ ଦେଇଥିଲେ। ତେବେ ପ୍ରତ୍ୟେକ ଛାତ୍ର ଓ ଯୁବକ ଏହି ମାଟିର ସ୍ୱାଭିମାନ ରକ୍ଷା କରିବା ପାଇଁ ସଙ୍କଳ୍ପବଦ୍ଧ ହେବାକୁ ସମାବେଶରେ ଉପସ୍ଥିତ ଛାତ୍ର ଓ ଯୁବକମାନଙ୍କୁ ବିଜୟ ନିବେଦନ କରିଥିଲେ। ବରିଷ୍ଠ ନେତା ଗଣେଶ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ସମବାୟବିତ୍ ବୈଷ୍ଣବ ଚରଣ ସାହୁ, ଦାମୋଦର ମହାନ୍ତି, ବଟକୃଷ୍ଣ ସାମଲ, ପ୍ରଶାନ୍ତ ସାମଲ, ସୁକାନ୍ତ ଦ୍ୱିବେଦୀ, କ୍ଷୀରୋଦ ନାୟକଙ୍କ ସମେତ ବହୁ ବରିଷ୍ଠ ଓ ଯୁବ ନେତା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନିକୁଞ୍ଜ କିଶୋର ପ୍ରଧାନ, ଦେବାଶିଷ ଗିରିଜାଭୂଷଣ ନାୟକ, ପ୍ରିୟଦର୍ଶନ ସ୍ୱାଇଁ, ଦିଲ୍ଲୀପ ଦାସ ପ୍ରମୁଖ ସମାବେଶ ପରିଚାଳନାରେ ସହଯୋଗ କରିଥିଲେ।

## ବୋଲେରୋ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଆଳି, ୩୦।୪ (ଡି.ଏନ୍.ଏ.)

କଟକ-ଚାନ୍ଦବାଲି ରାସ୍ତାର ଆଳି ବଳଭଦ୍ରପୁର ଶାସନ ଛକ ନିକଟରେ ମଙ୍ଗଳବାର ଭୋର ପ୍ରାୟ ୬ଟା ବେଳେ ଏକ ବୋଲେରୋ ଧକ୍କାରେ ଆଳି ଥାନା ଅଧୀନ ବଳଭଦ୍ରପୁର ଶାସନ ଗ୍ରାମର ସୂର୍ଯ୍ୟମଣୀ ରଣା(୫୬)ଙ୍କର ମୃତ୍ୟୁ ହୋଇଛି। ଏଥିସହ ଗୋପୀନାଥପୁର ଗ୍ରାମର ବିରଞ୍ଚି ମହାପାତ୍ରଙ୍କ ପୁଅ ବିନାୟକ ଆହତ ହୋଇଛନ୍ତି ।

ସୂର୍ଯ୍ୟମଣୀ ରାସ୍ତା ପାର ହେବାକୁ ଠିଆ ହୋଇଥିଲେ। ଏହି ସମୟରେ ପଟ୍ଟାମୁଣ୍ଡାଇ ଆଡୁ ଖବରକାଗଜ ନେଇ ଆସୁଥିବା ଏକ ବୋଲେରୋ (ନଂ. ଓଡି-୨୯-ସି-୮୬୦୮) ତାଙ୍କୁ ଧକ୍କା ଦେଇଥିଲା। ଏଥିସହିତ ସେହି ରାସ୍ତା ଦେଇ ଯାଉଥିବା ବିନାୟକଙ୍କୁ ମଧ୍ୟ ଏହି ବୋଲେରୋ ଧକ୍କା ଦେଇଥିଲା। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

## ମହାବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ



ସଭାରେ ଉପସ୍ଥିତ ଅତିଥି।

ଆଳି, ୩୦।୪ (ଡି.ଏନ୍.ଏ.)

ଆୟତପୁର ଲକ୍ଷ୍ମୀବରାହ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ଅଷ୍ଟମ ବାର୍ଷିକ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ତାଙ୍କ ନିଆଳିସ୍ଥିତ 'କୁଞ୍ଜ କୁଟୀର' ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସ୍ମୃତିସଭାରେ ଆଳି ଯାଦବ ମହାସଭା ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ କେଶବ ଚରଣ ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷାବିତ୍ ନିରଞ୍ଜନ ଜେନା ମୁଖ୍ୟଅତିଥି ଓ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ରାଉଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ରାଜକନିକା ଯାଦବ ମହାସଭା ସାଧାରଣ ସମ୍ପାଦକ ମନୋଜ କୁମାର ପରିଡ଼ା, ଗିରିଶ ଚନ୍ଦ୍ର ଦାସ, ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ନନ୍ଦ, ଦଶରଥ ମଲିକ, ଅମୂଲ୍ୟ କୁମାର ବେହେରା, ଶିକ୍ଷାବିତ୍ ନିକୁଞ୍ଜ ବିହାରୀ ଦାସ, କରୁଣାକର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କର ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଦାସ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ। ସେ ଆୟତପୁର ଉଚ୍ଚ ବିଦ୍ୟାଳୟରରେ ଶିକ୍ଷକତା କରି ଅନେକ କୃତୀ ଛାତ୍ର ସୃଷ୍ଟି କରିପାରିଥିଲେ। ଯେତେବେଳେ ଲୋକମାନେ ଗୋଟିଏ କଲେଜର ପରିକଳ୍ପନା କରିନଥିଲେ ଆୟତପୁର ପରି ଏକ ଉପାନ୍ତ ଅଞ୍ଚଳରେ କଲେଜ ପ୍ରତିଷ୍ଠା କରିଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଗୌରାଙ୍ଗ ଚରଣ ସ୍ମୃତି କମିଟି ପକ୍ଷରୁ ଦୁଇଜଣ କୃତୀ ଶିକ୍ଷକ ବିଏମ୍ ସେନାପତି ଓ ବିଜୟ କୁମାର ବୋଇତିଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ଦାସଙ୍କ ପୁଅ ଅବକାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଚୀନ ମନ୍ଦିର ଭଗ୍ନାବଶେଷର ସନ୍ଧାନ

ବାଲେଶ୍ୱର ଅଫିସ, ୩୦।୪


ଖନନ ପରେ ମିଳିଥିବା ପଥର ଖଣ୍ଡ।

ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ଭାବେ ବାବା ଭୂଷଣ୍ଡେଶ୍ୱର ପରିଚିତ। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କୁମ୍ଭୀରଗଡ଼ି ପଞ୍ଚାୟତରେ ଅବସ୍ଥିତ ଭୂଷଣ୍ଡେଶ୍ୱରଙ୍କ ମନ୍ଦିରର ପ୍ରାଚୀନତା ସମ୍ପର୍କରେ ସମ୍ପ୍ରତି ଆଉ କେତେକ ତଥ୍ୟ ପଦାକୁ ଆସିଛି। ସେଠାରେ ମନ୍ଦିର ପୁନଃ ନିର୍ମାଣ ଲାଗି ଖନନ କରାଯିବା ସମୟରେ ମାଟିତଳୁ କଳା ମୁଗୁନି ପଥରର ଅନେକ ଭଗ୍ନାଂଶ ଉଦ୍ଧାର ହୋଇଛି। ଏସବୁ ଭଗ୍ନାଂଶ ପ୍ରାଚୀନ ମନ୍ଦିରର ଅବସ୍ଥିତି ସୂଚାଉଛି ବୋଲି 'ମନ୍ଦିର ନିର୍ମାଣ କମିଟି' ପକ୍ଷରୁ କୁହାଯାଇଛି।

କେତେକ ଐତିହାସିକ କହନ୍ତି, ପ୍ରାୟ ଷୋଡ଼ଶ ଶତାବ୍ଦୀ ବେଳକୁ ସେଠାରେ ଯେଉଁ ପ୍ରାଚୀନ ମନ୍ଦିର ଥିଲା ତାହା ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଇଥିଲା। ୧୯୮୩ରୁ ୧୯୮୬ ମଧ୍ୟରେ ଭୂଷଣ୍ଡେଶ୍ୱର ଶିବଲିଙ୍ଗକୁ ଘେରି ଏକ ମନ୍ଦିର ନିର୍ମାଣ ହୋଇଥିଲା। ୧୯୮୦ରୁ ୧୯୮୫ରେ ଭୋଗରାଇର ତତ୍କାଳୀନ ବିଧାୟକ ଡ. କାର୍ତ୍ତିକେଶ୍ୱର ପାତ୍ର ଓ ଅନ୍ୟ ସ୍ଥାନୀୟ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ମନ୍ଦିର ନିର୍ମାଣ କାମ ଆରମ୍ଭ ହୋଇଥିଲା। ୧୯୮୭ ମସିହାରେ ମନ୍ଦିରର ଶୁଭ ଉଦ୍‌ଘାଟନ ହୋଇଥିଲେ ମଧ୍ୟ କାମ ଶେଷ ହୋଇପାରି ନ ଥିଲା। ଏଥିଲାଗି ମନ୍ଦିର ପୁନରୁଦ୍ଧାର ସକାଶେ 'ମନ୍ଦିର ନିର୍ମାଣ କମିଟି' ଗଠନ କରାଯାଇଥିଲା। ୧୫କୋଟି ଟଙ୍କା ବ୍ୟୟରେ ଏବେ କିଛିଦିନ ଆଗରୁ ମନ୍ଦିର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସେଠାରେ ଖନନ କରାଯିବା ବେଳେ ୧୦ ଫୁଟ ମାଟି ତଳେ ରହିଥିବା ଏକ ମାଙ୍କଡ଼ା ପଥରର ଆସ୍ତରଣ ଭିତରେ କେତୋଟି କଳା ମୁଗୁନି ପଥରର ସ୍ତମ୍ଭ, ପାହାଚ ଓ ବେଦିକା ଆଦି ଠାବ କରାଯାଇଛି। ଜେସିବି ଦ୍ୱାରା ଯେଉଁ କଳାମୁଗୁନି ପଥର ଉପରକୁ ଉଠାଇ ଅଣାଯାଇଛି ସେଥିରେ ଗୋଟିଏ ଛିଦ୍ର ରହିଛି। ପିଲାର ସଦୃଶ ଏହି ପଥରର ଲମ୍ବ ୮୭ ଇଞ୍ଚ, ଚଉଡା ୨୨ଇଞ୍ଚ ଓ ଉଚ୍ଚତା ୧୬ ଇଞ୍ଚ। ସେଥିରେ ପାହାଚ ଭଳି କଟାକଟା ଦାଢ଼ ରହିଛି। ମାଟିତଳୁ ମିଳିଥିବା ଅନ୍ୟ ଏକ ପଥର ଲମ୍ବ ୯୧ ଇଞ୍ଚ, ଚଉଡ଼ା ୪୪ ଇଞ୍ଚ, ଉଚ୍ଚତା ୧୪ ଇଞ୍ଚ ରହିଛି। ଜେସିବି ମାଟି ଉପରକୁ ଉଠାଇ ପାରି ନ ଥିବା ଅନ୍ୟ ଏକ ପଥରର ଲମ୍ବ ୧୦୬ ଇଞ୍ଚ, ଚଉଡ଼ା ୭୪ ଇଞ୍ଚ। ମାଟି ତଳକୁ ତାହା କେତେ ପୋତି ହୋଇରହିଛି ଜଣାପଡି ନାହିଁ। ସେହିଭଳି ମାଟିତଳୁ ଉଦ୍ଧାର ହୋଇଥିବା ବେଦିକା ସମ୍ପୂର୍ଣ୍ଣ କଳା ମୁଗୁନି ପଥରରେ ତିଆରି। ଏହା ଚତୁଃଷ୍କୋଣାକାର। ଦୈର୍ଘ୍ୟ, ପ୍ରସ୍ଥ ୫ଫୁଟ ଲେଖାଏ। ମନ୍ଦିର ପୁନରୁଦ୍ଧାର ପାଇଁ ଚାଲିଥିବା ଖନନ କାର୍ଯ୍ୟର ଆହୁରି ଦୁଇ ତୃତୀୟାଂଶ ବାକି ରହିଛି। ଖନନ କାର୍ଯ୍ୟ ଜାରି ରହିଲେ, ଅନ୍ୟ କିଛି ପ୍ରାଚୀନ କଳାକୃତି ମିଳିପାରେ ବୋଲି ଅନୁମାନ କରାଯାଉଛି। ଏସବୁ ଭଗ୍ନାଂଶ ଷୋଡ଼ଶ ଶତାବ୍ଦୀର କଳା ମୁଗୁନି ପଥରରେ ତିଆରି କଳାକୃତିର ଅବଶେଷ ବୋଲି କୁହାଯାଉଛି। ଭୂଷଣ୍ଡେଶ୍ୱର ମନ୍ଦିର ନିକଟରେ କୌଣସି ପାହାଡ଼ ବା ପଥର ଖାଦାନ ନ ଥିବା ବେଳେ ମିଳିଥିବା ସମସ୍ତ ପଥର ଏଠାକୁ କିପରି ଅଣାଯାଇଥିଲା ତାହା ଗବେଷଣା ସାପେକ୍ଷ ବୋଲି ମନ୍ଦିର କମିଟି କର୍ମକର୍ତ୍ତା କହିଛନ୍ତି। ଭୂଷଣ୍ଡେଶ୍ୱର ମନ୍ଦିର ପୁନାରୁଦ୍ଧାର ଲାଗି ଚାଲିଥିବା ଖନନ କାର୍ଯ୍ୟ ତ୍ୱରାନ୍ୱିତ କରି ପୁରାତନ ମନ୍ଦିର ସମ୍ପର୍କରେ ତଥ୍ୟ ଲୋକଲୋଚନକୁ ଆଣିବା ଲାଗି ପୁନରୁଦ୍ଧାର କମିଟି ସଭାପତି ତଥା ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର ରାଜ୍ୟ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗର ମୁଖ୍ୟମାନଙ୍କୁ ପତ୍ରଲେଖି ଅନୁରୋଧ କରିଛନ୍ତି। ଏଥିସହ ଉଦ୍ଧାର ହୋଇଥିବା ପଥରଗୁଡ଼ିକୁ ବିଶେଷଜ୍ଞମାନଙ୍କ ଦ୍ୱାରା ଅନୁଧ୍ୟାନ କରିବାକୁ ସେ ଦାବି କରିଛନ୍ତି।

## ସଂକ୍ଷେପରେ

### ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

ରଘୁନାଥପୁର, ୩୦।୪ (ଡି.ଏନ.ଏ.): ଅଂଶୁଘାତରେ ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ହୋଇଥିବା ମଙ୍ଗଳବାର ଅଭିଯୋଗ ହେଉଛି। ସେ ହେଲେ ରଘୁନାଥପୁର ବ୍ଲକ ଗୁଆଲିପୁର ଗାଁର ୧୫ ନଂ. ୱାର୍ଡର ଚାଷୀ ରବୀନ୍ଦ୍ର ନାଥ ସିଂ (୩୫)। ସେ ନିଜ ବିଲରେ ମୁଗ ଓପାଡୁଥିବା ବେଳେ ପୂର୍ବାହ୍ନ ସାଢେ ୧୧ଟାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ପଡି ଯାଇଥିଲେ। ପାଖରେ ଥିବା ଲୋକେ ତୁରନ୍ତ ରବୀନ୍ଦ୍ରଙ୍କୁ ସ୍ଥାନୀୟ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ବିଶେଷ ଚିକିତ୍ସା ଉପଲବ୍ଧ ନ ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଜଗତ୍‌ସିଂହପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଅଧିବାସୀ ଓ ପରିବାର ଲୋକେ ରବୀନ୍ଦ୍ରଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କୁହାଯାଇଛି। ରବୀନ୍ଦ୍ର ଜଣେ ଅମାୟିକ ବ୍ୟକ୍ତିତ୍ୱ ଥିବା ଏବଂ ଗ୍ରାମର ସମସ୍ତଙ୍କ ଭଲ ମନ୍ଦରେ ସାମିଲ ହେଉଥିବାରୁ ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ରବୀନ୍ଦ୍ରଙ୍କ ଦୁଇ ପୁଅ, ଝିଅ ଥିବାବେଳେ ସେ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗାଁର ମୁରବି ଜ୍ଞାନ ରଞ୍ଜନ ପଟ୍ଟନାୟକ, ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

### ଉଦ୍ଧାର ହରିଣ ବନ ବିଭାଗକୁ ହସ୍ତାନ୍ତର



ରଘୁନାଥପୁର, ୩୦।୪ (ଡି.ଏନ.ଏ.): ନିଶ୍ଚିନ୍ତକୋଇଲି ବ୍ଲକ ଶିର୍ଲୋ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଏକ ହରିଣକୁ ମଙ୍ଗଳବାର ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଗ୍ରାମର ଦୁର୍ଗା ମଣ୍ଡପ ନିକଟରେ ହରିଣକୁ ବୁଲା କୁକୁର ଗୋଡାଉଥିବା ଲକ୍ଷ୍ୟ କରି ଗ୍ରାମର କେତେଜଣ ଯୁବକ ତାକୁ ଉଦ୍ଧାର କରି କଟକ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ଏସିଏଫ ବିକ୍ରମଦେବ ପଟ୍ଟନାୟକ, ଫରେଷ୍ଟର ପ୍ରମୋଦ କୁମାର ସିଂ ଓ ଫରେଷ୍ଟ ଗାର୍ଡ ସୁଜିତ୍ କୁମାର ଟୁଡୁଙ୍କ ସହ ଅନ୍ୟ କର୍ମଚାରୀ ସେଠାରେ ପହଞ୍ଚି ହରିଣକୁ ଏକ ଅଟୋ ସାହାଯ୍ୟରେ ରଘୁନାଥପୁର ପଶୁ ଚିକିତ୍ସାଳୟକୁ ଆଣିଥିଲେ। ଏଭିଏସ୍ ସୌମ୍ୟ ରଞ୍ଜନ ମହାନ୍ତି ହରିଣକୁ ଚିକିତ୍ସା କରିବା ପରେ ସ୍ଥାନୀୟ ଧଳତଙ୍ଗଗଡ ସଂରକ୍ଷିତ ଜଙ୍ଗଲରେ ଜଗତ୍‌ସିଂହପୁର ବନ ବିଭାଗ ସହାୟତାରେ ଛଡା ଯାଇଥିଲା। କିଶୋରନଗର ଅଞ୍ଚଳରୁ ଉକ୍ତ ହରିଣ ଶିର୍ଲୋ ମହାନଦୀ ପଠା ପର୍ଯ୍ୟନ୍ତ ଚାଲି ଆସିବା ପରେ ପୂର୍ବ ସ୍ଥାନକୁ ଫେରି ନ ପାରି ଜନବସତି ଅଞ୍ଚଳକୁ ଚାଲି ଆସିଥିଲା। ବୁଲା କୁକୁରଙ୍କ ହାବୁଡରେ ପଡି ଦୌଡୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ହରିଣକୁ ଉଦ୍ଧାର କରିଥିଲେ। କଟକ ବନ ବିଭାଗ ହରିଣ ପଲ ରହୁଥିବା ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କଲେ, ହରିଣ ପଲ ଜନବସତି ମୁହାଁ ହୁଅନ୍ତେ ନାହିଁ ବୋଲି ମତପ୍ରକାଶ ପାଇଛି।

### ହୃଦ୍‌ଘାତରେ ମୌଲବୀଙ୍କ ପରଲୋକ

ତିରିଆ,୩୦।୪(ଡି.ଏନ.ଏ.): ତିରିଆ ବ୍ଲକ ଜମାତ ଅହମ୍ମଦିଆ କରଡ଼ାପଲ୍ଲୀର ମୌଲବୀ ଇଫତେଖାର ଖାଁ(୪୭)ଙ୍କ ମଙ୍ଗଳବାର ଭୋର ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ରାୟପୁରରେ ମୌଲାନା ଭାବେ କାର୍ଯ୍ୟ କରୁଥିଲେ। ନିକଟରେ ଗ୍ରାମର ଶତବାର୍ଷିକ ପୂର୍ତ୍ତି ଉତ୍ସବ ଓ ଜିଲାସ୍ତରୀୟ ଜଲସା ସାଲାନା ଲାଗି ଗ୍ରାମକୁ ଆସିଥିଲେ। ତାଙ୍କର ହୃଦ୍‌ରୋଗ ଅସ୍ତ୍ରୋପଚାର ହୋଇଥିଲା। ଗ୍ରାମ କବରସ୍ଥାନରେ ତାଙ୍କ ମରଶରୀରକୁ କବର ଦିଆଯାଇଥିଲା।

# ବିପର୍ଯ୍ୟସ୍ତ ଅବସ୍ଥାରେ ବାତ୍ୟା ଆଶ୍ରୟସ୍ଥଳୀ

ନାଉଗାଁ,୩୦।୪(ସ୍ୱ.ପ୍ର.)

ଉପକୂଳବର୍ତ୍ତୀ ଜିଲାଗୁଡିକରେ ଆଜି ମଧ୍ୟ ଲୋକେ ବାତ୍ୟା ନାଁ ଶୁଣିଲେ ଭୟଭୀତ ହୋଇପଡ଼ନ୍ତି। ୧୯୯୯ ମହାବାତ୍ୟା ପରେ ଅନ୍ୟ କୌଣସି ବାତ୍ୟାରେ ଯଦିଓ ସେଭଳି ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ, ତଥାପି ମଧ୍ୟ ଲୋକେ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି। ବାତ୍ୟାଜନୀତ ବର୍ଷା ଓ ପବନରେ କେବଳ ଜନସାଧାରଣ ନୁହନ୍ତି, ଗୃହପାଳିତ ପ୍ରାଣୀ ମଧ୍ୟ ବହୁ ସମସ୍ୟା ଭୋଗିଥାନ୍ତି। ତେଣୁ ପରିସ୍ଥିତି ମୁକାବିଲା ପାଇଁ ୧୯୯୯ ପରେ ବିଭିନ୍ନ ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଥିଲା। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ବାତ୍ୟା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗୃହପାଳିତ ପ୍ରାଣୀ ଓ ଜନସାଧାରଣଙ୍କୁ ନିରାପଦ ଆଶ୍ରୟ ଦେବା। କିନ୍ତୁ ନାଉଗାଁ ବ୍ଲକରେ ନିର୍ମିତ ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ଆଶ୍ରୟ ନେବା ଆଉ ନିରାପଦ ମନେହେଉନି। ଏହି ବ୍ଲକ କୋରୁଅ ପଞ୍ଚାୟତ ଶୁଆକଣ ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ହେଉଛି ସେଥିମଧ୍ୟରୁ ଗୋଟିଏ। ମହାବାତ୍ୟା ପରେ ଓଡ଼ିଶା ସରକାର ଓ ମହାରାଷ୍ଟ୍ର ସରକାରଙ୍କ ମିଳିତ ସହାୟତାରେ ଏହା ନିର୍ମିତ ହୋଇଥିଲା। କିନ୍ତୁ ନିର୍ମାଣ ପରଠାରୁ ଯେତେଥର ବାତ୍ୟା ହେଲାଣି ଗୋଟିଏ ଦିନ ବି ଏଠାରେ କେହି ଆଶ୍ରୟ ନେଇ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗ୍ରାମ ଚତୁଃପାର୍ଶ୍ୱରେ ଦେବୀ ନଦୀ ଘେରି ରହିଛି। ତେଣୁ ବନ୍ୟାରେ ମଧ୍ୟ ଏହି ଗ୍ରାମ ପ୍ରଭାବିତ ହୋଇଥାଏ। ଉକ୍ତ ବାତ୍ୟା ଆଶ୍ରୟସ୍ଥଳୀ ଛାତରୁ ପ୍ଲାଷ୍ଟର ଖସିବା ସହ ଲାଗିଥିବା ଝରକା, କବାଟ ଆଦି ନଷ୍ଟ ହୋଇଗଲାଣି। ନିମ୍ନମାନର କାର୍ଯ୍ୟ ଯୋଗୁ ଆଶ୍ରୟସ୍ଥଳୀ ନିର୍ମାଣର ଅଳ୍ପ ଦିନ ମଧ୍ୟରେ ତାହା ବିପର୍ଯ୍ୟସ୍ତ ହୋଇପଡିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୀର୍ଘବର୍ଷ ଧରି ତାହା ବନ୍ଦ ହୋଇ ରହିଛି। ବାତ୍ୟା ଆସୁଥିବା ସୂଚନା ମିଳିବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ ଉକ୍ତ ଆଶ୍ରୟସ୍ଥଳୀ ଥରଟିଏ ବି ଖୋଲାଯାଇନାହିଁ। ସେହିପରି ବନ୍ୟା, ବାତ୍ୟା ସମୟରେ ଲୋକେ କିପରି ପ୍ରସ୍ତୁତ ରହିବେ, ନିଜକୁ ସୁରକ୍ଷା ଦେବା ସହ ଅନ୍ୟକୁ କିପରି ସାହାଯ୍ୟ କରିପାରିବେ ସେ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ତାଲିମ ପ୍ରଦାନ କରାଯାଇନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଉକ୍ତ ଆଶ୍ରୟସ୍ଥଳୀ ପୁନରୁଦ୍ଧାର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ନାଉଗାଁ ବିଡିଓ ରଶ୍ମିରେଖା ମଲିକଙ୍କୁ ପଚାରିବାରେ ଉକ୍ତ ବାତ୍ୟା ଆଶ୍ରୟସ୍ଥଳୀ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିଛନ୍ତି।



ସୁଆକଣରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ।

■ଛାତରୁ ପ୍ଲାଷ୍ଟର ଖସୁଛି, ଭାଙ୍ଗିଗଲାଣି କବାଟ, ଝରକା
■ଦିନଟିଏ ବି ଲୋକେ ନେଇନାହାନ୍ତି ଆଶ୍ରୟ

# ବାତ୍ୟା ଅପେକ୍ଷା ରାସାୟନିକ ଗ୍ୟାସ୍ ଟାଙ୍କି ଭୟ ଅଧିକ

ପାରାଦୀପ,୩୦।୪(ସ୍ୱ.ପ୍ର.)

ଉପକୂଳ ଓଡ଼ିଶାବାସୀଙ୍କ ପାଇଁ ବାତ୍ୟା ସହଜାତ ଓ ଦେହଘଷା ହୋଇଗଲାଣି। ପ୍ରତିବର୍ଷ ପ୍ରାୟତଃ ଛୋଟବଡ଼ ବାତ୍ୟା ଏକାଧିକ ଥର ଆସୁଛି। କିନ୍ତୁ ସେଥିମଧ୍ୟରୁ ୧୯୯୯ ମହାବାତ୍ୟା ଯେଉଁ କ୍ଷତ ଛାଡ଼ି ଦେଇଯାଇଛି, ତାହା ଆଜି ମଧ୍ୟ ଶୁଖିନାହିଁ। ବର୍ତ୍ତମାନ ବାତ୍ୟା 'ଫନୀ'କୁ ନେଇ ୩ ଦିନ ହେଲା ସତର୍କ ସୂଚନା ଜାରି ହୋଇଛି। ଗଣମାଧ୍ୟମରେ ତାହା ପ୍ରଚାର ପ୍ରସାର ହେବା ପରେ ଲୋକେ ସାମାନ୍ୟ ଆତଙ୍କିତ ହୋଇପଡିଛନ୍ତି। ପାଣିପାଗ ବିଭାଗର ପୂର୍ବାନୁମାନ ହିସାବରେ ୧୮୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଛି। ତେବେ ଏହି ବେଗର ପବନ ସହିତ ସମୁଦ୍ରକୂଳିଆ ଲୋକେ ସାଧାରଣତଃ ଅଭ୍ୟସ୍ତ। କିନ୍ତୁ ବାତ୍ୟା ଆସିଲେ ସେମାନଙ୍କୁ ଆଉ ଏକ ଭୟ ଘାରିଥାଏ। ତାହା ହେଲା ଶିଳ୍ପ ସଂସ୍ଥାର ରାସାୟନିକ ଗ୍ୟାସ ପୂର୍ଣ୍ଣ ଟାଙ୍କି। କାରଣ ୧୯୯୯ ମହାବାତ୍ୟା ପରେ ବିପର୍ଯ୍ୟୟର ଦୁଃଖଠାରୁ ଆମୋନିଆ ଗ୍ୟାସ ନିର୍ଗତ ହେବାର କଷ୍ଟ ବଳିପଡ଼ିଥିଲା। ବାତ୍ୟାର ୮ଦିନ ପରେ ଆମୋନିଆ ଗ୍ୟାସ ନିର୍ଗତ ହେବାରୁ ଲୋକମାନେ ରାତି ଅଧରେ ଘରଦ୍ୱାର ଛାଡ଼ି ୫୦ କିମି ଦୂରକୁ ପଳାଇଥିଲେ। ପାରାଦୀପରେ ୨ଟି ବୃହତ ସାର କାରଖାନା ରହିଛି। ଉକ୍ତ କାରଖାନା ପରିସରରେ ଲକ୍ଷାଧିକ ଟନ୍‌ର ଆମୋନିଆ, ସଲ୍‌ଫ୍ୟୁରିକ ଏସିଡ୍, ଫସ୍‌ଫ୍ୟୁରିକ ଏସିଡ୍, ପଟାସ ଆଦି ମହଜୁଦ ଅଛି। ଏତଦ୍‌ବ୍ୟତୀରେକ ୧୫୦ରୁ ଊର୍ଦ୍ଧ୍ୱ ବିଶାଳ ତେଲ ଟାଙ୍କି ରହିଛି। ବାତ୍ୟାବେଳେ ବିଦ୍ୟୁତ ସରବରାହ ବନ୍ଦ କିମ୍ବା କିଛି ଅଘଟଣ ଘଟିଲେ ରାସାୟନିକ ଗ୍ୟାସ୍ ନିର୍ଗତ ହୋଇ ପାରାଦୀପ ଓ ଏହାର ୪୦ କିମି ଦୂର ଅଞ୍ଚଳବାସୀଙ୍କୁ ପ୍ରଭାବିତ କରିବ। ସେଥିପାଇଁ ବାତ୍ୟା ଅପେକ୍ଷା ରାସାୟନିକ ଟାଙ୍କି ଭୟ ଅଧିକ ରହିଛି ବୋଲି ସ୍ଥାନୀୟ ବିଜୟଚନ୍ଦ୍ରପୁର ବାସିନ୍ଦା ଜଗନ୍ନାଥ ହାଲଦାର କହିଛନ୍ତି। ଅନ୍ୟପକ୍ଷରେ ବାତ୍ୟା ଖବର ପାଇ ଲୋକେ ମଙ୍ଗଳବାର ସନ୍ଧ୍ୟାରେ ବଜାରରେ ଭିଡ଼ ଜମାଇଛନ୍ତି। ପରିବା ଓ ତେଜରାତି ସଉଦା ଦୋକାନାରେ ଏଭଳି ଭିଡ଼ ଦେଖିବାକୁ ମିଳିଛି।



■ମହାବାତ୍ୟା ପରେ ନିର୍ଗତ ହୋଇଥିଲା ଆମୋନିଆ ଗ୍ୟାସ୍
■୨ ସାର କାରଖାନାରେ ରହିଛି ଲକ୍ଷାଧିକ ଟନ୍‌ର ରାସାୟନିକ ଟାଙ୍କି

# ରାଜନୀତିର ପଶାପାଳିରେ ଶ୍ରମଜୀବୀ

ପାରାଦୀପ,୩୦।୪(ସ୍ୱ.ପ୍ର.)

ପ୍ରତିବର୍ଷ ମେ ୧ ବା ଶ୍ରମିକ ଦିବସର ଅବବ୍ୟହିତ ପୂର୍ବରୁ ଶ୍ରମିକ ସମାବେଶ ପାଇଁ ଏକପ୍ରକାର ପ୍ରତିଯୋଗିତା ଚାଲେ। ପାରାଦୀପ ବନ୍ଦର ଭିତ୍ତିକ ଶିଳ୍ପାଞ୍ଚଳରେ ଅନ୍ୟୁନ ୫୦ରୁ ଅଧିକ ଶ୍ରମିକ ସଙ୍ଗଠନ ରହିଛି। ଅଧିକାଂଶ ଆଗଧାଡ଼ିର ସଙ୍ଗଠନ ମଧ୍ୟରେ ଶ୍ରମିକ ଦିବସ ପାଇଁ ପ୍ରାୟ ସପ୍ତାହେ ପୂର୍ବରୁ ପ୍ରସ୍ତୁତି ଚାଲେ। ବ୍ୟାପକ ପ୍ରଚାର-ପ୍ରସାର କରାଯାଏ। କିନ୍ତୁ ଚଳିତବର୍ଷ ସାଧାରଣ ନିର୍ବାଚନ ପାଇଁ ସେପରି ସମାବେଶ ହେବନାହିଁ ବୋଲି ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଜଣାଯାଇଛି।

ଦିନ ଥିଲା ମାଲିକଙ୍କ ବିରୋଧରେ ମୂଲିଆମାନେ କେବେ ସ୍ୱରୋତ୍ତଳନ କରିପାରିପାରୁ ନ ଥିଲେ। ସେମାନେ ଦୈନିକ ୮ରୁ ଊର୍ଦ୍ଧ୍ୱ ଘଣ୍ଟା କାମ କରିବା ସହ ବହୁ ନିର୍ଯାତନାର ଶୀକାର ହେଉଥିଲେ। ୧୮୮୬ ମେ ୪ରେ ଆମେରିକାର ହେମାର୍କେଟରେ ଶ୍ରମିକମାନେ ଏକତ୍ରିତ ହୋଇ ୮ ଘଣ୍ଟା ଶ୍ରମ ଦାବିରେ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ତତ୍କାଳୀନ ସରକାର ଉକ୍ତ ଆନ୍ଦୋଳନକୁ ଦମନ କରିବା ପାଇଁ ପୋଲିସ ସହାୟତାରେ ଆନ୍ଦୋଳନକାରୀଙ୍କୁ ଗୁଳି କରିଥିଲେ। ସେଥିରେ ହଜାର ହଜାର ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହା ସତ୍ତ୍ୱେ ଆନ୍ଦୋଳନ ଥମି ନ ଥିଲା। ମୃତ ଶ୍ରମିକଙ୍କ ରକ୍ତ ଲଗା ପୋଷାକକୁ ହାତରେ ଧରି ଶ୍ରମିକମାନେ ତୀବ୍ର ଆନ୍ଦୋଳନ କରିବା ଫଳରେ ସରକାର ନରମିଥିଲେ ଓ ୮ ଘଣ୍ଟା ଶ୍ରମ ଦିବସ ଲାଗୁ କରିଥିଲେ। ସେଥିପାଇଁ ଆଜି ମଧ୍ୟ ଶ୍ରମିକମାନଙ୍କ ଆନ୍ଦୋଳନ ବେଳେ ପ୍ରାୟତଃ ନାଲି ପତାକା ପ୍ରଦର୍ଶନ ହୁଏ। ସେହି ଗୋଡିମୁକ୍ତ ଦିବସକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ମେ ୧ରେ ଶ୍ରମିକ ଦିବସ ପାଳିତ ହୋଇଆସୁଛି। ଆମ ଦେଶରେ ମଧ୍ୟ ମେ ୧ରେ ଶ୍ରମିକ ଦିବସ ପାଳିତ ହେଉଛି। ଶ୍ରମଜୀବୀ ଜନତାଙ୍କୁ ନେଇ ତଥାକଥିତ ନେତାମାନେ ଏହି ଅବସରରେ ଆଖିଦୃଶିଆ କାର୍ଯ୍ୟକ୍ରମ କରନ୍ତି। ପ୍ରତ୍ୟେକ ରାଷ୍ଟ୍ରାୟତ ଉଦ୍ୟୋଗଠାରୁ ଆରମ୍ଭ କରି ଘରୋଇ ସଂସ୍ଥାଗୁଡିକ ସେହି ମେ ୧କୁ ଛୁଟିଦିବସ ଘୋଷଣା କରିଥାନ୍ତି। ଭାରତରେ ୧୯୯୧ ଜୁନ୍ ୨୧ରେ ଜଗତିକରଣ, ଘରୋଇକରଣ ଓ ଉଦାରୀକରଣ ବ୍ୟବସ୍ଥା ଲାଗୁ ହୋଇଥିଲା। ସେବେଠାରୁ ସରକାରୀ ସଂସ୍ଥାଗୁଡିକ କ୍ରମଶଃ ଘରୋଇକରଣ ହେବାରେ ଲାଗିଛି ଓ ୨୦୦୪ ସେପ୍ଟେମ୍ବରଠାରୁ ସରକାରୀ ଚାକିରି କ୍ଷେତ୍ରରେ ଅଙ୍କୁଶ ଲାଗିଛି। ଏବେ ସବୁଠି ଘରୋଇ, କମ୍ପାନୀ କିମ୍ବା ଠିକାସଂସ୍ଥା ଦ୍ୱାରା ପ୍ରାୟ କାମ ସମ୍ପାଦିତ ହେଉଛି। ସେଥିରେ ବିଭିନ୍ନ ବର୍ଗର ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ଶ୍ରମ ଆଇନ ଅଛି। କିନ୍ତୁ ଏହା ସତ୍ତ୍ୱେ ଅଧିକାଂଶ କମ୍ପାନୀ ଓ ଠିକାସଂସ୍ଥା ଶ୍ରମିକଙ୍କୁ ଶୋଷଣ କରୁଥିବା ବହୁବାର ଅଭିଯୋଗ ହେଉଛି। ସେହି ଶୋଷଣ ବିରୋଧରେ ଶ୍ରମିକମାନେ ସଂଘୀୟ ବ୍ୟବସ୍ଥାରେ ଆନ୍ଦୋଳନ କରିବାବେଳେ ସେଥିରୁ ଜନ୍ମ ନେଉଛନ୍ତି ନେତା। ଏହି ଶ୍ରମିକନେତାମାନେ ସମୟକ୍ରମେ ଶୋଷକରୁ ଶାସକ ପଦବୀକୁ ଯାଉଛନ୍ତି। କିନ୍ତୁ ଯେଉଁ ଶ୍ରମିକମାନଙ୍କ ବଳରେ ସେମାନେ ବଳିୟାନ ହେଉଛନ୍ତି, ସମୟକ୍ରମେ ସେମାନଙ୍କୁ ଉପେକ୍ଷା କରୁଛନ୍ତି। ଚଳିତଥର ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ଆଳରେ ଶ୍ରମିକମାନଙ୍କ ସେହି ସ୍ମରଣୀୟ ଦିବସ ପାଳନ ସେତେଟା ଆକର୍ଷଣୀୟ ହେଉ ନ ଥିବା ମନେ ହେଉଛି। ଅବଶ୍ୟ କେତେକ ଶ୍ରମିକ ସଙ୍ଗଠନ ଧର୍ମରକ୍ଷା ଭଳି କାର୍ଯ୍ୟକ୍ରମ ସେମାନଙ୍କ ସଂଘ ପରିସରରେ କରିବେ ବୋଲି ସୂଚନା ମିଳିଛି। କିନ୍ତୁ ବିଗତବର୍ଷ ପରି ଆଡମ୍ବରପୂର୍ଣ୍ଣ ହେବ ନାହିଁ।

**ଆଜି ବିଶ୍ୱ ଶ୍ରମିକ ଦିବସ**



■ ନିର୍ବାଚନ ଲାଗି ଫିକା ପଡ଼ିବ ସମାବେଶ ଉତ୍ସବ
■ ଶ୍ରମିକଙ୍କୁ ନେଇ ଚାଲିଥିଲା ରାଜନୀତି

# ଜିଲାରେ ୭୪.୧୮% ମତଦାନ

ଜଗତ୍‌ସିଂହପୁର ଅଫିସ,୩୦।୪

■ରାତି ତମାମ ସହରରେ ଟ୍ରାଫିକ ସମସ୍ୟା
■ପୋଲିଂ କର୍ମଚାରୀ ହଟହଟା

କାଁ ଭାଁ ବିଶୃଙ୍ଖଳା ଛାଡିଦେଲେ ସୋମବାର ଜଗତ୍‌ସିଂହପୁର ଜିଲାରେ ହୋଇଥିବା ନିର୍ବାଚନ ଆପାତତଃ ଶାନ୍ତିପୂର୍ଣ୍ଣ ଥିଲା। ମତଦାନ ହାର ୨୦୧୪ ନିର୍ବାଚନ ତୁଳନାରେ କମ ଥିଲେ ସୁଦ୍ଧା ନିରୁତ୍ସାହଜନକ ନ ଥିଲା। ଜିଲାରେ ମତଦାନ ହାର ୭୪.୧୮ ପ୍ରତିଶତ ଥିବା ଜଣାଯାଇଛି । କିନ୍ତୁ ନିର୍ବାଚନ ପରେ ପୋଲିଂ କର୍ମଚାରୀମାନେ ଇଭିଏମ୍ ଓ ଭିଭିପିଏଟି ଆଦି ଧରି ଜଗତ୍‌ସିଂହପୁର ଫେରିବା ବେଳେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଜଗତ୍‌ସିଂହପୁର ସହରରେ ଟ୍ରାଫିକ ସମସ୍ୟା ଯୋଗୁ ରାତି ତମାମ ଅନେକ କର୍ମଚାରୀ ହଟହଟା ହୋଇଥିଲେ। ଏପରି କି କେତେକ କର୍ମଚାରୀ ସେମାନଙ୍କ ଗାଡିରୁ ବାହାରି ଚାଲି ଚାଲି ହାତରେ ଇଭିଏମ୍, ଭିଭିପିଏଟି ସହ ଅନ୍ୟାନ୍ୟ ସାମଗ୍ରୀ ଧରି ଦାଖଲ ପାଇଁ ଏସ୍‌ଭିଏମ୍ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସୂଚନା ଅନୁଯାୟୀ, ୧୦୧-ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭୩.୪୬%, ୧୦୨-ତିର୍ତ୍ତୋଲରେ ୭୩.୪୨%, ୧୦୩-ବାଲିକୁଦା-ଏରସମାରେ ୭୫.୧୮% ଓ ୧୦୪-ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୭୪.୬୭% ମତଦାନ ହୋଇଛି। ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ଜଗତ୍‌ସିଂହପୁର ଜିଲାରେ ୭୭.୬୪% ମତଦାନ ହୋଇଥିଲା। ସେଥିମଧ୍ୟରୁ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ୭୬.୬୩%, ତିର୍ତ୍ତୋଲରେ ୭୫.୪୮%, ବାଲିକୁଦା-ଏରସମାରେ ୭୮.୬୬% ଓ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୭୯.୮% ମତଦାନ ହୋଇଥିଲା।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

URGENT REQUIREMENT
For Male HELPERS to work in Hyderabad.
Good Salary and Accommodation.
Ph: 9989323192/ 9182932892

REQUIRE
FOR A PVT. LTD. FIRM ONE LADY & MALE PERSONNEL FOR BACK OFFICE & BUSINESS PROMOTION
SALARY STARTING 8K.
:CONTACT MOBILES:
8984814518,9439021001
(WHATSAPP).-9938994484

Rsskids Play School ଏବଂ RSS Institutes of Management Study & Information Center ପାଇଁ
କମ୍ପ୍ୟୁଟର ଓ ହିନ୍ଦି ଜାଣିଥିବା ପ୍ରାର୍ଥିନୀ ଆବଶ୍ୟକ
9534691177 / 9438290983
(Tankapani Road, Bhubaneswar)

SLAS Group Company Urgently Require
Office Coordinator, Telesales & Sales officer, Salary : 4000/- to 22000/-PM @ BBSR
Send CV to:info@slasfinancial.com
or whatsapp.- 8328955452
WALK IN : 4 to 6 pm @plot no.1052, Tankapani Road, BBSR. (Mon-Fri)

KRAFT FURNITURE
Kesura Chhak, Mangaraj Point, Infront of Pallavi Mandap
MARKETING- 5
ACCOUNTANT- 3 (Male or Female)
STORE KEEPER-1 (Male or Female)
PEON CUM COOK - 1
Interview : 5th May (Sunday) 10.00 AM
Mob.: 7978404626, 8917331588
Mail: jayanta.sahoo200@gmail.com

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

MÖBEL® FURNITURE
Eastern India's most Admired Furniture Brand
BHUBANESWAR SHOWROOM
REQUIRES
• SHOWROOM MANAGER
• SALES EXECUTIVES
• CORPORATE SALES EXECUTIVES
• FURNITURE FITTERS
90739 87973
www.MobelHomeStore.com
jobs@mobelindia.com

ସିକ୍ୟୁରିଟି ଆବଶ୍ୟକ
ସିକ୍ୟୁରିଟି ଗାର୍ଡ-୫୧ ଜଣ, ସିକ୍ୟୁରିଟି ସୁପରଭାଇଜର-୯ ଜଣ, ବୟସ-୨୫ ରୁ ୪୫ ବର୍ଷ, ଉଚ୍ଚତା-୫ଫୁଟ ୬ଇଞ୍ଚ ଏବଂ ତଦୂର୍ଦ୍ଧ୍ୱ, ଶିକ୍ଷା-ଦଶମ ପାସ୍, ସ୍ଥାନ-ଭୁବନେଶ୍ୱର, କଟକ, ଯାଜପୁର, ଜଗତପୁର
Contact- 9861744455

All Odisha Aadarsha Vidyalaya Vacancy
POST : TEACHER, CLERK, DATA ENTRY
(MALE / FEMALE)
Sal- 15,000 / Above, 3 year Exp.
Qualification : +2 / Above
Contact : 8480659517

URGENTLY REQUIRED
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 7064222275

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

REQUIRED
For Sanitary Show Room, BBSR.
1. Salesman: 4 Nos.
2. Marketing Executive: 4 Nos.
3. Office Assistant: 2 Nos. (Computer Knowledge)
4. Driver (for home duty): 2 Nos.
Contact: 8093231473

REQUIREMENT
Experienced personnel required for a reputed paints Company JKP PAINTS (INDIA) PVT. LTD. Corporate Office at Mumbai and Regional Office at Bhubaneswar, for the post of 1) Manager (H.R.) Female, 2) Accountant Male/Female knowledge in Tally with fully conversant with GST, 3) Front Office Executive (Female) Graduation with Computer knowledge, 4) Marketing personnel Experience in same field, 5) Store In-Charge cum dispatch person Experience in same field, 6) Personal Manager, 7) Office Assistant, 8) Lab-Technician, Apply with all your testimonials within 7 days from the date of advertisement.
JKP PAINTS (INDIA) PVT. LTD.
PLOT NO.-N-4-1/1 IRC Village, Nayapalli, Bhubaneswar, Pin-751015, PH.-9861887472, 7683961184

WANTED
Passenger Material Hoist Operators immediately
Contact-9100088016

JOB for FEMALE only
Place of posting will be Bhubaneswar
Salary- 2.4 lacs (includes PF, Gratuity, ESI) + bonus & incentives.
Age should be 30 to 45 years
Qualification: Graduate
Contact: 9861624417, 7978278567, 8114366466
Ridge Residency Building
1st Floor, NH-5, Baramunda, BBSR-03

କେୟାର ଟେକର ଆବଶ୍ୟକ (Urgent)
କେୟାର ଟେକର ଆବଶ୍ୟକ (Female) ଶିକ୍ଷାଗତ ଯୋଗ୍ୟତା- +2 (Nursing Preferred) ରହିବା + ଖାଇବା ମାଗଣା ମାସିକ ଦରମା = 8000/-
:ଯୋଗାଯୋଗ:
Bijay Meher, Bhabagrahi Meher, At- Angulia Pada, Dist- Sambalpur
Ph - 9439301993 7326889886

ଭୁବନେଶ୍ୱରରେ ଘର କାମ କରିବାପାଇଁ ପୁଅପିଲା ଆବଶ୍ୟକ
ବୟସ : ୧୭-୨୩ ବର୍ଷ । ଭଲ ଦରମା ସହିତ ରହିବା, ଖାଇବା ସୁବିଧା ଦିଆଯିବ ।
Mob : 9776338609

URGENTLY REQUIRED for a reputed Hotel
(1). GENERAL MANAGER - 1 No., (2) RECEPTIONIST (F)- 2 Nos., (3) STEWARD / WAITER (M/F) - 4 Nos., (4) INDIAN COOK- 1 No., (5) SOUTH INDIAN COOK - 1 No., (6) TANDOOR COOK - 1 No., (7) ACCOUNTANT - 2 Nos., (8) KITCHEN HELPER - 2 Nos.
Walk-In with your resume to :
Plot No.358/359, Bomikhal, 2nd Floor, Back Side of Durga Puja Mandap, Bhubaneswar. Phone : 7978288521, 9777617166
Email : lunchland@rediffmail.com

STEEL AND POWER PLANT JOB
ଓଡିଶା ଶିଳ୍ପାଞ୍ଚଳ ଢେଙ୍କାନାଳ, ଅନୁଗୁଳ, କଟକ, ରାୟଗଡା, ବଲାଙ୍ଗୀର,ପାରାଦ୍ୱୀପ ଝାରସୁଗୁଡା, ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ
Qualification: 9th/10th to B.Tech
Salary : Rs 9,380/- to Rs 62,760/-
Email your CV to :
Intplants03@gmail.com
7750894230

Wanted
Resident Service Technicians
For a Leading Machinery Manufacturers based at Hyderabad. ITI Fitters / Diploma Mechanical Engineers with minimum 5 yrs experience in Machinery Assembly, Service, Maintenance etc to work in Orissa state. Email your detailed resume to
suri.service@gmail.com

See Career Appointment on every Wednesday & Saturday

WANTED
THE FOLLOWINGS FOR RE-ROLLING MILL AT JAGATPUR.
* SECURITY GUARDS
CONTACT.-9937399588

ନୋଟିସ୍: ନିଯୁକ୍ତି ଓ କାରିଅର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ରାଜ୍ୟରେ ୩୭,୦୧୬ କର୍କଟ ରୋଗୀ ଚିହ୍ନଟ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

**ଏନ୍‌ସିଡି ଚିହ୍ନଟ କାର୍ଯ୍ୟକ୍ରମ**

- ସର୍ବାଧିକ ୩୦,୪୨୪ଜଣ ଗର୍ଭାଶୟ କର୍କଟରେ ଆକ୍ରାନ୍ତ
- ଗର୍ଭାଶୟ କର୍କଟ କ୍ଷେତ୍ରରେ ଗଞ୍ଜାମ ଜିଲା ପ୍ରଥମ
- ମୁଖଗହ୍ୱର କର୍କଟ କ୍ଷେତ୍ରରେ ଖୋର୍ଦ୍ଧା ଜିଲା ପ୍ରଥମ

ରାଜ୍ୟରେ ୩୭ ହଜାରରୁ ଅଧିକ ଲୋକ କର୍କଟରେ ଆକ୍ରାନ୍ତ। ଅଣସଂକ୍ରମିତ ରୋଗ(ଏନ୍‌ସିଡି) ଚିହ୍ନଟ କାର୍ଯ୍ୟକ୍ରମରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଏହା ଜଣାପଡ଼ିଛି। ଚିହ୍ନଟ ହୋଇଥିବା ରୋଗୀଙ୍କ ମଧ୍ୟରେ ଗର୍ଭାଶୟ କର୍କଟରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ। ୨୦୧୮-୧୯ ବର୍ଷରେ ୭ ପପୁଲେଶନ ବେସ୍‌ଡ ସ୍କ୍ରିନିଂ(ପିବିଏସ୍) ଜିଲା ସମେତ ରାଜ୍ୟର ସମସ୍ତ ହେଲ୍‌ଥ ଆଣ୍ଡ ୱେଲ୍‌ନେସ୍ କେନ୍ଦ୍ର(ଏଚ୍‌ଡବ୍ଲ୍ୟୁସି)ରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହିସବୁ କେନ୍ଦ୍ରରେ ମୋଟ ୧୮,୨୫,୩୭୭ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୩୭,୦୧୬ଜଣଙ୍କଠାରେ କର୍କଟ ରୋଗ ଚିହ୍ନଟ କରାଯାଇଛି। ସର୍ବାଧିକ ୩୦,୪୨୪ଜଣଙ୍କଠାରେ ଗର୍ଭାଶୟ କର୍କଟର ଲକ୍ଷଣ ଦେଖାଦେଇଛି। ସେହିପରି ୪୮୪୯ଜଣ ମୁଖଗହ୍ୱର କର୍କଟ ଓ ୧୭୪୩ଜଣ ସ୍ତନ କର୍କଟରେ ଆକ୍ରାନ୍ତ ଅଛନ୍ତି।

ମୁଖଗହ୍ୱର କର୍କଟ କ୍ଷେତ୍ରରେ ଖୋର୍ଦ୍ଧା ଜିଲା ସବୁଠାରୁ ଆଗରେ ରହିଛି। ଏଠାରେ ୫୮୭ଜଣ ଏଥିରେ ଆକ୍ରାନ୍ତ ରହିଥିବା ସାମ୍ନାକୁ ଆସିଛି। ସେପଟେ ଗଞ୍ଜାମରେ ୫୭୬, ରାୟଗଡ଼ାରେ ୪୮୨, ପୁରୀରେ ୪୬୦, କୋରାପୁଟରେ ୩୯୯, କଟକରେ ୩୬୬ ଓ କେନ୍ଦ୍ରାପଡ଼ାରେ ୨୬୦ଜଣଙ୍କଠାରେ ଏହି ରୋଗ ଚିହ୍ନଟ ହୋଇଛି। ଦେବଗଡ଼ ଜିଲାରେ ୭୩୨୯ଜଣ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ଜଣକଠାରେ ବି ମୁଖଗହ୍ୱର କର୍କଟ ରୋଗ ଚିହ୍ନଟ ହୋଇନାହିଁ। ସେହିଭଳି ଏହି ଜିଲାରେ ସ୍ତନ କର୍କଟ ଆକ୍ରାନ୍ତ ନ ଥିବାବେଳେ ମାତ୍ର ଜଣେ ଗର୍ଭାଶୟ କର୍କଟରେ ଆକ୍ରାନ୍ତ ହୋଇଛନ୍ତି। ତେବେ ଗର୍ଭାଶୟ କର୍କଟ କ୍ଷେତ୍ରରେ ଗଞ୍ଜାମ ଜିଲା ସବୁଠାରୁ ଆଗରେ ରହିଛି। ଏଠାରେ ୭୩୨୧ଜଣଙ୍କଠାରେ ଏହି କର୍କଟ ଚିହ୍ନଟ କରାଯାଇଛି। ସେହିପରି କୋରାପୁଟରେ ୨୯୪୨, ଖୋର୍ଦ୍ଧାରେ ୨୬୭୩, କଟକରେ ୨୪୩୧, ରାୟଗଡ଼ାରେ ୨୪୫୪ ଓ କେନ୍ଦୁଝରରେ ୨୦୭୫ଜଣଙ୍କଠାରେ ଗର୍ଭାଶୟ କର୍କଟ ରୋଗ ଦେଖିବାକୁ ମିଳିଛି।

କର୍କଟ ଚିହ୍ନଟ ହୋଇଥିବା ଏ ସମସ୍ତ ବ୍ୟକ୍ତିଙ୍କୁ ଆଉଥରେ ବିଶେଷଜ୍ଞ ଡାକ୍ତର ବିଶେଷକରି ସର୍ଜରି, ମେଡିସିନ୍, ସ୍ତ୍ରୀ ଓ ପ୍ରସୂତୀ ଏବଂ ଦନ୍ତ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା ଲାଗି କୁହାଯାଇଛି। ପ୍ରାଥମିକ ପରୀକ୍ଷା ପରେ ଯେଉଁମାନଙ୍କଠାରେ କର୍କଟ ରୋଗର ଲକ୍ଷଣ ଦେଖିବାକୁ ମିଳିଛି, ସେମାନଙ୍କୁ ତୁରନ୍ତ ଏମ୍‌କେସିଜି, ଭିମ୍‌ସାର ଓ କଟକର ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ପଠାଇବା ଲାଗି ଜିଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ସ୍ଥିତିରେ ଜିଲା ଓ ବ୍ଲକ ସ୍ତରରେ କ୍ୟାମ୍ପମାନ ଆୟୋଜନ କରି ଆସନ୍ତା ମେ ୨୦ ସୁଦ୍ଧା ଅଣସଂକ୍ରମିତ ରୋଗ ଚିହ୍ନଟ କାର୍ଯ୍ୟ ସାରିବାକୁ କୁହାଯାଇଛି। ଏହି କ୍ୟାମ୍ପରେ ବ୍ୟୟ ହେବାକୁ ଥିବା ସମସ୍ତ ଅର୍ଥ ଜିଲା କର୍କଟ ସହାୟତା ଯୋଜନାରୁ ଯୋଗାଇ ଦିଆଯିବ। ରାଜ୍ୟରେ ହୋଇଥିବା ଏହି ରୋଗ ଚିହ୍ନଟ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ବିବରଣୀ ରାଜ୍ୟ ଏନ୍‌ସିଡି ସେଲ୍‌କୁ ମେ ୩୧ ସୁଦ୍ଧା ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସଡ଼କ ଦୁର୍ଘଟଣା, ୨ ମୃତ

ବାଲେଶ୍ୱର ଅଫିସ, ୩୦।୪

ବାଲେଶ୍ୱର ଜିଲା ହଳଦୀପଦା ଫାଣ୍ଡି ନିକଟସ୍ଥ ୧୬ନଂ. ଜାତୀୟ ରାଜପଥରେ ମଙ୍ଗଳବାର ଅପରାହ୍ନ ସାଢେ ୩ଟାରେ ଏକ ବାଇକ୍ ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଛି। ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ ଗ୍ରାମର ସୋମନାଥ ଭୂୟାଁ (୩୫) ଓ ତାଙ୍କର ଜଣେ ବନ୍ଧୁ ବାଇକ୍ ଯୋଗେ ଫୁଲାଡ଼ିରୁ ବୈଶିଙ୍ଗା ଫେରୁଥିବା ବେଳେ ପଛରୁ ବାଇକ୍ ଡମ୍ପରରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ସୋମନାଥଙ୍କ ସହ ପଛପଟେ ବସିଥିବା ବନ୍ଧୁଙ୍କର ମୃତ୍ୟୁ ଘଟିଥିଲା। ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟକୁ ନେଇଥିଲା। ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ବାଲେଶ୍ୱର ଜିଲାପାଳଙ୍କ ବିରୋଧରେ କଂଗ୍ରେସର ଅଭିଯୋଗ

**ଭୁବନେଶ୍ୱର, ୩୦।୪(ବ୍ୟୁରୋ):** ବାଲେଶ୍ୱର ଜିଲାରେ ମୁକ୍ତ ଓ ଅବାଧ ନିର୍ବାଚନ ପ୍ରକ୍ରିୟା କାର୍ଯ୍ୟକାରୀ ନ କରିବା ନେଇ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ବିରୋଧରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଗୁରୁତର ଅଭିଯୋଗ ଅଣାଯାଇଛି। ନିର୍ବାଚନ ପ୍ରକ୍ରିୟାକୁ ଟିକିନିକି ତଦାରଖ କରିବା ପାଇଁ ତଥା ବୁଥ୍ ରିଗିଂ ରୋକିବା ଏବଂ ପୋଲିଂ ଡ୍ୟୁଟିରେ ଥିବା ଅଧିକାରୀମାନଙ୍କ କାର୍ଯ୍ୟକୁ ଦେଖିବା ପାଇଁ ପ୍ରତ୍ୟେକ ଜିଲାରେ ସମ୍ବେଦନଶୀଳ ବୁଥ୍‌ର ହିସାବକୁ ନେଇ ସର୍ବନିମ୍ନ ଦଶ ପ୍ରତିଶତ ବୁଥ୍‌ରେ ୱେବ୍ କାଷ୍ଟିଙ୍ଗ କ୍ୟାମେରା ଲଗାଯିବାର ନିୟମ ରହିଛି। ଏନେଇ ଭାରତର ମୁଖ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜିଲାପାଳମାନଙ୍କୁ ଗାଇଡ୍‌ଲାଇନ୍ ଦିଆଯିବା ସହ କ୍ୟାମେରା ଲଗାଯିବାଜନିତ ଖର୍ଚ୍ଚ ଅର୍ଥର ମଧ୍ୟ ବ୍ୟବସ୍ଥା ରହିଛି। ମାତ୍ର ଆଶ୍ଚର୍ଯ୍ୟର କଥା ବାଲେଶ୍ୱର ଜିଲାରେ ଦଶ ପ୍ରତିଶତ ଦୂରର କଥା ଗୋଟିଏ ପୋଲିଂ ବୁଥ୍‌ରେ ୱେବ୍ କାଷ୍ଟିଙ୍ଗ କ୍ୟାମେରା ଲଗାଯାଇ ନାହିଁ ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ କହିଛନ୍ତି, ଏଭଳି ଜିଲାପାଳଙ୍କ ଏତାଦୃଶ୍ୟ କାର୍ଯ୍ୟ ଆଦର୍ଶ ଆଚରଣବିଧିର ଖୋଲାଖୋଲି ଉଲ୍ଲଂଘନ କରୁଛି। ତାଙ୍କ ବିରୋଧରେ ଆଇନ୍‌ଗତ ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ସମ୍ପର୍କିତ ଅଭିଯୋଗ ଜଣାଇଛନ୍ତି। ଯଦି ମୁଖ୍ୟ ନିର୍ବାଚନ ଅଧିକାରୀ ଏହା ଉପରେ ସମ୍ପୃକ୍ତ ଜିଲାପାଳଙ୍କ ବିରୋଧରେ କୌଣସି ଠୋସ୍ ପଦକ୍ଷେପ ନ ନିଅନ୍ତି ତେବେ କଂଗ୍ରେସ ଭାରତର ମୁଖ୍ୟ ନିର୍ବାଚନ କମିଶନଙ୍କୁ ଅବଗତ କରାଇବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

### ଓୟୁଏଟିରେ ର୍ୟାଗିଂ ଅଭିଯୋଗ

**ଭୁବନେଶ୍ୱର,୩୦।୪ (ବ୍ୟୁରୋ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ହଷ୍ଟେଲରେ ର୍ୟାଗିଂ। ସିନିୟରଙ୍କ ର୍ୟାଗିଂର ଶିକାର ହୋଇଛନ୍ତି ଯୁକ୍ତ୩ ଏଗ୍ରୀକଲଚର ବିଭାଗର ପ୍ରଥମ ବର୍ଷର ଛାତ୍ର। ତେବେ ର୍ୟାଗିଂ ଭୟରେ କେତେଜଣ ଛାତ୍ର ହଷ୍ଟେଲ ଛାଡ଼ିଥିବାବେଳେ ମଙ୍ଗଳବାର ୪ଜଣଙ୍କୁ ବିଶ୍ୱବିଦ୍ୟାଳୟ ପରିସରରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଆକ୍ରମଣରେ ଦୁଇ ଛାତ୍ର ସତ୍ୟସ୍ୱରୂପ ନାୟକ ଓ ସୌଭାଗ୍ୟ ନାୟକ ଗୁରୁତର ଆହତ ହୋଇଥିବାବେଳେ ଆଦର୍ଶ ମିଶ୍ର ଓ ଅନୁପ ନାରାୟଣ ପ୍ରଧାନ ସାମାନ୍ୟ ଆହତ ହୋଇଛନ୍ତି। ଏପରିକି ର୍ୟାଗିଂ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ବୈଠକ ବସିଥିବାବେଳେ ମଧ୍ୟ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ହୋହଲ୍ଲା କରିବା ସହ ଧମକ ଦେଇଛନ୍ତି। ଏନେଇ ଖଣ୍ଡଗିରି ଥାନା ଅଧୀନ ଶିରିପୁର ଫାଣ୍ଡିରେ ଅଭିଯୋଗ ହେବା ପରେ ଘଟଣା ପଦାକୁ ଆସିଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## 'ମୁଖ୍ୟମନ୍ତ୍ରୀ ପାଟକୁରାରେ ନିର୍ବାଚନ ଲଢ଼ନ୍ତୁ'

କେନ୍ଦ୍ରାପଡା ଅଫିସ, ୩୦।୪


ବିଧାୟକ ପ୍ରାର୍ଥୀ ବିଜୟ ମହାପାତ୍ର

ରୋଗଗ୍ରସ୍ତ ଥିବା ଜାଣି ମଧ୍ୟ ବେଦପ୍ରକାଶ ଅଗ୍ରୱାଲଙ୍କୁ ଟିକେଟ ଦେଇ ନିର୍ବାଚନକୁ ଘୁଞ୍ଚାଇବାକୁ ବିଜେଡି ଚାହୁଁଥିଲା। ଏବେ ନିର୍ବାଚନ ବନ୍ଦ କରିବାକୁ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ଟିକେଟ ଦିଆଯାଇଛି। ପାଟକୁରା ଭାଜପା ବିଧାୟକ ପ୍ରାର୍ଥୀ ବିଜୟ ମହାପାତ୍ର ମଙ୍ଗଳବାର ଏପରି ଅଭିଯୋଗ ଆଣିଛନ୍ତି। କେନ୍ଦ୍ରାପଡ଼ା ସହରର କାକଟଲକସ୍ଥିତ ଏକ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୟ ଏହା କହିଛନ୍ତି।

ପାଟକୁରାବାସୀଙ୍କୁ ବାରମ୍ବାର ଚଞ୍ଚକତାର ଶିକାର ହେବାକୁ ନ ଦେଇ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏଠାରେ ପ୍ରାର୍ଥୀ ହୁଅନ୍ତୁ। ମୁଖ୍ୟମନ୍ତ୍ରୀ ଏବେ ୨ଟି ଆସନରୁ ନିର୍ବାଚନ ଲଢୁଛନ୍ତି। ଆହୁରି ଏକ ଆସନରୁ ସେ ନିର୍ବାଚନ ଲଢ଼ିପାରିବେ। ଏଥିଲାଗି ପାଟକୁରା ନିର୍ବାଚନକୁ ଖର୍ଚ୍ଚ ବହୁଳ ନ କରି ସେ ନିଜେ ନିର୍ବାଚନରେ ଲଢ଼ନ୍ତୁ। ଏହି ଆସନ ମଧ୍ୟରେ ଥିବା ୩ ବ୍ଲକର ୩ ସଭାରେ ଯୋଗଦେଇ ତାଙ୍କ ସହ ଅନ୍ୟ ପ୍ରାର୍ଥୀମାନେ ନିଜ ନିଜର ମତ ରଖନ୍ତୁ। ଫଳରେ ଲୋକମାନେ ଅଳ୍ପ ଖର୍ଚ୍ଚରେ ନିଜର ମତ ଦେଇପାରିବେ ବୋଲି ବିଜୟ କହିଛନ୍ତି। ଏହି ଅବସରରେ ସେ ଜିଲାବାସୀଙ୍କ ଭାଜପା ପ୍ରତି ଥିବା ଅନୁରାଗ ସମ୍ପର୍କରେ କହିବା ସହ ଭୋଟଦାନରେ ସକ୍ରିୟ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ପାଟକୁରାରେ ନିର୍ବାଚନ ନ ହେବା ପାଇଁ ବିଜେଡି ଜାଣିଶୁଣି ଚିକିତ୍ସାଧୀନ ଥିବା ବେଦପ୍ରକାଶଙ୍କୁ ପ୍ରାର୍ଥୀ କରିଥିଲା। ତାଙ୍କର ମୃତ୍ୟୁ ପରେ ସ୍ତ୍ରୀ ସାବିତ୍ରୀଙ୍କୁ ବିଜେଡି ପ୍ରାର୍ଥୀ କରିଛି। ତେବେ ଏହି ପ୍ରାର୍ଥୀ ଘୋଷଣା ପଛରେ ନିର୍ବାଚନ ବନ୍ଦ କରିବାର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ରହିଛି ବୋଲି ସେ ଅଭିଯୋଗ କରିଛନ୍ତି। ପାଟକୁରା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ବିଜେଡି ପଛରେ ଥିବାରୁ ଭୟରେ ଏପରି ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ କହିଥିଲେ। ତେବେ ନିର୍ବାଚନ ବନ୍ଦ ପଛରେ କେଉଁ ଷଡ଼ଯନ୍ତ୍ର ରହିଛି ସେ ସମ୍ପର୍କରେ ଖବରଦାତା ସମ୍ମିଳନୀରେ କିଛି କହି ନ ଥିଲେ।

ଏ ସମ୍ପର୍କରେ ବିଜୟଙ୍କ ସମର୍ଥକଙ୍କ କହିବାନୁଯାୟୀ, ଏହି ଆସନ ପାଇଁ ବେଦପ୍ରକାଶଙ୍କ ପୁଅ ସଞ୍ଜୟଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିବା ଏକ ପ୍ରକାର ନିଶ୍ଚିତ ହୋଇଥିଲା। ମାତ୍ର ଅସୁସ୍ଥ ଥିବା ସାବିତ୍ରୀଙ୍କୁ ପ୍ରାର୍ଥୀ କରିବା ଅଥବା ଫନୀ ବାତ୍ୟାକୁ ଆଳ କରି ନିର୍ବାଚନ ବନ୍ଦ କରିବାକୁ ବିଜେଡି ଚାହୁଁଛି ବୋଲି ସମର୍ଥକମାନେ କହିଛନ୍ତି।

## ଅନୁଭବଙ୍କୁ ହତ୍ୟା ଧମକ

କଟକ ଅଫିସ୍,୩୦।୪

କେନ୍ଦ୍ରାପଡା ଲୋକସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ହତ୍ୟା ଧମକ ମିଳିଛି। ୧୦ ଲକ୍ଷ ଟଙ୍କା ନ ଦେଲେ ମାରିଦେବାକୁ ହ୍ୱାଟସ୍‌ଅପ୍‌ରେ ମେସେଜ କରି ଧମକ ଦିଆଯାଇଛି। ଏନେଇ ଅନୁଭବ ମଙ୍ଗଳବାର ପୁରୀଘାଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୯୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୋମବାର ରାତି ୯ଟାରେ ଏକ ଅଜଣା ନମ୍ବରରୁ ଅନୁଭବଙ୍କ ହ୍ୱାଟ୍‌ସଅପ୍‌କୁ ଏହି ମେସେଜ ଆସିଥିଲା। ତେବେ ଅନୁଭବଙ୍କ କହିବାନୁଯାୟୀ, କେହି ଚୁଗୁଲି କରିଥିବେ ବୋଲି ପ୍ରଥମେ ଭାବିଥିଲି। ପରେ ଏହା ସତ୍ୟ ବୋଲି ଜାଣିବାରୁ ଏନେଇ ଥାନାରେ ଅଭିଯୋଗ କରିଛି। କେହି ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପ୍ରରୋଚନାରେ ଉକ୍ତ ଦୁର୍ବୃତ୍ତ ଜଣଙ୍କଯକ ଏଭଳି ଧମକ ଦେଇଥିବେ ବୋଲି ସେ ସନ୍ଦେହ କରୁଥିବା କହିଛନ୍ତି। ଏନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ଜଣାଇବା ସହ ଜୀବନ ପ୍ରତି ବିପଦ ଥିବାରୁ ତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସେ ନିବେଦନ କରିଥିବା କହିଛନ୍ତି।

## ଫନୀ ମୁକାବିଲା ପାଇଁ ରାଜ୍ୟବାସୀ ଧୈର୍ଯ୍ୟସହ ଦାୟିତ୍ୱ ନିଅନ୍ତୁ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ସାମୁଦ୍ରିକ ଝଡ ଫନିର ସମ୍ଭାବ୍ୟ ପ୍ରଭାବକୁ ମୁକାବିଲା ପାଇଁ ରାଜ୍ୟବାସୀ ଧର୍ଯ୍ୟର ସହ ଦାୟିତ୍ୱ ନେବା ତଥା ସାମ୍ନା କରିବାକୁ ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର, ସ୍ୱଂୟସେବୀ ସଙ୍ଗଠନ ଓ ଯୁବସାଥୀ ବିଶେଷକରି ସମାଜର ଦାୟିତ୍ୱ ସମ୍ପନ୍ନ ନାଗରିକମାନେ ଏହି ବିପଦକୁ ସାମ୍ନା କରିବା ପାଇଁ ଦାୟିତ୍ୱ ନିଅନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ବିଶେଷତଃ ପୁରୀ ଓ ଗଞ୍ଜାମ ଜିଲାର ଅଞ୍ଚଳକୁ ଦୁଇରୁ ତିନିଦିନ ମଧ୍ୟରେ ଏହି ଝଡ ପ୍ରବେଶ କରିବାର ସମ୍ଭାବନା ଦେଖାଯାଇଛି। ବାତ୍ୟା ସମୟରେ ୧୦୦ରୁ ୧୯୦କିମି ପବନ ବହିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେଣୁ ସମୁଦ୍ର ଉପକୂଳରେ କଚ୍ଚା ଘରେ ରହୁଥିବା ଲୋକଙ୍କୁ ପକ୍କା ସ୍ଥାନକୁ ଯାଆନ୍ତୁ। ଏହି ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସାମାଜିକ ଦାୟିତ୍ୱ ସମସ୍ତଙ୍କ ଉପରେ ଅଛି। ଅତୀତରେ ଏଭଳି ଝଡ଼ବାତ୍ୟାକୁ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡିଆ ଲୋକମାନେ ସାମ୍ନା କରିଥିଲେ। ଗତ ସୋମବାର କେନ୍ଦ୍ର କ୍ୟାବିନେଟ ସଚିବ ପିକେ ସିହ୍ନା, ଏନଡିଆର୍‌ଏଫର ମୁଖ୍ୟ କେ.କେ. ସିହ୍ନା ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ଆବଶ୍ୟକୀୟ ବାତ୍ୟା ମୁକାବିଲା ଓ ପ୍ରସ୍ତୁତି ନେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆଲୋଚନା କରିଥିଲେ। ଏନେଇ ସିହ୍ନା ଓଡିଶାର ରାଜ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରି କେନ୍ଦ୍ର ସରକାରଙ୍କ ସହଯୋଗ ରାଜ୍ୟ ସରକାରଙ୍କୁ ଉପଲବ୍ଧ କରାଯାଇଥିବା ପ୍ରକାଶ କରିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏନେଇ ରାଜ୍ୟ ସରକାରଙ୍କୁ ସହଯୋଗ କରିବା ପାଇଁ କ୍ୟାବିନେଟ୍ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି।

## ପାନୀୟ ଜଳ ପାଇଁ ରାସ୍ତାରେ ମହିଳା

ସଜନାଗଡ଼, ୩୦।୪(ଡି.ଏନ.ଏ.)


ବାଇପାସ୍ ଛକଠାରେ ଶତାଧିକ ମହିଳା ରାସ୍ତାରୋକୋ କରିଛନ୍ତି।

ନୀଳଗିରି ଏନ୍‌ଏସିର ୧୩ ଗୋଟି ୱାର୍ଡ଼ରେ ବିଭିନ୍ନ ସମୟରେ ମାସ ମାସ ଧରି ପାଣି ସମସ୍ୟା ଦେଖାଦେଇଛି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ପ୍ରତିକାର କରାଯାଉନାହିଁ। ଏହାର ପ୍ରତିବାଦ କରି ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ୫ ନଂ. ୱାର୍ଡ଼ର ଶତାଧିକ ମହିଳା ବାଇପାସ୍ ଛକଠାରେ ଥିବା ଜନସ୍ୱାସ୍ଥ୍ୟ ଶାଖା କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରବେଶ କରି ହୋହାଲ୍ଲା କରିଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କୁ ଘେରାଉ କରିଥିଲେ। ପରେ ଶେରଗଡ଼-ନୀଳଗିରି ରାସ୍ତାର ବାଇପାସ୍ ଛକଠାରେ ଶତାଧିକ ମହିଳା ରାସ୍ତାରେ ବସି ଅବରୋଧ କରିଥିଲେ। ଫଳରେ କିଛି ଘଣ୍ଟା ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

ନୀଳଗିରି ଥାନା ଆଇଆଇସି ନଳିତା ମୋଦି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କ ସହିତ ଆଲୋଚନା କରିଥିଲେ। ଏନ୍‌ଏସିରେ ପାଣି ସମସ୍ୟାର ସମାଧାନ ପାଇଁ ନୀଳଗିରି ଉପ-ଜିଲାପାଳ ବିଶାଲ ସିଂହଙ୍କ ସହ ଆଲୋଚନା କରି ୧ ସପ୍ତାହ ମଧ୍ୟରେ ସମାଧାନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଏହାସହ ତୁରନ୍ତ ଟ୍ୟାଙ୍କର୍ ଯୋଗେ ୫ ନଂ. ୱାର୍ଡ଼କୁ ପାଣି ଯୋଗାଣ ବ୍ୟବସ୍ଥା କରାଇଲା ପରେ ରାସ୍ତାରୋକୋ ହଟିଥିଲା। ରାସ୍ତାରୋକୋରେ ପଙ୍କଜିନୀ ପଣ୍ଡା, ଗୀତା କୁଅଁର, ନମିତା ରାଉତ, ସବିତା କୁଅଁର, ପାର୍ବତୀ ମାଣ, ସୁବାଷ ନାୟକ, ବିଳାସିନି ନାୟକ, ଲକ୍ଷ୍ମୀ ବିଶ୍ୱାଳ, ସବିତା ନାୟକଙ୍କ ସମେତ ବହୁ ମହିଳା ସାମିଲ ଥିଲେ।

## ୫ ଯାଏ ଚିଲିକାକୁ ଡଙ୍ଗା ଚଳାଚଳ ବନ୍ଦ

ବାଲୁଗାଁ, ୩୦।୪(ଡି.ଏନ.ଏ.)

**ଫନୀ ପାଇଁ ସତର୍କତା**

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ ଫନୀ ଏବେ ଓଡ଼ିଶା ମୁହାଁଇଛି। ପ୍ରଥମେ ତାମିଲ୍‌ନାଡୁ ଏବଂ ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଇଁବା ନେଇ ପାଣିପାଗ ବିଶେଷଜ୍ଞ ପକ୍ଷରୁ ଆକଳନ କରାଯାଇଥିଲା। ଏବେ କିନ୍ତୁ ଏହାର ଗତିପଥ ବଦଳି ଓଡ଼ିଶା ଉପକୂଳରେ ସ୍ଥଳଭାଗ ଛୁଇଁବ ବୋଲି ସମ୍ଭାବନା ଦୃଢୀଭୂତ ହୋଇଛି। ଏଥିପାଇଁ ଚିଲିକା ଅଶାନ୍ତ ରହିବା ସମ୍ଭାବନା ଥିବାରୁ ୧ ତାରିଖରୁ ୫ ପର୍ଯ୍ୟନ୍ତ ଚଳାଚଳ କରୁଥିବା ସମସ୍ତ ମାଛଧରା ଓ ଯାତ୍ରୀବାହୀ ଡଙ୍ଗାକୁ ଚିଲିକା ମଧ୍ୟକୁ ନ ଯିବା ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ନିଷେଧ ଜାରି କରାଯାଇଛି। ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଥିବାବେଳେ ଜରୁରିକାଳୀନ ମୁକାବିଲା ନିମନ୍ତେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ କର୍ମଚାରୀ ସଜାଗ ରହିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

୨୦୧୨ ମସିହା ଫାଇଲିନ୍‌ର କରାଳ ରୂପ ଏବେ ବି ଚିଲିକାବାସୀଙ୍କ ମନରୁ ଲିଭିନଥିବା ବେଳେ ପୁଣି ଆଉ ଏକ ବାତ୍ୟା ଆସୁଥିବା ଶୁଣି ସମଗ୍ର ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଆସନ୍ତା ୨ ତାରିଖ ବେଳକୁ ଫନୀ ଅତି ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହେବା ସହ ଘଣ୍ଟାପ୍ରତି ପବନର ବେଗ ୮୦ କି.ମିରୁ ଉର୍ଦ୍ଧ୍ୱ ହେବ ଏବଂ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବର୍ଷା ପବନ ଯୋଗୁଁ ଚିଲିକାର ଜଳରାଶି ଅଶାନ୍ତ ରହିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ମଙ୍ଗଳବାର ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଲିକା ବିଡିଓ ବାଦଲ ମହାନ୍ତି ଓ ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମାହାଲିକ୍ ସଦଳବଳ ମଙ୍ଗଳବାର ମଧ୍ୟାହ୍ନରେ ବାଲୁଗାଁସ୍ଥିତ ଚନ୍ଦ୍ରାପୁଟ, ଶାନ୍ତିନଗର, ଗୋପବନ୍ଧୁ କଲୋନୀ, ତାଳପଟି ବଙ୍ଗୀୟ ବସ୍ତି ସମେତ ଅନ୍ୟାନ୍ୟ ଚିଲିକା ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ଡାକବାଜି ଯନ୍ତ୍ର ଓ ବୈଠକ କରି ଲୋକଙ୍କୁ ବାତ୍ୟା ସମ୍ପର୍କରେ ସତର୍କତାମୂଳକ ସଚେତନ କରାଇଛନ୍ତି। ବୁଧବାର ଅପରାହ୍ନଠାରୁ ଚିଲିକା ତଟାଞ୍ଚଳରେ ରହୁଥିବା କଚ୍ଚା ଘରୁ ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳୀ, ସ୍କୁଲ ଓ କଲେଜ୍‌କୁ ସ୍ଥାନାନ୍ତର ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ୧ ତାରିଖରୁ ୫ ପର୍ଯ୍ୟନ୍ତ ଚିଲିକାରେ ଚଳାଚଳ କରୁଥିବା ସମସ୍ତ ଡଙ୍ଗାକୁ ପ୍ରଶାସନ ପକ୍ଷରୁ ଚିଲିକା ମଧ୍ୟକୁ ନ ଯିବା ପାଇଁ ନିଷେଧ ଜାରି କରାଯାଇଛି।

■ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ଭାଜପା

## ବିଜେଡି ରିଗିଂ, କ୍ୟାପ୍‌ଚରିଂ କରିଥିବା ୬୪ ବୁଥ୍‌ରେ ସାନି ମତଦାନ କରାଯାଉ

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇ ଯାଇଥିବାବେଳେ ରାଜ୍ୟରେ ବିଜେଡି ବିରୋଧରେ ସାଧାରଣ ଲୋକେ ମତଦାନ କରିଛନ୍ତି। ଏକଥା ସ୍ପଷ୍ଟ ହୋଇସାରିଛି। କ୍ଷମତା ଚାଲିଯିବା ଭୟରେ ବିଜେଡି ନେତା ଓ କାର୍ଯ୍ୟ କର୍ତ୍ତାମାନେ ରକ୍ତମୁଖା ସାଜି ସାରା ଓଡ଼ିଶାରେ ହିଂସାତ୍ମକ ଆଚରଣ ଦେଖାଉଥିବାବେଳେ ଏଥିରେ ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜି ଶାସକ ଦଳକୁ ସୁହାଇଲା ଭଳି କାର୍ଯ୍ୟ କରୁଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ଅସହାୟତା ପ୍ରକାଶ କରୁଛନ୍ତି। ନୀଳ ଗାମୁଛାରେ ଶଙ୍ଖ ଚିହ୍ନ ଥାଇ ବିଜୁ ଯୁବ ବାହିନୀର କାର୍ଯ୍ୟକର୍ତ୍ତା ବୁଥ୍ ଭିତରକୁ ପ୍ରବେଶ କରି ଭୋଟରମାନଙ୍କୁ ପ୍ରଭାବିତ କରାଇବା ସହ ଇଭିଏମ ବଟମ୍ ଦବାଇବାକୁ ଚେଷ୍ଟା କରୁଥିବା ଦୃଶ୍ୟ ଖବରକାଗଜରେ ପ୍ରକାଶ ପାଇଛି। ବିଜେଡି ନେତା ଏବଂ କାର୍ଯ୍ୟକର୍ତ୍ତାମାନେ କେନ୍ଦ୍ରାପଡ଼ା ଲୋକ ସଭା ମଣ୍ଡଳୀର ଆଳି ବୁଥ୍ ନମ୍ବର-୩୧୦, ରାଜନଗର ନିର୍ବାଚନ ମଣ୍ଡଳୀର ବୁଥ ନମ୍ବର ୧୬୦, ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀ, ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀର ଧର୍ମଶାଳା ବୁଥ ନମ୍ବର ୧୪୮, ୯୫, ୧୪୮, ୧୫୮, ୮୦, ସୁକିନ୍ଦା ନିର୍ବାଚନମଣ୍ଡଳୀର ବୁଥ୍ ନମ୍ବର ୧୮୧ ଏବଂ ୧୮୨, ବରି, ବଡ଼ଚଣା, ଭଦ୍ରକ ନିର୍ବାଚନମଣ୍ଡଳୀର ବୁଥ ନମ୍ବର ୧୩୦, ୧୩୧, ୧୩୨, ୨୩୦, ୨୩୧, ୨୩୨ ଏବଂ ବାଲେଶ୍ୱର ନିର୍ବାଚନୀ ମଣ୍ଡଳୀରେ ସମୁଦାୟ ୬୪ଟି ବୁଥରେ ରିଗିଂ ଏବଂ କ୍ୟାପ୍‌ଚରିଂ କରିଛନ୍ତି। ବିଜେଡି ଗୁଣ୍ଡାମାନେ ବୁଥ ଭିତରେ ଗୁଣ୍ଡାଗର୍ଦ୍ଦି କରିଥିବାର ଭିଡିଓ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି। ଉକ୍ତ ୬୪ଟି ବୁଥରେ ପୁଣି ଥରେ ମତଦାନ କରାଇବାକୁ ଭାଜପା ଦାବି କରିଛି। ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅନେକ ବୁଥ୍‌ରେ ବିଜେଡି ଗୁଣ୍ଡାମାନେ ଭାଜପା କାର୍ଯ୍ୟକର୍ତ୍ତା ଏବଂ ଏଜେଣ୍ଟମାନଙ୍କୁ ରକ୍ତମୁଖା ସାଜି ମାଡ଼ ମାରିବା ସହ ବୁଥ୍ ଭିତରକୁ ପ୍ରବେଶ କରିବାକୁ ଦେଇ ନାହାନ୍ତି। ସିସିଟିଭି ମାଧ୍ୟମରେ ବୁଥ ଉପରେ କଡ଼ା ନଜର ରଖିବା ସହ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ କରିବା ପାଇଁ ପୂର୍ବରୁ ଦାବି କରାଯାଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ ତାହା କରାଇ ଦେଲେ ନାହିଁ। ଫଳରେ ଏପରି ଅଘଟଣ ଘଟିଲା ବୋଲି ଭାଜପା ପ୍ରତିନିଧି ଦଳ ଅଭିଯୋଗ କରିଛି। ଏହି ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ ମୁଖପାତ୍ର ଗୋବିନ୍ଦ ଅଗ୍ରୱାଲ, ରାଜ୍ୟ ଯୁବ ମୋର୍ଚ୍ଚାର ସଭାପତି ଟଙ୍କଧର ତ୍ରିପାଠୀ, ନିର୍ବାଚନ ପ୍ରକୋଷ୍ଠର ଆବାହକ ରବିଶଙ୍କର ପଟ୍ଟନାୟକ ଏବଂ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## 'ଫନୀ' ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ପ୍ରସ୍ତୁତ

ଭୁବନେଶ୍ୱର,୩୦।୪ (ବ୍ୟୁରୋ)


ସମ୍ଭାବ୍ୟ ଫନୀକୁ ମୁକାବିଲା ପାଇଁ ଅଗ୍ନିଶମ କର୍ମଚାରୀମାନେ ବିଭିନ୍ନ ଯନ୍ତ୍ରପାତି ଯାଞ୍ଚ କରୁଛନ୍ତି।

- ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ: ଅଗ୍ନିଶମ ଡିଜି
- ସାମିଲ ହେବେ ୨୦ ଓଡ୍ରାଫ ଓ ୧୨ ଏନ୍‌ଡିଆର୍‌ଏଫ୍ ଟିମ୍

ମାଡ଼ି ଆସୁଛି ବାତ୍ୟା 'ଫନୀ'। ଏହା ୩ ତାରିଖରେ ପୁରୀ ନିକଟରେ ସ୍ଥଳପଥ ଛୁଇଁ ଉପକୂଳ ଓଡ଼ିଶାରେ ତାଣ୍ଡବ ରଚାଇବ। ଜାତୀୟ ପାଣିପାଗ ବିଭାଗ ଏନେଇ ସତର୍କ କରାଇବା ପରେ ଏହାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ପୂରା ପ୍ରସ୍ତୁତ ରହିଛି। ଏଥିପାଇଁ ଅଗ୍ନିଶମ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଯେଉଁମାନେ ଛୁଟିରେ ଅଛନ୍ତି ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅଗ୍ନିଶମ ଡିଜିବି.କେ.ଶର୍ମା ସୂଚନା ଦେଇଛନ୍ତି।

ଶର୍ମା କହିଛନ୍ତି, ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସମସ୍ତ ସରଞ୍ଜାମ ପ୍ରସ୍ତୁତ କରି ରଖାଯାଇଛି। ଜେନେରେଟର, ଲାଇଟ୍, ଗଛକଟା ସରଞ୍ଜାମ ସମେତ ଉଦ୍ଧାର କାର୍ଯ୍ୟରେ ଆବଶ୍ୟକ ସାମଗ୍ରୀ ମହଜୁଦ ରହିଛି। ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିବ। ବିଶେଷ କରି ପୁରୁଣା ପକ୍କାଘର ଭୁଶୁଡିବା ସହ ବିଜୁଳି ଖୁଣ୍ଟ ଓ ଏକାଧିକ ଗଛ ଉପୁଡ଼ିବାର ଆଶଙ୍କା କରାଯାଇଛି। ତେଣୁ ବାତ୍ୟା ସମୟରେ ଓ ପରେ ଆବଶ୍ୟକ ପଦକ୍ଷେପ ନେବାକୁ ୩ଶହ ଅଗ୍ନିଶମ କର୍ମଚାରୀ ପ୍ରସ୍ତୁତ ଅଛନ୍ତି। ବିଶେଷକରି ଉପକୂଳ ଅଞ୍ଚଳକୁ ଅଗ୍ନିଶମ ବିଭାଗ ବିଶେଷ ଗୁରୁତ୍ୱ ଦେଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଉପକୂଳ ଜିଲାରେ ୩୪୭ଜଣ ଅତିରିକ୍ତ କର୍ମଚାରୀ ସାମିଲ ହୋଇଛନ୍ତି। ସ୍ୱତନ୍ତ୍ର ଟିମ୍‌କୁ ଆବଶ୍ୟକ ସରଞ୍ଜାମ ସହ ଉପକୂଳବର୍ତ୍ତୀ ଅଞ୍ଚଳକୁ ପଠାଯାଇଛି। ସେହିଭଳି କଟକ ଓ ଭୁବନେଶ୍ୱରରେ ସ୍ୱତନ୍ତ୍ର ଟିମ୍‌ଗୁଡ଼ିକୁ ପ୍ରସ୍ତୁତ ହୋଇ ରହିଛନ୍ତି। ସବୁ ଜିଲା ମୁଖ୍ୟାଳୟରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଉପରେ ନଜର ରଖିବା ସହ ପରିସ୍ଥିତିର ସମୀକ୍ଷା କରିବେ। ବାତ୍ୟା ପରେ ଭାଙ୍ଗିଯାଇଥିବା ଗଛ ଓ ବିଦ୍ୟୁତ୍ ଖୁଣ୍ଟକୁ ରାସ୍ତାରୁ ହଟାଇ ଯାତାୟାତକୁ ସ୍ୱାଭାବିକ କରିବେ। ଅଧିକ କ୍ଷୟକ୍ଷତି ହୋଇଥିବା ଜିଲାରେ ତୁରନ୍ତ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ରିଲିଫ ଯୋଗାଇ ଦିଆଯିବ। ବାତ୍ୟା ପ୍ରଭାବରେ ସମୁଦ୍ରରୁ ଉଚ୍ଚ ଜୁଆର ଉଠିବାର ସମ୍ଭାବନା ରହିଥିବାରୁ ଉପକୂଳ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ନେବା କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀ ସହଯୋଗ କରିବେ। ଏଥିସହ ୨୦ ଓଡ୍ରାଫ ଓ ୧୨ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ହେବେ ବୋଲି ଅଗ୍ନିଶମ ଡିଜି ଶର୍ମା ସୂଚନା ଦେଇଛନ୍ତି।

# ଏ ମାସର କୃଷି ସୂଚନା

**ଡାଲୁଅ ଧାନ :** ଡାଲୁଅ ଧାନର ଶତକଡ଼ା ୮୦ ରୁ ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟି ଦିଅନ୍ତୁ । ଧାନ କାଟିବା ପୂର୍ବରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ । ଧାନ କାଟିବାର ୭ ଦିନ ପୂର୍ବରୁ କିଆରିରୁ ପାଣି ଶୁଖାନ୍ତୁ । ଧାନ ଅମଳ ପରେ ୩-୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଜମିର କିସମ ଅନୁସାରେ ଖରିଫ୍ ଧାନ ଚାଷ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନବିହନ ସଂଗ୍ରହ କରନ୍ତୁ ।

-ଡାଲୁଅ ଧାନରେ ଯେଉଁ ଅଞ୍ଚଳରେ ମାଟିଆଗୁଣ୍ଡି ବା ଚକଡ଼ା ପୋକ ଆକ୍ରମଣ ଦେଖାଯାଉଛି, ସେହି ସ୍ଥାନରେ ଆକ୍ରାନ୍ତ କ୍ଷେତରୁ ପାଣି କାଟି ଶୁଖାଇ ଦିଅନ୍ତୁ। ପ୍ରତି ୬ ଫୁଟ ବ୍ୟବଧାନରେ ପୂର୍ବ-ପଶ୍ଚିମ କରି ଧାନ ଗଛକୁ ଦୁଇପଟକୁ ଆଡ଼େଇ ଦେଇ ପାଖି କାଟନ୍ତୁ। ଗଛ ମୂଳକୁ ଲକ୍ଷ୍ୟ କରି ହେକ୍ଟର ପ୍ରତି ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ କିମ୍ବା ଡାଇନୋଟେଫ୍ୟୁରାନ୍ ୩୦୦ ଗ୍ରାମ୍ କିମ୍ବା ପାଇମେଟ୍ରୋଜିନ୍ ୨୦୦ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଡାଲି :** ମୁଗ ଓ ବିରି ଫସଲରେ ଛୁଇଁ ୮୦ ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳ କରିଦିଅନ୍ତୁ । ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ । ଖରାଟିଆ ବିରି ଓ ମୁଗ ଫୁଲଫଳ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ ।

**ତୈଳବୀଜ ଫସଲ : ରାଶି :** ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ର ଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।

**ଚିନାବାଦାମ :** ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।

**ସୂର୍ଯ୍ୟମୁଖୀ :** କଳଙ୍କିରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ ।

-ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ମସଲା ଜାତୀୟ ଫସଲ (ଅଦା ଓ ହଳଦୀ):** ବର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ । ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ ।

– ଅନୁମୋଦିତ ଅଦା କିସମଗୁଡ଼ିକ ହେଲା : ସୁରଭି, ସୁରୁଚି, ସୁପ୍ରଭା । ବିହନର ପରିମାଣ ହେକ୍ଟର ପ୍ରତି୧୫ ରୁ ୧୭ କୁଇଣ୍ଟାଲ୍ ।

ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା: ରଙ୍ଗ, ସୁରମା, ରୋମା, ରଶ୍ମି । ବିହନର ପରିମାଣ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ।

*ଅଦା ଓ ହଳଦୀର ଲଗାଇବା ପ୍ରଣାଳୀ:* ଏକମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ ପ୍ରସ୍ତୁତ କରନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରାପଡ଼ିବାକୁ ଦିଅନ୍ତୁ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ।

**ସାର ପ୍ରୟୋଗ :**
ଅଦା : ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ।

ହଳଦୀ : ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

**କୁକୁଡ଼ା ଓ ବତକ ପାଳନ :** କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଥଣ୍ଡା ରଖନ୍ତୁ ଏବଂ ମୁକ୍ତ ପବନ ଯିବା ଆସିବାର ବ୍ୟବସ୍ଥା କରାନ୍ତୁ । ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ । ଦିନକୁ ୨ ରୁ ୩ ଥର ପାଣି ବଦଳାନ୍ତୁ। ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ା ଘର ଜାଲିରେ ଓଦାଅଖା ଟାଣନ୍ତୁ। ଦୁଇ ମାସରୁ ଅଧିକ ସବୁ କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ।

**ମାଛଚାଷ :** ପୋଖରୀର ପାଣି ସ୍ତର କମିଗଲେ ପାଣି ଭର୍ତ୍ତି କରନ୍ତୁ । ଏକ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩ କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପୋଖରୀରେ ପ୍ରୟୋଗ କରନ୍ତୁ । ବର୍ଷିକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ ।

ବି.ଦ୍ର.: -ଖରାଦିନିଆ ବର୍ଷାର ସଦୁପଯୋଗ କରି ମାଟି ବତର ଥିବା ଅବସ୍ଥାରେ ଜମିକୁ ୨-୩ ଓଡ଼ ଖରାଟିଆ ଚାଷ କରନ୍ତୁ । ଏହାଦ୍ୱାରା ଅନିଷ୍ଟକାରୀ କୀଟର ଲାର୍ଭା ଓ ଅଣ୍ଡା ନଷ୍ଟ ହୋଇଯାଏ ଏବଂ ମାଟିର ଜଳଧାରଣ ଶକ୍ତି ବୃଦ୍ଧି ପାଏ ।

– ଜମିରେ ଫସଲ ନ ଥିବା ଅବସ୍ଥାରେ ନମୁନା ମାଟି ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇ ଦିଅନ୍ତୁ । ମାଟି ପରୀକ୍ଷା କରି ଅନୁମୋଦିତ ଖତ ଓ ସାର ବ୍ୟବହାର କରନ୍ତୁ ।

– ରୁଆଧାନ ଫସଲ ପାଇଁ ସବୁଜ ସାର ଉଦ୍ଦେଶ୍ୟରେ ମେ ଦ୍ୱିତୀୟ ପକ୍ଷରେ ହେକ୍ଟର ପିଛା ୨୫ କି.ଗ୍ରା. ହିସାବରେ ଧଣିଚା ବିହନ ବୁଣନ୍ତୁ ।

**ଗୋପାଳନ :** ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ । ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ । ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ବର୍ଷା ଆସିଯିବ ଓ ବର୍ଷାଋତୁରେ ଶାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ମେ' ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ଶାହାଣ ଓ ବଜବଜିଆ ରୋଗର ଟିକା ଦିଅନ୍ତୁ।

**ନଳିତାରେ ଘାସ ନିୟନ୍ତ୍ରଣ :** ଏପ୍ରିଲ୍ ମାସରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ ସେ.ମି.ରୁ ୧୦ ସେ.ମି. ରଖି ପତଳା କରିଦିଅନ୍ତୁ । ଅଥବା ନଳିତା ସହ ଏକବୀଜପତ୍ରୀ ଘାସକୁ ନିୟନ୍ତ୍ରଣ କରିବା ପାଇଁ ଟର୍ଗାସୁପର ତୃଣନାଶକ ୨ ମି.ଲି. ଓ ଧନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ସମୟରେ ସିଞ୍ଚନ କରନ୍ତୁ।

**-କୃଷି ବୈଷୟିକ ସୂଚନାକେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**



## ଛେଳି ଓ ମେଣ୍ଢା ପାଳନ



**ଥ**ଣ୍ଡାପରିବେଶରେରଖନ୍ତୁ ।ଦିନ୧୦ଟାପରେପଡ଼ିଆକୁଚରିବାକୁଛାଡ଼ନ୍ତୁନାହିଁ। ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପି.ପି.ଆର୍. ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ମେ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।

## ଖରାଟିଆ ପନିପରିବା ଚାଷ

ଖରାଟିଆ ପନିପରିବା ଫସଲରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଅନ୍ତୁ ।

-ଶାଗ ଫସଲରୁ ଅଧିକ ଅମଳ ପାଇଁ ଜିଆଖତ ବ୍ୟବହାର କରି ମାଟିର ବତର ଅନୁସାରେ ଜଳସେଚନ କରନ୍ତୁ ।

-ତରଭୁଜ ଅମଳ ପରେ ଜଳସେଚନର ସୁବିଧା ଥିଲେ ସେହି ଜମିରେ ଶାଗ, ପୋଇ, ବାଇଗଣ, ଗୁଆଁର, ଲଙ୍କା, ଭେଣ୍ଡି ଇତ୍ୟାଦି ଚାଷ କରନ୍ତୁ । ବର୍ଷା ଦିନରେ ବାଇଗଣ ଓ ଲଙ୍କାଚାଷ କରିବା ପାଇଁ ଅକ୍ଷୟ ତୃତୀୟା ବେଳକୁ ବାଇଗଣ ଓ ଲଙ୍କାର ଚାରା ପକାନ୍ତୁ । ବାଇଗଣ ଓ ଲଙ୍କା ଚାରାର ଚେରକୁ ମିଶ୍ରିତ ଔଷଧ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନ କରି ଲଗାନ୍ତୁ (ମିଶ୍ରିତ ଔଷଧ ଦ୍ରବଣରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧.୫ ଗ୍ରାମ୍ ଏବଂ କାର୍ବେଣ୍ଡାଜିମ୍ ୨୦ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇବେ)।

-କଲରା, କାକୁଡ଼ି, ଜହ୍ନି, ପୋଟଳ, ଲାଉ ଫସଲରେ ପତ୍ର ହଳଦିଆ ଦେଖାଦେଲେ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରନ୍ତୁ ।



# ମରୁଡ଼ି ପ୍ରବଣ ଅଞ୍ଚଳ ପାଇଁ ...

**ମ**ରୁଡ଼ି ପ୍ରବଣ ସ୍ଥାନରେ ଧାନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ।

-ମରୁଡି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ।

-ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ।

-ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ।

-ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗ, ପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ।

-ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଏଥିଯୋଗୁ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ।

-ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ କରନ୍ତୁ। ଢ଼ିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା- ମୁଗ, ବିରି, ହରଡ, ମାଣ୍ଡିଆ, ମକା, ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ।

-ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ।

-ମରୁଡି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

-ଧାନ ବିହନକୁ ସୋଡିୟମ୍ ଫସଫେଟ ଦ୍ରବଣ (ଏକ ଲିଟର ପାଣିରେ ୩୫୮ମିଲିଗ୍ରାମ)୬ଘଣ୍ଟା ବତୁରାନ୍ତୁ ଓ ତାପରେ ଶୁଖାଇ ବୁଣନ୍ତୁ। ଏହାଦ୍ୱାରା ବିହନ ଭଲ ଗଜା ହୋଇଥାଏ ଓ ତଳି ଭଲ ବଢ଼ିଥାଏ।

**ପୁସ୍ତକ ପରିଚୟ**

## 'ଶ୍ୟାମଳ ସୁବର୍ଣ୍ଣ'




**ଓ**ଡ଼ିଶା ଭଳି ଗ୍ରାମବହୁଳ ରାଜ୍ୟରେ କୃଷି ହିଁ ବିକାଶର ସର୍ବୋତ୍ତମ ମାଧ୍ୟମ। ଏହି ପରିପ୍ରେକ୍ଷୀରେ 'କୃଷିର ବିକାଶ, କୃଷକର ବିକାଶ'ର ଆଭିମୁଖ୍ୟ ନେଇ ପ୍ରକାଶ ପାଉଛି କୃଷିଭିତ୍ତିକ ତ୍ରୟମାସିକ ପତ୍ରିକା 'ଶ୍ୟାମଳ ସୁବର୍ଣ୍ଣ'। କେତେଜଣ ଛାତ୍ରଙ୍କ ଦ୍ୱାରା ସମ୍ପାଦିତ ଏହି ପତ୍ରିକାର ୪ର୍ଥ ସଂଖ୍ୟା ହସ୍ତଗତ ହୋଇଛି। କୃଷି ଦ୍ୱାରା ସ୍ୱାବଲମ୍ବୀ ହେବାର ଉପାୟ ତତ୍‌ସହିତ ଅତ୍ୟାଧୁନିକ ପଦ୍ଧତିକୁ ଆପଣାଇ ଅଳ୍ପ ଜମିରୁ ଅଧିକ ଅମଳର କୌଶଳ ବିଷୟରେ ସୂଚନା ମଧ୍ୟ ଏଥିରେ ସ୍ଥାନ ପାଇଛି।

-ମୁଖ୍ୟ ସମ୍ପାଦକ: ଡି. ଶୁଭମ୍,
ମୂଲ୍ୟ: ୩୦ ଟଙ୍କା,
ଯୋଗାଯୋଗ- 'ଶ୍ୟାମଳ ସୁବର୍ଣ୍ଣ' ବାସୁଦେବପୁର, ଭଦ୍ରକ।

## ୯ମୃତ, ...

ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ରାତି ଏବଂ ମଙ୍ଗଳବାର ସୁଦ୍ଧା ଯଶୀପୁର ଗାଁର ୩ ଜଣ ଓ ଦୌଲତପୁରର ୫ଜଣଙ୍କ ମୃତ୍ୟୁ ଘଟିଛି। ଦୌଲତପୁରର ଅନ୍ୟ୨୮ଜଣ ଏବଂ ଯଶୀପୁରର ୬ଜଣ ଗୁରୁତର ଅସୁସ୍ଥଙ୍କୁ ତିହିଡ଼ି, ଭଦ୍ରକ ଓ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଆକ୍ରାନ୍ତଙ୍କ ମଧ୍ୟରୁ କେତେଜଣ ବିଷାକ୍ତ ମଦ ପ୍ରଭାବ ଯୋଗୁ ଭଲ ଦେଖି ପାରୁ ନ ଥିବାରୁ ସେମାନେ ଦୃଷ୍ଟିଶକ୍ତି ହରାଇପାରନ୍ତି ବୋଲି ଆଶଙ୍କା କରାଯାଉଛି।

ମଙ୍ଗଳବାର ସକାଳେ ବିଷାକ୍ତ ମଦମୃତ୍ୟୁ ଘଟଣା ପ୍ରଚାରିତ ହେବା ପରେ ଚାନ୍ଦବାଲି ଓ ତିହିଡି ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତିହିଡି ଥାନା ଅଧୀନ ପୀରହାଟ ବଜାରର ସ୍ଥାନୀୟ ଲୋକେ ଓ ବ୍ୟବସାୟୀ ମିଶି ବନ୍ଦ ପାଳନ କରି ପ୍ରତିବାଦ ଜଣାଇଥିଲେ। ଦୌଲତପୁର ଓ ଯଶୀପୁରର ଘରେ ଘରେ କାନ୍ଦବୋବାଳି ପଡିଯାଇଥିଲା। ଭଦ୍ରକ ଜିଲା ହସ୍ପିଟାଲରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଚତୁର୍ଥ ପର୍ଯ୍ୟାୟ ଭୋଟ ସମୟରେ କର୍ମୀଙ୍କୁ ଖୁସି କରାଇବା ସକାଶେ ପ୍ରାୟ ୧୦ ଲକ୍ଷ ଟଙ୍କାର ନକଲି ମଦ ପୁରୁଣା ବାଲେଶ୍ୱର ଅଞ୍ଚଳରୁ ଅଣାଯାଇ ଏସବୁ ସ୍ଥାନରେ ବଣ୍ଟାଯାଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ଏବଂ ମଦ ବଣ୍ଟନକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରି ଭାଜପା ନେତା ଓ କର୍ମୀ ପୀରହାଟ ବଜାର ନିକଟରେ ରାସ୍ତା ଅବରୋଧ କରି ରଖିଛନ୍ତି। ଖବର ଲେଖା ହେବା ଯାଏ ଆନ୍ଦୋଳନ ଜାରି ରହିଛି। ରାଜ୍ୟ ଅବକାରୀ କମିଶନର ଜି.ଏସ. ପୁନିଆ ମଙ୍ଗଳବାର ଏହି ବିଷାକ୍ତ ମଦମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କମିଶନର ପୁନିଆଙ୍କ ସହିତ ଡେପୁଟି କମିଶନର ରାମଚନ୍ଦ୍ର ପାଲଟା ଆସି ଦୌଲତପୁର ଏବଂ ଯଶୀପୁର ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଏବଂ ସିଡିଏମ୍‌ଓ ବାରିଶ ଦାଶଙ୍କ ସହ ଆଲୋଚନା କରି ଅସୁସ୍ଥଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିଛନ୍ତି। ଅନ୍ୟ ପ୍ରଶାସନିକ ଓ ପୋଲିସ ଅଧିକାରୀ ନକଲି ବିଦେଶୀ ମଦର ନମୁନା ସଂଗ୍ରହ କରି ତନାଘନା ଜାରି ରଖିଥିବା ପୋଲିସ କହିଛି। ନିର୍ବାଚନ ପରିପ୍ରେକ୍ଷୀରେ ଶନିବାର ଅପରାହ୍ନରୁ ତିହିଡ଼ି ଓ ଚାନ୍ଦବାଲି ଅଞ୍ଚଳରେ ସମସ୍ତ ସରକାରୀ ମଦ ଦୋକାନକୁ ସିଲ୍ କରି ଦିଆଯାଇଥିବା ବେଳେ ବାହାର ଜିଲାରୁ ନକଲି ବିଦେଶୀ ମଦ କିପରି ଏଠାକୁ ଆସିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ନେଇ ଖବର ଲେଖାହେବା ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ।

ଦୌଲତପୁର ପଞ୍ଚାୟତରେ ବିଷାକ୍ତ ମଦମୃତ୍ୟୁର ଶିକାର ହୋଇଥିବା ମୃତକମାନେ ହେଲେ ନିମେଇଁସାହି ଗ୍ରାମର ସାଧୁ ଚରଣ ନାୟକ (୪୫), ବିଲବାମନବିନ୍ଧା ଗ୍ରାମର ଶଙ୍କର୍ଷଣ ଦାସ (୫୫), ଦୌଲତପୁର ଗ୍ରାମର ରାମଚନ୍ଦ୍ର ପଡ଼ିଆରୀ (୫୨), ବାଇଧର ନାୟକ (୪୨), ଶଙ୍କର୍ଷଣ ପରିଡ଼ା(୪୫)। ସେହିପରି ଚାନ୍ଦବାଲି ବ୍ଲକ ଯଶୀପୁର ଅଞ୍ଚଳର ୪ ମୃତକ ହେଲେ ମନୋଜ ମହାନ୍ତି (୩୬), କୃଷ୍ଣଚନ୍ଦ୍ର ନାୟକ (୪୦), ହରିହର ଜେନା(୪୦) ଏବଂ ଦେବେନ୍ଦ୍ର ପଣ୍ଡା (୫୨)। ଏମାନଙ୍କ ମଧ୍ୟରୁ ଭଦ୍ରକ ଡାକ୍ତରଖାନାରେ ୫ଜଣଙ୍କର ମୃତ୍ୟୁ ଘଟିଥିବାବେଳେ କଟକରେ ଜଣଙ୍କର ମୃତ୍ୟୁ ହୋଇଛି। ଦୌଲତପୁରରେ ମୃତ୍ୟୁବରଣ କରିଥିବା ରାମଚନ୍ଦ୍ର ପଡ଼ିଆରୀଙ୍କ ମୃତଦେହକୁ ପରେ ଭଦ୍ରକ ଡାକ୍ତରଖାନା ଅଣାଯାଇଥିଲା। କଟକରେ ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ହେବାସହ ଭଦ୍ରକରେ ଅନ୍ୟ ୫ଜଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ସନ୍ଧ୍ୟାରେ ହସ୍ତାନ୍ତର କରାଯାଇଛି। ରାତି ସାଢ଼େ ୮ଟାରେ ହରିହର ଜେନା ଏବଂ ୯ଟାରେ ପଣସପଡ଼ା ଅଞ୍ଚଳର ଦେବେନ୍ଦ୍ର ପଣ୍ଡାଙ୍କର ମୃତ୍ୟୁ ଘଟିଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିବାରୁ ଏହାକୁ ଶବାଗାରରେ ରଖାଯାଇଛି। ଚାନ୍ଦବାଲିରେ ସୋମବାର ରାତିରେ ମୃତ୍ୟୁବରଣ କରିଥିବା ମନୋଜ ମହାନ୍ତିଙ୍କ ଅନ୍ତିମ ସଂସ୍କାର ପରିବାର ଲୋକେ ଗାଁରେ କରିଦେଇଥିବା ଜଣାପଡ଼ିଛି।

ମଦମୃତ୍ୟୁ ଘଟଣାର ପ୍ରତିବାଦରେ ମଙ୍ଗଳବାର ପୂର୍ବାହ୍ନରେ ଭାଜପା ନେତା ଓ କର୍ମୀ ସ୍ଥାନୀୟ ଲୋକଙ୍କ ସହ ମିଶି ପୀରହାଟ ବଜାର ନିକଟରେ ଟାୟାର ଜାଳି ଭଦ୍ରକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଥିଲେ। ଏହି ଆନ୍ଦୋଳନ ଜାରି ରହିଥିବାରୁ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଭାଜପା ଲଙ୍କେଶ୍ୱରୀ ମଣ୍ଡଳ ସଭାପତି ଶଶିକାନ୍ତ ବିଶ୍ୱାଳ, ବାମନବିନ୍ଧା ସମବାୟ ସମିତି ସଭାପତି ସଂଗ୍ରାମ ମହାନ୍ତି, ମୁକ୍ତିକାନ୍ତ ନାୟକ, ରାଜାରାମ ମହାକୁଡ଼, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ ପ୍ରମୁଖ ପ୍ରଥମେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପରେ ଚାନ୍ଦବାଲି ବିଧାନସଭା ଭାଜପା ପ୍ରାର୍ଥୀ ମନମୋହନ ସାମଲ, ଚାନ୍ଦବାଲିର ବରିଷ୍ଠ ନେତା ପ୍ରତାପ ଧଳ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ୩ଘଣ୍ଟା ପରେ ଚାନ୍ଦବାଲି ଏସଡିପିଓଙ୍କ ନେତୃତ୍ୱରେ ତିହିଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ପୋଲିସ ଦୌଲତପୁରକୁ ଯାଇ ତଦନ୍ତ କରିଥିଲା।

ଦୌଲତପୁର ପଞ୍ଚାୟତର ପ୍ରଭାବିତ ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ସୋମବାର ମଦ୍ୟପାନ ପରେ ମୁଣ୍ଡ ବୁଲାଇବାରୁ କେତେକ ବ୍ୟକ୍ତି ବାନ୍ତି କରି ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଏହି ଅସୁସ୍ଥ ଲୋକଙ୍କୁ ରାତିରେ ତିହିଡ଼ି ଡାକ୍ତରଖାନା ନିଆଯାଇ ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଅସୁସ୍ଥଙ୍କ ମଧ୍ୟରେ ତିହିଡ଼ି, ଚାନ୍ଦବାଲି ବ୍ୟତୀତ ଧାମରା ଅଞ୍ଚଳର କେତେ ଜଣ ବ୍ୟକ୍ତି ରହିଥିବା ଜଣାପଡ଼ିଛି। ସୋମବାର ରାତିରେ ତିହିଡ଼ିରୁ ଭଦ୍ରକ ନେବା ବାଟରେ ଜଣକର ପ୍ରଥମେ ମୃତ୍ୟୁ ଘଟିଥିଲା। ଗାଁରେ ତିହିଡ଼ି ଓ ଚାନ୍ଦବାଲିର ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ଭଦ୍ରକ ଓ କଟକରେ ଆଉ ୪ଜଣଙ୍କର ମୃତ୍ୟୁ ହୋଇଛି। ଦୌଲତପୁର ଗ୍ରାମର ରାମଚନ୍ଦ୍ର ପଡ଼ିଆରୀ ଗ୍ରାମରେ ପ୍ରାଣ ହରାଇଥିବାରୁ ତାଙ୍କୁ ଡାକ୍ତରଖାନା ଅଣାଯାଇ ନ ଥିବା ଗ୍ରାମବାସୀ କହିଛନ୍ତି। ତିହିଡ଼ି, ଚାନ୍ଦବାଲି ଓ ଧାମରା ଅଞ୍ଚଳରେ ଆଗରୁ ଅବାଧ ଚୋରା ମଦ କାରବାର ଚାଲି ଆସୁଥିବାବେଳେ ନିର୍ବାଚନବେଳେ ଏଠାକୁ ନକଲି ବିଦେଶୀ ମଦ ଅଣାଯିବା ଘଟଣା ନେଇ ସ୍ଥାନୀୟ ଲୋକେ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। ବିଷାକ୍ତ ମଦ ପ୍ରଭାବରେ ଆକ୍ରାନ୍ତ ବ୍ୟକ୍ତି ଭଲ ଦେଖିପାରୁ ନ ଥିବା ପ୍ରଚାର ହେଉଛି। ଏ ସମ୍ପର୍କରେ ଭଦ୍ରକର ଜଣେ ଡାକ୍ତରଙ୍କୁ ପଚାରିବାରୁ ଚିକିତ୍ସା ପରେ ଯାହାକିଛି ଜଣାପଡିବ ବୋଲି ସେ କହିଛନ୍ତି।

## ନିର୍ବାଚନ କଟକଣା ହଟାଅ, ...

ସହଭାଗିତାର ଆବଶ୍ୟକତା ରହିଛି। ପ୍ରଶାସନିକ କାର୍ଯ୍ୟ ତ୍ୱରାନ୍ୱିତ ସହ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ କୌଣସି ପ୍ରତିବନ୍ଧକ ରହିବା କଥା ନୁହେଁ। ଗତ ୨୯ ତାରିଖରେ ରାଜ୍ୟର ୪ଟି ଯାକ ପର୍ଯ୍ୟାୟ ନିର୍ବାଚନ ସରିଯାଇଥିବା କାରଣରୁ ରାଜ୍ୟର ସମସ୍ତ ଉପକୂଳ ଜିଲା ଉପରୁ ନିର୍ବାଚନ ଆଚରଣବିଧି ହଟାଇ ଦିଆଯାଉ। ସେହିପରି ଆସନ୍ତା ୧୯ ତାରିଖରେ ହେବାକୁ ଥିବା କେନ୍ଦ୍ରାପଡ଼ା ଜିଲାର ପାଟକୁରା ବିଧାନସଭା ନିର୍ବାଚନ ଘୁଞ୍ଚାଇ ଦିଆଯାଉ। ଏଭଳି ଦାବି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଦିନିକିଆ ନୂଆଦିଲ୍ଲୀ ଗସ୍ତକରି ଭାରତର ନିର୍ବାଚନ କମିଶନର ସୁନୀଲ ଆରୋରାଙ୍କୁ ଭେଟି ଉପରୋକ୍ତ ୨ ଦାବି ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଇସିଆଇ ଏହାକୁ ଗୁରୁତର ସହ ବିଚାର କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପାଟକୁରାରେ ବିଜେଡି ପ୍ରାର୍ଥୀ ଜିତିବେ। ସାଧାରଣ ନିର୍ବାଚନରେ ମଧ୍ୟ ବିଜେଡି ବହୁତ ଭଲ କରିବ ବୋଲି ସେ କହିଛନ୍ତି। ପ୍ରଦୀପ ମହାରଥୀଙ୍କ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ମାମଲା ବର୍ତ୍ତମାନ ଆଇନ ହାତରେ ରହିଛି।

ପାଟକୁରା ନିର୍ବାଚନ ତାରିଖ ଘୁଞ୍ଚାଇବା ନେଇ ମୁଖ୍ୟମନ୍ତ୍ରୀ ନେଇଥିବା ପଦକ୍ଷେପକୁ ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କୁ ବାତ୍ୟା ନୁହେଁ ବରଂ ବିଜୟ ଡର ମାଡ଼ି ବସିଛି। ବିଜୟ ମହାପାତ୍ରଙ୍କୁ ତାଙ୍କର ଅଧିକ ଭୟ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଅନେକ ବାତ୍ୟାର ମୁକାବିଲା କରିଛନ୍ତି। ଏବେ ଏତେ ମାତ୍ରାରେ ଡର କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା ତାଙ୍କର ରୁଗ୍ଣ ମାନସିକତା ଓ ହୀନ ବୁଦ୍ଧି। ନବୀନ ନିଜ ବାପାଙ୍କ ଭଳି ବ୍ରଡ୍ ମାଇଣ୍ଡେଡ୍ ହୁଅନ୍ତୁ। ମୁଖ୍ୟମନ୍ତ୍ରୀ ରାଜ୍ୟର ଦୁଇଟି ବିଧାନସଭା ଆସନରୁ ଲଢ଼ିଛନ୍ତି। ଏବେ ପାଟକୁରାରୁ ଆସି ଲଢନ୍ତୁ ବୋଲି ବିଜୟ କହିଛନ୍ତି।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ୪ଟି ପର୍ଯ୍ୟାୟରେ ୨୦୧୯ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ମାତ୍ର ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ ହେବା କାରଣରୁ ସେଠାରେ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ଆସନ୍ତା ୧୯ତାରିଖରେ ସେଠାରେ ନିର୍ବାଚନ କରାଯିବାକୁ ପୁଣିଥରେ ଦିନଧାର୍ଯ୍ୟ କରାଯାଇଛି। ଇତିମଧ୍ୟରେ ବିଜେଡି ବେଦପ୍ରକାଶଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲଙ୍କୁ ପାଟକୁରା ଆସନରୁ ପ୍ରାର୍ଥୀ କରିଛି ଏବଂ ସେ ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ୫ ମିଟର ଯାଏ ...

କିମ୍ବା ସନ୍ଧ୍ୟା ସୁଦ୍ଧା ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଉଦୟଗିରି ନିକଟରେ ସ୍ଥଳଭାଗ ଛୁଇଁବା ସମ୍ଭାବନା ରହିଛି। ସ୍ଥଳଭାଗ ଛୁଇଁବା ବେଳେ ବାତ୍ୟାର ବେଗ ଘଣ୍ଟା ପ୍ରତି ୧୭୫ରୁ ୧୮୫ କିଲୋମିଟର ଏବଂ ବେଳେବେଳେ ୨୦୫ କିଲୋମିଟର ହେବ ବୋଲି ପୂର୍ବାନୁମାନ କରାଯାଇଛି। ବାତ୍ୟା ପ୍ରକୋପରେ ଉପକୂଳ ଅଞ୍ଚଳ ଛାରଖାର ହୋଇଯିବାର ସମ୍ଭାବନା ରହିଛି। ପ୍ରବଳ ପବନ ସାଙ୍ଗକୁ ବର୍ଷା ତାଣ୍ଡବ ରଚାଇବ। ବଡ଼ ବଡ଼ ଗଛ, ବିଦ୍ୟୁତ୍ ଖୁଣ୍ଟ, ଚାଳଘର ଉଡ଼ାଇ ନେବାର ସମ୍ଭାବନା ରହିଛି। ଏପରିକି ସମୁଦ୍ର ଢେଉ ଦେଢ଼ ମିଟରଠାରୁ ୫ ମିଟର ଯାଏ ଉପରକୁ ଉଠିବ। ସମୁଦ୍ର ପାଣି ପ୍ରାୟ ୨୦ କିଲୋମିଟର ପର୍ଯ୍ୟନ୍ତ ଉପକୂଳକୁ ଧସେଇ ପଶିବ ବୋଲି ଆଇଏମଡି ପୂର୍ବାନୁମାନ କରିଛି।

ବାତ୍ୟାର ପ୍ରଭାବରେ ୨ ତାରିଖ ସନ୍ଧ୍ୟାରୁ ଉପକୂଳ ଓଡ଼ିଶାରେ ଝିପି ଝିପି ବର୍ଷା ଆରମ୍ଭ ହୋଇଯିବ। ୪ ତାରିଖରେ ଉପକୂଳବର୍ତ୍ତୀ ଜିଲା ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଗଜପତି, ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ହେବ। କେତେକ ସ୍ଥାନରେ ୧୮୦ରୁ ୨୦୦ ମିଲିମିଟର ବର୍ଷା ମଧ୍ୟ ହେବାର ସମ୍ଭାବନା ରହିଛି। ତେବେ ବାତ୍ୟା ଯୋଗୁ ପୁରୀ, ଗଞ୍ଜାମ, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା ଜିଲାରେ ପ୍ରବଳ କ୍ଷୟକ୍ଷତି କରିବା ସମ୍ଭାବନା ରହିଛି।

ସମୁଦ୍ରକୂଳ କିମ୍ବା ତଳୁଆ ଅଞ୍ଚଳରେ ଥିବା ଲୋକମାନଙ୍କୁ ସ୍ଥାନାନ୍ତର କରା ନ ଗଲେ ବହୁ ମୃତାହତ ହେବା ଆଶଙ୍କାକୁ ଏଡ଼ାଯାଇ ନ ପାରେ ବୋଲି ପାଣିପାଗ ବିଶେଷଜ୍ଞ ସତର୍କ କରାଇଛନ୍ତି। ସମୁଦ୍ର ଅଶାନ୍ତ ରହୁଥିବାରୁ ଆସନ୍ତା ୧ ତାରିଖରୁ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ନ ଯିବାକୁ ବାରଣ କରାଯାଇଛି। ଯେଉଁମାନେ ଗଭୀର ସମୁଦ୍ରରେ ଅଛନ୍ତି, ତୁରନ୍ତ ଫେରିଆସିବାକୁ ପରାମର୍ଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଦିଆଯାଇଛି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ୨ ହେଲିକପ୍ଟର ମାଗିଛନ୍ତି । ମଙ୍ଗଳବାର ଅପରାହ୍ନରେ ସଚିବାଳୟଠାରେ ଅନୁଷ୍ଠିତ ବାତ୍ୟା ପ୍ରସ୍ତୁତି ବୈଠକ ପରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ନୌସେନାକୁ ହାଇ ଆଲର୍ଟରେ ରଖାଯାଇଛି। ବିଶାଖାପାଟଣା ଏବଂ ଚେନ୍ନାଇଠାରେ ନୌସେନା ଜାହାଜ ପ୍ରସ୍ତୁତ ହୋଇରହିଛି। ତାମିଲନାଡୁ, ପୁଡୁଚେରୀରେ ଫ୍ଲାଗ ଅଫିସର ଓ ଆନ୍ଧ୍ର ଏବଂ ଓଡ଼ିଶାରେ ଭାରପ୍ରାପ୍ତ ନୌସେନା ପଦାଧିକାରୀମାନେ ଆବଶ୍ୟକ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗରେ ରହିଛନ୍ତି। ଏଥିସହିତ ଓଡ୍ରାଫ, ଏନ୍‌ଡିଆରଏଫ୍, ଅଗ୍ନିଶମ ବାହିନୀକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଉପକୂଳ ଜିଲାଗୁଡ଼ିକର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ସମୁଦ୍ରକୂଳରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ପର୍ଯ୍ୟାପ୍ତ ଖାଦ୍ୟ ସାମଗ୍ରୀ, ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳମାନେ ନିଜ ନିଜ ସ୍ତରରେ ବାତ୍ୟାକୁ ମୁକାବିଲା କରିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି।

## ବାତ୍ୟା ଆଗରୁ ଓଡ଼ିଶାକୁ ୩୪୦ କୋଟି ସହାୟତା

ଭୁବନେଶ୍ୱର,୩୦।୪(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ଫନୀ'କୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆଗୁଆ ସହାୟତା ରାଶି ଘୋଷଣା କରିଛନ୍ତି। ବାତ୍ୟା ପ୍ରଭାବିତ ହେବା ଆଶଙ୍କା କରି କେନ୍ଦ୍ର ସରକାର ଓଡ଼ିଶା ସମେତ ଆନ୍ଧ୍ର, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ପାଇଁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସଡିଆରଏଫ)କୁ ୧୦୮୬ କୋଟି ଟଙ୍କା ଆଗୁଆ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜାତୀୟ ବିପର୍ଯ୍ୟୟ ପରିଚାଳନା କମିଟି(ଏନସିଏମସି) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେଥିରୁ ଓଡ଼ିଶାକୁ ୩୪୦.୮୭୫ କୋଟି ଟଙ୍କା ସହାୟତା ରାଶି ଦେବାକୁ ନିଷ୍ପତ୍ତି ହୋଇଥିବାବେଳେ ଆନ୍ଧ୍ରକୁ ୨୦୦.୨୫ କୋଟି, ତାମିଲନାଡୁକୁ ୩୦୯.୩୭୫ ଏବଂ ପଶ୍ଚିମବଙ୍ଗଙ୍କୁ ୨୩୫.୫୦ କୋଟି ଟଙ୍କା ରାଜ୍ୟ ଏସ୍‌ଡିଆରଏଫ୍‌କୁ ପ୍ରଦାନ କରାଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ରିଲିଫ, ଉଦ୍ଧାର ଓ ଥଇଥାନ କାର୍ଯ୍ୟ ପାଇଁ ଏହି ଅର୍ଥକୁ ରାଜ୍ୟଗୁଡ଼ିକ ବିନିଯୋଗ କରିବେ।

"ଅନ୍‌ଲାଇନ ଟ୍ରାଭେଲ କମ୍ପାନୀ ମେକ୍‌ମାଇଟ୍ରିପ୍ ଏବେ କର୍ପୋରେଟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପୂର୍ବରୁ ଏହା ରିଟେଲ ଗ୍ରାହକଙ୍କ ଚାହିଦା ପୂରଣ ଉପରେ ନଜର ଦେଇ ଆସୁଛି।

–ଦୀପ କାଲ୍‌ରା, ପ୍ରତିଷ୍ଠାତା ତଥା ସିଇଓ, ମେକ୍‌ମାଇଟ୍ରିପ୍



"ବଜାରରେ ନଗଦ ସଙ୍କଟ ସତ୍ତ୍ୱେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୦ରେ ୨୦% ହାରରେ ଋଣପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି।

–ଉଦୟ କୋଟାକ୍, ଏକ୍‌ଜିକ୍ୟୁଟିଭ ଭାଇସ ଚେୟାରମ୍ୟାନ, କୋଟାକ ମହିନ୍ଦ୍ରା ବ୍ୟାଙ୍କ



## ସଂକ୍ଷେପରେ

### ବଢ଼ିପାରେ ଏଟିଏମ୍ ବ୍ୟବହାର ଚାର୍ଜ



ନୂଆଦିଲ୍ଲୀ,୩୦-୪: ଚଳିତ ବର୍ଷ ଅଧାରୁ ଅଧିକ ଏଟିଏମ୍ ବନ୍ଦ ହୋଇଯିବ ବୋଲି କନଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି(ସିଏଟିଏମ୍‌ଆଇ) ଗତବର୍ଷ ଚେତାବନୀ ଦେଇଥିଲା। ଏହାର ରିପୋର୍ଟ ଅନୁଯାୟୀ, ଦେଶରେ ପ୍ରାୟ ୨ ଲକ୍ଷ ୩୮ ହଜାର ଏଟିଏମ୍ ରହିଛି ଏବଂ ତନ୍ମଧ୍ୟରୁ ପ୍ରାୟ ୧ ଲକ୍ଷ ୧୩ ହଜାର ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ବନ୍ଦ ହୋଇଯିବା କଥା। କାରଣ ଏଟିଏମ୍ ମେଣ୍ଟେନାନ୍ସ ଖର୍ଚ୍ଚ ବଢ଼ିଯାଇଛି। ଗ୍ରାହକଙ୍କ ଦ୍ୱାରା କରାଯାଉଥିବା ଟ୍ରାଞ୍ଜାକଶନରୁ ଏହି ଖର୍ଚ୍ଚ ତୁଲାଇ ହେଉ ନାହିଁ। ମିଡିଆ ରିପୋର୍ଟ ଅନୁଯାୟୀ ଏଟିଏମ୍ ବନ୍ଦ ନ କରି ବରଂ ଗ୍ରାହକଙ୍କ ଉପରେ ଅଧିକ ଆର୍ଥିକ ବୋଝ ପକାଇବାକୁ ବିଚାର ଚାଲିଛି। ଏଟିଏମ୍ ବ୍ୟବହାର ଚାର୍ଜ ବଢ଼ାଇବାକୁ ଯୋଜନା ହେଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଅର୍ଥାତ୍ ଏଟିଏମ୍ ବ୍ୟବହାର ପାଇଁ ଏଣିକି ଗ୍ରାହକଙ୍କଠାରୁ ପୂର୍ବାପେକ୍ଷା ଅଧିକ ଚାର୍ଜ ଆଦାୟ କରାଯିବ। ପ୍ରାପ୍ତ ସୂଚନାନୁଯାୟୀ, ପ୍ରାୟ ୧୦ରୁ ୧୫% ଅଧିକ ଚାର୍ଜ ଦେବାକୁ ପଡିପାରେ। ଏ ସମ୍ପର୍କରେ ମନ୍ତବ୍ୟ ଦେଇ ଅନ୍ୟତମ ଏଟିଏମ ପରିଚାଳନା କମ୍ପାନୀ ଏସିଆ ପାସିଫିକ୍ ୟୁରୋନେଟ ସର୍ଭିସର ଭାରତ ପାଇଁ ଏମ୍‌ଡି ହିମାଂଶୁ ପୂଜାରା କହିଛନ୍ତି ଯେ, ପୂର୍ବରୁ ଏଟିଏମ୍‌ର ବୃଦ୍ଧି ପାଉଥିବା ଦରକୁ ମୁଣ୍ଡାଇବା ଲାଗି କୌଣସି ବ୍ୟାଙ୍କ ରାଜି ହେଉ ନ ଥିଲେ। ଏବେ ଏହା ଉପରେ ସେମାନେ ବିଚାର କରିବା ଆରମ୍ଭ କରିଛନ୍ତି।

### କୋର୍ ସେକ୍ଟରରେ ସାମାନ୍ୟ ଅଭିବୃଦ୍ଧି



ନୂଆଦିଲ୍ଲୀ,୩୦-୪: ଦେଶର ୮ କୋର୍ ସେକ୍ଟରର ଅଭିବୃଦ୍ଧି ମାର୍ଚ୍ଚରେ ସାମାନ୍ୟ ବଢ଼ି ୪.୭%ରେ ପହଞ୍ଚିଛି। ଗତବର୍ଷର ଏହି ଅବଧିରେ ଏହା ୪.୫% ଥିଲା। ମଙ୍ଗଳବାର ଜାରି ତଥ୍ୟ ଅନୁଯାୟୀ, ସମ୍ପୂର୍ଣ୍ଣ ୨୦୧୮-୧୯ ଆର୍ଥିକ ବର୍ଷ ଲାଗି ୮ କୋର୍ ସେକ୍ଟର ଉଦ୍ୟୋଗ ଯଥା- କୋଇଲା, ଅଶୋଧିତ ତେଲ, ପ୍ରାକୃତିକ ବାଷ୍ପ, ରିଫାଇନେରୀ ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଜୁଳି ବୃଦ୍ଧି ହାର ୪.୩% ରହିଛି। ମାର୍ଚ୍ଚରେ କୋଇଲା ଉତ୍ପାଦନ ୯.୧% ହୋଇଥିବା ବେଳେ ପ୍ରାକୃତିକ ବାଷ୍ପ, ରିଫାଇନେରୀ ଉତ୍ପାଦ, ସାର, ଇସ୍ପାତ ତଥା ସିମେଣ୍ଟ କ୍ଷେତ୍ରର ବୃଦ୍ଧି ହାର ସକାରାତ୍ମକ ହୋଇଛି। ଅନ୍ୟପକ୍ଷରେ ସମୀକ୍ଷାଧୀନ ମାସରେ ଅଶୋଧିତ ତେଲ ଉତ୍ପାଦନ ୬.୨% ଏବଂ ବିଜୁଳି ଉତ୍ପାଦନ ୧.୪%କୁ ହ୍ରାସ ପାଇଛି। ଅଶୋଧିତ ତେଲ ତଥା ରିଫାଇନେରୀ ଉତ୍ପାଦ ଉତ୍ପାଦନ ହ୍ରାସ ପାଇବା କାରଣରୁ ୮ କୋର୍ ସେକ୍ଟରର ଉଦ୍ୟୋଗର ଅଭିବୃଦ୍ଧି ହାର ଫେବୃୟାରୀରେ ମାତ୍ର ୨.୧% ରହିଥିଲା। ଏହି କୋର୍ ସେକ୍ଟରର ଅଭିବୃଦ୍ଧି ହାର ପ୍ରଭାବ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଉପରେ ପଡିବ, କାରଣ ଫ୍ୟାକ୍ଟ୍ରି ଉତ୍ପାଦନରେ ଏହାର ପ୍ରାୟ ୪୧% ଅଂଶ ରହିଛି।

### ପିଏନ୍‌ବି ସହ ମିଶିପାରେ ୟୁବିଆଇ, ବିଓଆଇ

ନୂଆଦିଲ୍ଲୀ,୩୦-୪: କେନ୍ଦ୍ର ସରକାର ବ୍ୟାଙ୍କିଙ୍ଗ ସେକ୍ଟରରେ ଦ୍ୱିତୀୟ ପର୍ଯ୍ୟାୟ ମିଶ୍ରଣ ପର୍ବ ଆରମ୍ଭ କରିବାକୁ ଯାଉଛନ୍ତି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ସହ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ(ୟୁବିଆଇ) ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)କୁ ମିଶାଇ ଦିଆଯାଇପାରେ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଆମକୁ ଅଧିକ ଦିନ ଅପେକ୍ଷା କରିବାକୁ ପଡିବ ନାହିଁ। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଅଥବା ତୃତୀୟ ତ୍ରୈମାସରେ ଏହି ମିଶ୍ରଣ ହୋଇପାରେ ବୋଲି ସେ କହିଛନ୍ତି। ବ୍ୟାଙ୍କ ବିକଳ୍ପ ଦେବାରେ ସକ୍ଷମ ନ ହେଲେ ଅଲ୍ଟରନେଟ ମେକାନିଜମ ଗ୍ରୁପ୍ ଉକ୍ତ ପ୍ରସ୍ତାବ ଦେଇପାରେ ବୋଲି ସେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖନୀୟ ଯେ, କେନ୍ଦ୍ର ସରକାର ଏହି ମେକାନିଜମ ଜରିଆରେ ଗତବର୍ଷ ଅକ୍ଟୋବରରେ ବ୍ୟାଙ୍କ ଅଫ୍ ବରୋଦା ସହ ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କକୁ ମିଶାଇ ଦେଇଥିଲେ। ତେବେ ଅନ୍ୟ ଜଣେ ଅଧିକାରୀ ଉକ୍ତ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରିଛନ୍ତି। ଏବେ ଏଥିପାଇଁ ସମୟ ଆସିନି ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

## ଆର୍‌କମ୍ ବିରୋଧରେ ଚାଲିବ ଦେବାଳିଆ ମାମଲା

# ୫୭୬ କୋଟି ଫେରାଇବ ଏରିକ୍‌ସନ




ନୂଆଦିଲ୍ଲୀ,୩୦-୪

ନିଜର ବକେୟା ଫେରସ୍ତ ପାଇଁ ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) ବିରୋଧରେ ଦୀର୍ଘ ଦିନ ଧରି ମାମଲା ଚଳାଇ ଆସିଥିବା ଏରିକ୍‌ସନକୁ ମଙ୍ଗଳବାର ଜୋର୍‌ଦାର ଝଟ୍‌କା ଲାଗିଛି। ନ୍ୟାଶନାଲ କମ୍ପାନୀ ଲ' ଆପେଲାଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି) ଆର୍‌କମ୍ ବିରୋଧରେ ଦେବାଳିଆ ପ୍ରକ୍ରିୟାରେ ମାମଲା ଆରମ୍ଭ କରିବା ନେଇ ଜାରି ହୋଇଥିବା ରହିତାଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ଆର୍‌କମ୍‌ଠାରୁ ନେଇଥିବା ୫୭୬ କୋଟି ଟଙ୍କା ଏରିକସନକୁ ଫେରାଇବାକୁ ହେବ। ସୁପ୍ରିମକୋର୍ଟ ରାୟ ପରେ ଜେଲ୍ ଯିବାରୁ ରକ୍ଷା ପାଇବା ଲାଗି ଆର୍‌କମ୍ ମାଲିକ ଅନିଲ ଅମ୍ବାନୀ ଏରିକସନକୁ ଉକ୍ତ ଅର୍ଥ ଦେଇଥିଲେ। ଏଥିରେ ମୂଳ ଅର୍ଥ ୫୫୦ କୋଟି ଟଙ୍କା ଏବଂ ସୁଧ ବାବଦରେ ୨୬ କୋଟି ଟଙ୍କା ଥିଲା। ବିଚାରପତି ଏସ୍.ଜେ. ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଦୁଇ ସଦସ୍ୟବିଶିଷ୍ଟ ଖଣ୍ଡପୀଠ ମଙ୍ଗଳବାର କହିଥିଲେ ଯେ, ସୁପ୍ରିମକୋର୍ଟ ଦ୍ୱାରା ଜାରି ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଖଣ୍ଡପୀଠ ଆବେଦନକାରୀ(ଆର୍‌କମ୍)ଙ୍କୁ ଆବେଦନ ପ୍ରତ୍ୟାହାର କରିବାକୁ ଅନୁମତି ଦେଉଛନ୍ତି। ଦେବାଳିଆ ପ୍ରକ୍ରିୟା(ଇନ୍‌ସଲଭେନ୍ସି ପ୍ରୋସିଡିଂ) ଉପରେ ଜାରି ହୋଇଥିବା ଅନ୍ତରୀଣ ରହିତାଦେଶକୁ ପ୍ରତ୍ୟାହାର କରି ନିଆଯାଉଛି। ଫଳରେ ଆର୍‌କମ୍ ବିରୋଧରେ ଏବେ ମୁମ୍ବାଇସ୍ଥିତ ରାଷ୍ଟ୍ରୀୟ କମ୍ପାନୀ ବିଧି ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଟି) ଖଣ୍ଡପୀଠରେ ଶୁଣାଣି ହେବ। ସୂଚନାଥାଉ କି, ଏନ୍‌ସିଏଲ୍‌ଟିର ମୁମ୍ବାଇ ଖଣ୍ଡପୀଠ ଗତବର୍ଷ ମେ ୧୫ରେ ଆର୍‌କମ୍ ଏବଂ ଏହାର ଦୁଇ ସହାୟକ କମ୍ପାନୀ ରିଲାଏନ୍ସ ଇନ୍‌ଫ୍ରାଟେଲ ଏବଂ ରିଲାଏନ୍ସ ଟେଲିକମ୍ ବିରୋଧରେ ଏରିକସନର ଦେବାଳିଆ ଆବେଦନକୁ ଶୁଣିବା ଲାଗି ଗ୍ରହଣ କରିଥିଲେ। ନ୍ୟାୟାଧିକରଣ କମ୍ପାନୀ ପରିଚାଳନା ଲାଗି ଅନ୍ତରୀଣ ପେସାଦାର ସମାଧାନକାରୀଙ୍କୁ ନିଯୁକ୍ତ କରିଥିଲେ। ତେବେ ଆର୍‌କମ୍ ଏହା ବିରୋଧରେ ଏନ୍‌ସିଏଲ୍‌ଏଟିଙ୍କ ଦ୍ୱାରସ୍ଥ ହେବା ପରେ ଏହା ଉପରେ ରହିତାଦେଶ ଜାରି କରାଯାଇଥିଲା। ଏଥିପୂର୍ବରୁ ଏନ୍‌ସିଏଲ୍‌ଏଟି କହିଥିଲେ ଯେ, ଆର୍‌କମ୍ ବିରୋଧରେ ଦେବାଳିଆ ପ୍ରକ୍ରିୟା ନେଇ ଜାରି ହୋଇଥିବା ରହିତାଦେଶ ପ୍ରତ୍ୟାହାର କରାଯିବା ମାତ୍ରେ ଏରିକସନ ପାଇଥିବା ବକେୟା ଅର୍ଥ ଫେରାଇବାକୁ ବାଧ୍ୟ ରହିବ। ତେବେ ମଙ୍ଗଳବାର ଶୁଣାଣି ବେଳେ ଏ ପ୍ରସଙ୍ଗ ଉଠି ନ ଥିଲା।

## ସଞ୍ଚୟ, ଋଣ ନେଇ ଏସ୍‌ବିଆଇ ନିୟମ ବଦଳିଲା

ନୂଆଦିଲ୍ଲୀ,୩୦-୪

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ମେ ପହିଲାରୁ ସଞ୍ଚୟ ଆକାଉଣ୍ଟ ଏବଂ ସ୍ୱଳ୍ପମିଆଦି ଋଣ ଲାଗି ନୂଆ ନିୟମ ଲାଗୁ କରିଛି। ବ୍ୟାଙ୍କ ସୁଧ ହାର ଧାର୍ଯ୍ୟ କରିବାର ଆଧାର ବଦଳାଇବାକୁ ଯାଉଛି। ୧ ଲକ୍ଷରୁ ଅଧିକ ବାଲାନ୍ସ ଥିବା ସଞ୍ଚୟ ଆକାଉଣ୍ଟ ଏବଂ ସ୍ୱଳ୍ପମିଆଦି ଋଣ ଲାଗି ସୁଧ ହାରକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ରେପୋ ରେଟ ସହ ଯୋଡି ଦିଆଯାଇଛି। ଏହି ନୂଆ ନିୟମ ଯୋଗୁ ସଞ୍ଚୟ ଆକାଉଣ୍ଟଧାରୀଙ୍କୁ ଝଟ୍‌କା ଲାଗିବାକୁ ଯାଉଥିବା ବେଳେ ସ୍ୱଳ୍ପମିଆଦି ଋଣ ଶସ୍ତା ହୋଇଯିବ। ନୂଆ ବ୍ୟବସ୍ଥା ଅନୁଯାୟୀ ଆର୍‌ବିଆଇ ରେପୋ ରେଟରେ ପରିବର୍ତ୍ତନ କରିବା ମାତ୍ରେ ସଞ୍ଚୟ ଖାତା ଏବଂ ସ୍ୱଳ୍ପମିଆଦି ଋଣ ସୁଧ ହାର ଆପେ ଆପେ ବଦଳିଯିବ। ବର୍ତ୍ତମାନ ବ୍ୟାଙ୍କ ଦ୍ୱାରା ପ୍ରତିମାସରେ ଘୋଷିତ ଋଣ ସୁଧ ହାର (ଏମ୍‌ସିଏଲ୍‌ଆର୍) ଆଧାରିତ ଇଣ୍ଟରନାଲ ବେଞ୍ଚମାର୍କ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡସ୍ ଜରିଆରେ ସମସ୍ତ ପ୍ରକାର ଋଣ ପ୍ରଦର୍ଶିତ ହୋଇଥାଏ। ନୂଆ ବ୍ୟବସ୍ଥା ଅନୁଯାୟୀ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ଉପରେ ସୁଧ ହାର ୩.୫% ରହିଛି। ସେହିପରି ୧ କୋଟିରୁ ଅଧିକ ସଞ୍ଚୟ ଉପରେ ସୁଧ ହାର ୪% ମିଳୁଛି। ଏହି ହିସାବରେ ୧ ଲକ୍ଷରୁ ଅଧିକ ଏବଂ ୧ କୋଟିରୁ ଅଧିକ ଟଙ୍କାର ଜମା ଉପରେ ସୁଧ ହାର୦.୨୫% ହ୍ରାସ ପାଇବ। ଫଳରେ ଗ୍ରାହକଙ୍କୁ ଏବେ ୩.୨୫% ସୁଧ ମିଳିବ। ତେବେ ଖାତାରେ ୧ ଲକ୍ଷରୁ କମ୍ ଜମା ରହିଥିଲେ ସୁଧ ହାର ୩.୫% ରହିବ। ସେହିପରି ଏସ୍‌ବିଆଇ ପକ୍ଷରୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧ ହାର ୦.୧% କମ୍ ରହିବ। ଏବେ ଏହି ପରିମାଣ ଋଣ ଉପରେ ସୁଧ ହାର ୮.୬୦ରୁ ୮.୯୦% ରହିଛି।

## ଆକାଶ ଛାତ୍ର ହେଲେ ଜେଇଇ ମେନ୍ ଓଡ଼ିଶା ଟପ୍ପର

ଭୁବନେଶ୍ୱର,୩୦-୪



ଆକାଶ ଇନଷ୍ଟିଚ୍ୟୁଟର ଛାତ୍ର ପ୍ରତୀକ ଚୌଧୁରୀ ଜେଇଇ ମେନ୍ ପରୀକ୍ଷାରେ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ସର୍ବଭାରତୀୟ ସ୍ତରରେ ୨୬ତମ ର୍‍ୟାଙ୍କରେ ରହିଛନ୍ତି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ସୋମବାର ପ୍ରକାଶ ପାଇଥିବା ଫଳାଫଳରେ ସେ ୯୯.୯୯% ସ୍କୋର କରିଛନ୍ତି। ସର୍ବଭାରତୀୟ ର୍‍ୟାଙ୍କ ସହ ଓଡ଼ିଶା ରାଜ୍ୟର ଟପ୍ପର ହୋଇଥିବାରୁ ପ୍ରତୀକଙ୍କୁ ନେଇ ଗର୍ବିତ ବୋଲି ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡର ସିଇଓ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଆକାଶ ଚୌଧୁରୀ ସୂଚନା ଦେଇଛନ୍ତି। ପ୍ରତୀକଙ୍କ ବ୍ୟତୀତ ଆକାଶ ଇନ୍‌ଷ୍ଟିଚ୍ୟୁଟର କ୍ଲାସରୁମ ପ୍ରୋଗ୍ରାମରୁ ଅନ୍ୟ ୩ ଛାତ୍ରୀଛାତ୍ର ଶ୍ରେଷ୍ଠ ୧୦୦ ସର୍ବଭାରତୀୟ ର୍‍ୟାଙ୍କ ମଧ୍ୟରେ ସ୍ଥାନିତ ହୋଇଛନ୍ତି। ୧୬ତମ ର୍‍ୟାଙ୍କରେ ଦ୍ରବ୍ୟ ମାରୱାହ, ୩୯ତମରେ ସର୍ବଜ୍ଞ ଜୈନ, ୫୬ତମ ର୍‍ୟାଙ୍କରେ ସମାନ୍ୟୁ ମହାଜନ ରହିଥିବା ଆକାଶ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ସୂଚନା ରହିଛି।

## କର୍ମଚାରୀଙ୍କ ମେଡିକ୍ଲେମ୍ ସୁବିଧା ବନ୍ଦ କଲା ଜେଟ୍

ମୁମ୍ବାଇ,୩୦-୪

ଜେଟ୍ ଏୟାରୱେଜ କର୍ମଚାରୀ ଏଣିକି ନିଜେ ନିଜର ମେଡିକ୍ଲେମ ପଲିସି ପାଇଁ ଅର୍ଥ ଖର୍ଚ୍ଚ କରିବେ। ଅର୍ଥ ଅଭାବରୁ କମ୍ପାନୀ ଏବେ ଆଉ ମେଡିକ୍ଲେମ ସୁବିଧା ଯୋଗାଇପାରିବ ନାହିଁ ବୋଲି ମଙ୍ଗଳବାର ଜେଟ୍ ମ୍ୟାନେଜମେଣ୍ଟ କର୍ମଚାରୀଙ୍କୁ ଜଣାଇ ଦେଇଛି। ଏୟାରଲାଇନ୍‌ର ଚିଫ୍ ପିପୁଲ୍ ଅଫିସର ରାହୁଲ ତନେଜା କର୍ମଚାରୀଙ୍କୁ ପତ୍ର ଲେଖି ଋଣପ୍ରଦାନକାରୀ ଅଥବା ଅନ୍ୟ ସୂତ୍ରରୁ ଜରୁରୀ ପାଣ୍ଠି ନ ମିଳିବା କାରଣରୁ ଗ୍ରୁପ୍ ମେଡିକ୍ଲେମ ପଲିସିର ପ୍ରିମିୟମ ଦେବା ଆଉ ସମ୍ଭବ ନୁହେଁ ବୋଲି କହିଛନ୍ତି। ଜେଟ୍ କର୍ମଚାରୀଙ୍କ ମେଡିକ୍ଲେମ ପଲିସି ଏପ୍ରିଲ ୩୦ ଅର୍ଥାତ୍ ମଙ୍ଗଳବାର ରାତି ୧୨ଟାରୁ ଅଚଳ ହୋଇଯିବ। ଆର୍ଥିକ ସଙ୍କଟ କାରଣରୁ ଜେଟ୍‌ର ପରିଚାଳନା ଚଳିତ ମାସ ୧୭ରୁ ଅସ୍ଥାୟୀ ଭାବେ ବନ୍ଦ ହୋଇଯାଇଛି।

### ଜେଟ୍‌ର ୫୦୦ ପାଇଲଟ,କ୍ୟାବିନ କ୍ରୁଙ୍କୁ ନିଯୁକ୍ତି ଦେଲା ଭିସ୍ତାରା



ଜେଟ୍ ଏୟାରୱେଜର ୧୦୦ ପାଇଲଟ ଏବଂ ୪୦୦ କ୍ୟାବିନ କ୍ରୁଙ୍କୁ ଘରୋଇ ବିମାନ କମ୍ପାନୀ ଭିସ୍ତାରା ନିଯୁକ୍ତି ଦେଇଛି। ଉଦ୍ୟୋଗ ଏବଂ ଏୟାରଲାଇନ ସହି ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜ ବନ୍ଦ ହୋଇଯିବା ପରେ ଅନ୍ୟ ଏୟାରଲାଇନ୍ସକୁ ସହଜରେ ଲାଇସେନ୍ସପ୍ରାପ୍ତ ପାଇଲଟ, ଇଞ୍ଜିନିୟର ଏବଂ କ୍ୟାବିନ କ୍ରୁ ମିଳିଯାଉଛି। ଏହାଦ୍ୱାରା ସେମାନଙ୍କୁ ସିଧାସଳଖ ବିମାନରେ ଅବସ୍ଥାପିତ କରାଯାଇପାରିବ। ଏହାଦ୍ୱାରା ସେମାନଙ୍କର ପ୍ରଶିକ୍ଷଣ ବାବଦରେ ସମୟ ଓ ଅର୍ଥ ବ୍ୟୟ କରିବାକୁ ପଡିବ ନାହିଁ।

## ବାତ୍ୟା ଫନୀର ମୁକାବିଲା ପାଇଁ ତୈଳ ଉଦ୍ୟୋଗର ପ୍ରସ୍ତୁତି

ଭୁବନେଶ୍ୱର,୩୦-୪

ବାତ୍ୟା ଫନୀର ମୁକାବିଲା ପାଇଁ ତୈଳ ଉଦ୍ୟୋଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମେ ୩ ସଂଧ୍ୟା ୫.୩୦ ରେ ଏହା ଓଡ଼ିଶା ଉପକୂଳ ଛୁଇଁବାର ସୂଚନା ରହିଛି। ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ, କଟକ, ଜଗତସିଂହ ପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର,ଯାଜପୁର, ମୟୂରଭଞ୍ଜ ଏବଂ ଢେଙ୍କାନାଳ ଆଦି ସ୍ଥାନରେ ପ୍ରବଳ ବର୍ଷା ସହ ଝଡ ତୋଫାନ ହେବାର ସମ୍ଭାବନା ରହିଛି। ଏହା ବନ୍ୟା ସୃଷ୍ଟିକରିବାର ଆଶଙ୍କା ମଧ୍ୟ ରହିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଇଣ୍ଡିଆନ ଅଏଲର ମହାପ୍ରବନ୍ଧକ ଏବଂ ରାଜ୍ୟସ୍ତରୀୟ ସଂଯୋଜକ ଶୁଭଜିତ ଘୋଷଙ୍କ ଅଧ୍ୟକ୍ଷତାରେ ତୈଳ ଉଦ୍ୟୋଗର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଲପିଜି, କିରୋସିନ, ଡିଜେଲ, ପେଟ୍ରୋଲ ଏବଂ ସିଏନଜି ଆଦିର ନିରନ୍ତର ଯୋଗାଣ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା। ତୈଳ ବିପଣନ କମ୍ପାନୀ ଓ ଗେଲ୍ ପକ୍ଷରୁ ରିଲିଫ ବଣ୍ଟନ ନେଇ ନିଷ୍ପତ୍ତି ହୋଇଛି।

## ଜେଇଇ ମେନ୍ ପ୍ରଥମ ସ୍ଥାନରେ ଫିଟ୍‌ଜୀ ଛାତ୍ର

ଭୁବନେଶ୍ୱର,୩୦-୪

FIITJEE BHUBANESWAR CENTRE

ଜେଇଇ ମେନ୍-୨୦୧୯ରେ ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଫିଟ୍‌ଜୀର ଛାତ୍ର ଶୁଭନ ଶ୍ରୀବାସ୍ତବ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନରେ ରହିଛନ୍ତି। ରାଜ୍ୟର ଭୁବନେଶ୍ୱର,କଟକ ଏବଂ ଇନ୍‌ଫୋସିଟି ସେଣ୍ଟରର ମୋଟ ୩୫୬ ଛାତ୍ରୀଛାତ୍ର ଏଥିରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସେଣ୍ଟରଗୁଡିକରୁ କ୍ଲାସରୁମ ପ୍ରୋଗ୍ରାମର ୧୪୨ ଛାତ୍ରୀଛାତ୍ର ୯୯ ପରସେଣ୍ଟାଇଲ ସ୍କୋର କରିଛନ୍ତି। କଟକ ଏବଂ ଭୁବନେଶ୍ୱର ସେଣ୍ଟରର ୧ ବର୍ଷିଆ ବର୍ଦ୍ଧିତ କ୍ଲାସରୁମ ପ୍ରୋଗ୍ରାମ ଅଧୀନରେ ୧୨୬ ଛାତ୍ରୀଛାତ୍ର ଜେଇଇ ମେନ୍‌ରେ ସଫଳ ହୋଇଛନ୍ତି। ପ୍ରତିଷ୍ଠାନର ୪ ବର୍ଷିଆ କ୍ଲାସରୁମ କାର୍ଯ୍ୟକ୍ରମର ଛାତ୍ର ପ୍ରତୀକ ଚୌଧୁରୀ ସର୍ବଭାରତୀୟ ୨୬ତମ ର୍‍ୟାଙ୍କ ସହ ରାଜ୍ୟ ଟପ୍ପର, ୨୩୪ ର୍‍ୟାଙ୍କରେ ଶିବାଶିଷ ନାୟକ, ୨୮୭ରେ ଅନୁରାଗ ପାତ୍ର, ଶନ୍ତକ ପଣ୍ଡା ୪୭୦ ଏବଂ ୫୨୧ତମ ସ୍ଥାନରେ ସୟାନ୍ତନ ଧର ରହିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ନେଇ ଅତ୍ୟନ୍ତ ଖୁସି ବୋଲି ଫିଟ୍‌ଜୀ ଭୁବନେଶ୍ୱର ସେଣ୍ଟରର ମୁଖ୍ୟ ରାଣାଜୟ ବର୍ଦ୍ଧନ କହିଛନ୍ତି।

## ବିଓଆଇଓଏ ଓଡ଼ିଶା ୟୁନିଟ କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର,୩୦-୪



ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ(ବିଓଆଇଓଏ) ଓଡ଼ିଶା ୟୁନିଟର ୨୦୧୯-୨୨ ନିର୍ବାଚନ ସମ୍ପନ୍ନ ହୋଇଛି। ଏହି ଅବଧିର କାର୍ଯ୍ୟକାଳ ପାଇଁ ୧୦ ଜଣ ଅଧିକାରୀ ୧୭ କାର୍ଯ୍ୟନିର୍ବାହୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ୮୩୦ ଅଧିକାରୀଙ୍କ ମଧ୍ୟରେ ୭୯୧ ମତ ପ୍ରଦାନ କରିଥିଲେ। ଏଥିରେ ସ୍ମୃତିରଞ୍ଜନ ସାହୁ ସଭାପତି, କମଲଜିତ ମହାପାତ୍ର ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେହିଭଳି ପ୍ରଭାତ ରଞ୍ଜନ ପ୍ରଧାନ ଏବଂ ଭବାନୀ ଶଙ୍କର ସାମଲ ଉପସଭାପତି, ବଳରାମ ନାୟକ ଉପସାଧାରଣ ସମ୍ପାଦକ, ବନ୍ଦନା ଅନୁରାଧା,ନିଶାକର ନାୟକ ସହାୟକ ସାଧାରଣ ସମ୍ପାଦକ, ମନୋଜ କୁମାର ରାଉତ କୋଷାଧ୍ୟକ୍ଷ, ସୌରଭ ରଞ୍ଜନ ନାୟକ,ସୁଜିତ ପ୍ରଧାନ ସହାୟକ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି।

## ଚତୁର୍ଥ ଶିଳ୍ପ ବିପ୍ଳବର ନେତୃତ୍ୱ ନିଅନ୍ତୁ ଯୁବଗୋଷ୍ଠୀ: ନାଲ୍‌କୋ ଅଧ୍ୟକ୍ଷ

ଭୁବନେଶ୍ୱର,୩୦-୪

ଯୁବଗୋଷ୍ଠୀ ନିଜର ଜ୍ଞାନକୌଶଳକୁ ବିକଶିତ କରିବାର ଆବଶ୍ୟକତା ରହିଛି। ସେହିଭଳି ରାଜ୍ୟରେ ଚତୁର୍ଥ ଶିଳ୍ପ ବିପ୍ଳବରେ ଯୁବଗୋଷ୍ଠୀ ଅଗ୍ରଣୀ ଭୂମିକା ନେବାକୁ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଆହ୍ୱାନ ଜଣାଇଛନ୍ତି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମବାର୍ଷିକୀ ଏବଂ ୱାଇଏମ୍‌ସିଏ କଟକ ଶାଖାର ବାର୍ଷିକ ଉତ୍ସବରେ ଯୋଗଦେଇ ଚାନ୍ଦ କହିଛନ୍ତି ଯେ, ଇଣ୍ଟରନେଟ୍ ,ଭର୍ଚ୍ଚୁଆଲ ରିୟଲିଟି, ଅଗ୍‌ମେଣ୍ଟେଡ୍ ରିୟଲିଟି, ଅଟୋମେଶନ ଏବଂ କ୍ଲାଉଡ କମ୍ପ୍ୟୁଟିଂର ପ୍ରୟୋଗ ବର୍ତ୍ତମାନ ବହୁଳ ହୋଇଥିବା ବେଳେ ଏ ଦିଗରେ ଯୁବବର୍ଗ ନେତୃତ୍ୱ ନେବାର ସମୟ ଆସିଛି। ସେହିଭଳି ଶିକ୍ଷା,ସ୍ୱାସ୍ଥ୍ୟ, ସଶକ୍ତିକରଣ,କ୍ରୀଡା ଏବଂ ଚରିତ୍ର ଗଠନ କ୍ଷେତ୍ରରେ ନାଲ୍‌କୋ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଲାଗି ୱାଇଏମ୍‌ସିଏର ଅଧ୍ୟକ୍ଷ ଡ.ରାଜ ବୋଲଭ ମହାନ୍ତି ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




ଓଡ଼ିଶାରେ ଯେତେବେଳ ଶିଳ୍ପ ଜଗତ ପ୍ରାରମ୍ଭିକ ସ୍ତରରେ ଥିଲା ସେତେବେଳେ ବିଶ୍ୱସ୍ତରୀୟ ତଥା ଗୁଣବତ୍ତା ପ୍ରଡକ୍ଟ ଉପରେ ପ୍ରାଥମିକତା ଦେଇଥିବା ମଧୁବାବୁ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ବୋଲି ଚାନ୍ଦ ଏଥିରେ ମତ ରଖିଛନ୍ତି।

## ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୬୪.୫%

ଭୁବନେଶ୍ୱର,୩୦-୪(ବ୍ୟୁରୋ)



ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଫେବୃୟାରୀରେ ୩୦୭ ପଏଣ୍ଟ ଥିଲା। ଏହା ମାର୍ଚ୍ଚରେ ୨ ପଏଣ୍ଟ ବୃଦ୍ଧି ଘଟି ୩୦୯ ପଏଣ୍ଟ ହୋଇଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୨୬ ପଏଣ୍ଟ ଥିଲା। ଏଥିରେ ୨ ପଏଣ୍ଟ ବଢି ଘଟି ୩୨୮ ପଏଣ୍ଟ ହୋଇଛି। ରାଉରକେଲାରେ ଏହା ୩୦୮ ପଏଣ୍ଟ ଥିବା ବେଳେ ଏଥିରେ ୧ ପଏଣ୍ଟ ବୃଦ୍ଧି ଘଟି ୩୦୯ ପଏଣ୍ଟ ଛୁଇଁଛି।

ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୧.୧% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୪% ବୃଦ୍ଧି ଘଟି ୬୪.୫% ହୋଇଛି। ମେ ପହିଲାରୁ ଏହା ଲାଗୁ ହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ମଙ୍ଗଳବାର ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ବୀମା କର୍ମଚାରୀମାନେ ବର୍ତ୍ତମାନ ୫୪.୪% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩.୪% ବୃଦ୍ଧି ଘଟି ୫୭.୮% ହୋଇଛି। ଏହି ବର୍ଦ୍ଧିତ ଡିଏ ମେ' ପହିଲାରୁ ସେମାନେ ପାଇବେ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୪୧.୪% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୨% ବଢ଼ି ୧୪୪.୬% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜୁଲାଇ ପହିଲାରୁ ପାଇବେ। ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪% ବୃଦ୍ଧି ଘଟି ୧୬% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡି ମଧ୍ୟ ୧୬% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ସେପ୍ଟେମ୍ବର ୪ ଏବଂ ୫ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନ ଏବଂ ପେନ୍‌ସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନ୍‌ସନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନକୁ ଅପେକ୍ଷା କରିଛନ୍ତି। ମେ ୧ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।



"ବଲ୍ ଯଦି ଅଧିକ ସୁଇଙ୍ଗ ନ କରେ ତେବେ ଇଂଲଣ୍ଡରେ ହେବାକୁଥିବା ଦିନିକିଆ ବିଶ୍ୱକପ୍‌ରେ କେତୋଟି ହାଇସ୍କୋରିଂ ମ୍ୟାଚ ଦେଖିବାକୁ ମିଳିପାରେ ।

–ଡେଭିଡ ୱାର୍ନର, ଅଷ୍ଟ୍ରେଲୀୟ କ୍ରିକେଟର



"ସର୍ଭିସେସରୁ ପ୍ରତିନିଧିତ୍ୱ କରୁଥିବାରୁ ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ସତ୍ତ୍ୱେ ନିଜ ରାଜ୍ୟ ଉତ୍ତରାଖଣ୍ଡରେ ମୋ ପ୍ରଦର୍ଶନକୁ ସ୍ୱୀକୃତି ମିଳୁନି ।

–କବିନ୍ଦର ସିଂ ବିଷ୍ଟ, ଭାରତୀୟ ବକ୍ସର

## ସଂକ୍ଷେପରେ

### ଫକନର ସମଲିଙ୍ଗୀ ନୁହନ୍ତି



**ମେଲବୋର୍ନ, ୩୦।୪ (ପି.ଟି.):** ଅଷ୍ଟ୍ରେଲିଆନ ଅଲରାଉଣ୍ଡର ଜେମ୍ସ ଫକନର ସମଲିଙ୍ଗୀ ନୁହଁନ୍ତି। ମଙ୍ଗଳବାର ଏ ବିଷୟରେ ସେ ସଫେଇ ଦେଇଛନ୍ତି। ସୋମବାର ଫକ୍‌ନର ତାଙ୍କ ୨୯ତମ ଜନ୍ମ ଦିବସ ପାଳନ କରିଥିଲେ। ଏହି ଅବସରରେ ସୋସିଆଲ ମିଡିଆରେ ସେ ଓ ତାଙ୍କ ମା' ରୋଜଲିନ୍ ଫକନର ଏବଂ ବୟଫ୍ରେଣ୍ଡ ରବର୍ଟ ଜବ୍‌ଙ୍କ ମିଳିତ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏଥିରେ ରବର୍ଟଙ୍କୁ ତାଙ୍କ ହାଉସ୍‌ମେଟ୍ ଏବଂ ଉଭୟେ ୫ବର୍ଷ ହେଲା ଏକତ୍ର ରହିଆସୁଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଫଳସ୍ୱରୂପ ଫକନର ଜଣେ ସମଲିଙ୍ଗୀ ବୋଲି ଧାରଣା ସୃଷ୍ଟି ହୋଇଥିଲା। ସୋସିଆଲ ମିଡିଆରେ ଏହି ଫଟୋ ଖୁବ୍ ଭାଇରାଲ ହୋଇଥିଲା। ଫକ୍‌ନରଙ୍କ କେତେକ ପ୍ରଶଂସକ ତାଙ୍କୁ ଶୁଭେଚ୍ଛା ମଧ ଜଣାଇଥିଲେ। କିନ୍ତୁ ଏହି ଅଷ୍ଟ୍ରେଲୀୟ କ୍ରିକେଟର ମଙ୍ଗଳବାର ନିଜେ ସମଲିଙ୍ଗୀ ନୁହଁନ୍ତି ବୋଲି ସଫେଇ ଦେଇଛନ୍ତି। ସୋମବାର ରାତିରେ ମୁଁ ଯେଉଁ ଫଟୋ ପୋଷ୍ଟ କରିଥିଲି ସେଥିରୁ ଭୁଲ ବୁଝାମଣା ହୋଇଛି। ରବର୍ଟ ପ୍ରକୃତରେ ମୋର ଜଣେ ଘନିଷ୍ଠ ବନ୍ଧୁ ଏବଂ ବିଜନେସ୍ ପାର୍ଟନର। ଅନ୍ୟପକ୍ଷରେ କ୍ରିକେଟ ଅଷ୍ଟ୍ରେଲିଆ ଏଥିପାଇଁ ଫକନରଙ୍କୁ କ୍ଷମାଭିକ୍ଷା କରିବା ଲାଗି କହିଛି। ଜଣେ ପ୍ରତିଷ୍ଠିତ ଖେଳାଳି ହିସାବରେ ଏଭି ଜୋକ୍ ଶୋଭା ପାଏନି ବୋଲି କହିଛି।

## କଳିଙ୍ଗ ଷ୍ଟାଡିୟମରେ ଏଏଫସି କପ୍ ମ୍ୟାଚ ଆଜି

# ମିନର୍ଭା ବନାମ ମନଙ୍ଗ

**ଭୁବନେଶ୍ୱର, ୩୦।୪(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବୁଧବାର ମିନର୍ଭା ପଞ୍ଜାବ ଓ ନେପାଳ ଚାମ୍ପିୟନ ମନଙ୍ଗ ମାର୍ଶିଆଙ୍ଗଡି କ୍ଲବ ମଧ୍ୟରେ ଏଏଫସି କପ୍‌ର ଏକ ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚ ପାଇଁ ମିନର୍ଭା କଳିଙ୍ଗ ଷ୍ଟାଡିୟମକୁ ହୋମ୍ ଗ୍ରାଉଣ୍ଡ କରିଛି। ତେଣୁ ଗ୍ରୁପ ପର୍ଯ୍ୟାୟରେ ଏହି ଦଳ ନିଜର ପ୍ରଥମ ହୋମ୍ ଗେମ୍ ଖେଳିବାକୁ ଯାଉଛି। ମନଙ୍ଗ ମାର୍ଶିଆଙ୍ଗଡି ନେପାଳର ଅନ୍ୟତମ ସଫଳ ଫୁଟବଲ ଦଳ। ଏହି ଦଳ ୮ ଥର ନେପାଳ ଟୁର୍ନାମେଣ୍ଟ ଟାଇଟଲ ହାସଲ କରିସାରିଛି।

ଗ୍ରୁପ 'ଇ'ରେ ଅନ୍ୟ କେତେକ ଦଳ ପରି ମନଙ୍ଗ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତା ଖେଳୁଛି। ନେପାଳ ଚାମ୍ପିୟନ ଭାବେ ଏହି ଦଳ ଏଏଫସି କପ୍ ପାଇଁ ଯୋଗ୍ୟତା ପାଇଛି। ଏହି ସିଜନରେ ଦଳ ୧୩ଟି ଲିଗ୍ ଗେମ୍‌ରୁ ୧୨ଟିରେ ବିଜୟ ହାସଲ କରିଥିଲା। ପରେ ଭାରତର ଅନ୍ୟତମ ସମ୍ମାନଜନକ ଟୁର୍ନାମେଣ୍ଟ ସିକିମ୍ ଗୋଲ୍ଡ କପ୍‌ରେ ଅଂଶଗ୍ରହଣ କରି ଚାମ୍ପିୟନ ହୋଇଥିଲା। ଚଳିତ ଏଏଫସି କପ୍‌ରେ କିନ୍ତୁ ମନଙ୍ଗ ଏପର୍ଯ୍ୟନ୍ତ ଖେଳିଥିବା ୨ଟି ମ୍ୟାଚରେ ପରାଜିତ ହୋଇଛି। ପ୍ରଥମ ମ୍ୟାଚରେ ଦଳ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ ହେଁ ଆବାହନୀ ଢାକା ପାଖରୁ ୧ ଗୋଲରେ ହାରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଚେନ୍ନାଇନ୍ ଏଫସି ବିପକ୍ଷରେ ମ୍ୟାଚର ଅଧିକାଂଶ ସମୟ ଆଧିପତ୍ୟ ବିସ୍ତାର କରି



ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଦୁଇ ଦଳର କୋଚ୍ ଓ ତାରକା ଖେଳାଳି।

ଖେଳିଥିଲେ ହେଁ ୩ ମିନିଟ ମଧ୍ୟରେ ୨ଟି ଗୋଲ ବରଣ କରି ପରାଜିତ ହୋଇଥିଲା। ତେଣୁ ଆଗାମୀ ମ୍ୟାଚରେ ଭାଗ୍ୟ ପରିବର୍ତ୍ତନ ସହ ବିଜୟ ପଥକୁ ଫେରିବାକୁ ଲକ୍ଷ୍ୟ ରଖିଛି ଏହି ନେପାଳୀ ଦଳ।

ଆଗାମୀ ମ୍ୟାଚ ମନଙ୍ଗ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରୁଛନ୍ତି ଦଳର ମୁଖ୍ୟ କୋଚ୍ ଚିରିଙ୍ଗ ଗୁରୁଙ୍ଗ। "ମିନର୍ଭା ୩ ପଏଣ୍ଟ ପାଇଁ ନିଶ୍ଚିତଭାବେ ଚେଷ୍ଟା କରିବ। ଆମେ ମଧ ସମାନ ଆଶାରେ ପଡ଼ିଆକୁ ଓହ୍ଲାଇବୁ। ତେଣୁ ଏହି ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା" ବୋଲି ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ କହିଛନ୍ତି ଗୁରୁଙ୍ଗ। ମିନର୍ଭା ଏପର୍ଯ୍ୟନ୍ତ ବାହାର ପରିବେଶରେ ୨ଟି ମ୍ୟାଚ ଖେଳିଥିବାବେଳେ ୨ଟି ଯାକ ଡ୍ର ରଖି ୨ ପଏଣ୍ଟ ପାଇଛି। ତେଣୁ ଆଗାମୀ ମ୍ୟାଚରେ ବିଜୟୀ ହେବାକୁ ଏହି ଦଳ ଲକ୍ଷ୍ୟ ରଖିଛି। ହୋମ୍ ଗ୍ରାଉଣ୍ଡରେ ଖେଳୁଥିବାରୁ ଏହାର ଫାଇଦା ନେବାକୁ ଲକ୍ଷ୍ୟ ରଖିଛି ମିନର୍ଭା। ଖେଳିଥିବା ୨ଟି ଯାକ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରିଛି ଏହି ଦଳ। ବିଜୟ ହାସଲ ପାଇଁ ସୁଯୋଗ ଆସିଥିଲେ ହେଁ ଅଳ୍ପକେ ହାତଛଡ଼ା ହୋଇଛି। ଚେନ୍ନାଇନ୍ ଏଫସି ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିବାବେଳେ ଆବାହନୀ ବିପକ୍ଷରେ ୨ ଥରଯାକ ଅଗ୍ରଣୀ ନେଇଥିଲେ ଶେଷରେ ହେଁ ୨-୨ ଫଳାଫଳ ଯୋଗୁ ପଏଣ୍ଟ ଭାଗ କରିବାକୁ ବାଧ ହୋଇଛି। "ବାହାର ପରିବେଶରେ ମ୍ୟାଚ ସବୁବେଳେ କଷ୍ଟକର ହୋଇଥାଏ। ସବୁବେଳେ ଆମେ ଜିତିବାକୁ ଚେଷ୍ଟା କରିଛୁ। ଶେଷ ମ୍ୟାଚରେ ଯେପରି ପ୍ରଦର୍ଶନ କଲୁ ସେଥିରୁ ଆମର ବିଜୟ ସମ୍ଭାବନା ବଢ଼ିଛି" ବୋଲି କହିଛନ୍ତି ଦଳର ମୁଖ୍ୟ କୋଚ୍ ସଚିନ ବଦାଧେ। ମିନର୍ଭାର ତାରକା ଖେଳାଳି ହରମିନ୍ଦର ସିଂ ମଧ ଆଗାମୀ ମ୍ୟାଚରେ ଦଳ ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। କରିମ୍‌ଙ୍କ ପରି ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆସିଥିବାରୁ ଆମ ରକ୍ଷଣଭାଗ ଦୃଢ଼ ହୋଇଛି। ଏହା ଦଳକୁ ଅଧିକ ଭଲ ଖେଳିବାକୁ ପ୍ରେରିତ କରିବ ବୋଲି ସେ କହିଛନ୍ତି।

## ଭାରତୀୟ ଚ୍ୟାଲେଞ୍ଜ ସମ୍ଭାଳିବେ ସିନ୍ଧୁ, ସାଇନା, ଶ୍ରୀକାନ୍ତ

**ନୂଆଦିଲ୍ଲୀ, ୩୦।୪ (ପି.ଟି.)**

ସୁଦିରମନ ମିକ୍ସଡ ଟିମ୍ ଚାମ୍ପିୟନଶିପ୍ ମେ ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ ଚାଇନାର ନାନିଙ୍ଗଠାରେ ଖେଳାଯିବ। ଏଥିରେ କିଦାମ୍ବି ଶ୍ରୀକାନ୍ତଙ୍କ ସହିତ ଅଲିମ୍ପିକ ପଦକ ବିଜୟିନୀ ପି. ଭି. ସିନ୍ଧୁ ଭାରତୀୟ ଦଳର ନେତୃତ୍ୱ ନେବେ। ଚାରିଥର ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜୟିନୀ ସିନ୍ଧୁ ୨୦୧୬ ରିଓ ଅଲିମ୍ପିକ୍ସରେ ଏକ

### ସୁଦିରମନ କପ୍

ରୌପ୍ୟ ଜିତିଥିବାବେଳେ ସାଇନା ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପୁରୁଷ ସିଙ୍ଗଲ୍ସ ଖେଳାଳିଙ୍କ ମଧ୍ୟରେ ଶ୍ରୀକାନ୍ତ ବର୍ତ୍ତମାନ ବିଶ୍ୱର ୮ମ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି। ଟୁର୍ନାମେଣ୍ଟର ଏହି ସଂସ୍କରଣରେ ଭାରତକୁ ୮ମ ସିଡ୍ ମାନ୍ୟତା ମିଳିଛି। ଗତବର୍ଷ ଅଷ୍ଟ୍ରେଲିଆର ଗୋଲ୍ଡ କୋଷ୍ଟଠାରେ ଭାରତ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଉଠିପାରିଥିଲା। ଆୟୋଜକ ଚାଇନା ଏବଂ ମାଲେସିଆ ସହିତ ଭାରତ ଏଥର କଠିନ ଗ୍ରୁପ୍ ଡି'ରେ ସ୍ଥାନ ପାଇଛି। ନକ୍‌ଆଉଟକୁ ଉନ୍ନୀତ ହେବାକୁ ହେଲେ ଭାରତକୁ ଲିଗ୍ ପର୍ଯ୍ୟାୟରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟାରେ ରହିବାକୁ ପଡ଼ିବ। ଗତବର୍ଷ ଗୋଲ୍ଡକୋଷ୍ଟଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମିକ୍ସଡ ଟିମ୍ ଫର୍ମାଟରେ ଭାରତ ମାଲେସିଆକୁ ପରାସ୍ତ କରିଥିଲା। ବିଶ୍ୱର ପୂର୍ବତନ ନମ୍ବର ୱାନ ଖେଳାଳି ଲି ଚୋଙ୍ଗ୍ ୱିଙ୍କ ଅନୁପସ୍ଥିତି ଭାରତୀୟ ଦଳ ପାଇଁ ଏକ ଭଲ ଖବର। ୧୩ ଜଣିଆ ଭାରତୀୟ ଦଳରେ ଫର୍ମରେ ଥିବା ସମୀର ବର୍ମା ସ୍ଥାନ ପାଇଛନ୍ତି। ଇଞ୍ଜୁରୀ ପାଇଁ ଖେଳରୁ କିଛି ସମୟ ଦୂରେଇ ରହିଥିବା ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚିରାଗ ସେଟ୍ଟିଙ୍କ ସହିତ ସେ ପୁରୁଷ ଡବଲ୍ସ ବିଭାଗରେ ଅଂଶଗ୍ରହଣ କରିବେ।

### ଭାରତୀୟ ଦଳ

**ପୁରୁଷ:** କିଦାମ୍ବି ଶ୍ରୀକାନ୍ତ, ସମୀର ବର୍ମା, ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ, ଚିରାଗ ଶେଟ୍ଟି, ମନୁ ଅତ୍ରୀ, ବି. ସୁମିତ ରେଡ୍ଡୀ, ପ୍ରଣବ ଜେରି ଚୋପ୍ରା।

**ମହିଳା:** ପି.ଭି. ସିନ୍ଧୁ, ସାଇନା ନେହ୍ୱାଲ, ଅଶ୍ୱିନ ପୋନାପ୍ପା, ଏନ. ସିକ୍କି ରେଡ୍ଡୀ, ପୂର୍ବିଶା ଏସ. ରାମ୍, ଜେ. ମେଘନା





ଏଏଫସି କପ୍ ମ୍ୟାଚ ପାଇଁ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ମିନର୍ଭା ପଞ୍ଜାବ ଦଳର ଅଭ୍ୟାସ।

## ଜୁଭେନାଇଲ ବିଜୟୀ

**କଟକ ଅଫିସ,୩୦।୪:** ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ଚାଲିଥିବା ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଜୁଭେନାଇଲ କ୍ଲବ ୧ ଉଇକେଟରେ ବିଶ୍ୱଭାରତୀକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଶ୍ୱଭାରତୀ ୯ ଉଇକେଟ ହରାଇ ୧୨୯ରନ କରିଥିଲା। ସମ୍ବିତ କୁମାର ସାହୁ ୩୯ ଓ ଚନ୍ଦ୍ରଚୂଡ଼ ପୁରୋହିତ ୨୪ରନ କରିଥିଲେ। ଜୁଭେନାଇଲ ପକ୍ଷରୁ ପୀୟୁଷ ମନ୍ତ୍ରୀ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିଲେ । ଜବାବରେ ଜୁଭେନାଇଲ ୯ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଛି। ସାଇଦୀପ ମହାପାତ୍ର ଅପରାଜିତ ୪୮ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ସୋହେଲ ଖାଁ ୩୬ରନ କରିଥିଲେ। ବିଶ୍ୱଭାରତୀ ପକ୍ଷରୁ ମହମ୍ମଦ ଜିସାନ ଓ ପ୍ରୀତମ କୁମାର ଦାସ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ସାଇଦୀପଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାରବିତରଣ ଉତ୍ସବରେ ରଣଜୀ ଖେଳାଳି ସୂର୍ଯ୍ୟକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

## ନ୍ୟୁଜିଲାଣ୍ଡ ଦଳରେ ରେନ୍ସ, ସମରଭିଲେ

**ଅକ୍‌ଲାଣ୍ଡ, ୩୦।୪**

ଆସନ୍ତା ସପ୍ତାହରୁ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁ ଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଲାଗି ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଦଳରେ ଅଫ୍-ସ୍ପିନର ୱିଲିୟମ ସମରଭିଲେ ଓ ଦ୍ରୁତ ବୋଲର ସେଥ୍ ରେନ୍ସଙ୍କୁ ସାମିଲ କରାଯାଇଛି। ୩୪ ବର୍ଷୀୟ ସମରଭିଲେ ଜାତୀୟ ଦଳ ପକ୍ଷରୁ ଗୋଟିଏ ମାତ୍ର ଟେଷ୍ଟ ମ୍ୟାଚ୍ ଖେଳିଥିବାବେଳେ ଏ ପର୍ଯ୍ୟନ୍ତ ଦିନିକିଆ ପଦାର୍ପଣ କରିପାରିନାହାନ୍ତି। ଗତବର୍ଷ ଆବୁଧାବିଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ୩ୟ ଟେଷ୍ଟ ଜରିଆରେ ସମରଭିଲେ ଟେଷ୍ଟ ପଦାର୍ପଣ କରିଥିଲେ। ଏହି ମ୍ୟାଚ୍‌ରେ ସେ ୭ଟି ଉଇକେଟ୍ ନେବା ସହ ଦଳକୁ ଜିତାଇଥିଲେ। ସେହିଭଳି ରେନ୍ସ ନ୍ୟୁଜିଲାଣ୍ଡ ତରଫରୁ ୨ଟି ଦିନିକିଆ ଓ ୫ ଟି୨୦ ମ୍ୟାଚ୍‌ରେ ଅଂଶଗ୍ରହଣ

### ଅଷ୍ଟ୍ରେଲିଆ ଦିନିକିଆ ସିରିଜ

କରିଛନ୍ତି। ଅଧିକାଂଶ ବ୍ଲାକକ୍ୟାପ୍ ଖେଳାଳି ଆଇପିଏଲ୍‌ରେ ଭାଗନେଇଥିବାରୁ ଟମ୍ ଲଥାମ୍‌ଙ୍କ ନେତୃତ୍ୱରେ ୨ୟ ଶ୍ରେଣୀର ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। ସେହିଭଳି ବରିଷ୍ଠ ବ୍ୟାଟ୍ସମ୍ୟାନ ରସ୍ ଟେଲର ମଧ କାଉଣ୍ଟି କ୍ଲବ ମିଡଲସେକ୍ସ ପକ୍ଷରୁ ମ୍ୟାଚ୍ ଖେଳୁଥିବାରୁ ତାଙ୍କୁ ମଧ ଏହି ଦଳରେ ସାମିଲ କରାଯାଇନାହିଁ। ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ମେ ୬, ୮ ଓ ୧୦ରେ ବ୍ରିସବେନ୍‌ରେ ଖେଳାଯିବ।

### ନ୍ୟୁଜିଲାଣ୍ଡ ଦଳ

ଟମ୍ ଲଥାମ୍ (ଅଧିନାୟକ), ଟଡ୍ଡ ଆଷ୍ଟଲ, ହାମିସ ବେନ୍ନେଟ, ଟମ୍ ବ୍ଲଣ୍ଡେଲ (ଉଇକେଟ୍‌କିପର), ଡଗ୍ ବ୍ରାସୱେଲ, ମାଟ୍ଟ ହେନରୀ, ଡାର୍ଲୀ ମିଚେଲ, ଜିମ୍ମି ନିଶାମ, ହେନରୀ ନିକୋଲାସ, ସେଥ୍ ରେନ୍ସ, ହାମିସ ରଦରଫୋର୍ଡ, ବ୍ଲେୟାର ଟିକନର, ଜର୍ଜ ୱାର୍କର, ୱିଲି ୟଙ୍ଗ୍ ଓ ୱିଲିୟମ ସମରଭିଲେ।

## ସ୍ଲୋଆନେ-ଜୋଜିଙ୍କ ନିର୍ବନ୍ଧ



**ଲସ୍ ଏଞ୍ଜେଲ୍ସ, ୩୦।୪(ଏଏଫ୍‌ପି):** ଆମେରିକା ମହିଳା ଟେନିସ ଷ୍ଟାର ସ୍ଲୋଆନେ ଷ୍ଟିଫେନ୍ସ ଓ ଜାତୀୟ ଫୁଟ୍‌ବଲ ଖେଳାଳି ଜୋଜି ଅଲ୍‌ଟିଡୋରେଙ୍କ ମଧ୍ୟରେ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ଉଭୟ ସ୍ଲୋଆନେ ଓ ଜୋଜି ଏକାଠି ବସିଥିବାର ଫଟୋ ନିଜ ନିଜ ଟୁଇଟର୍ ପେଜ୍‌ରେ ଶେୟାର କରିଛନ୍ତି। ଏହି ସ୍ପୋର୍ଟ୍ସ ଲଭ୍‌କୁ ନେଇ ଏବେ ବେଶ୍ ଚର୍ଚ୍ଚା ଚାଲିଛି। ଉଭୟ ପ୍ରେମୀ ଯୁଗଳ ୨୦୧୬ରୁ ଡେଟିଂରେ ଥିବା ଜଣାପଡ଼ିଛି। ଛ'ଟି ଡବ୍ଲ୍ୟୁଟିଏ ଟାଇଟଲ ଜିତିଥିବା ସ୍ଲୋଆନେ ୨୦୧୭ରେ ୟୁଏସ୍ ଓପନ୍‌ରେ ଚାମ୍ପିୟନ ହୋଇଥିଲେ। ସେହିଭଳି ଗତବର୍ଷ ଫ୍ରେଞ୍ଚ ଓପନ୍‌ର ଫାଇନାଲରେ ପ୍ରବେଶ କରିଥିଲେ ମଧ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବା ସହିତ ୨୬ ବର୍ଷୀୟା ସ୍ଲୋଆନେ ୨୦୧୭ ୟୁଏସ୍ ଫେଡ୍ କପ୍ ଟିମ୍‌ର ସଦସ୍ୟ ରହିଥିଲେ। ସେହିଭଳି ୨୦୧୮ ଡବ୍ଲ୍ୟୁଟିଏ ଟୁର୍ ଫାଇନାଲ୍ସ ଚାମ୍ପିୟନଶିପ୍ ମ୍ୟାଚ୍ ମଧ ଖେଳିଥିଲେ। ଷ୍ଟିଫେନ୍ସ ଆମେରିକାର ଫ୍ରେସନୋ ଓ କାଲିଫର୍ନିଆ ସହରରେ ବଢ଼ିଥିଲେ ମଧ ଯୁବ ଅବସ୍ଥାରେ ଟେନିସରେ କ୍ୟାରିୟର କରିବା ପାଇଁ ଫ୍ଲୋରିଡା ଚାଲିଆସିଥିଲେ। ଫ୍ଲୋରିଡାରେ ରହିଲା ସମୟରେ ଜୋଜି ତାଙ୍କର ପିଲାଦିନର ବନ୍ଧୁ ଥିଲେ। ଅପରପକ୍ଷରେ ୨୯ ବର୍ଷୀୟ ଜୋଜି ବର୍ତ୍ତମାନ ଟରଣ୍ଟୋ ଏଫ୍‌ସି ପକ୍ଷରୁ ଖେଳୁଛନ୍ତି। ସେ ଆମେରିକା ଫୁଟ୍‌ବଲ ଦଳର ପ୍ରତ୍ୟେକ ବୟସବର୍ଗ ସମେତ ୨ଟି ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ଆମେରିକା ଫୁଟ୍‌ବଲ ଇତିହାସରେ ସପ୍ତଦଶ ଖେଳାଳି ଭାବେ ୧୦୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି।

# ରୂପିନ୍ଦରଙ୍କ ପ୍ରତ୍ୟାବର୍ତ୍ତନ, ଜସକରନ ନୂଆମୁହଁ

**ନୂଆଦିଲ୍ଲୀ, ୩୦।୪(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ହକି ଦଳର ଅଷ୍ଟ୍ରେଲିଆ ଟୁର୍ ମେ ୧୦ରୁ ଆରମ୍ଭ ହେବ। ଏଥିପାଇଁ ମଙ୍ଗଳବାର ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ସ୍ଥାନ ପାଇଛନ୍ତି। ନବନିଯୁକ୍ତ କୋଚ୍ ଗ୍ରାହାମ ରିଡ୍‌ଙ୍କ ପ୍ରଶିକ୍ଷଣରେ ଭାରତର ଏହା ହେବ ପ୍ରଥମ ଟୁର୍। ମନପ୍ରୀତ ସିଂଙ୍କୁ ଦଳର ଅଧିନାୟକ ଓ ସୁରିନ୍ଦର କୁମାରଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। ଅଭିଜ୍ଞ ଡିଫେଣ୍ଡର ରୂପିନ୍ଦର ପାଲ୍ ସିଂ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଏକମାତ୍ର ନୂଆ ମୁହଁଭାବେ ମିଡ୍‌ଫିଲ୍ଡର ଜସକରନ୍ ସିଂ ସୁଯୋଗ ପାଇଛନ୍ତି।



ଅଷ୍ଟ୍ରେଲିଆ ଟୁର୍ ପାଇଁ ମନୋନୀତ ଭାରତୀୟ ହକି ଦଳ।

### ଅଷ୍ଟ୍ରେଲିଆ ଟୁର୍

ଗତ ମାର୍ଚ୍ଚରେ ସୁଲତାନ ଆଜଲାନଶାହ କପ୍‌ରେ ରୌପ୍ୟ ପଦକ ସହ ଭାରତ ଏହାର ସିଜନ ଆରମ୍ଭ କରିଛି। ଏଥିରେ ଯୁବ ଭାରତୀୟ ଦଳ କୋରିଆ, ଜାପାନ, କାନାଡ଼ା, ପୋଲାଣ୍ଡ ଓ ମାଲେସିଆ ପରି ଦଳ ବିପକ୍ଷରେ ନିଜର ଶକ୍ତି ପରୀକ୍ଷା କରିଛି। ଭୁବନେଶ୍ୱରରେ ଜୁନ ୬ରୁ ୧୫ ପର୍ଯ୍ୟନ୍ତ ଏଫଆଇଏଚ୍ ପୁରୁଷ ହକି ସିରିଜ ଫାଇନାଲ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଗସ୍ତ ପାଇଁ ମଧ ଯୁବ ଦଳଙ୍କୁ ଗୁରୁତ୍ୱ ଦିଆ ଯାଇଛି। ଦୀର୍ଘଦିନ ଆହତ ସମସ୍ୟାରେ ରହିବାପରେ ରୂପିନ୍ଦର ଦଳକୁ ଫେରିଛନ୍ତି। ସେ ଶେଷଥରପାଇଁ ଗତବର୍ଷ ଜାକର୍ତ୍ତା ଏସିଆନ ଗେମ୍ସରେ ଖେଳିଥିଲେ। ଜଳନ୍ଧର ଜନ୍ମିତ ୨୫ ବର୍ଷୀୟ ଜସକରନ ଅନ୍ତର୍ଜାତୀୟ ପଦାର୍ପଣ କରିବା ସୁଯୋଗ ପାଇଛନ୍ତି। "ମନୋନୀତ ଖେଳାଳିଙ୍କ ସମ୍ପର୍କରେ ଭଲଭାବେ ଜାଣିବା ପାଇଁ ଏହି ଟୁର୍ ମୋ ପାଇଁ ଭଲ ସୁଯୋଗ ଆଣିବ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ମିଶାଇ ଦଳକୁ ସନ୍ତୁଳିତ କରାଯାଇଛି। ଜଣେ ପ୍ରଥମଥରପାଇଁ ଅନ୍ତର୍ଜାତୀୟ ପଦାର୍ପଣ କରିବାକୁ ଯାଉଥିବାବେଳେ ଆଉଜଣେ ଆହତ ସମସ୍ୟାରୁ ଫେରିଛନ୍ତି। ଏକ ବିଶ୍ୱଶ୍ରେଣୀୟ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ଆମ ଦଳ ୪ଟି ମ୍ୟାଚ ଖେଳିବାକୁ ଯାଉଛି। ବିଶେଷତଃ ୱେଷ୍ଟର୍ନ ଅଷ୍ଟ୍ରେଲିଆ ଥଣ୍ଡରଷ୍ଟିକ୍ସ କ୍ଲବ ବିପକ୍ଷରେ ଆମ ପିଲାମାନେ ଚାପ ପରିସ୍ଥିତିରେ କିପରି ଖେଳିବାକୁ ହୁଏ ତାହାର ଅଭିଜ୍ଞତା ପାଇବେ। ଏଫଆଇଏଚ୍ ହକି ସିରିଜ ଫାଇନାଲ ପାଇଁ ଏହା ଭଲ ପ୍ରସ୍ତୁତି ହେବ" ବୋଲି ରିଡ୍ ପ୍ରକାଶ କରିଛନ୍ତି। ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ଦଳ ୨ଟି ମ୍ୟାଚ ଅଷ୍ଟ୍ରେଲିଆ ଜାତୀୟ ଦଳ ବିପକ୍ଷରେ, ଗୋଟିଏ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଏବଂ ଆଉ ଗୋଟିଏ ୱେଷ୍ଟର୍ନ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।

### ଭାରତୀୟ ଦଳ

**ଗୋଲକିପର:** ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବି. ପାଠକ।
**ଡିଫେଣ୍ଡର:** ରୂପିନ୍ଦର ପାଲ୍ ସିଂ, ସୁରିନ୍ଦର କୁମାର(ଉପ-ଅଧିନାୟକ), ହରମନପ୍ରୀତ ସିଂ, ବୀରେନ୍ଦ୍ର ଲାକ୍ରା, ଗୁରିନ୍ଦର ସିଂ, କୋଥାଜିତ ସିଂ।
**ମିଡ୍‌ଫିଲ୍ଡର:** ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ(ଅଧିନାୟକ), ଜସକରନ ସିଂ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା।
**ଫରୱାର୍ଡ:** ମନଦୀପ ସିଂ, ଗୁରସାହିବଜିତ ସିଂ, ଆକାଶଦୀପ ସିଂ, ସୁମିତ କୁମାର ଜୁନିୟର, ଅର୍ମାନ କୁରେସି।



“ କମ୍ ଓଜନ ସହିତ ଉନ୍ନତ ଶାରୀରିକ ଗଠନ ଯୋଗୁ ପେସ୍ ବୋଲର ମହମ୍ମଦ ଶାମି ଗତ ଦେଢ଼ ବର୍ଷ ଧରି ଇଞ୍ଜୁରୀ ମୁକ୍ତ ରହିପାରିଛନ୍ତି ।

–ବ୍ରେଟ୍ ହ୍ୟାରପ୍, କିଙ୍ଗ୍ସ ଇଲେଭେନ ପଞ୍ଜାବ ଫିଜିଓ



“ ଚଳିତ ସିଜନରେ ଆମେ ଭଲ ପ୍ରଦର୍ଶନ କରୁଥିଲେ ହେଁ ପ୍ଲେ-ଅଫ୍ କଥା ଚିନ୍ତା ନ କରି ପରବର୍ତ୍ତୀ ଲିଗ୍ ମ୍ୟାଚ ଉପରେ ଫୋକସ କରିବୁ ।

–କ୍ରୁନାଲ ପାଣ୍ଡ୍ୟା, ମୁମ୍ବାଇ ଇଣ୍ଡିଆନ୍ସ ଅଲରାଉଣ୍ଡର

**ଆଜିର ମ୍ୟାଚ**

ଚେନ୍ନାଇ ସୁପର କିଙ୍ଗ୍ସ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ



ପ୍ରସାରଣ
ସ୍ଥାନ : ଚେନ୍ନାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ହାଇଦ୍ରାବାଦ ୪୫ ରନରେ ବିଜୟୀ

**ହାଇଦ୍ରାବାଦ,୩୦।୪(ପି.ଟି.)**

କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ସନରାଇଜର୍ସ ହାଇଦ୍ରାବାଦ ଚଳିତ ଆଇପିଏଲର ୪୮ତମ ମ୍ୟାଚ୍‌ରେ ରବିଚନ୍ଦ୍ରନ ଅଶ୍ୱିନଙ୍କ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ବୃହତ ୪୫ ରନରେ ପରାସ୍ତ କରିଛି। ସୋମବାର ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ୬ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଜବାବରେ ପଞ୍ଜାବ ୮ ଉଇକେଟ ହରାଇ ୧୬୭ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦ୍ରୁତ ୮୧ରନର ଉପଯୋଗୀ ଇନିଂସ ଖେଳିଥିବା ହାଇଦ୍ରାବାଦ ଓପନର ଡେଭିଡ ୱାର୍ନର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୨୧୩ ରନ ବୃହତ୍ ଟାର୍ଗେଟର ପିଛା କରି ପଞ୍ଜାବ ଆରମ୍ଭରୁ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ (୪ ରନ୍)ଙ୍କ ଉଇକେଟ ହରାଇଥିଲା। ୧୮ ବଲରୁ ୨ ଚୌକା, ୧ ଛକା ସହ ୨୭ ରନ କରି ମୟଙ୍କ ଅଗ୍ରୱାଲ ରସିଦ ଖାଁଙ୍କ ଦ୍ୱାରା ଓ ନିକୋଲାସ ପୁରାନ ୧୦ଟି ବଲ ଖେଳି ୨ଟି ଲେଖାଏ ଚୌକା ଓ ଛକା ସହ ୨୧ ରନ କରି ଖଲିଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଡେଭିଡ ମିଲର ମାତ୍ର ୧୧ ରନକରିଥିବା ବେଳେ ଓ ଅଧିନାୟକ ରବିଚନ୍ଦ୍ରନ ବିନାସ୍କୋରରେ ଯଥାକ୍ରମେ ରସିଦଙ୍କ ଦ୍ୱିତୀୟ ଓ ତୃତୀୟ ଶିକାର ହୋଇଥିଲେ। ଗୋଟିଏ ପଟେ ନିୟମିତ ବ୍ୟବଧାନରେ ଉଇକେଟ ଝଡୁଥିବା ବେଳେ ଓପନର ଲୋକେଶ ରାହୁଲ ଲଢେଇ କରିଥିଲେ। ସେ ୫୬ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୫ ଛକା ସହ ୭୯ ରନକରି ଖଲିଲଙ୍କ ବଲ୍‌ରେ କେନ ୱିଲିୟମସନଙ୍କୁ କ୍ୟାଚ୍ ଦେଇଥିଲେ। ତେବେ ତାଙ୍କର ଏହି ପ୍ରୟାସ ବିଜୟ ପାଇଁ ଯଥେଷ୍ଟ ନ ଥିଲା। ସିମରନ ସିଂ ୧୬ରନ କରି ସନ୍ଦୀପ ଶର୍ମାଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଖଲିଲ, ରସିଦ ୩ଟି ଲୋଖାଏ,ସନ୍ଦୀପ ୨ଟି ଉଇକେଟ ନେଇଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଡେଭିଡ୍ ୱାର୍ନର।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ତରଫରୁ ଦୁଇ ଓପନର ଧୂଆଁଧାର ଆରମ୍ଭ କରିଥିଲେ। ଓପନିଂ ଯୋଡିରେ ଡେଭିଡ ୱାର୍ନର ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଋଦ୍ଧିମାନ ଶାହ ୩୮ଟି ବଲରୁ ୭୮ ରନ ସଂଗ୍ରହ କରିଥିଲେ। ଋଦ୍ଧିମାନ ୧୩ ବଲରୁ ୩ ଚୌକା ଓ ୧ ଛକା ସହ ୨୮ ରନ କରି ମୁରୁଗାନ ଅଶ୍ୱିନଙ୍କ ବଲ୍‌ରେ ସିମରନ ସିଂଙ୍କୁ କ୍ୟାଚ୍ ଦେଇଥିଲେ। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ୨୫ଟି ବଲ୍ ଖେଳି ୩ ଚୌକା ଓ ୧ ଛକା ସହ ୩୬ ରନ କରି ସ୍କୋରକୁ ଆଗେଇ ନେଉଥିବା ବେଳେ ମହମ୍ମଦ ସାମିଙ୍କୁ କ୍ୟାଚ୍ ଦେଇ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ। ବିସ୍ଫୋରକ ଓପନର ୱାର୍ନର ୮୧ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ସେ ମୁଜିବ ଉର ରହମାନଙ୍କୁ କ୍ୟାଚ୍ ଦେଇ ଅଶ୍ୱିନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ୨ ଚୌକା ସହ ୧୦ ବଲରୁ ୨୦ ରନ କରି ମହମ୍ମଦ ନବୀ ଓ ଅଧିନାୟକ କେନ୍ ୱିଲିୟମସନ ୭ ବଲରୁ ୧୪ ରନ କରି ସାମିଙ୍କ ଦ୍ୱାର ଆଉଟ ହୋଇଥିଲେ। ବିଜୟ ଶଙ୍କର ୭ ଓ ଅଭିଷେକ ବର୍ମା ୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ସାମି ଓ ଅଶ୍ୱିନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

- ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୧୨/୬ (ୱାର୍ନର- ୮୧, ମନୀଷ- ୩୬, ଋଦ୍ଧିମାନ- ୨୮, ନବି- ୨୦, ଅଶ୍ୱିନ- ୨/୩୦, ସାମି- ୨/୩୬)।
- କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୬୭/୮ (ରାହୁଲ- ୭୯, ଅଗ୍ରୱାଲ- ୨୭, ପୁରାନ- ୨୧, ସିମରନ- ୧୬, ରସିଦ- ୩/୨୧, ଖଲିଲ- ୩/୪୦, ସନ୍ଦୀପ- ୨/୩୩)।

## ନ୍ୟୁଜିଲାଣ୍ଡ ଓପନ୍ ମୁଖ୍ୟ ଡ୍ର’ରେ ଲକ୍ଷ୍ୟ ସେନ୍

**ଅକ୍‌ଲାଣ୍ଡ, ୩୦।୪(ପି.ଟି.):** ଯୁବ ଭାରତୀୟ ଶଟ୍‌ଲର ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଲକ୍ଷ୍ୟ ଯୋଗ୍ୟତା ପର୍ଯ୍ୟାୟରେ ସାଥୀ ଭାରତୀୟ ଖେଳାଳି ତଥା ଅଭିଜ୍ଞ ଅଜୟ ଜୟରାମ ଓ ମାଲେସିଆର ଚେକ୍ ଝି ସୋ’ଙ୍କୁ ପରାସ୍ତ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ରାଉଣ୍ଡରେ ଲକ୍ଷ୍ୟ ୨୧-୧୮, ୨୧-୧୩ ସିଧାସଳଖ ଗେମ୍‌ରେ ସିନିୟର ଖେଳାଳି ଜୟରାମଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ଲକ୍ଷ୍ୟଙ୍କୁ ୩୧ ମିନିଟ୍ ସମୟ ଲାଗିଥିଲା। ଏହାପରେ ୨ୟ ରାଉଣ୍ଡ ମ୍ୟାଚ୍‌ରେ ୧୭ ବର୍ଷୀୟ ଲକ୍ଷ୍ୟ ୨୧-୧୧, ୨୧-୧୨ ଗେମ୍‌ରେ ଝି ସୋ’ଙ୍କୁ ମାତ୍ ଦେଇ ମୁଖ୍ୟ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଛନ୍ତି। ଦ୍ୱିତୀୟ ମ୍ୟାଚ୍‌ଟି ମାତ୍ର ୩୨ ମିନିଟ୍‌ରେ ଶେଷ ହୋଇଥିଲା। ମୁଖ୍ୟ ପର୍ଯ୍ୟାୟ ପ୍ରଥମ ରାଉଣ୍ଡରେ ଲକ୍ଷ୍ୟଙ୍କ ମୁକାବିଲା ତାଇପେଇର ୱାଙ୍ଗ୍ ଜୁ ୱି’ଙ୍କ ସହ ହେବ। ତେବେ ଅନ୍ୟତମ ଭାରତୀୟ ଖେଳାଳି ପାରୁପଲ୍ଲୀ କାଶ୍ୟପ ଯୋଗ୍ୟତା ପର୍ଯ୍ୟାୟର ୨ୟ ରାଉଣ୍ଡ ମ୍ୟାଚ୍ ହାରି ମୁଖ୍ୟ ପର୍ଯ୍ୟାୟରୁ ବଞ୍ଚିତ ହୋଇଛନ୍ତି। ସେ ପ୍ରଥମ ରାଉଣ୍ଡରେ ୨୧-୮, ୨୧-୯ ସିଧାସଳଖ ଗେମ୍‌ରେ ଅଷ୍ଟ୍ରେଲିଆର ପିଟର ୟାନଙ୍କୁ ହରାଇଥିଲେ।

## ଅରେଞ୍ଜ କ୍ୟାପ୍ ସହ ଆଇପିଏଲ୍ ଛାଡ଼ିଲେ ୱାର୍ନର

**ହାଇଦ୍ରାବାଦ୍, ୩୦।୪**

ବିସ୍ଫୋରକ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଡେଭିଡ୍ ୱାର୍ନର ଚଳିତ ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ତାଙ୍କ ଅଭିଯାନ ଶେଷ କରିଛନ୍ତି। ୱାର୍ନର ସୋମବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ତାଙ୍କ ଅନ୍ତିମ ଆଇପିଏଲ୍ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚ୍‌ରେ ୱାର୍ନରଙ୍କ ବିସ୍ଫୋରକ ୮୧ ରନ ବଳରେ ହାଇଦ୍ରାବାଦ୍ ୨୧୨/୬ ସ୍କୋର କରିଥିବାବେଳେ ପଞ୍ଜାବ ୪୫ ରନରେ ପରାସ୍ତ ହୋଇଥିଲା। ଆଇସିସି ବିଶ୍ୱକପ୍ ପ୍ରସ୍ତୁତି ଲାଗି ଅଷ୍ଟ୍ରେଲିଆ ଦଳରେ ମେ ୨ରେ ଯୋଗ ଦେବାକୁ ଥିବାରୁ ସେ ମଙ୍ଗଳବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଇପିଏଲ୍ ଛାଡ଼ିବା ପୂର୍ବରୁ ୩୨ ବର୍ଷୀୟ ଏହି ବାମହାତୀ ବ୍ୟାଟ୍ସମ୍ୟାନ ଚଳିତ ସିଜନର ସର୍ବାଧିକ ସ୍କୋରର ଭାବେ ଅରେଞ୍ଜ କ୍ୟାପ୍ ଅଧିକାରୀ ହୋଇଛନ୍ତି। ସେ ୧୨ ଇନିଂସରୁ ୬୯.୨୦ ଆଭରେଜରେ ସର୍ବାଧିକ ୬୯୨ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୮ ଅର୍ଦ୍ଧଶତକ ଓ ଗୋଟିଏ ଶତକ ସାମିଲ ରହିଛି। ୧୨ଟି ଯାକ ଇନିଂସରେ ଯଥାକ୍ରମେ ସେ ୮୫, ୬୯, ୧୦୦*, ୧୦, ୧୫, ୭୦*, ୫୧, ୫୦, ୬୭, ୫୭, ୩୭ ଓ ୮୧ ରନ କରିଛନ୍ତି। ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତାଲିକାର ୨ୟ ସ୍ଥାନରେ ରହିଥିବା ଲୋକେଶ ରାହୁଲ (୫୨୦ ରନ)ଙ୍କଠାରୁ ୱାର୍ନର ୧୭୨ ରନ ଆଗରେ ରହିଛନ୍ତି। ଭାରତ ଛାଡ଼ିବା ପୂର୍ବରୁ ୱାର୍ନର ଖବରଦାତା ସମ୍ମିଳନୀରେ ସମସ୍ତ ପ୍ରକାର ସହଯୋଗ ଓ ସମର୍ଥନ ଯୋଗାଇ ଦେଇଥିବାରୁ ହାଇଦ୍ରାବାଦ୍ ଟିମର ସର୍ପୋଟ୍ ଷ୍ଟାଫ୍ ଓ ଖେଳାଳିଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇପିଏଲ୍‌ରେ ଲଗାତର ପ୍ରଭାବୀ ପ୍ରଦର୍ଶନ କରି ଆସୁଥିବା ୱାର୍ନର ଏଥିପୂର୍ବରୁ ୨୦୧୭ରେ ୬୪୧, ୨୦୧୬ରେ ୮୪୮, ୨୦୧୫ରେ ୫୬୨, ୨୦୧୪ରେ ୫୨୮ ରନ କରିଥିଲେ।

**ଚତୁର୍ଥ ବିବାହ ବାର୍ଷିକୀ ଉପଲକ୍ଷେ**



ଦିପ୍ତିରଞ୍ଜନ ସେନାପତି (ବାଲୁ)
ମଧୁସ୍ମିତା ସେନାପତି (ରୁବି)
ଖଣ୍ଡାସାହି, କାକଟପୁର, ପୁରୀ

ଆଜି ଚତୁର୍ଥ ବିବାହ ବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଏବଂ ତୁମର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବାପା, ବୋଉ, ଶଶୁର, ଶାଶୁ, ପୁଅ-ସାଇ, ନଣନ୍ଦ, ନଣନ୍ଦେଇ, ଦିଅର, ଭାଇ, ଭଉଣୀ, ମାମୁ, ମାଇଁ, ମଉସା, ମାଉସୀ, ପିଉସା, ପିଇସୀ ତଥା ଭଣଜା, ଭାଣଜୀ ଏବଂ ପରିବାରବର୍ଗ।
Happy wedding anniversary to the lovely couple. I love you so much...........

ଧ-୧୨୪୦୯

**Happy 1st Anniversary on 02.05.19**



**Krishna & Amiya**
**Nimapara**
May you both be blessed with love, joy and happiness for lifetime...
**Best wishes from**
**Gunu and Family**

D-12400

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୮ | ୪ | ୧୬ | ୦.୨୩୩ |
| ସୁପର କିଙ୍ଗ୍ସ | ୧୨ | ୮ | ୪ | ୧୬ | -୦.୧୧୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | ୦.୩୪୭ |
| ସନ୍‌ରାଇଜର୍ସ | ୧୨ | ୬ | ୬ | ୧୨ | ୦.୭୦୯ |
| ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | ୦.୧୦୦ |
| କିଙ୍ଗ୍ସ ଇଲେଭେନ | ୧୨ | ୫ | ୭ | ୧୦ | -୦.୨୯୬ |
| ରାଜସ୍ଥାନ ରୟାଲ୍ସ | ୧୨ | ୫ | ୭ | ୧୦ | -୦.୩୨୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୨ | ୪ | ୮ | ୮ | -୦.୬୯୪ |

## ସାଥିୟାଁ ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ, ୩୦।୪ (ପି.ଟି.):** ଭାରତୀୟ ଟେବୁଲ ଟେନିସ (ଟିଟି) ଖେଳାଳି ଜି. ସାଥିୟାଁଙ୍କ ପ୍ରଦର୍ଶନରେ କ୍ରମେ ଉନ୍ନତି ପରିଲକ୍ଷିତ ହେଉଛି। ଫଳ ସ୍ୱରୂପ ସେ ସଦସ୍ୟ ପ୍ରକାଶିତ ବିଶ୍ୱ ର୍‍ୟାଙ୍କିଂ ତାଲିକାର ଶ୍ରେଷ୍ଠ ୨୫ମଧ୍ୟରେ ସ୍ଥାନ ପାଇବାରେ ପ୍ରଥମ ଭାରତୀୟ ବିବେଚିତ ହୋଇଛନ୍ତି। ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ) ର୍‍ୟାଙ୍କିଂ ତାଲିକାରେ ସେ ୪ ସ୍ଥାନ ପଦୋନ୍ନତି ପାଇ ୨୪ତମ ସ୍ଥାନରେ ଅଛନ୍ତି। ଚଳିତ ମାସ ପ୍ରାରମ୍ଭରେ ୟୋକୋହାମାଠାରେ ଅନୁଷ୍ଠିତ ଏସିଆ କପ୍‌ରେ ପ୍ରଭାବୀ ପ୍ରଦର୍ଶନ ସହ ସାଥିୟାଁ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ।

# ପଙ୍ଘାଲ, ବିଧୁରିଙ୍କ ନାମ ସୁପାରିସ



ଅମିତ୍ ପଙ୍ଘାଲ

**ଅର୍ଜୁନ ପୁରସ୍କାର**

**ନୂଆଦିଲ୍ଲୀ, ୩୦।୪(ପି.ଟି.) :** ୨୦୧୮ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ବକ୍ସର ଅମିତ୍ ପଙ୍ଘାଲ୍ ଏବଂ ୨୦୧୭ ବିଶ୍ୱ ବ୍ରୋଞ୍ଜ ବିଜେତା ଗୌରବ ବିଧୁରିଙ୍କ ନାମକୁ ମଙ୍ଗଳବାର ସମ୍ମାନଜନକ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ନିକଟରୁ ଅମିତ୍‌ଙ୍କ ନାମକୁ ପଠାଯାଇଛି। ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଅମିତ୍ ୪୯ କିଗ୍ରା ଲାଇଟ୍ ଫ୍ଲାଏୱେଟ୍ ବର୍ଗର ସ୍ୱର୍ଣ୍ଣ ପଦକ ମ୍ୟାଚ୍‌ରେ ଅଲିମ୍ପିକ ଚାମ୍ପିୟନ ଉଜବେକିସ୍ତାନର ହାସାନବଏ ଡସମାଟୋଭଙ୍କୁ ପରାସ୍ତ କରିଥିଲେ। ଏଥିପୂର୍ବରୁ ଗତବର୍ଷ ଅମିତ୍‌ଙ୍କ ନାମକୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରାଯାଇଥିଲା। ତେବେ ୨୦୧୨ରେ ଡୋପ୍ ଟେଷ୍ଟରେ ବିଫଳ ହୋଇ ଏକ ବର୍ଷ ଲାଗି ବାସନ୍ଦ ହୋଇଥିବାରୁ ତାଙ୍କ ନାମକୁ ବିଚାରରୁ ବାଦ୍ ଦିଆଯାଇଥିଲା। ଚଳିତ ବର୍ଷ ବୁଲଗେରିଆରେ ଅନୁଷ୍ଠିତ ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟରେ ସେ ସ୍ୱର୍ଣ୍ଣପଦକ ଜିତିଥିଲେ। ଏହାପରେ ଅମିତ୍ ନିଜ ଓଜନ ବର୍ଗକୁ ୫୨ କିଗ୍ରାକୁ ପରିବର୍ତ୍ତନ କରିଥିଲେ। ନୂଆ ଓଜନ ବର୍ଗରେ ସେ ଏସିଆନ ଚାମ୍ପିୟନଶିପ୍‌ରେ ଭାଗ ନେଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଚଳିତ ବର୍ଷ ପଙ୍ଘାଲଙ୍କ ପ୍ରଦର୍ଶନକୁ ଦେଖି ତାଙ୍କ ନାମକୁ ପୁଣିଥରେ ଜାତୀୟ ବକ୍ସିଂ ଫେଡେରେଶନ ପକ୍ଷରୁ ସୁପାରିସ କରାଯାଇଛି।

## ତେନ୍ଦୁଲକର, ଲକ୍ଷ୍ମଣଙ୍କ ଶୁଣାଣି ହେଲେ ଲିଗାଲ ଟିମ୍ ଉପସ୍ଥିତ ରହିବେ

**ନୂଆଦିଲ୍ଲୀ, ୩୦।୪ (ପି.ଟି.):** ସ୍ୱାର୍ଥ ନିହିତ ଅଭିଯୋଗ ମାମଲାରେ ଅମ୍ବୁଡ୍‌ସମ୍ୟାନ ଜଷ୍ଟିସ (ଅବସରପ୍ରାପ୍ତ) ଡି.କେ. ଜୈନ ଯଦି ଶୁଣାଣି ପାଇଁ ସଚିନ ତେନ୍ଦୁଲକର ଏବଂ ଭିଭିଏସ ଲକ୍ଷ୍ମଣଙ୍କୁ ଡକାନ୍ତି ତେବେ ସେମାନଙ୍କୁ ସହାୟତା ପାଇଁ ବିସିସିଆଇ ସିଇଓ ରାହୁଲ ଜୋହରି ଏବଂ ଲିଗାଲ ଟିମ୍ ଉପସ୍ଥିତ ରହିବେ। ଏହି ମାମଲାରେ ଉଭୟ ତେନ୍ଦୁଲକର ଏବଂ ଲକ୍ଷ୍ମଣ ପୂର୍ବରୁ ଜଷ୍ଟିସ ଜୈନଙ୍କ ପ୍ରେରିତ ନୋଟିସ ଉପରେ ପୃଥକ୍ ପୃଥକ୍ ସେମାନଙ୍କ ଜବାବ ଉପସ୍ଥାପନ କରିସାରିଛନ୍ତି। କ୍ରିକେଟ ଉପଦେଷ୍ଟା କମିଟି (ସିଏସି)ର ସଦସ୍ୟ ଏବଂ ସେମାନଙ୍କ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦର ମେଣ୍ଟର ଭାବେ ଦ୍ୱୈତ ଭୂମିକା ନେଇ କୌଣସି ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ସୃଷ୍ଟି ହେଉନାହିଁ। କିନ୍ତୁ ଯଦି ପ୍ରକୃତ ନ୍ୟାୟ ଦୃଷ୍ଟିରୁ ଅମ୍ବୁଡ୍‌ସମ୍ୟାନ ଶୁଣାଣି ପାଇଁ ଉଭୟ ତେନ୍ଦୁଲକର ଓ ଲକ୍ଷ୍ମଣଙ୍କୁ ଡକାନ୍ତି ତେବେ ବିସିସିଆଇ ତରଫରୁ ସିଇଓ ଜୋହରି ପ୍ରତିନିଧିତ୍ୱ କରିବେ। କେତେକ ମିଡିଆ ରିପୋର୍ଟରେ କୁହାଯାଇଛି ବିସିସିଆଇ ନୀତିର କୌଣସି ପରିବର୍ତ୍ତନ ହେଲା ଭଳି ଲାଗୁନି। ସୌରଭ ଗାଙ୍ଗୁଲିଙ୍କ ମାମଲା ଭଳି ଯଦି ତେନ୍ଦୁଲକର ଏବଂ ଲକ୍ଷ୍ମଣଙ୍କୁ ଏଥିକ୍ସ ଅଫିସରଙ୍କ ଆଗରେ ହାଜର ହେବାକୁ ପଡ଼େ ତେବେ ଜୋହରି ଏବଂ ଲିଗାଲ ଟିମ୍ ଉପସ୍ଥିତ ରହିବେ। କାରଣ ଏହି ମାମଲାରେ ବିସିସିଆଇକୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ଏସ୍. ଶ୍ରୀସନ୍ଥଙ୍କ ମାମଲାରେ ଏକ ଶୁଣାଣି ବେଳେ ବିସିସିଆଇ ତରଫରୁ ସିଇଓ ପ୍ରତିନିଧିତ୍ୱ କରିଥିଲେ। ଏହି ମାମଲାରେ ଅମ୍ବୁଡ୍‌ସମ୍ୟାନ ବିସିସିଆଇକୁ ଚିଠି କରିଛନ୍ତି। ତେଣୁ ଶୁଣାଣି ବେଳେ ବିସିସିଆଇରୁ ଜଣେ କେହି ହେଲେ ପ୍ରତିନିଧିତ୍ୱ କରିବେ।

# ‘ଇଂଲଣ୍ଡ ପରିବେଶ ଶଙ୍କରଙ୍କୁ ସୁହାଇବ’

**ଚେନ୍ନାଇ, ୩୦।୪(ପି.ଟି.)**



ମେ ୩୦ରୁ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ବିଶ୍ୱକପ୍ ନେଇ ବିଭିନ୍ନ ଦଳ ଓ ଖେଳାଳିଙ୍କ ସମ୍ଭାବ୍ୟ ପ୍ରଦର୍ଶନ ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି। ଇଂଲଣ୍ଡ ପରିବେଶ ତଥା ଜଳବାୟୁରେ ତାମିଲନାଡୁ ଅଲରାଉଣ୍ଡର ବିଜୟ ଶଙ୍କର ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ପୂର୍ବାନୁମାନ କରିଛନ୍ତି। ଶଙ୍କରଙ୍କ ବୋଲିଂ ଇଂଲଣ୍ଡରେ ବେଶ୍ କାମଦେବ। ଅମ୍ବାତି ରାୟୁଡୁଙ୍କୁ ପଛରେ ପକାଇ ଚୟନକର୍ତ୍ତାମାନେ ଶଙ୍କରଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରିଥିଲେ ଓ ଏ ନେଇ ତର୍କବିତର୍କ ତଥା ବିବାଦ ସୃଷ୍ଟି ହୋଇଥିଲା। ଶଙ୍କରଙ୍କ ଥ୍ରୀ ଡାଇମେନଶନାଲ ସ୍କିଲକୁ ଚୟନକର୍ତ୍ତାମାନେ ତାରିଫ କରିଥିଲେ। ତେବେ ଶଙ୍କରଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରିବା ଏକ ଠିକ୍ ପଦକ୍ଷେପ ବୋଲି ଗାଙ୍ଗୁଲି କହିଛନ୍ତି। ତାଙ୍କୁ ନେଇ ନକାରାତ୍ମକ ଚିନ୍ତା କରିବାର ଆନାବଶ୍ୟକ। ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡରେ ସେ ଭଲ ପ୍ରଦର୍ଶନ କରିଥିଲେ ଓ ଏଥିପାଇଁ ତାଙ୍କୁ ଦଳରେ ସାମିଲ କରାଯାଇଛି। ପ୍ରତିଭାସମ୍ପନ୍ନ ଉଇକେଟକିପର ବ୍ୟାଟ୍ସମ୍ୟାନ ଋଷଭ ପନ୍ତଙ୍କୁ ମଧ୍ୟ ଚୟନକର୍ତ୍ତାମାନେ ଉପେକ୍ଷା କରିଥିଲେ। ତେବେ ସେ ଏଥିପାଇଁ ନିରାଶ କିମ୍ବା ବ୍ୟସ୍ତ ହେବା ଉଚିତ ନୁହେଁ। ଏବେ ସେ ୨୦ ବର୍ଷରେ ପାଦର୍ପଣ କରିଛନ୍ତି। ତାଙ୍କ ହାତରେ ବହୁତ ବର୍ଷ ରହିଛି। ଆଗକୁ ସେ କେତୋଟି ବିଶ୍ୱକପ୍ ଖେଳିପାରିବେ ବୋଲି ଗାଙ୍ଗୁଲି କହିଛନ୍ତି। ୩ଜଣ ଫ୍ରଣ୍ଟଲାଇନ ଦ୍ରୁତ ବୋଲରଙ୍କୁ ନେଇ ଭାରତ ଏହି ମେଗା ଇଭେଣ୍ଟରେ ଭଲ ଖେଳିବ କି ପ୍ରଶ୍ନ ହେବାରୁ ଗାଙ୍ଗୁଲି ୭ ନମ୍ବରରେ ଜଣେ ଅଲରାଣ୍ଡରର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି ସ୍ଥାନ ପାଇଁ ପାଣ୍ଡ୍ୟା ହେଉଛନ୍ତି ପ୍ରଥମ ପସନ୍ଦ। ଯଦି ସେ ଆହତ ହୁଅନ୍ତି ତାହାଲେ ରବୀନ୍ଦ୍ର ଜାଡେଜା ଅଛନ୍ତି। ତେବେ ଯଦି କୌଣସି ଦ୍ରୁତ ବୋଲର ଆହତ ହୁଅନ୍ତି ତେବେ ୧୦ ଘଣ୍ଟା ମଧ୍ୟରେ ବଦଳ ଖେଳାଳି ଇଂଲଣ୍ଡରେ ପହଞ୍ଚି ପାରିବ ବୋଲି ସେ କହିଥିଲେ।

ସବୁ ଦଳ ପ୍ରତ୍ୟେକ ଦଳ ସହ ଲିଗ୍ ପର୍ଯ୍ୟାୟରେ ଖେଳିବାର ସୁଯୋଗ ହାସଲ କରିବେ। ତେଣୁ ବିଶ୍ୱକପ୍ ଏଥର ବେଶ୍ ରୋମାଞ୍ଚକ ତଥା ସଂଘର୍ଷପୂର୍ଣ୍ଣ ହେବ। ଶେଷଥରପାଇଁ୧୯୯୨ରେଏହିଫର୍ମାଟରେ ବିଶ୍ୱକପ୍ ଖେଳାଯାଇଥିଲା। ଯେଉଁଥିରେ ସବୁଦଳ ପରସ୍ପରକୁ ଭେଟିଥିଲେ। ଏଥର କୌଣସି ଦଳ ଦୁର୍ବଳ ନୁହଁ ଓ କାହାକୁ ହେୟ ମନେ କରିହେବ ନାହିଁ। ୱେଷ୍ଟଇଣ୍ଡିଜ ବେଶ୍ ଶକ୍ତିଶାଳୀ ମନେହେଉଛି। ଅଷ୍ଟ୍ରେଲିଆ ମଧ୍ୟ ଲୟକୁ ଫେରିବାରେ ସକ୍ଷମ ହୋଇଛି। ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟ ବେଶ୍ ଦୃଢ ମନେହେଉଛନ୍ତି। ପୁଣି ଇଂଲଣ୍ଡରେ ପାକିସ୍ତାନ ମଧ୍ୟ ଭଲ ଖେଳିଥାଏ। ସ୍ପିନର କୁଲଦୀପ ଯାଦବଙ୍କ ଫର୍ମରେ ଅବନତି ହେବାକୁ ବେଶି ଗୁରୁତ୍ୱ ଦେବା ଉଚିତ୍ ନୁହଁ। ସେ ଖୁବ୍‌ଶୀଘ୍ର ଫର୍ମକୁ ଫେରିବେ ବୋଲି ଗାଙ୍ଗୁଲି କହିଛନ୍ତି। ଇଡେନ ଗାର୍ଡେନରେ ସବୁ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥାନ୍ତି। ସ୍ପିନରମାନେ ଖାସ୍ କରି ବେଶ୍ ରନ ବ୍ୟୟ କରିଥାନ୍ତି। କୁଲଦୀପଙ୍କ ପାଖରେ ପ୍ରତିଭା ରହିଛି। ସେ ଦୃଢ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଗାଙ୍ଗୁଲି କହିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସର ଉପଦେଷ୍ଟା ରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି। ଦିଲ୍ଲୀ ଏବେ ଭଲ ପ୍ରଦର୍ଶନ କରୁଛି। ଖେଳାଳିମାନେ ମଧ୍ୟ ଭଲ ପ୍ରଦର୍ଶନରେ ଉନ୍ନତି ଆଣିବା ସହ କେତୋଟି ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଅଭିଜ୍ଞ ଓପନର ଶିଖର ଧାୱନ, କାଗିସୋ ରାବାଡ଼ା, ଋଷଭ ପନ୍ତ ଓ ଯୁବ ଅଧିନାୟକ ଶ୍ରେୟାସ ଆୟାରଙ୍କୁ ଗାଙ୍ଗୁଲି ପ୍ରଶଂସା କରିଛନ୍ତି। ଇଶାନ୍ତ ଶର୍ମା ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଆଇପିଏଲ୍‌ରେ ଦିଲ୍ଲୀ ଆଗକୁ ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

**ଆଇସିସି ବିଶ୍ୱକପ**
**ଆଉ ୨୮ ଦିନ**

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ମଧୁସୂଦନ ପାଣିଗ୍ରାହୀ**
ଆକାଶବାଣୀର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ତଥା ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନର ପ୍ରତିଷ୍ଠାତା
୦୯.୦୬.୧୯୨୪ ଶୀତଳ ଷଷ୍ଠୀ
୧୨.୦୪.୨୦୧୮ ବୈଶାଖ କୃଷ୍ଣ ଦ୍ୱାଦଶୀ
ଆପଣଙ୍କ ଆଶୀର୍ବାଦ ଭିକ୍ଷାର୍ଥୀ :
ଧର୍ମପତ୍ନୀ- ମାୟା ପାଣିଗ୍ରାହୀ ଓ ପରିବାର ବର୍ଗ ଏବଂ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ୍‌ର ସମସ୍ତ ସଦସ୍ୟ ତଥା କୁମାର ପୁନେଇଁ ଜହ୍ନଲୋ ର ସମସ୍ତ କର୍ମକର୍ତ୍ତା।
**M.: 9437076161**

D-12422

ସପ୍ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରମୋଦ କୁମାର କର**
ଆବିର୍ଭାବ : ୦୩/୦୨/୧୯୪୪
ତିରୋଧାନ : ୧୯/୦୪/୨୦୧୨
ତୁମର ପବିତ୍ର ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ ପରିବାର ବର୍ଗ ଓ ବନ୍ଧୁବାନ୍ଧବ।**

D-66449



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



Reliance Fresh
Reliance SMART
Reliance Growth is Life
@RelianceFreshOfficial
@RelianceFreshIN
@RelianceFreshOfficial
@RelianceSMARTIndia
@RelianceSMARTIN
@RelianceSMART_Official
BUY ONE GET ONE
MIN. 25% OFF
BUY TWO GET ONE
ଦ ବିଗ୍ ଜ୍ୟାକ୍‌ପଟ୍ ସେଲ୍
ମାତ୍ର 5 ଦିନ
1 - 5 ମଇ
ସଞ୍ଚୟ ଏମିତି ଜ୍ୟାକ୍‌ପଟ୍ ଯେମିତି
Now discover Great Offers on your mobile: Step 1: Say "OK Google" Step 2: Say "Talk to Reliance Fresh"
ଖୋଲା ଚିନି 1 kg
ବଜାର ମୂଲ୍ୟ ₹39.50
ଆମ ମୂଲ୍ୟ ₹37.50
ଆଶୀର୍ବାଦ୍ ଅଟା 5 kg
MRP ₹190 ସଞ୍ଚନ୍ତୁ ₹25
ଆମ ମୂଲ୍ୟ ₹165
ଖୋଲା ହରଡ଼ ଡାଲି ଭାଲ୍ୟୁ 1 kg
ବଜାର ମୂଲ୍ୟ ₹83
ଆମ ମୂଲ୍ୟ ₹81
ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ 500 g
MRP ₹461 SAVE ₹102
ଆମ ମୂଲ୍ୟ ₹359
ଏଚ୍ଏମ୍‌ଟି କୋଲମ୍ ରାଇସ୍ 10 kg
MRP ₹550 ସଞ୍ଚନ୍ତୁ ₹101
HMT Kolam
ଆମ ମୂଲ୍ୟ ₹449
ଡବଲ୍ ହିରନ୍ ସୋରିଷ ତେଲ 1 ℓ
MRP ₹123 ସଞ୍ଚନ୍ତୁ ₹24
ଆମ ମୂଲ୍ୟ ₹99
ରିଲାଏନ୍ସ ସିଲେକ୍ଟ ବେସନ / ସୁଜି / ମଇଦା 500 g / 1 kg
MRP ₹40 ତେଣିକ
BUY1 GET1
ଓମ୍‌ଫେଡ୍ ଘିଅ 1 ℓ
MRP ₹515 ସଞ୍ଚନ୍ତୁ ₹42
ଆମ ମୂଲ୍ୟ ₹473
କୋହିନୂର୍ ରୋଜାନା ବାସମତୀ ଚାଉଳ 5 kg + ସନ୍‌ରିଚ୍ ସନ୍‌ଫ୍ଲାୱାର୍ ତେଲ 5 ℓ
ସମଷ୍ଟିଗତ MRP ₹1010 ₹699 SAVE ₹311
ବ୍ଲେଣ୍ଡେଡ୍ ସ୍ପାଇସେସ୍ (ପୂରା ବର୍ଗମାଳା) ଚିଲି / ଟର୍ମରିକ୍ / କୋରିଆଣ୍ଡର ପାଉଡ଼ର 500 g
BUY ANY2 GET ANY1
ବଟର୍, ପନୀର୍, ଚୀଜ୍, କପ୍ କର୍ଡ, ମାର୍ଗାରିନ୍, ଫ୍ଲେଭର୍ଡ ମିଲ୍କ, ଆଇସ୍ କ୍ରୀମ୍, ଯୋଗହଟ, କେକ୍ ଆଣ୍ଡ ରସ୍କ (ବଛା ବଛା ବ୍ରାଣ୍ଡ ଓ ପ୍ରକାର)
ସର୍ବନିମ୍ନ 25% ରୁ 50% ଛାଡ଼
ମାକ୍‌କେନ୍ / ସଫଲ୍ / ସୁମେରୁ (ବଛା ବଛା ପ୍ରକାର)
MRP ₹85 ତେଣିକ
BUY ANY2 GET ANY1
ବିସ୍କିଟ୍‌ସ୍ ପ୍ୟାକ୍ ଲାର୍ଜ (ବଛା ବଛା ପ୍ରକାର)
MRP ପ୍ରତ୍ୟେକ ସକାଶେ ₹60 ତେଣିକ
BUY ANY2 GET ANY1
ହଳଦିରାମ ଭୁଜିଆ 200 g
MRP ₹65 ତେଣିକ
BUY2 GET1
ଚକୋଲେଟ ହୋମ୍ ପ୍ୟାକ୍ 132 g ତେଣିକ (ବଛା ବଛା ପ୍ରକାର)
MRP ପ୍ରତ୍ୟେକ ସକାଶେ ₹ 90 ତେଣିକ
BUY ANY2 GET ANY1
ଟାଟା ଗୋଲ୍ଡ ଲୀଫ୍ ଟୀ 500 g
MRP ₹216 ଆମ ମୂଲ୍ୟ ₹166
ସଞ୍ଚନ୍ତୁ ₹50
କେଲୋଗ୍‌ସ କର୍ଣ୍ଣ ଫ୍ଲେକ୍ସ 290 g / ଚକୋ ଫିଲ୍‌ସ ପ୍ୟାକ୍ 180 g / ମୁଏସ୍‌ଲୀ ଫ୍ରୁଟ୍ ଆଣ୍ଡ ନଟ୍ 160 g
MRP ₹99 ପ୍ରତ୍ୟେକ
BUY ANY2 GET ANY1
ଷ୍ଟାଣ୍ଡାର୍ଡ ହର୍ଲିକ୍ସ 1 kg
MRP ₹399 ଆମ ମୂଲ୍ୟ ₹334
ସଞ୍ଚନ୍ତୁ ₹65
ଟ୍ରପିକାନା / ବି ନାଚୁରାଲ୍ କେଆର୍ ଜୁସ୍ 1 ℓ (ବଛା ବଛା ପ୍ରକାର)
MRP ₹99 ପ୍ରତ୍ୟେକ
BUY ANY2 GET ANY1
ଥମ୍‌ସଅପ୍ / ଲିମ୍‌କା / ଫାଣ୍ଟା / ସ୍ପ୍ରାଇଟ୍ / କୋକା-କୋଲା 600 ml / 750 ml
MRP ପ୍ରତ୍ୟେକ ସକାଶେ ₹37 ତେଣିକ
BUY ANY3 GET ANY1
ଡଭ୍ ପିଙ୍କ୍ ସୋପ୍ 100 g x 3 ୟୁନିଟ / ପେଅରସ ପ୍ୟୋର୍ ଆଣ୍ଡ ଜେଣ୍ଟଲ୍ ସୋପ୍ 125 g x 3 ୟୁନିଟ (ମଲ୍‌ଟି ପ୍ୟାକ୍)
MRP ₹164 ତେଣିକ ଆମ ମୂଲ୍ୟ ₹114 ତେଣିକ
ସଞ୍ଚନ୍ତୁ ₹50
(କିଟେକ୍ ପ୍ୟାକ୍‌ରେ)
ଡଭ୍ / ହେଡ୍ ଆଣ୍ଡ ଶୋଲ୍ଡର୍‌ସ ଶାମ୍ପୁ / କ୍ଲିନିକ୍ ପ୍ଲସ୍ / ସନ୍‌ସିଲ୍କ / ପାଣ୍ଟିନ୍ ଶାମ୍ପୁ 650 ml ତେଣିକି (ବଛା ବଛା ପ୍ରକାର)
MRP ₹325 ତେଣିକି
BUY ANY1 GET ANY1
ଡ୍ରିଓ 120 ml ତେଣିକି ଏନ୍‌ଗେଜ୍ / ନିଭିଆ / HE / ରେକ୍‌ସୋନା / କାମସୂତ୍ର (ବଛା ବଛା ପ୍ରକାର)
MRP ₹190 ତେଣିକ
BUY ANY1 GET ANY1
ବେବି ପ୍ୟାଣ୍ଟ୍‌ସ (ମାମି ପୋକୋ / ପ୍ୟାମ୍ପର୍ସ) (S / M / L / XL)
MRP ₹999 ତେଣିକ ଆମ ମୂଲ୍ୟ ₹649 ତେଣିକ
ସଞ୍ଚନ୍ତୁ ₹350
ସାନିଟାରୀ ପ୍ୟାଡ୍‌ସ (ହ୍ୱିସ୍‌ପର୍ / ଷ୍ଟେଫ୍ରୀ / ସୋଫୀ) (ବଛା ବଛା ପ୍ରକାର)
MRP ପ୍ରତ୍ୟେକ ସକାଶେ ₹387 ତେଣିକ
BUY ANY2 GET ANY1
ସର୍ଫ ଏକ୍ସେଲ୍ ମ୍ୟାଟିକ୍ 4 kg + 2 kg ମାଗଣା* (ଟପ୍ / ଫ୍ରଣ୍ଟ ଲୋଡ୍)
MRP ₹940 ତେଣିକ ଆମ ମୂଲ୍ୟ ₹750 ତେଣିକ
ସଞ୍ଚନ୍ତୁ ₹190
*2 kg ଇନ୍‌ସାଇଡ୍ ପ୍ୟାକ୍
ହାର୍ପିକ୍ ଟୟଲେଟ୍ କ୍ଲିନର୍ / ଲାଇଜଲ୍ ଫ୍ଲୋର୍ କ୍ଲିନର୍ 500 ml x 3 ୟୁନିଟ (ବଛା ବଛା ପ୍ରକାର)
MRP ₹246 ତେଣିକ ଆମ ମୂଲ୍ୟ ₹185 ତେଣିକ
ସଞ୍ଚନ୍ତୁ ₹61* ତେଣିକ
ମାଷ୍ଟର୍ କୁକ୍ ମାଲ୍‌ଟା ରାଉଣ୍ଡ କଣ୍ଟେନର (3 ୟୁନିଟ)
MRP ₹125 ସଞ୍ଚନ୍ତୁ ₹76
ଆମ ମୂଲ୍ୟ ₹49
ଡୁରୋଡାଇନ୍ ସେଟ୍ (6 ଟିର ସେଟ୍)
MRP ₹299 ସଞ୍ଚନ୍ତୁ ₹100
ଆମ ମୂଲ୍ୟ ₹199
ଫେଷ୍ଟିଭା 100% କଟନ୍ ଡବଲ୍ ବେଡ୍ ଶୀଟ୍ ସାଙ୍ଗକୁ 2 ତକିଆ ଖୋଲ
MRP ₹1499
BUY1 GET2
ସୂର୍ଯ୍ୟ ଫ୍ଲେମ୍ ଷ୍ଟେନ୍‌ଲେସ୍ ଷ୍ଟିଲ 2 ବର୍ନର୍ ଗ୍ୟାସ ଷ୍ଟୋଭ
MRP ₹1995 ସଞ୍ଚନ୍ତୁ ₹1096
ଆମ ମୂଲ୍ୟ ₹899
ଆପଣଙ୍କୁ ଯଦି କିଛି ଶସ୍ତାରେ ମିଳେ, ଆମେ ଦେଉ
ସବୁଠୁ କମ ମୂଲ୍ୟ ଗ୍ୟାରଣ୍ଟି*
ପାର୍ଥକ୍ୟର ଦୁଇଗୁଣ*
Pay using Google Pay and get upto
G Pay ₹100*
*T&C Apply: For more details please check the Google Pay app.
MobiKwik SAVE 15%
10% Cashback freecharge
T&C Apply: Offer valid on minimum bill of ₹250 Maximum cashback upto ₹50, Valid on 1st & 3rd transaction
Paytm CASHBACK 300 Cashback
on Movie Bookings on 1st payment
on 3rd & on 6th transaction
T&C Apply. Offer valid on min payment of ₹499. Valid till 31st May 2019
HDFC BANK We understand your world
5% INSTANT DISCOUNT
On Min. Shopping of ₹2,500 Max. Discount upto ₹750
with HDFC Bank Debit & Credit Cards
Valid till 5th May 2019
ଡାଏଲ୍ କରନ୍ତୁ ନିଃଶୁଳ୍କ ନମ୍ବର 1800-103-2022 ପାଖ ରିଲାଏନ୍ସ ଫ୍ରେଶ୍ ଷ୍ଟୋର୍‌ସ ଠିକଣା ଜାଣିବାକୁ । ଭୁବନେଶ୍ୱର – ମାଷ୍ଟର୍ କ୍ୟାଣ୍ଟିନ, ରେଳ ଷ୍ଟେସନ ପାଖରେ. • ଏନ୍‌ଏଚ୍-5, ଇସ୍କନ୍ ମନ୍ଦିର ସାମ୍ନାରେ । ଷ୍ଟୋର୍ ସମୟ : ସପ୍ତାହର 7 ଦିନ ଖୋଲା ସକାଳ 08.00 ରୁ ରାତି 10.00 ସର୍ବାଧିକ ଲାଗୁ ହେବ । ମାଲ୍ ଥିବା ଯାଏଁ ଅଫର୍ ବୈଧ । ବିନା ସୂଚନାରେ ଅଫର୍‌ସବୁ ବଦଳାଯାଇ ପାରେ । ଉତ୍ପାଦଙ୍କ ପ୍ରଦର୍ଶିତ ଚିତ୍ର / ଫଟଗୁଡ଼ିକ କେବଳ ନିର୍ଦ୍ଦେଶକ ରୂପେ ଦିଆଯାଇଛି । ସମସ୍ତ ଉତ୍ପାଦଙ୍କ ସ.ଖା. ମୂଲ୍ୟରେ ସବୁ କର ମିଶିଛି । **ସବୁଠୁ କମ୍ ଦାମ୍‌ର ଗ୍ୟାରେଣ୍ଟୀ କେବଳ ଷ୍ଟୋର୍‌ରେ ବିଜ୍ଞାପିତ ଅଫର୍ ସକାଶେ ବୈଧ । କିଣିବା ଆଗରୁ ଦୟାକରି ସର୍ତ୍ତ ଓ ନିୟମାବଳୀକୁ ପଢ଼ନ୍ତୁ । ଯାବତୀୟ ତଟକା ଉତ୍ପାଦ: ଫଳ ଓ ପନିପରିବା, ଡେୟରୀ ଉତ୍ପାଦ, ଖୋଲା ଡେଲୀରାତି ଜିନିଷ, ବେକରୀ ସକାଶେ ବୈଧ ନୁହେଁ ।

**ସଂକ୍ଷେପରେ**

## ଫନୀକୁ ନେଇ ଜନସାଧାରଣ ଆତଙ୍କିତ

**ଧର୍ମଶାଳା,୩୦।୪(ଡି.ଏନ୍.ଏ.):** ରାଜ୍ୟରେ ସାମୁଦ୍ରିକ ବାତ୍ୟା ଫନୀ ପ୍ରଭାବରେ ପ୍ରବଳ ବର୍ଷା ସହ ଘଣ୍ଟାକୁ ୧୭୫ରୁ ୧୮୫ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ଏଥିସହ ପୁରୀ, କେନ୍ଦ୍ରାପଡା, ଯାଜପୁର ଓ ଭଦ୍ରକ ଦେଇ ଫନୀ ପଶ୍ଚିମବଙ୍ଗ ଆଡକୁ ଗତି କରିବ ବୋଲି ପାଣିପାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ନେଇ ଧର୍ମଶାଳା ବ୍ଲକ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଫନୀକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାପାଳଙ୍କୁ ସଜାଗ ରହିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଧର୍ମଶାଳା ବ୍ଲକରେ ପ୍ରଶାସନ ପ୍ରସ୍ତୁତି ନେଇ ଧର୍ମଶାଳା ବିଡିଓ ହେମନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ମଙ୍ଗଳବାର ଅପରାହ୍ନ ୪ଟା ସୁଦ୍ଧା ନିର୍ବାଚନ ପରିଚାଳନା କାର୍ଯ୍ୟ ଶେଷ ହୋଇଛି। ବୁଧବାର ଫନୀ ବାତ୍ୟା ନେଇ ଥଇଥାନ, ରିଲିଫ ସାମଗ୍ରୀ ମହଜୁଦ, ବାତ୍ୟା ଆଶ୍ରୟସ୍ଥଳୀ ଏବଂ ସଚେତନତା ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

# 'ନିରପେକ୍ଷ ନିର୍ବାଚନ ଧର୍ମଙ୍କୁ ଆଖିଠାର'

### ଜିଲା ପ୍ରଶାସନକୁ ଦାୟୀ କଲେ ଭାଜପା ସଭାପତି

ଯାଜପୁର ଟାଉନ,୩୦।୪(ଡି.ଏନ୍.ଏ.)

ଯାଜପୁର ନିର୍ବାଚନମଣ୍ଡଳୀରେ ଅବାଧ ଓ ନିରପେକ୍ଷ ନିର୍ବାଚନ ନାରା କେବଳ ଧର୍ମଙ୍କୁ ଆଖି ଠାର ବୋଲି ଭାଜପା ଜିଲା ସଭାପତି ଗୌତମ ରାୟ ମତ ପ୍ରକାଶ କରିଛନ୍ତି। ଶାସକ ଦଳକୁ ଜିତାଇବା ପାଇଁ ଜିଲା ପ୍ରଶାସନ ପରୋକ୍ଷ ଭାବେ ସାହାଯ୍ୟ କରିଛନ୍ତି ବୋଲି ରାୟ ଅଭିଯୋଗ କରିଛନ୍ତି। ଯାଜପୁର ଜିଲା ପ୍ରଶାସନ ଦୀର୍ଘଦିନହେଲା ଚଳିତ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଶୃଙ୍ଖଳିତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ପ୍ରୟାସ କରିଥିଲେ। ମାତ୍ର ନିର୍ବାଚନ ସମୟରେ ଯାଜପୁର ନିର୍ବାଚନମଣ୍ଡଳୀରେ ଶାସକଦଳକୁ ବିଜୟ କରିବା ପାଇଁ ବିଭିନ୍ନ ସ୍ଥାନଗୁଡ଼ିକରେ ଫଲ୍ସ ଭୋଟିଂ, ବୁଥ୍ କ୍ୟାପଚରିଂ ଆଦି କରାଯାଇଥିଲା। ଭାଜପା ଏହାକୁ ବିରୋଧ କରି ଜିଲାପାଳଙ୍କୁ ଭୋଟ୍ ଦିନ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ପୂର୍ବରୁ ଭାଜପା ପକ୍ଷରୁ ଯାଜପୁର ପୌରାଞ୍ଚଳ, ଯାଜପୁର ବ୍ଲକର କେତେକ ବୁଥ, ଦଶରଥପୁର ବ୍ଲକର ଅନେକ ବୁଥ ସମ୍ବେଦନଶୀଳ ବୁଥ ବୋଲି ଜିଲାପାଳଙ୍କ ନିକଟରେ ଲିଖିତ ଆକାରରେ ପ୍ରଦାନ କରିଥିଲେ ମଧ୍ୟ ସେହି ସବୁ ବୁଥକୁ ଜିଲାପାଳ ନଜର ଅଢୁଆରେ ରଖି କୌଣସି ପୋଲିସ କିମ୍ବା କୌଣସି ପ୍ରତିଷେଧକ ବ୍ୟବସ୍ଥା କରି ନ ଥିଲେ ବରଂ ଏହିସବୁ ବୁଥରେ ହୋମଗାର୍ଡଙ୍କୁ ଜଗିବା ପାଇଁ ନିୟୋଜିତ କରିଥିଲେ। ଫଳରେ ଶାସକ ଦଳର କର୍ମୀମାନେ ଜୋରଜବରଦସ୍ତ ବିଜେଡି ସପକ୍ଷରେ ଭୋଟ କରାଇପାରିଥିଲେ। ଯାଜପୁର ନିର୍ବାଚନମଣ୍ଡଳୀର ଦଶରଥପୁର ବ୍ଲକ ଅନ୍ତର୍ଗତ ବିରଜାପୁର ପଞ୍ଚାୟତରେ ବୁଥ୍ ନଂ ୧୬୨ ଓ ୧୬୩ ଏବଂ ଚିତାଲୋ ପଞ୍ଚାୟତର ଝାଡଙ୍ଗା ବୁଥ ନଂ ୧୪୯, ଖଇରାବାଦ୍ ଗ୍ରାମପଞ୍ଚାୟତ ଅଡ଼ଙ୍ଗ ବୁଥ, ତଳିହା ଗ୍ରାମପଞ୍ଚାୟତର ବିନ୍ଧାନନ୍ଦିପୁର, ଯାଜପୁର ବ୍ଲକ ଯାହାନପୁର ପଞ୍ଚାୟତର ବାଲିଆମୁଣ୍ଡୁଳିରେ ଶାସକ ଦଳର କର୍ମୀମାନେ ର୍‌ୟାଗିଂ କରିଥିଲେ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ଯାଜପୁର ନିର୍ବାଚନମଣ୍ଡଳୀରେ ଅନେକ ମତଦାତା ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ଏହି ମହାପର୍ବରେ ସାବ୍ୟସ୍ତ କରିପାରି ନ ଥିଲେ। ପ୍ରଶାସନ ଦୃଷ୍ଟିରେ ରହିଥିବା ସମ୍ବେଦନଶୀଳ ବୁଥଗୁଡିକରେ ରାଷ୍ଟ୍ରୀୟ ସୁରକ୍ଷା ବଳଙ୍କ ଠାରୁ ଆରମ୍ଭ କରି ସଶସ୍ତ୍ର ପୋଲିସ ବାହିନୀ ନିୟୋଜିତ କରାଯାଇଛି। କିନ୍ତୁ ଯେଉଁ ଗୁଡିକ ଶାନ୍ତିପୂର୍ଣ୍ଣ ବୁଥ ଭାବେ ପ୍ରଶାସନ ବିବେଚନା କରିଛି ସେଠାରେ କିନ୍ତୁ ଅଧିକ ବୁଥ ଦଖଲ ବା ର୍‌ୟାଗିଂ ହୋଇଥିବା ଅଭିଯୋଗ ହୋଇଛି। ଚଳିତ ନିର୍ବାଚନରେ ଶାସକ ଦଳ ବିପକ୍ଷରେ ଜନମତ ରହିଥିବାବେଳେ ତାର ପ୍ରତିଫଳନ ଏହି ନିର୍ବାଚନରେ ଦେଖିବାକୁ ମିଳିଥାନ୍ତା। ମାତ୍ର ମତଦାତାମାନେ ସେ ସୁଯୋଗ ପାଇପାରିଲେ ନାହିଁ। ଖୁବ୍ କମ୍ ସ୍ଥାନରେ ପ୍ରାଥମିକ ଭାବେ ଶୃଙ୍ଖଳିତ ଓ ନିରପେକ୍ଷ ନିର୍ବାଚନ ହୋଇଥିବା ବେଳେ ପୂର୍ବାହ୍ନ ୧୦ଟା ପରେ ପରେ ଜୋର ଜବରଦସ୍ତ ହେଉ କି ବୁଝାମଣା ଭିତ୍ତିରେ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରାଯାଇଥିଲା। ଏପରିକି ପ୍ରତିପକ୍ଷ ଏଜେଣ୍ଟମାନେ ବହୁ ସ୍ଥାନରେ ପ୍ରତିବାଦ କରିବାକୁ ସୁଯୋଗ ପାଇପାରିନଥିବା ବେଳେ ଆଉ କିଛି ସ୍ଥାନରେ ପ୍ରଭାବଶାଳୀ ପ୍ରାର୍ଥୀଙ୍କ ବିରୋଧରେ ଲଢୁଥିବା ଦଳର ଏଜେଣ୍ଟମାନଙ୍କୁ ବିଦା କରିଦେଇଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ଅଧିକାଂଶ ସ୍ଥାନରେ ଭୋଟରଙ୍କୁ ପ୍ରଭାବିତ କରି ବା ଡରେଇ ଧମକେଇ ଭୋଟ ସଂଗ୍ରହ ମଧ୍ୟ କରାଯାଇଥିଲା ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏଅଭିଯୋଗ ସମ୍ପର୍କରେ ଜିଲା ପ୍ରଶାସନ ପଦାଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରି ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଥାରେ ଖୋଷା କାନରେ ଫୁଲ**
**ଚାଲିଯାଉଥାଏ ଦୁଲଦୁଲ୍।**

ଢଙ୍ଗଛଟାରେ କିଛି ବ୍ୟକ୍ତି ଅନ୍ୟଆଗରେ ଦେଖେଇ ହୁଅନ୍ତି। ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ଅନ୍ୟଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ବେଶଭୂଷା ହୋଇ ଅନ୍ୟଆଗରେ ଛଇଛଟକି ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମୂଳରୁ ବାଞ୍ଝ**
**ପୁଅ ନାଁ ଦିଏ ଶୁଖୁଆ ଲାଞ୍ଜ।**

କିଛି ଆୟୋଜନ ବା ପ୍ରସ୍ତୁତି ନ ଥାଇ ପ୍ରତିଷ୍ଠାର ହିସାବ କିତାବ। ସାଧାରଣତଃ ଯାହାର ପିଲାପିଲି ହେଉ ନ ଥାଏ ତାକୁ ବାଞ୍ଝ କୁହାଯାଇଥାଏ। ପିଲାପିଲି ହେବାର ସମ୍ଭାବନା ନ ଥିବା ନାରୀ ପକ୍ଷେ ପୁଅର ନାଁ ରଖିବା ନେଇ ପରିକଳ୍ପନା କରିବାରେ କୌଣସି ଯଥାର୍ଥତା ନ ଥାଏ। କିଛି ନ ଥାଇ ବଡ଼ ବଡ଼ ସ୍ୱପ୍ନ ଦେଖିବା ଅମୂଳକ ବା ଅକାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

■ ବରୀ ନିର୍ବାଚନମଣ୍ଡଳୀରେ ଗଣ୍ଡଗୋଳ, ରିଗିଂ ଘଟଣା

# ସିସିଟିଭି ଆଧାରରେ ତଦନ୍ତ ପ୍ରକ୍ରିୟା ଆରମ୍ଭ

ବରୀ/ରତ୍ନଗିରି, ୩୦।୪(ସ୍ୱ.ପ୍ର./ଡି.ଏନ୍.ଏ)

ବରୀ ନିର୍ବାଚନମଣ୍ଡଳୀରେ ସୋମବାର ୪ର୍ଥ ପର୍ଯ୍ୟାୟ ମତଦାନ ବେଳେ କେତେଗୁଡ଼ିଏ ବୁଥ୍‌ରେ ଗଣ୍ଡଗୋଳ ଓ ରିଗିଂ ଘଟଣାର ମଙ୍ଗଳବାର ପୋଲିସ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି। ବୁଥ୍‌ରେ ପଶି ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀମାନେ ଭୋଟ ଦେଉଥିବାର ଏକ ଭାଇରାଲ ଭିଡ଼ିଓ ଏବଂ ସିସିଟିଭି ଆଧାରରେ ତଦନ୍ତ କରାଯାଉଥିବା ଜିଲା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ବୁଥ୍‌ରେ ରିଗିଂ ଫଳରେ ମତଦାନ ପ୍ରଭାବିତ ହୋଇଥିବାରୁ ସାନି ନର୍ବାଚନ ପାଇଁ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ଅଭିଯୋଗ କରିଥିଲେ। ବିଜେଡି ରାଜ୍ୟ ମୁଖ୍ୟପାତ୍ର ସୁଲତା ଦେଓ ମଧ୍ୟ ସୋମବାର ନିର୍ବାଚନମଣ୍ଡଳୀର ୧୨ଟି ବୁଥ୍‌ରେ ରିଗିଂ ଏବଂ ଗଣ୍ଡଗୋଳ ହୋଇଥିବା ନେଇ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ନିର୍ବାଚନ କମିଶନ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଜିଲାପାଳ ଓ ପ୍ରିଜାଇଡିଂ ଅଧିକାରୀଙ୍କ ରିପୋର୍ଟ ହସ୍ତଗତ ହେବା ପରେ ସାନି ନିର୍ବାଚନ ଉପରେ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ନିର୍ବାଚନ ଆୟୁକ୍ତ ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି।

ସାଧାରଣ ନିର୍ବାଚନକୁ ନେଇ ବରୀ ନିର୍ବାଚନମଣ୍ଡଳୀରେ ବେଶ୍ କିଛିଦିନ ହେବ ରାଜନୈତିକ ଉଷ୍ମତା ଲାଗି ରହିଥିଲା। ଯାହା ସୋମବାର ମତଦାନବେଳେ ଦେଖିବାକୁ ମଳିଥିଲା। ନିର୍ବାଚନମଣ୍ଡଳୀର କେତେକଗୁଡ଼ିଏ ସ୍ଥାନରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଥିବାବେଳେ ଅଧିକାଂଶ ସ୍ଥାନରେ ରିଗିଂ ଏବଂ ଗଣ୍ଡଗୋଳ ଭଳି ପରିସ୍ଥିତି ଦେଖାଦେଇଛି। ବିଶେଷକରି ନିର୍ବାଚନମଣ୍ଡଳୀର ରାମଚନ୍ଦ୍ରପୁରର ୧୫୮,୧୬୨,୧୬୩ ବୁଥ୍, ଅଳିପୁର ୧,୨, ଚନ୍ଦ୍ରଶେଖରପୁର ୧୬୪, ବରୀ ପଞ୍ଚାୟତ ହାଇସ୍କୁଲ ୧୬୫,୧୬୬, କୃପାସିନ୍ଧୁ ବିଦ୍ୟାଭବନ ବରୀ ୧୬୭, ବରୀ ଉର୍ଦ୍ଧ୍ୱ ୟୁଜିଏମି ସ୍କୁଲର ୧୬୮,୧୬୯,୧୭୦, ଉଦୟନାଥପୁର ପ୍ରକଳ୍ପ ବିଦ୍ୟାଳୟର ୧୮୧,୧୮୨ ବୁଥ୍‌ଗୁଡ଼ିକୁ ଭାଜପା ଜବର ଦଖଲ କରି ଭୋଟ ନେଇଥିବା ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ଅଭିଯୋଗ କରିଛନ୍ତି। ଏହାର ଏକ ଭିଡ଼ିଓ ଭାଇରାଲ ମଧ୍ୟ ହୋଇଛି । ଅପରପକ୍ଷେ ନିର୍ବାଚନମଣ୍ଡଳୀର ଗମ୍ଭୁ ପଞ୍ଚାୟତ ଅଧୀନ ବୁଥ୍ ନଂ ୨୦୨ ଏବଂ ୨୦୧ରେ କୌଣସି ଏକ କାରଣକୁ ନେଇ ବିଜେଡି ଓ ଭାଜପା କର୍ମୀ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ପରବର୍ତ୍ତୀ ସମୟରେ ଉଭୟ ଗୋଷ୍ଠୀ ପକ୍ଷରୁ ବୋମାମାଡ଼ ହୋଇଥିଲା। ଏ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଲାଗି ରହିଥିବାବେଳେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ସେହିପରି ବରୀ ପଞ୍ଚାୟତ ହାଇସ୍କୁଲରେ ମତଦାନବେଳେ ଏକ ନିର୍ଦ୍ଦିଷ୍ଟ ଦଳର କର୍ମୀମାନେ ବୁଥ୍ ରିଗିଂ କରିଥିଲେ। ଏହାକୁ ବରୀ ଗ୍ରାମର ଗଣେଶ୍ୱର ମୁଦୁଲି, ଚାଇନା ମୁଦୁଲି, ରତ୍ନାକର ରଣା, କିରମ ରଣା ବିରୋଧ କରିବାରୁ ଉକ୍ତ ଦଳର କର୍ମୀମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ସେମାନେ ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡିଛି।

# ୱେବ୍ କ୍ୟାମେରା ସଂଯୋଗ ବିଚ୍ଛିନ୍ନ କରି ବୁଥ୍ ରିଗିଂ ଅଭିଯୋଗ

ରସୁଲପୁର,୩୦।୪(ଡି.ଏନ୍.ଏ.)



ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁର ଗ୍ରାମର ୧୪୮ ନମ୍ବର ବୁଥ୍‌ରେ ସୋମବାର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ସମୟରେ ବିଜେଡି କର୍ମୀମାନେ ବୁଥ ରିଗିଂ କରିଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ସମ୍ବେଦନଶୀଳ ବୁଥ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଲଗାଯାଇଥିବା ୱେବ କ୍ୟାମେରାର ସଂଯୋଗକୁ ସକାଳୁ ବିଚ୍ଛିନ୍ନ କରିଦିଆଯିବା ପରେ ବୁଥକୁ ଜବରଦଖଲ କରାଯାଇଥିଲା ବୋଲି ଭାଜପା ମଙ୍ଗଳବାର ଅଭିଯୋଗ ଆଣିଛି।

ଭାଜପା କର୍ମୀଙ୍କ ଅଭିଯୋଗ ଅନୁସାରେ ମିର୍ଜାପୁର ଗ୍ରାମର ୧୪୮ ନମ୍ବର ମତଦାନ କେନ୍ଦ୍ରକୁ ଏକ ସମ୍ବେଦନଶୀଳ ବୁଥ୍ ଘୋଷଣା କରାଯାଇଥିଲା। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ ବୁଥରେ ହେଉଥିବା ମତଦାନ ନୀରିକ୍ଷଣ କରିବା ପାଇଁ ଭୋଟ ପୂର୍ବଦିନ ସନ୍ଧ୍ୟାରେ ମତଦାନ ପ୍ରକୋଷ୍ଠରେ ୱେବ କ୍ୟାମେରା ସଂଯୋଗ କରାଯାଇଥିଲା। ବୁଥରେ ନିୟୋଜିତ ଭାଜପା ଏଜେଣ୍ଟମାନେ ୱେବ କ୍ୟାମେରା ଠିକ୍ ଅଛି କି ନାହିଁ ବୋଲି ପ୍ରିଜାଇଡିଂ ଅଫିସରଙ୍କୁ ପଚାରିଥିଲେ। ସମ୍ପୃକ୍ତ ଅଫିସର ସବୁ ଠିକ୍ ଅଛି ବୋଲି ମଧ୍ୟ କହିଥିଲେ। ଏହା ପରେ ସେଠାରେ ଉପସ୍ଥିତ ବିଜେଡି କର୍ମୀ ସେମାନଙ୍କୁ ଗାଳିଗୁଲଜ କରିବା ସହ ବାଡ଼େଇବା ପାଇଁ ଗୋଡ଼ାଇବାରୁ ସେମାନେ ଭୟରେ ବୁଥ ଛାଡ଼ି ପଳାଇଥିଲେ । ଭାଜପା ଏଜେଣ୍ଟ ଚାଲିଯିବା ପରେ ୱେବ କ୍ୟାମେରାର ସଂଯୋଗ ବିଚ୍ଛିନ୍ନ କରାଯାଇ ବୁଥ ରିଗିଂ ହୋଇଥିବା ଅଭିଯୋଗ ହୋଇଥିଲା। ତେବେ କେତେଜଣ ସଚେତନ ଯୁବକ ବୁଥରେ ହେଉଥିବା ଅନିୟମିତତାର

### ସନ୍ଦେହ ଘେରରେ ପୋଲିଂ କର୍ମଚାରୀଙ୍କ କାର୍ଯ୍ୟ

ଭିଡ଼ିଓ ରେକର୍ଡିଂ କରି ସୋସିଆଲ ମିଡିଆରେ ଭାଇରାଲ କରିଦେବା ପରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ସାଧାରଣ ଭୋଟରଙ୍କୁ ବିଜେଡି କର୍ମୀ ଇଭିଏମ୍ ମେଶିନ ପାଖକୁ ନେଇ ସେଠାରେ ଭୋଟରଙ୍କୁ ପ୍ରବର୍ତ୍ତାଉଥିବାର ଦୃଶ୍ୟ ଏବେ ଭାଇରାଲ ହୋଇଛି। ଏଭଳି ଅପରାଧିକ କାର୍ଯ୍ୟକୁ ପୋଲିଂ କର୍ମଚାରୀ ପ୍ରତିବାଦ କରୁ ନ ଥିବା ଲକ୍ଷ୍ୟ କରାଯାଇଥିଲା। ୱେବ୍ କାଷ୍ଟିଂ ବିବରଣୀରୁ ବିଞ୍ଝାରପୁରରେ ପୋଲିଂ ଅଧିକାରୀଙ୍କ ଉପରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମିର୍ଜାପୁରର ଭାଜପା କର୍ମୀଙ୍କ ସନ୍ଦେହ ଆହୁରି ଦୃଢ଼ୀଭୂତ ହୋଇଛି। ଏହି ବୁଥର ୱେବ୍ କାଷ୍ଟିଂ ବିଚ୍ଛିନ୍ନ କରାଯାଇଥିବା ଧାରଣା ଦୃଢ଼ୀଭୂତ ହୋଇଛି। ଅପରାହ୍ନରେ ପୁଣି ମତଦାନ କେନ୍ଦ୍ର ନିକଟରେ ଗଣ୍ଡଗୋଳ ଦେଖାଦେବାରୁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ରସୁଲପୁର ତହସିଲଦାର ପୋଲିସ ବଳ ନେଇ ବୁଥରେ ଜଗି ରହିଥିଲେ। ତେଣୁ ଆଉ ବୁଥ୍ ରିଗିଂ ହେବା ସମ୍ଭବ ହୋଇନଥିଲା ବୋଲି ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ବୁଥ ପରିସରରେ ଗଣ୍ଡଗୋଳକୁ କେନ୍ଦ୍ରକରି କୁଆଖିଆ ଥାନାରେ ୨ଗୋଷ୍ଠୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ମନୋରମା ବିଶ୍ୱାଳ, ମୋନାଲିସା ବିଶ୍ୱାଳ, ଜୟନ୍ତି ବିଶ୍ୱାଳ, ସୁପା ବିଶ୍ୱାଳଙ୍କ ଉପରେ ବିଜେଡି କର୍ମୀମାନେ ଆକ୍ରମଣ କରିଥିବାନେଇ ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ରାଧାମଣି ମଳିକ ଓ ତାଙ୍କ ପରିବାରକୁ ଉପରୋକ୍ତ ଅଭିଯୋଗକାରିଣୀଙ୍କ ସମ୍ପର୍କୀୟମାନେ ମାଡ଼ମାରିଥିବା ମଧ୍ୟ ପାଲଟା ଅଭିଯୋଗ ହୋଇଛି। ଏନେଇ ଥାନାରେ ଦୁଇଟି ମାମଲା କେସ୍ ନଂ-୧୧୮/୧୯ ଓ ୧୨୦/୧୯ରେ ରୁଜୁ କରାଯାଇଛି। ଅପରପକ୍ଷରେ ରସୁଲପୁର ପଞ୍ଚାୟତର ୧୫୪ନଂ ବୁଥ୍‌ରେ ଘଟିଥିବା ଗଣ୍ଡଗୋଳରେ ଆହତ ଯୁବକ ସୂର୍ଯ୍ୟକାନ୍ତ ବାରିକ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗ ଆଧାରରେ କୁଆଖିଆ ଥାନାରେ କେସ୍ ନଂ-୧୧୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

FINANCE FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

୧୯୮୨ଠାରୁ ଆପଣଙ୍କ ସେବାରେ
GLOBAL FINANCE PVT. LTD.
ପି.ଏମ୍.ଜନଧନ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଗ୍ରୁପ୍ ଋଣ ଓ ସବୁ ଋଣ ମାତ୍ର ୨୪ ଘଣ୍ଟାରେ
୨% ସୁଧ ଓ ୪୦% ଛାଡ଼
ଯେକୌଣସି କମ୍ପାନୀ, ବ୍ୟାଙ୍କରୁ ପ୍ରତାରିତ ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
7894704743
House No.2, Ram Nagar, Narnol, Haryana.

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେଶନ୍, ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ!!
07052133043
08419077960
Add : - 41/14, Sec.1, Pushp Vihar, Delhi

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449164136
9675859756

ASTROLOGY ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS BUSINESS

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

DHARITRI Career appointment Every Wednesday and Saturday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଈଶ୍ୱରଙ୍କ ଆଡ଼କୁ ମନ ଗଲେ, ଭାବର ଉଦୟ ହୁଏ। ଭାବ ଆସିଲେ ପ୍ରେମର ଉଦ୍ରେକ ହୁଏ।
- ଶ୍ରୀ ଚୈତନ୍ୟ ଦେବ



## ଆଜି କ'ଣ କେଉଁଠି

- ସୁକିନ୍ଦା ଲୋଡିଂ ଓ ଅନ୍‌ଲୋଡିଂ ଲେବର ୟୁନିୟନ ପକ୍ଷରୁ ଶ୍ରମିକ ଦିବସ ପାଳନ। **ସ୍ଥାନ:** ମାନପୁର ପ୍ଲଟ। **ସମୟ:** ପୂର୍ବାହ୍ନ ୯ଟା।
- ମେସ୍କୋ ଷ୍ଟିଲ ୱାର୍କର୍ସ ୟୁନିୟନ ପକ୍ଷରୁ ଶ୍ରମିକ ଦିବସ ପାଳନ। **ସ୍ଥାନ:**ଦାନଗଦୀ କାର୍ଯ୍ୟାଳୟ । **ସମୟ:** ପୂର୍ବାହ୍ନ ୧୦ଟା।
- ଯାଜପୁରରୋଡ ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ, **ସ୍ଥାନ:** ଗୋପବନ୍ଧୁ ଛକ, **ସମୟ:** ଅପରାହ୍ନ ୫ଟା।

## ସଂକ୍ଷେପରେ

### ପୋଲିଂ କର୍ମଚାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ

**ଯାଜପୁର ଅଫିସ/ସିଂହପୁର,୩୦ା୪:** ଯାଜପୁର ଜିଲା ସୁକିନ୍ଦା ନିର୍ବାଚନମଣ୍ଡଳୀର ୧୦ ନମ୍ବର ବୁଥରେ ପୋଲିଂ କର୍ମଚାରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିବା ପ୍ରକାଶ କୁମାର ଥାଟୋଇଙ୍କ ସୋମବାର ରାତିରେ ହୃଦଘାତରେ ମୃତ୍ୟୁ ହୋଇଛି। ଯାଜପୁର ଏନ୍‌ସି କଲେଜଠାରେ ନିର୍ବାଚନୀ ପରବର୍ତ୍ତି କାଗଜପତ୍ର, ଇଭିଏମ୍ ମେଶିନ ଇତ୍ୟାଦି ଫେରସ୍ତ ଦେଇ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଥାଟୋଇଙ୍କ ହୃଦ୍‌ଘାତଜନିତ ମୃତ୍ୟୁ ଘଟିଥିବା ଡାକ୍ତର ସୂଚନା ଦେଇଛନ୍ତି। ପୋଲିଂ ଅଫିସର ଥାଟୋଇ ସିଂହପୁର ଚିରସ୍ରୋତା କଲେଜର କନିଷ୍ଠ କିରାଣୀ ଭାବେ ନିୟୋଜିତ ଥିଲେ। ଏହି ଖବର ଜଣାପଡ଼ିବା ପରେ ଜିଲାପାଳ ରଞ୍ଜନ କୁମାର ଦାସ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ନିର୍ବାଚନ ନିୟମ ଅନୁସାରେ ସ୍ୱର୍ଗତ ଥାଟୋଇଙ୍କ ପରିବାର ବା ନିକଟ ସମ୍ପର୍କୀୟଙ୍କୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲାପାଳ ଦାସ ସୂଚନା ଦେଇଛନ୍ତି। ବିଞ୍ଝାରପୁର ତହସିଲଦାରଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଟଙ୍କା ଲୁଟ୍

**ବରୀ,୩୦ା୪(ସ୍ୱ.ପ୍ର.):** ବରୀ ଥାନା ଅଧୀନ ବାଲିଆ ପଞ୍ଚାୟତ କାର୍ଯ୍ୟାଳୟରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ କାର୍ଯ୍ୟାଳୟ ତାଲା ଭାଙ୍ଗି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଅଫିସ ଷ୍ଟାମ୍ପ ସହ ଟେବୁଲ ଡ୍ର'ରେ ଥିବା ସରପଞ୍ଚଙ୍କ ବ୍ୟକ୍ତିଗତ ୧ଲକ୍ଷ ୩ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ମଙ୍ଗଳବାର ସରପଞ୍ଚ ପ୍ରବୀର କୁମାର ଜେନା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲସ ଏକ ମାମଲା (୯୦/୧୯) ରୁଜୁ କରି ତଦନ୍ତ ଚଳାଇଛି।

### ଟିପ୍ପର ଧକ୍କାରେ ଯୁବତୀଙ୍କ ମୃତ୍ୟୁ

**କଳିଙ୍ଗନଗର, ୩୦ା୪(ଡି.ଏନ୍.ଏ.):** କଳିଙ୍ଗନଗର ଶିଳ୍ପାଞ୍ଚଳ ଚୋରଦା-ଡୁବୁରୀ ରାସ୍ତା ମିଲିଟାରୀ ଛକ ନିକଟରେ ମଙ୍ଗଳବାର ଟିପ୍ପର ଧକ୍କାରେ ମାଣତିରା ଗ୍ରାମର କ୍ରିଷ୍ଟାରାଣୀ ସିଂ(୨୨)ମୃତ୍ୟୁ ହୋଇଛି। ଦାନଗଦୀ ପୋଲିସ ଟିପ୍ପରକୁ ଜବତ କରି ତଦନ୍ତ ଚଳାଇଛି। କ୍ରିଷ୍ଟାରାଣୀ ସ୍କୁଟିରେ ସାନଭାଇ ସୂର୍ଯ୍ୟମଣୀଙ୍କ ସହ ଯାଜପୁର ରୋଡକୁ ଆସୁଥିଲେ। ମିଲିଟାରୀ ଛକ ନିକଟରେ ତାଙ୍କୁ (ଓଆର-୦୪୬୫) ଟିପ୍ପର ଧକ୍କା ଦେଇଥିଲେ। ଫଳରେ ଉଭୟ ଭାଇ-ଭଉଣୀ ତଳେ ଛିଟିକି ପଡି ଥିଲେ। ସ୍ଥାନୀୟଲୋକେ କ୍ରିଷ୍ଟାରାଣୀଙ୍କୁ ଦାନଗଦୀ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବ୍ୟାସନଗର ସ୍ୱୟଂଶାସିତ କଲେଜ

# ଅଧ୍ୟକ୍ଷଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

**ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଲେ ଉଚ୍ଚଶିକ୍ଷା ବିଭାଗର ସଚିବ**

ଯାଜପୁର ଅଫିସ,୩୦ା୪

ଯାଜପୁର ଜିଲାର ଅନ୍ୟତମ ମର୍ଯ୍ୟାଦାଜନକ ଶିକ୍ଷାନୁଷ୍ଠାନ ବ୍ୟାସନଗର ସ୍ୱୟଂ ଶାସିତ କଲେଜର ଜଣେ ଅଧ୍ୟାପିକା ଯୌନ ଉତ୍ପୀଡନ(ସେକ୍ସୁଆଲ ହାରାସମେଣ୍ଟ)ର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ମର୍ମରେ କାର୍ଯ୍ୟସ୍ଥଳରେ ସେକ୍ସୁଆଲ ହାରାସମେଣ୍ଟ(ପ୍ରିଭେନସନ, ପ୍ରୋହିବିସନ ଓ ରିଡ୍ରେସାଲ) ଆକ୍ଟ-୨୦୧୩ ଅନୁଯାୟୀ ଅଧ୍ୟାପିକା ଜଣକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ରାଜଶ୍ରୀ ମହାନ୍ତି ତାଙ୍କ ପତ୍ରସଂଖ୍ୟା ୯୪୧୧/୨୯ା୪ା୨୦୧୯ରେ ଯାଜପୁର ଜିଲାପାଳଙ୍କୁ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଲୋକାଲ କମ୍ପ୍ଲେନ କମିଟିରେ ସ୍ଥାନିତ କରିବାକୁ ଅନୁରୋଧ କରିଛନ୍ତି।

ଅଧ୍ୟାପିକା କରିଥିବା ଅଭିଯୋଗ ଅନୁଯାୟୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ହେମନ୍ତ କୁମାର ରାଉତ ତାଙ୍କ କ୍ଷମତାର ଅପବ୍ୟବହାର କରି ମାନସିକ ଓ ଶାରୀରିକ ଭାବେ ନିର୍ଯାତନା ଦେଉଛନ୍ତି। ଅଧ୍ୟକ୍ଷ ରାଉତ ତାଙ୍କ ପ୍ରତି ଖରାପ ଚିନ୍ତାଧାରା ରଖୁଛନ୍ତି। ରାଉତ ତାଙ୍କ ଅଫିସ ଚ୍ୟାମ୍ବରକୁ ବିନା କାରଣରେ ଅସାଧାରଣ ସମୟରେ ଡାକି ଦୀର୍ଘ ସମୟଧରି ତାଙ୍କ ସମ୍ମୁଖରେ ବସାଉଛନ୍ତି। ଏପରି କି ଏହି ସମୟରେ ବାଜେ କଥାବାର୍ତ୍ତା କରୁଛନ୍ତି। ଜଣେ ମହିଳା କର୍ମଚାରୀଙ୍କ ପ୍ରତି ନୈତିକତା ଓ ସୁସ୍ଥଚିନ୍ତା ଯେପରି ପାଳନ କରିବା କଥା ତାକୁ ସେ ଭୁଲି ଯାଇଛନ୍ତି। ଯେତେବେଳେ ଅଧ୍ୟାପିକା ଜଣକ କୌଣସି ଅଫିସ କାର୍ଯ୍ୟ, ସର୍ଭିସ ସମ୍ବନ୍ଧରେ କିମ୍ବା ଛୁଟି ଦରଖାସ୍ତ ନେଇ ଅଧ୍ୟକ୍ଷଙ୍କ ପାଖକୁ ଯାଉଛନ୍ତି ସେତେବେଳେ ସେ ଜାଣିଶୁଣି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବ୍ୟସ୍ତ ଅଛନ୍ତି ବୋଲି କହୁଛନ୍ତି ଏବଂ ଅପରାହ୍ନରେ ଆସ ବୋଲି କହୁଛନ୍ତି । ତାଙ୍କର ଏଭଳି ଇଙ୍ଗିତ ଅଧ୍ୟାପିକାଙ୍କୁ ଅସୁଖକର ଓ ମର୍ଯ୍ୟାଦା ହାନିକର ଭଳି ଲାଗୁଛି। ବେଳେବେଳେ ଅଧ୍ୟକ୍ଷ ତାଙ୍କ ମୋବାଇଲ ଫୋନରେ ଆପତ୍ତିଜନକ ଲେଖା/ଟିପ୍ପଣୀ/ଫଟୋ ପ୍ରଦର୍ଶନ କରୁଛନ୍ତି। ଏପରିକି ତାଙ୍କ କଥାରେ ନ ଚଳିଲେ ଅସୁବିଧାରେ ପକାଇବେ ବୋଲି ଧମକ ଦେଉଛନ୍ତି। ଗତ ୨୯ା୬ା୨୦୧୬ ତାରିଖରେ ଦେଢବର୍ଷ ରାଜ୍ୟ ସରକାରଙ୍କ ଅଧ୍ୟୟନ ଛୁଟି ପାଇଥିଲେ। ଏହି ସମୟରେ ରେଭେନ୍ସା କଲେଜରେ ପିଏଚ୍‌ଡି ଡିଗ୍ରୀ ଲାଭ କରିଥିଲେ। ଏହାପରେ ସେ ବରିଷ୍ଠ ଅଧ୍ୟାପିକା(ଲେକ୍ଚରର ଗ୍ରେଡ-ଏ)କୁ ଉନ୍ନୀତ ହୋଇଥିଲେ। କିନ୍ତୁ ସପ୍ତମ ପେ' କମିଶନ ଆଧାରରେ ଦରମା ପାଇବାକୁ ତାଙ୍କୁ ବଞ୍ଚିତ କରାଯାଇଥିଲା । ଯାହାକି ତାଙ୍କ ପାଇଁ ଏକ ବଡ କ୍ଷତି ହୋଇଥିଲା ବୋଲି ଅଧ୍ୟାପିକା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ସେ ଯେତେବେଳେ ପିଏଚ୍‌ଡି ଶିକ୍ଷା ପାଇଁ ବ୍ୟସ୍ତ ରହିଥିଲେ ସେତେବେଳେ କେତେକ ଛାତ୍ରୀଛାତ୍ରଙ୍କ ଜରିଆରେ ତାଙ୍କ ବିରୋଧରେ କେତେକ ଅଭିଯୋଗ ଅଣାଯାଇଥିଲା। ହେଲେ ସେହି ଅଭିଯୋଗ ପତ୍ର ସେ ମାଗିଥିଲେ ହେଁ ତାଙ୍କୁ ପ୍ରଦାନ କରାଯାଇ ନ ଥିଲା। ଏଭଳି ଭାବେ ବିଭିନ୍ନ ମାଧ୍ୟମରେ ତାଙ୍କୁ ଅଧ୍ୟକ୍ଷ ରାଉତ ହଇରାଣ ହରକତ କରୁଥିବା ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗ ଉପରେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା ୧୧୦୫୪/୨୭ା୭ା୨୦୧୭ରେ ମହିଳାଙ୍କ କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ଆଇନ ଆଧାରରେ ଏକ ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି ଗଠନ କରିବାକୁ କଲେଜର ଅଧ୍ୟକ୍ଷ ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ କଲେଜସ୍ତରରେ କୌଣସି ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି ଗଠନ ହୋଇ ପାରିନାହିଁ । ତେବେ କୌଣସି ନ୍ୟାୟ ନ ମିଳିବାରୁ ଅଧ୍ୟାପିକା ଜଣକ ନୀରବ ରହି ଆସିଛନ୍ତି । କିନ୍ତୁ ଏବେ ସହିବାର ସମସ୍ତ ସୀମା ଅତିକ୍ରମ କରିଛି। ଅଧ୍ୟକ୍ଷ ରାଉତ ତାଙ୍କ ପ୍ରତି ଆହୁରି ପୈଶାଚିକ ବ୍ୟବହାର କରୁଛନ୍ତି । ତେଣୁ ଅଧ୍ୟକ୍ଷଙ୍କ ବିରୋଧରେ ଆବଶ୍ୟକ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ତାଙ୍କୁ ନ୍ୟାୟ ଦେବାକୁ ଅଧ୍ୟାପିକା ତାଙ୍କ ଅଭିଯୋଗ ପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହି ଅଭିଯୋଗ ଉପରେ ଉଚ୍ଚଶିକ୍ଷା ବିଭାଗର ସଚିବ ଯାଜପୁର ଜିଲାପାଳଙ୍କୁ ଲୋକାଲ କମ୍ପ୍ଲେନ କମିଟିରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସଂକ୍ରାନ୍ତରେ ବ୍ୟାସନଗର ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ରାଉତଙ୍କୁ ପଚାରିବାରେ ସେ କହିଛନ୍ତି ଅଭିଯୋଗ ସଂକ୍ରାନ୍ତରେ ସେ କିଛି ଜାଣି ନାହାନ୍ତି । ତେବେ ଅଧ୍ୟାପିକା ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। ବରଂ କଲେଜର ଛାତ୍ରୀଛାତ୍ରମାନେ ଅଧ୍ୟାପିକାଙ୍କ ବିରୋଧରେ ପରୀକ୍ଷା ପରିଚାଳନାକୁ ନେଇ ଅଭିଯୋଗ କରିଥିଲେ। ତାପରେ ଛାତ୍ର ଅଭିଯୋଗ ପ୍ରକୋଷ୍ଠରେ ଅଧ୍ୟାପିକାଙ୍କୁ ଡକାଯାଇଥିଲା। ହେଲେ ଅଧ୍ୟାପିକା ଜଣକ ପ୍ରକୋଷ୍ଠରେ ଉପସ୍ଥିତ ରହିଲେ ନାହିଁ। ତେଣୁ ଏକ ବର୍ଷ ପାଇଁ ତାଙ୍କୁ କୌଣସି ପରୀକ୍ଷାରେ ଭାଗ ନେବାକୁ ସୁଯୋଗ ଦିଆଯାଉ ନାହିଁ। ଯେଉଥିପାଇଁ ସେ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ଅଭିଯୋଗ ଆଣୁଥିବା ସନ୍ଦେହ କରାଯାଉଛି ବୋଲି ଅଧ୍ୟକ୍ଷ ରାଉତ କହିଛନ୍ତି।

## ଧର୍ମଶାଳା ବିଧାନସଭା ପାଇଁ ୧ଲକ୍ଷ ୭୨ ହଜାର ମତଦାନ

ଧର୍ମଶାଳା,୩୦ା୪(ଡି.ଏନ୍.ଏ.)

ଧର୍ମଶାଳା ବିଧାନସଭା ଆସନ ପାଇଁ ସୋମବାର ୧୦ଟି ବୁଥ୍‌ରେ ରିଗିଂ ହୋଇଥିବା ଭାଜପା ପ୍ରାର୍ଥୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲେ ମଧ୍ୟ ନିର୍ବାଚନରେ ୭୬.୯୬ ହାରରେ ମତଦାନ ହୋଇଛି। ଏହି ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୨୪ ହଜାର୨୬୩ ଜଣ ମତଦାତାଙ୍କ ମଧ୍ୟରୁ ୮୯ହଜାର ୯୧୭ ପୁରୁଷ ଓ ୮୨ହଜାର ୬୭୧ ମହିଳାଙ୍କ ସମେତ ମୋଟ ୧ ଲକ୍ଷ ୭୨ ହଜାର ୫୮୮ ଜଣ ମତଦାନ କରିଥିବା ନୋଡାଲ ଅଧିକାରୀ ତଥା ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏଥିସହ କାଁଭାଁ କେତେକ ବୁଥ୍‌ରେ ଗଣ୍ଡଗୋଳ ପରିସ୍ଥିତି ହୋଇଛି। ତେବେ କୌଣସି ବୁଥ୍‌ରେ ପୁନଃ ମତଦାନ ହେବ ନାହିଁ ବୋଲି ସେ କହିଛନ୍ତି। ୨୦୧୪ରେ ଅନେକ ବୁଥ୍‌ରେ ରିଗିଂ କରାଯାଇଥିଲେ ମଧ୍ୟ ମତଦାନ ହାର ୮୧.୭୨ରେ ପହଞ୍ଚିଥିଲା। ମାତ୍ର ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ହେଉଥିବାରୁ ଅନେକ ବୁଥରେ ରିଗିଂ ହୋଇ ପାରିନାହିଁ। ଫଳରେ ଭୋଟ ହାର ଗତଥର ଅପେକ୍ଷା ୪.୭୬ ଭାଗ ହ୍ରାସ ପାଇଥିବା ଜଣାପଡିଛି।

# ଇଭିଏମ୍‌ରେ ସିଲ୍ ୧୧ ପ୍ରାର୍ଥୀଙ୍କ ଭାଗ୍ୟ

**ସୁକିନ୍ଦା ନିର୍ବାଚନମଣ୍ଡଳୀ**

କଳିଙ୍ଗନଗର,୩୦ା୪(ଡି.ଏନ୍.ଏ.)

ସୁକିନ୍ଦା ନିର୍ବାଚନମଣ୍ଡଳୀରେ ସୋମବାର ୧୧ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଏହି ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟତଃ କଂଗ୍ରେସର ଶରତ ରାଉତ, ସୁକିନ୍ଦାର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼େଇ(ଡାନି), ଭାଜପାର ପ୍ରଦୀପ ବଳ ସାମନ୍ତଙ୍କ ସହ ଅନ୍ୟମାନେ ରହିଛନ୍ତି। ତେବେ ନିର୍ବାଚନ ମତଦାନ ସମୟରେ କାଁଭାଁ କେତେକ ସ୍ଥାନରେ ଗଣ୍ଡଗୋଳ ହୋଇଥିବା ଜଣାପଡିଛି। ଦାନଗଦୀ ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ପଞ୍ଚାୟତ ଅଧୀନ ମାନପୁର ନଂ ୪୦ ବୁଥ୍‌ରେ ଗଣ୍ଡଗୋଳ ଯୋଗୁ ଭିଭିପିଏଟ୍ ମେଶିନ ଭଙ୍ଗାରୁଜା ହୋଇଥିଲା। କଂଗ୍ରେସ ସମର୍ଥକ ମାନେ ଜୋରଜବରଦସ୍ତ ବୁଥ୍‌ରେ ପଶି ର୍‍ୟାଗିଂ କରିବାକୁ ଉଦ୍ୟମ କରିଥିଲେ । ବିଜେଡି ପ୍ରାର୍ଥୀଙ୍କ ଏଜେଣ୍ଟ ଏହାକୁ ବିରୋଧ କରିବାରୁ ବାରୁ ଏଜେଣ୍ଟ ନିରୁପମା ନାୟକଙ୍କ ସ୍ୱାମୀ ଭଗବାନ ନାୟକଙ୍କୁ ମାଡମାରିବା ସହ ଭିଭିପାର୍ଟ ମେଶିନକୁ ତଳେ ଫୋପାଡି ଦେଇଥିଲେ। ଫଳରେ ଭିପାଏଟ ମେସିନଟି ଅଚଳ ହୋଇଯାଇଥିଲା । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ କଳିଙ୍ଗନଗର ଅତିରିକ୍ତ ଏସପି ରାଜ କିଶୋର ଦୋରା ଫୋର୍ସ ସହ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣକୁ ଆଣିଥିଲେ। ଏ ସମ୍ପର୍କରେ ଜଖପୁରା ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ତେବେ ମେଶିନ ଖରାପ ହୋଇଯିବାରୁ ୨ଘଣ୍ଟା ପରେ ପୁଣି ନୂତନ ଭିଭିପାର୍ଟ ମେଶିନରେ ମତଦାନ କରାଯାଇଥିଲା । ଏହିପରି ରାବଣା ୧୮୧/୧୮୨ ବୁଥ୍‌ରେ ଇଭିଏମ୍ ଖରାପ ଯୋଗୁ ମତଦାନ ଦେଢ଼ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଫଳରେ ଲୋକେ ପ୍ରବଳ ଖରାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜଖପୁରାରେ ଭୋଟରଙ୍କୁ ପ୍ରଭାବିତ କରିବାକୁ ନେଇ ବିଜେଡି -ଭାଜପା ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ଭାଜପା ସମର୍ଥକ ଜଖପୁରାର ତରୁଣକାନ୍ତ ଧଳ ଗୁରୁତର ଆହତ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏ ସମ୍ପର୍କରେ ଜଖପୁରା ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ବୁଥ୍‌ରେ ମତଦାତାଙ୍କୁ ଭୋଟ ଦେବାକୁ ଉସ୍କାଇବା ଅଭିଯୋଗରେ ଓଲ୍ଲଳ ନଂ ୧୯୬ ବୁଥ୍‌ର ପୋଲିଂ ଅଫିସର ଜନାର୍ଦ୍ଦନ ପ୍ରଧାନ ନିଲମ୍ବିତ ହୋଇଛନ୍ତି। ପ୍ରବଳ ଖରା ଓ ଗୁଳୁଗୁଳି ସହ୍ୟ ନ କରିପାରି ସୁକିନ୍ଦା ବ୍ଲକ ଅତା ଗ୍ରାମରେ ଜଣେ ପ୍ରିଜାଇଡିଂ ଅଫିସର ଅଂଶୁଘାତରେ ଆକ୍ରାନ୍ତ ହୋଇଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରିତୀରଞ୍ଜନ ଘଡ଼େଇ ଏବଂ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ୨୦୬ ନଂ ବୁଥ୍ ଦାନଗଦୀ ବୁଦ୍ଧରାଜ ବିଦ୍ୟାପୀଠରେ ଭୋଟ ଦେଇଥିଲେ। ବାରଗାଡ଼ିଆ ହରିଜନ ସାହିର ବାସିନ୍ଦା ଅନ୍ୟତ୍ର ବିସ୍ଥାପିତ ଦାବିରେଭୋଟ ବର୍ଜନ କରିଥିବା ଜଣାପଡିଛି। ନିର୍ବାଚନମଣ୍ଡଳୀର ମୋଟ ୨ଲକ୍ଷ ୧ହଜାର ୬୪୦ ଭୋଟରଙ୍କ ମଧ୍ୟରୁ ୭୦ଭାଗରୁ ଊର୍ଦ୍ଧ୍ୱ ମତଦାତା ମତଦାନ କରିଥିବା ସରକାରୀଭାବେ ଜଣାପଡିଛି।

## ଟ୍ରେନ୍‌ରୁ ପଡ଼ି ପୁଅ ମୃତ, ବାପା ଗୁରୁତର

ଯାଜପୁରରୋଡ, ୩୦ା୪(ନି.ପ୍ର.)

ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନର ଅନତି ଦୂରରେ ଥିବା ଗଣ୍ଡାପୋଲ ନିକଟରେ ବାଙ୍ଗାଲୋର-ସିଲଚର ଏକ୍ସପ୍ରେସରୁ ସୋମବାର ବିଳମ୍ବିତ ରାତିରେ ୨ ଜଣ ଖସି ପଡି ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆସାମର ନର୍ଥ ଲକ୍ଷ୍ମୀପୁର ଜିଲାର ବାଗିନାରି ଥାନା ଅନ୍ତର୍ଗତ ସିଆଜାଲିର ଖୋକାରାମ ହଜାରିକା (୨୨) ଓ ଗୁରୁତର ଜଣକ ଖୋକାରାମଙ୍କ ବାପା ଦିଲୀପ। ଗ୍ୟାଙ୍ଗମ୍ୟାନ୍ ଏ ସମ୍ପର୍କରେ ରେଲୱେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଏଥିସହ ଖୋକାରାମଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ. ୯/୧୯) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବାପ-ପୁଅ ବାଙ୍ଗାଲୋରରୁ ଗୌହାଟୀ ଆସୁଥିଲେ। ହେଲେ ଗଣ୍ଡିପୋଲ ନିକଟରେ ଟ୍ରେନ୍‌ରୁ ଖସି ପଡ଼ିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

■ ବିଜେଡି-ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେଡି କର୍ମୀଙ୍କ ଧାରଣା

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୩୦ା୪(ଡି.ଏନ.ଏ.)



ଥାନା ସମ୍ମୁଖରେ ଧାରଣାରେ ବସିଥିବା ବିଜେଡି କର୍ମୀ।

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତରେ ଗତ ୨୮ ତାରିଖ ରାତିରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ଗଣ୍ଡଗୋଳରେ ବିକ୍ରମତିରଣ ଗ୍ରାମର ବିଜେଡି ସମର୍ଥକ ଅନନ୍ତ କିଶୋର ଧଳଙ୍କୁ ହୋଇଥିବା ମାଡ଼ ଓ ଅଭିଯୋଗ ସମ୍ପର୍କରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଏହାର ପ୍ରତିବାଦରେ ମଙ୍ଗଳବାର ସନ୍ଧ୍ୟାରେ ବିଜେଡି କର୍ମୀ ବାଲିଚନ୍ଦ୍ରପୁର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ବିକ୍ରମତିରଣ ପଞ୍ଚାୟତ ସମିତି ସଭ୍ୟ ସୁବାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବରଦା ସରପଞ୍ଚ ନିରୁପମା ଭୂୟାଁ, ଜିଲାପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସମିତି ସଭ୍ୟ ତପସ୍ୱିନୀ ବାରିକ, ଅମୀୟ କୁମାର ବିଶ୍ୱାଳ, ଦିଲୀପ କୁମାର ସାମଲ, ସୁବ୍ରତ କୁମାର ସାମଲ, ପ୍ରଫୁଲ୍ଲ ବାରିକ, ଅନନ୍ତ କିଶୋର ସିଂ, ପ୍ରଶାନ୍ତ ସେଠୀ, ଭରତ ରାଉତ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ଯାଜପୁର ଏସ୍‌ପି ଚରଣ ସିଂ ମୀନା ବାଲିଚନ୍ଦ୍ରପୁର ଥାନାରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ରାଜନୀତିକ ଗଣ୍ଡଗୋଳରେ ଅନନ୍ତ ଧଳ ଓ ଅପରପକ୍ଷର ମମତା ମଲିକଙ୍କ ତରଫରୁ ବାଲିଚନ୍ଦ୍ରପୁର ଥାନାରେ ୨ ଟି ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି। ତେବେ ୨୯ ତାରିଖ ନିର୍ବାଚନ ଥିବାରୁ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା କୁହାଯାଇଛି।

# ୧୨ ଦିନ ପରେ ବି ବନ ବିଭାଗ ନୀରବ

**ଅସିହା ଜଙ୍ଗଲରୁ ବେଆଇନ ଗଛ କଟା ଘଟଣା**

ଚଣ୍ଡିଖୋଲ,୩୦ା୪(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ଡାଲିଯୋଡ଼ା ଫରେଷ୍ଟ ରେଞ୍ଜ ଅଧୀନରେ ଅସିହା ସଂରକ୍ଷିତ ଜଙ୍ଗଲ ରହିଛି। ଏହି ଜଙ୍ଗଲ ୨୬୦୦ ଏକର ପର୍ଯ୍ୟନ୍ତ ପରିବ୍ୟାପ୍ତ। ଅସିହା ଜଙ୍ଗଲର କିଛି ଅଂଶ ଝାଟିଆ ଜଙ୍ଗଲ ନାମରେ ନାମିତ। ଏହି ଝାଟିଆ ଜଙ୍ଗଲର ପ୍ରାୟ ୨ ଏକର ଜମି ଜଣେ ବ୍ୟକ୍ତି ନିଜ କବ୍‌ଜାରେ ରଖିଛନ୍ତି। ଗତ ୧୮ ତାରିଖରେ ସମ୍ପୃକ୍ତ ବ୍ୟକ୍ତି ଏହି ଜଙ୍ଗଲରୁ ବେଆଇନଭାବେ ଜେସିବି ମେଶିନ ଦ୍ୱାରା ମୂଲ୍ୟବାନ୍ ଗଛ କାଟୁଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ବନ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ବେଆଇନ ଗଛକଟା ଉପରେ ଅଙ୍କୁଶ ଲଗାଇଥିଲେ। ତେବେ ଏହି ଘଟଣାକୁ ୧୨ ଦିନ ବିତିଯାଇଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଫରେଷ୍ଟର ଶଶୀକାନ୍ତ ବେହେରାଙ୍କୁ ପଚାରିବାରୁ, ଜଙ୍ଗଲ ଜମି ଅକ୍ତିଆର କରି ରଖିଥିବା ବ୍ୟକ୍ତି ଜଣକ ସମ୍ପୃକ୍ତ ଜମିର ପଟ୍ଟା ପାଇଛନ୍ତି। ଅପରପକ୍ଷରେ ଗଛ କଟା ହୋଇଥିବା ଜମି ଦର୍ପଣ ତହସିଲ ଅଧୀନରେ ରହିଛି। ଏ ନେଇ ସେମାନେ ତହସିଲଦାର ଓ ଉକ୍ତ ଅଞ୍ଚଳର ଆରଆଇଙ୍କୁ ଅବଗତ କରିଛନ୍ତି ବୋଲି ଫରେଷ୍ଟର ବେହେରା ସୂଚନା ଦେଇଛନ୍ତି।

■ ସରିଲା ୪ର୍ଥ ପର୍ଯ୍ୟାୟ ମତଦାନ

# ଇଭିଏମ୍‌ରେ ତ୍ରୁଟି, ମାରପିଟ୍ ଅଭିଯୋଗ

କୋରେଇ,୩୦ା୪(ସ୍ୱ.ପ୍ର.)

୪ର୍ଥ ପର୍ଯ୍ୟାୟ ନିର୍ବାଚନ ସୋମବାର ଶେଷ ହୋଇଛି। କୋରେଇ ନିର୍ବାଚନମଣ୍ଡଳୀର ୨୧୨ଟି ବୁଥ୍‌ରେ ମତଦାନ ହୋଇଥିବାବେଳେ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଅନେକ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ହୋଇଥିବା ଅଭିଯୋଗ ହୋଇଛି। କୋରେଇ ବ୍ଲକର ଜହ୍ନା, ପାଣିକୋଇଲି, ଖମଣ, ପଥରପଦା, ବରୁଣ୍ଡାଇ, ତଳଗଡ଼, ଗୌରପୁର, ଧନେଶ୍ୱର, ବନ୍ଧାଳ, ସାଦକପୁର, ବ୍ୟାସନଗର ପୌର ପରିଷଦ ଏବଂ ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର, ପହଙ୍ଗା ଆଦି ପଞ୍ଚାୟତର ଅନେକ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଯୋଗୁ ମତଦାନ ବିଳମ୍ବରେ ହୋଇଥିବା ଜଣାପଡ଼ିଛି। ବିଭିନ୍ନ ପଞ୍ଚାୟତରେ ନିର୍ବାଚନୀ ହିଂସା ହୋଇ ମାରପିଟ ହୋଇଥିବା ନେଇ ଅଭିଯୋଗ ହୋଇଛି। ଜହ୍ନା ପଞ୍ଚାୟତ କୁରୁପଦା ଗ୍ରାମରେ ନିର୍ବାଚନ ପାଇଁ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିବା ସୂଚନା ମିଳିଛି। ସେହିପରି ଛୋଟରାୟପୁର ବୁଥ୍‌ରେ ମଧ୍ୟ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବରପାଇ ପୋଲିସ ପାଟ୍ରୋଲିଂ ଗାଡି ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣ ହେବା ସହ ପୋଲିସ ଉପସ୍ଥିତିରେ ମତଦାନ କରାଯାଇଥିଲା। ପଥରପଦା ପଞ୍ଚାୟତରେ କଂଗ୍ରେସ କର୍ମୀଙ୍କୁ ବିଜେଡି କର୍ମୀ ଦୁର୍ବ୍ୟବହାର କରିଥିଲେ। ପରେ ପଥରପଦାର ପ୍ରାୟ ୫ ଶହ କଂଗ୍ରେସ କର୍ମୀ ପାଣିକୋଇଲିଠାରେ ପହଞ୍ଚି ବିଜେଡି କର୍ମୀଙ୍କ ସହ ଗଣ୍ଡୋଗୋଳ କରିବାକୁ ଚେଷ୍ଟା କରିଥିବାବେଳେ ସ୍ଥାନୀୟ ଲୋରେ ବୁଝାଶୁଝା କରି ଘଟଣାକୁ ଆୟତ୍ତ କରିଥିଲେ।

# ବଡ଼ଚଣା ଭାଜପା ବିଧାୟକ ପ୍ରାର୍ଥୀ କୁଆଖିଆ ଥାନାରେ ଅଟକ

ରସୁଲପୁର/ଚଣ୍ଡିଖୋଲ, ୩୦ା୪(ଡି.ଏନ୍.ଏ.)

**ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଲା ପୋଲିସ**



ପୋଲିସ ସହ ଭାଜପା କର୍ମୀଙ୍କ ଆଲୋଚନା।

ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଅମର ନାୟକ ଓ ତାଙ୍କର ୧୬ଜଣ କର୍ମୀଙ୍କୁ କୁଆଖିଆ ଥାନାରେ ପୋଲିସ ଅଟକ ରଖି ପଚରା ଉଚୁରା ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଛି। ସୋମବାର ରାତିରୁ ବିଧାୟକ ପ୍ରାର୍ଥୀ ନାୟକ ଓ ତାଙ୍କର ଅନ୍ୟ ସମର୍ଥକଙ୍କୁ ଏହି ଥାନାକୁ ଅଣାଯାଇଥିଲା। ପୋଲିସ ସେମାନଙ୍କୁ କାହିଁକି ଓ କେଉଁ ପରିସ୍ଥିତିରେ ଥାନାକୁ ଆଣିଥିଲା ସେ ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ। ସୋମବାର ଚତୁର୍ଥପର୍ଯ୍ୟାୟ ନିର୍ବାଚନ ଚାଲିଥିବାବେଳେ ବୁଥ୍ ରିଗିଂ ଓ ଭାଜପା କର୍ମୀଙ୍କୁ ମାଡ଼ ପ୍ରତିବାଦରେ ନାୟକ ଓ ତାଙ୍କ ସମର୍ଥକମାନେ ବଡ଼ଚଣା ଥାନା ଘେରାଓ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଲାଠି ଚାଳଣ କରିବାକୁ ପଡିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ମଧ୍ୟ ଦେଖାଦେଇଥିଲା। ତେଣୁ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ସେମାନଙ୍କୁ ଏହି ଥାନାକୁ ସ୍ଥାନାନ୍ତର କରିଥାଇପାରେ ବୋଲି ଆଲୋଚନା ହେଉଛି।

ପ୍ରକାଶ ଯେ, ବଡ଼ଚଣା ନିର୍ବାଚନମଣ୍ଡଳୀ ଅଧିନସ୍ଥ ଖଇରା, ରାଧାଦେଇପୁର, ଭରତପୁର, ନେଳିଆ, ଦର୍ପଣୀ ଆଦି ପଞ୍ଚାୟତରେ ସୋମବାର ମତଦାନବେଳେ ବୁଥ୍ ଜବରଦଖଲ ହୋଇଥିଲା। ଏହାକୁ ପ୍ରତିବାଦ କରିବାରୁ କେତେକ ବିଜେଡି କର୍ମୀ ଭାଜପା କର୍ମୀଙ୍କୁ ମାଡ ମାରିଥିଲେ। ଏସମ୍ପର୍କରେ ଭାଜପା ପ୍ରାର୍ଥୀଙ୍କ ତରଫରୁ ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ଏଦିଗରେ ପୋଲିସ କୌଣସି ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରି ନ ଥିଲା। ଏହାକୁ ବିରୋଧ କରି ଭାଜପା ପ୍ରାର୍ଥୀ ନାୟକ ଓ ତାଙ୍କର ସମର୍ଥକମାନେ ଅପରାହ୍ନ ୩ଟା ୪୦ମିନିଟ୍ ସମୟରେ ବଡଚଣା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଥାନାରେ କ୍ରମଶଃ କର୍ମୀଙ୍କ ଭିଡ ଜମିଥିଲା। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବା ଦର୍ଶାଇ ପୋଲିସ ପକ୍ଷରୁ ଲାଠି ଚାଳନା କରାଯାଇଥିଲା। ଏହାକୁ ନେଇ କର୍ମୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କର୍ମୀମାନେ ୧୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ନାୟକ ଓ ତାଙ୍କର ସମର୍ଥକମାନଙ୍କୁ କୁଆଖିଆ ଥାନାକୁ ସ୍ଥାନାନ୍ତର କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସୋମବାର ବିଳମ୍ବିତ ରାତିରେ ଅମର ଓ ତାଙ୍କ ସମର୍ଥକମାନଙ୍କୁ କୁଆଖିଆ ଥାନାକୁ ଅଣାଯାଇଥିବା ଖବର ପାଇ ମଙ୍ଗଳବାର ସକାଳୁ ବଡଚଣା ଅଞ୍ଚଳର ଶତାଧିକ ସମର୍ଥକ କୁଆଖିଆ ଥାନାକୁ ଆସି ଭିଡ ଜମାଇଥିଲେ। ଅନ୍ୟପକ୍ଷରେ ଯାଜପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅକ୍ଷୟ କୁମାର ଦାସ, ଏସ୍‌ଡିପିଓ କେଦାରନାଥ ସାହୁ ପ୍ରମୁଖ ଥାନାରେ ପହଁଚି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ନାୟକଙ୍କୁ ପଚାରିବାରୁ ସେ ପୋଲିସର କାର୍ଯ୍ୟକଳାପକୁ ନେଇ ଆପତ୍ତି ଉଠାଇଛନ୍ତି । ଚଳିତ ସାଧାରଣ ନିର୍ବଚାନରେ ବିଜେଡି ପକ୍ଷରୁ ବ୍ୟାପକ ଅନିୟମିତା ଅବଲମ୍ବନ କରାଯାଇଛି। ତାଙ୍କ ନିର୍ବାଚନମଣ୍ଡଳୀରେ ଆଦର୍ଶ ଆଚରଣ ବିଧି ଉଲଙ୍ଘନ କରାଯିବା ସହ ଭୋଟଗ୍ରହଣ ସମୟରେ ଶାସକ ଦଳର କର୍ମୀମାନଙ୍କ ଔଦ୍ଧତ୍ୟ ସୀମା ଟପିଯାଇଛି। ଏନେଇ ପ୍ରତିବାଦ କରିବାରୁ ପୋଲିସ ସରକାରୀଦଳର ହାତବାରିଶ ସାଜି ତାଙ୍କୁ ଓ ସମର୍ଥକଙ୍କୁ ଅଟକ ରଖିଛି ବୋଲି ନାୟକ କହିଛନ୍ତି।

## ସଂକ୍ଷେପରେ

### ଫନୀ: କୃଷ୍ଣପ୍ରସାଦବାସୀ ଆତଙ୍କିତ

କୃଷ୍ଣପ୍ରସାଦ,୩୦।୪(ଡି.ଏନ.ଏ.): ଫାଇଲିନ, ହୁଡ୍‌ହୁଡ୍,ତିତିଲି ବାତ୍ୟା ଭୟ ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ସାମୁଦ୍ରିକ ଝଡ ଫନୀ କୃଷ୍ଣପ୍ରସାଦ ଅଞ୍ଚଳବାସୀଙ୍କୁ ଆତଙ୍କିତ କରିଛି । କେତେକ ଲୋକ ଅଞ୍ଚଳ ଛାଡି ସହରମାନଙ୍କରେ ନିଜ ସମ୍ପର୍କୀୟମାନଙ୍କ ଘରକୁ ଚାଲିଯାଉଥିବା ଜଣାଯାଇଛି । ବାତ୍ୟା ଭୟରେ ଚାଷୀମାନେ ଟାଇଚୁନ ଧାନ ଅଧା ପାଚିଲାରୁ ଅମଳ କରି ନେଉଥିବା ଦେଖାଯାଉଛି। ଏ ସମ୍ପର୍କରେ ପିଟିଶାଳ ଗ୍ରାମର ଆରତ ପଲେଇ କୁହନ୍ତି , ଗତ ୩ଟି ବାତ୍ୟାରେ ଘରଦ୍ୱାର ସହିତ ଫସଲ ବହୁ ପରିମାଣରେ ନଷ୍ଟ ହୋଇଯାଇଥିଲା। ସେହି ଛାନିଆ ମନରୁ ଏଯାଏ ଯାଇନାହିଁ। ଏବେ ଫନୀ ବାତ୍ୟା ଭୟରେ ଜମିରେ ହୋଇଥିବା ଧାନ ଫସଲ ଅଧା ପାଚିଲାରୁ ମେଶିନ୍ ଦ୍ୱାରା ଅମଳ କରିବାରେ ଲାଗିଛୁ। ସମୁଦ୍ର କୂଳରେ ଥିବା ସିଆଣ୍ଡି,ନବା,ରାମଲେଙ୍କା,ଖିରିସାହି ଅଞ୍ଚଳର ମତ୍ସ୍ୟଜୀବୀମାନେ ନିଜ ଡଙ୍ଗାକୁ ସୁରକ୍ଷିତ ରଖିବା ପାଇଁ ବାଲି ଉପରକୁ ଟାଣି ଆଣି ବାଉଁଶ ପୋତି ବାନ୍ଧିବାରେ ଲାଗିଛନ୍ତି। ସଂପୃକ୍ତ ବ୍ଲକରେ ୪୨ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଗୃହ ରହିଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଅଧା ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କେଉଁଠି ବିଦ୍ୟୁତ୍ ନାହିଁ ତ କେଉଁଠି ପାଣି ମୋଟର ଅଚଳ ହୋଇପଡିଛି । ସ୍ୱଳ୍ପ ସମୟ ମଧରେ ଏ ସବୁ ମରାମତି କରାଯାଇ କିଭଳି ଭାବରେ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ ଗୃହକୁ ସ୍ଥାନାନ୍ତର କରାଯିବ ତାହା ଏବେ ଚିନ୍ତାର ବିଷୟ ହୋଇଛି। ଜିଲାସ୍ତରରେ ଏହାର ମୁକାବିଲା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କ ଆଖିରୁ ନିଦ ହଜିଯାଇଛି । ଆଉ ଗୋଟିଏ ଦିନରେ ଲୋକମାନଙ୍କୁ ଡାକବାଜି ଯନ୍ତ୍ର, ସଭା ସମିତି ଦ୍ୱାରା କିଭଳି ଭାବରେ ସଜାଗ କରାଯାଇପାରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ମଙ୍ଗଳବାର ରାତ୍ରରେ ଜିଲାପାଳଙ୍କ ସଭାଗୃହରେ ସଚେତନ ପାଇଁ ଏକ ସଭାର ଆୟୋଜନ କରାଯାଇଛି ।

### ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଟାଙ୍ଗୀ (ଖୋର୍ଦ୍ଧା), ୩୦।୪ (ଡି.ଏନ.ଏ.)- ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗୀ ଥାନା ଅଞ୍ଚଳର ଭଗବାନ ପ୍ରଧାନ (୩୫)। ଭଗବାନ ସେହି ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଏ ନେଇ ଟାଙ୍ଗୀ ଥାନାରେ ନଂ ୧୧୪/୧୯ରେ ମାମଲା ରୁଜୁ ହୋଇଥିଲା। ଟାଙ୍ଗୀ ଥାନା ତଦନ୍ତକାରୀ ଅଫିସର ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛନ୍ତି

# ଠେଲି ଠେଲି ନୟାନ୍ତ, ଷ୍ଟାର୍ଟ ହେଉନି ପୋଲିସ ଜିପ୍

ନୂଆଗାଁ,୩୦।୪ (ଡି.ଏନ.ଏ.)


ସ୍ଥାନୀୟ ଲୋକେ ପୋଲିସ ଜିପକୁ ଠେଲି ଷ୍ଟାର୍ଟ କରିବାର ପ୍ରୟାସ କରୁଛନ୍ତି।

ନୟାଗଡ ଜିଲା ନୂଆଗାଁ ଥାନାରେ ଥିବା ଏକ ଜିପ୍‌କୁ ଷ୍ଟାର୍ଟ କରିବା ପାଇଁ କିଛି ଲୋକ ଠେଲି ଠେଲି ନୟାନ୍ତ ହୋଇଯାଇଥିଲେ ମଧ୍ୟ ଷ୍ଟାର୍ଟ ହେଉ ନ ଥିବା ଦେଖିବାକୁ ମିଳିଛି । ନୂଆଗାଁ ଥାନାଟି ଜାତୀୟ ରାଜପଥ କଡରେ ରହିଥିଲେ ମଧ୍ୟ ତାହା ଅଧୀନରେ ଅନେକ ଅପନ୍ତରିଆ ଗାଁ ରହିଛି । ଦିନକୁ ଦିନ ରାଜପଥରେ ଯେତିକି ଦୁର୍ଘଟଣା,ଚୋରି ଡକାୟତି, ରାହାଜାନି ବଢୁଛି ତା'ଠାରୁ ଅଧିକ ମାତ୍ରାରେ ବଢୁଛି ରାଜପଥଠାରୁ ଦୂରରେ ଥିବା ରାସ୍ତାରେ । ଦୁର୍ବୃତ୍ତମାନେ ଅପରାଧ ଘଟାଇ ନିଛାଟିଆ ରାସ୍ତା ଦେଇ ଖସି ଯିବାରେ ସଫଳ ହେଉଛନ୍ତି। ବର୍ତ୍ତମାନ କିଛି ରାଜପଥ ଲୁଟେରା ନୂଆଗାଁ ଠାରୁ ଗୁମି ଦେଇ ଓଡଗାଁ ଯାଇଥିବା ରାସ୍ତାକୁ ଲୁଟିବାର ମାଧ୍ୟମ କରିନେଇଛନ୍ତି । ସେମାନେ ବାଟୋଇଙ୍କ ଠାରୁ ଗାଡି ଟଙ୍କା ଆଦି ଲୁଟି ନେବାର ଅଭିଯୋଗ ନୂଆଗାଁ ଏବଂ ଓଡଗାଁ ଥାନାରେ ହୋଇଥିଲେ ମଧ୍ୟ ଖବର ପାଇ ପୋଲିସ ଯିବା ପୂର୍ବରୁ ଲୁଟେରା ଖସି ପଳାଇଯାଇଥାନ୍ତି। ସେହିପରି ଅଭିଯୁକ୍ତ ଖୁଲମଖୁଲା ବୁଲୁଥିବାର ଖବର ପାଇ ପୋଲିସ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତ ଆରାମରେ ଖସି ଯାଉଛନ୍ତି। ଏଭଳି ସ୍ଥିତିରେ ନୂଆଗାଁ ଥାନାକୁ ଦିଆଯାଇଥିବା ଜିପ୍‌ର ଅବସ୍ଥା ଶୋଚନୀୟ ହୋଇପଡିଛି। ରାତିରେ ପାଟ୍ରୋଲିଂ କରିବା , ଅଭିଯୁକ୍ତଙ୍କୁ ଧରିବା, ଚୋରି, ଡକାୟତି, ରାହାଜାନି, ଅପରାଧ ଆଦି ଘଟୁଥିବା ଘଟଣା ସ୍ଥଳକୁ ତୁରନ୍ତ ପହଞ୍ଚିବା ପାଇଁ ନୂଆଗାଁ ଥାନାର ଜିପ୍ କାମରେ ଆସି ନ ଥାଏ। ଦୀର୍ଘ ବର୍ଷ ହେଲା ଉକ୍ତ ଥାନାର ଜିପ୍ କୌଣସି ଘଟଣା ସ୍ଥଳକୁ ଯିବାକୁ ହେଲେ କିଛି ଲୋକଙ୍କ ଦ୍ୱାରା ଠେଲି ଷ୍ଟାର୍ଟ କରିବାକୁ ପଡିଥାଏ । ପୋଲିସବାଲା ଗାଡି ଠେଲିବା ପାଇଁ କୁଣ୍ଠାବୋଧ କରୁଥିବାରୁ ସ୍ଥାନୀୟ ଲୋକଙ୍କୁ ଡାକି ଡ୍ରାଇଭର ଗାଡି ଷ୍ଟାର୍ଟ କରିବା ପାଇଁ ବାଧ୍ୟ ହୋଇଥାଆନ୍ତି। କିଛି ମାସ ପୂର୍ବେ ଏହାକୁ ସଜାଡିବା ପାଇଁ ନିଆଯାଇଥିଲା। ସେହିସମୟରେ ଅନେକ ଘଟଣା ଘଟିଥିଲେ ମଧ୍ୟ ଗାଡି ନ ଥିବା କହି ପୋଲିସ ଦୁର୍ବୃତ୍ତଙ୍କୁ ଧରିବାକୁ ନ ଯାଇ ନୀରବରେ ବସିଥିବା ଅଭିଯୋଗ ହୋଇଥିଲା । ଅଞ୍ଚଳବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ପୋଲିସ ପାଟ୍ରୋଲିଂ ଆବଶ୍ୟକ ଥିବାରୁ ନୂଆଗାଁ ଥାନାକୁ ଏକ ନୂତନ ଗାଡି ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି । ଗାଡି ଯୋଗାଇ ଦେବା ବିଷୟରେ ଏସଡିପିଓ ନିରଞ୍ଜନ ପାଢୀଙ୍କୁ ପଚାରିବାରେ ସେ କୁହନ୍ତି, ନୂଆଗାଁ ଥାନା ଅଧିକାରୀ ଏ ବିଷୟରେ ଏସପିଙ୍କୁ ଜଣାଇବା ପରେ ଆମେ ପଦକ୍ଷେପ ନେବୁ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଥାରେ ଖୋଷା କାନରେ ଫୁଲ**
**ଚାଲିଯାଉଥାଏ ଦୁଲଦୁଲ୍ ।**

ତୁଚ୍ଛାଟାରେ କିଛି ବ୍ୟକ୍ତି ଅନ୍ୟଆଗରେ ଦେଖେଇ ହୁଅନ୍ତି। ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ଅନ୍ୟଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ସାମାନ୍ୟ ବେଶଭୂଷା ହୋଇ ଅନ୍ୟଆଗରେ ଛଇଛଟକି ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମୂଳରୁ ବାଞ୍ଝ**
**ପୁଅ ନାଁ ଦିଏ ଶୁଖୁଆ ଲାଞ୍ଜ ।**

କିଛି ଆୟୋଜନ ବା ପ୍ରସ୍ତୁତି ନ ଥାଇ ପ୍ରତିଷ୍ଠାର ହିସାବ କିତାବ। ସାଧାରଣତଃ ଯାହାର ପିଲାପିଲି ହେଉ ନ ଥାଏ ତାକୁ ବାଞ୍ଝ କୁହାଯାଇଥାଏ। ପିଲାପିଲି ହେବାର ସମ୍ଭାବନା ନ ଥିବା ନାରୀ ପକ୍ଷେ ପୁଅର ନାଁ ରଖିବା ନେଇ ପରିକଳ୍ପନା କରିବାରେ କୌଣସି ଯଥାର୍ଥତା ନ ଥାଏ। କିଛି ନ ଥାଇ ବଡ଼ ବଡ଼ ସ୍ୱପ୍ନ ଦେଖିବା ଅମୂଳକ ବା ଅକାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

■ ଦଧିବାମନଜୀଉ ମହାବିଦ୍ୟାଳୟରେ ଦୁର୍ନୀତି ଘଟଣା

# ଶିକ୍ଷା କ୍ରିୟାନୁଷ୍ଠାନ କମିଟିର ଗଣଧାରଣା

ଓଡ଼ଗାଁ, ୩୦।୪(ସ୍ୱ.ପ୍ର.)


କଲେଜ ସମ୍ମୁଖରେ ଧାରଣା ଦିଆଯାଇଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅଧୀନ ବାହାଡ଼ାଖୋଲା ଯୁକ୍ତ୩ ଦଧିବାମନ ଜୀଉ ମହାବିଦ୍ୟାଳୟ ଦୁର୍ନୀତି ଅଭିଯୋଗରେ ଅଧ୍ୟକ୍ଷାଙ୍କ ଅପସାରଣ ଦାବି ଜୋର୍ ଧରିଛି। ଏ ଘଟଣା ନେଇ ମଙ୍ଗଳବାର ବାହାଡ଼ାଖୋଲା ଆଞ୍ଚଳିକ ଶିକ୍ଷା କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଗଣଧାରଣା ଆରମ୍ଭ ହୋଇଛି । ସମ୍ପୃକ୍ତ କଲେଜରେ ବର୍ଷ ବର୍ଷ ଧରି ପରିଚାଳନା କମିଟି ଗଠନ କରାଯାଇଥିଲେ ସୁଦ୍ଧା କୌଣସି ବୈଠକ ଆୟୋଜିତ କରା ନ ଯାଇ ଅର୍ଥ ବାଟମାରଣା ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ଗ୍ରାମବାସୀଙ୍କ ତରଫରୁ ବାରମ୍ବାର ଉଚ୍ଚ ଶିକ୍ଷା ବିଭାଗ ସମେତ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା କୁହାଯାଇଛି। ଫଳରେ ସିଙ୍ଗାରପଲ୍ଲୀ,

**୨ ଦିନ ପରେ ଅନଶନ ନିଷ୍ପତ୍ତି**

ବେରୁଆଁବାରୀ, କାପ୍ତାପଲ୍ଲୀ, ହରିପୁର ସମେତ ବାହାଡ଼ାଖୋଲା ପଞ୍ଚାୟତର ବୁଦ୍ଧିଜୀବୀ ଓ ନିର୍ବାଚିତ ପ୍ରତିନିଧିମାନେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିମନ୍ତେ ଦାବି କରିଥିଲେ। ଏଥିରେ ମଧ କୌଣସି ସୁଫଳ ମିଳି ନ ଥିଲା । ତେଣୁ ସକାଳ ୧୦ଟାରୁ ଅପରାହ୍ନ ପର୍ଯ୍ୟନ୍ତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ, ୩୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ କଲେଜ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ଆଗରେ ଗଣଧାରଣା ଦେଇଥିଲେ। ଏହା ପରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଅନଶନ ଆରମ୍ଭ କରିବେ ବୋଲି ଧାରଣାକାରୀ ସୂଚନା ଦେଇଛନ୍ତି। ତେବେ ଧାରଣା ବିଷୟରେ ସମସ୍ତଙ୍କୁ ଜଣାଇ ଦିଆଯାଇଥିଲେ ସୁଦ୍ଧା କେବଳ ସ୍ଥାନୀୟ ଥାନା ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା ଧାରଣାକାରୀଙ୍କ ସହିତ ଆଲୋଚନା କରି ଫେରିଥିବା ସୂଚନା ମିଳିଛି।

# ଏଟିଏମ୍ ଭଙ୍ଗା ଘଟଣା: ମିଳିଲା ସମ୍ପୃକ୍ତ ଯୁବକଙ୍କ ସିସିଟିଭି ଫୁଟେଜ୍

ନିରାକାରପୁର,୩୦।୪(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ଦୁଇ ଦୁଇ ଥର ଲୁଟେରାମାନେ ଟଙ୍କା ଲୁଟ୍ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଏ ଘଟଣା ପରେ ବିଭିନ୍ନ ଗଣମାଧ୍ୟମରେ ପୋଲିସର ବିଫଳତା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ନିରାକାରପୁର ପୋଲିସ ବିଶେଷ ଭାବେ ତଦନ୍ତ କରିଥିଲା। ସମ୍ପୃକ୍ତ ଲୁଟେରାମାନଙ୍କୁ ଚିହ୍ନଟ ପାଇଁ ସିସିଟିଭି ଯାଞ୍ଚ ପରେ ସେମାନଙ୍କ ଫୁଟେଜ୍ ଦେଖିବାକୁ ମିଳିଥିବା ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ସୂଚନା ଦେଇଛନ୍ତି ।

# ଚିଲିକା ଗାନ୍ଧୀଙ୍କ ୧୧୪ତମ ଜୟନ୍ତୀ

କୃଷ୍ଣପ୍ରସାଦ,୩୦।୪(ଡି.ଏନ.ଏ.)

ପୁରୀ ଜିଲା ଅର୍ନ୍ତଗତ କୃଷ୍ଣପ୍ରସାଦ ବ୍ଲକର ଚାରିଛକ ଠାରେ ସ୍ଥାନୀୟ ଅଞ୍ଚଳରେ ଚିଲିକା ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ଉଦୟ ନାଥ ଜେନାଙ୍କ ୧୧୪ତମ ଜୟନ୍ତୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଶ୍ରୀଶ୍ରୀ କମଳେଶ୍ୱର ଦେବ ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଅତିଥିମାନେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପରିଚାଳନା କମିଟ ସଭାପତି ଗୋଲଖ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ପତି ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବ୍ରଜ କିଶୋର ଜେନା ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ କବିରାଜ ମାଝୀ,ଉଦୟନାଥଙ୍କ ଅନୁଗାମୀ ରାମଚନ୍ଦ୍ର ଜେନା,ତିତିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର,ସମିତିସଭ୍ୟ ମନୋଜ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିଲିକା ଗାନ୍ଧୀଙ୍କ୍ ସ୍ମୃତି ଚାରଣ କରିଥିଲେ। ଶିକ୍ଷାବିତ୍ ଅକ୍ଷୟ କୁମାର ସାମନ୍ତସିଂହାର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ୱଚ୍ଛତା ଅଭିଯାନ, ଜଳଦାନ କାର୍ଯ୍ୟକ୍ରମ

ନୟାଗଡ଼ ଅଫିସ,୩୦।୪

ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ମଙ୍ଗଳବାର ଲେଙ୍କୁଡିପଡାସ୍ଥିତ ଶ୍ରୀରାମମନ୍ଦିର ପରିସରରେ ସ୍ୱଚ୍ଛତା ଅଭିଯାନ ଏବଂ ଜଳଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମସ୍ତ ସେବାବ୍ରତୀ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ମନ୍ଦିର ପରିସରକୁ ସଫା କରାଯାଇଥିଲା। ଶିକ୍ଷାବର୍ଷ ୨୦୧୯-୨୦ରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ୨୫ ବର୍ଷ ପୂରିବ। ବିଦ୍ୟାଳୟରେ ରଜତ ଜୟନ୍ତୀ ସମାରୋହ ପାଳନ କରାଯିବ । ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯିବ । ମଙ୍ଗଳବାର ଲେଙ୍କୁଡ଼ିପଡ଼ା ସରପଞ୍ଚଙ୍କ ପ୍ରତିନିଧି କୈଳାସଚନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରି ପରିବେଶ ସ୍ୱଚ୍ଛ ରହିଲେ ଦେଶ ପ୍ରଗତି ପଥେ ଅଗ୍ରସର ହେବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ଶାନ୍ତନୁ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସେଠାରେ ଏକ ଜଳଛତ୍ର ଖୋଲାଯାଇ ଲୋକମାନଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା। ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ସ୍ୱାଇଁ, ନରସିଂହ ସାହୁ, ଆଚାର୍ଯ୍ୟା ପ୍ରତିମା ମହାନ୍ତି ପ୍ରମୁଖ ଦହିପଣା ବଣ୍ଟନରେ ସହାୟତା କରିଥିଲେ।


ମନ୍ଦିର ପରିସରରେ ସଫେଇ କରାଯାଉଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

FINANCE

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କେଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

୧୯୮୨ଠାରୁ ଆପଣଙ୍କ ସେବାରେ
GLOBAL FINANCE PVT. LTD.
ପି.ଏମ୍.ଜନଧନ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା
ମାର୍କେଟ୍, ପ୍ରପର୍ଟି, ପର୍ସନାଲ ଗ୍ରୁପ୍ ଋଣ ଓ ସବୁ ଋଣ ମାତ୍ର ୨୪ ଘଣ୍ଟାରେ
୨% ସୁଧ ଓ ୪୦% ଛାଡ଼
ଯେକୌଣସି କମ୍ପାନୀ, ବ୍ୟାଙ୍କରୁ ପ୍ରତାରିତ ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
7894704743
House No.2, Ram Nagar, Narnol, Haryana.

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେଶନ୍, ମାର୍କେଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ!!
07052133043
08419077960
Add : - 41/14, Sec.1, Pushp Vihar, Delhi

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କେଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449164136
9675859756

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କେଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କେଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କେଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

BUSINESS

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

DHARITRI Career appointment Every Wednesday and Saturday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଈଶ୍ୱରଙ୍କୁ ପ୍ରାର୍ଥନା କର; ହେ ପ୍ରଭୁ, ମୋତେ ସେତିକି ଦିଅ ଯେପରି ମୋ କୁଡ଼ିଆକୁ ଆସୁଥିବା ଲୋକ ନିରାଶ ହୋଇ ଫେରି ନ ଯାଉ।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ୩ ଗୋରୁ ମୃତ



**ଭାପୁର,୩୦।୪(ଡି.ଏନ୍.ଏ.):** ଗାଈଗୋଠ ଉପରେ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ଛିଣ୍ଡିପଡ଼ିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘଟଣା ସ୍ଥଳରେ ୩ ଗୋରୁଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ଏଭଳି ଦୁଃଖଦ ଘଟଣା ଘଟିଛି ନୟାଗଡ ଜିଲା ଭାପୁର ବ୍ଲକ ଗୋଲାପୋଖରୀ ଗ୍ରାମରେ। ସୂଚନା ଯୋଗ୍ୟ,ଗୋରୁମାନେ ଚରି ସାରିବା ପରେ ସେମାନଙ୍କୁ ଗାଈଆଳ ସନ୍ଧ୍ୟାରେ ଧରି ଗାଁକୁ ଫେରୁଥିଲା ବେଳେ ଗୋଲାପୋଖରୀ ଶିବ ମନ୍ଦିର ନିକଟରେ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ହଠାତ୍ ଗୋରୁପଲଙ୍କ ଉପରେ ଖସିପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଗୋଲାପୋଖରୀ ଗ୍ରାମର ବୈକୁଣ୍ଠ ମୁଦୁଲିଙ୍କର ୨ଟି ଗାଈ ଏବଂ ଲୋଚନ ପଲେଇଙ୍କ ଗୋଟିଏ ବାଛୁରୀର ମୃତ୍ୟୁ ଘଟିଛି । ଏହି ଘଟଣାକୁ କେନ୍ଦ୍ର କରି ସେଠାରେ କିଛି ସମୟ ଧରି ଉତ୍ତେଜନା ସୃଷ୍ଟି ହୋଇଥିଲା। କ୍ଷତିପୂରଣ ଦାବି କରି ଲୋକମାନେ ପାଟିତୁଣ୍ଡ କରିଥିଲେ ।

## ■ ଆଜି ଆନ୍ତର୍ଜାତିକ ଶ୍ରମିକ ଦିବସ

# ଶୋଷଣର ଶିକାର ହେଉଛନ୍ତି ଶ୍ରମିକ

ନୟାଗଡ଼ ଅଫିସ,୩୦।୪

- ■ଶ୍ରମ ନିୟମକୁ ଖୋଲାଖୋଲି ଉଲ୍ଲଂଘନ
- ■ଆବେଦନ କରି ବି ୨୦ ହଜାରରୁ ଊର୍ଦ୍ଧ୍ୱ କାର୍ଡ ପାଇନାହାନ୍ତି

ବୁଧବାର ଆନ୍ତର୍ଜାତିକ ଶ୍ରମିକ ଦିବସ। ପ୍ରଶାସନ ଠାରୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନ ସଭାସମିତି କରି ଶ୍ରମିକମାନଙ୍କ ଲାଗି ଥିବା ବିଭିନ୍ନ ନୀତି ନିୟମ ଉପରେ ଭାଷଣ ଦେବେ। ସେମାନେ ଯେପରି ଶୋଷଣର ଶିକାର ନ ହେବେ ସେ ନେଇ ସୁଚିନ୍ତିତ ମତାମତ ଦେବେ। ହେଲେ ସଭା ସରିଲା ପରେ ଯଥା ପୂର୍ବଂ ତଥା ପର ଭଳି ଅବସ୍ଥା। ଶ୍ରମିକମାନେ ଯେଉଁ ଅବହେଳିତକୁ ସେଇ ଅବହେଳିତ। ବର୍ତ୍ତମାନ ଗ୍ରୀଷ୍ମ ଲହରି ଜାରି ହୋଇଥିବାରୁ ପୂର୍ବାହ୍ନ ୧୧ଟା ପରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ମନା କରାଯାଇଛି।

ନୟାଗଡ଼ ବ୍ଲକ ହରେକୃଷ୍ଣପୁରଠାରେ ହେଉଥିବା ୫୭ନଂ.ଜାତୀୟ ରାଜପଥ କାର୍ଯ୍ୟରେ ଠିକାଦାର ଶ୍ରମିକମାନଙ୍କୁ ଡହଡହ ଖରାରେ କାର୍ଯ୍ୟ କରାଉଥିବାର ଦେଖିବାକୁ ମିଳୁଛି। ଶ୍ରମ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଖାଲି ଏହି ସ୍ଥାନରେ ନୁହେଁ ବିଭିନ୍ନ ସ୍ଥାନରେ ଶ୍ରମିକମାନଙ୍କୁ ଶୋଷଣ କରାଯାଉଛି। ସରକାରୀ ସହାୟତା ପାଇଁ ନିର୍ମାଣ ଶ୍ରମିକ କାର୍ଡ ଖଣ୍ଡିଏ ଶ୍ରମିକମାନଙ୍କ ନିତାନ୍ତ ଆବଶ୍ୟକ। ଏହି କାର୍ଡ ଖଣ୍ଡିଏ ପାଇଁ ସେମାନଙ୍କଠାରୁ ୧ ହଜାରରୁ ୨ ହଜାର ଟଙ୍କା ନିଆଯାଉଛି। ଶ୍ରମିକ କାର୍ଡ ଖଣ୍ଡିଏ କରିବା ପାଇଁ ମାତ୍ର ୫୫ ଟଙ୍କା ଓ କାର୍ଡ ନବୀକରଣ (ବାର୍ଷିକ ଦେୟ) ପାଇଁ ୫୦ ଟଙ୍କା ଥିବା ବେଳେ କିଛି ସଙ୍ଗଠନ ଏହାଠାରୁ ଢ଼େର ଗୁଣା ଟଙ୍କା ଆଦାୟ କରୁଛନ୍ତି। ସଙ୍ଗଠନଗୁଡ଼ିକ ସରକାରୀ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଧରି ଶୋଷଣ କରିବାରେ ଲାଗୁଛନ୍ତି। କିଛିବର୍ଷ ତଳେ ହାତଗଣତି ୫ରୁ ୬ଟି ସଙ୍ଗଠନ ଥିଲାବେଳେ ବର୍ତ୍ତମାନ ଜିଲାରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଶ୍ରମିକ ସଙ୍ଗଠନ ହେଲାଣି। ଏମାନଙ୍କର ମୁଖ୍ୟ ଲକ୍ଷ୍ୟ ରହୁଛି ଏହାକୁ ବ୍ୟବସାୟରେ ପରିଣତ କରି ଶ୍ରମିକମାନଙ୍କୁ ଶୋଷଣ କରିବା। ମୋଟା ଅଙ୍କର ଲାଞ୍ଚ ନିଆଯାଇ ଜିଲାରେ ପାନ ଦୋକାନୀଙ୍କଠାରୁ ଆରମ୍ଭ କରି ଅଟୋ ଡ୍ରାଇଭରଙ୍କ ଭଳି ବିଭିନ୍ନ ଅଯୋଗ୍ୟ ହିତାଧିକାରୀଙ୍କ ନାମରେ କରାଯାଉଛି ନିର୍ମାଣ ଶ୍ରମିକ କାର୍ଡ। ଫଳରେ ଯୋଗ୍ୟ ଶ୍ରମିକମାନେ କାର୍ଡ ଖଣ୍ଡିଏରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି।

୨୦୧୮ରେ ଜିଲାର ୮ଟି ବ୍ଲକରେ ନିର୍ମାଣ ଶ୍ରମିକ କ୍ୟାମ୍ପ କରାଯାଇଥିଲା, ଏଥିରେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଡ ପାଇଁ ଆବେଦନ କରିଥିଲେ। ହେଲେ ଏହି ସବୁ ଆବେଦନ ପତ୍ର ବର୍ତ୍ତମାନ ଜିଲା ଶ୍ରମ କାର୍ଯ୍ୟାଳୟରେ ପଡ଼ି ରହିଛି। ଶ୍ରମିକମାନେ ନିଜର ନାମ ପଞ୍ଜୀକରଣ କରିବା ପାଇଁ ଜିଲା ଶ୍ରମ କାର୍ଯ୍ୟାଳୟକୁ ଆସୁଛନ୍ତି। ହେଲେ ସେଠାରେ କର୍ମଚାରୀ ଅଭାବ ଥିବାରୁ ଆଜି ଆସ କାଲି ଆସ କହି ଫେରାଇ ଦେଉଛନ୍ତି। ଏହି ସମୟରେ ସଙ୍ଗଠନ କରିଥିବା କିଛି ବ୍ୟକ୍ତି ତାଙ୍କୁ ନିର୍ମାଣ ଶ୍ରମିକ କାର୍ଡ କରାଇ ଦେବାକୁ କହି ଶୋଷଣ କରୁଛନ୍ତି। ଏହାକୁ ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି।

ଜିଲା ଶ୍ରମ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଜିଲାରେ ୫୩,୬୨୩ ଜଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ଆର୍ଥିକ ବର୍ଷ ୨୦୧୮-୧୯ରେ ୪୨୫୮ ଜଣଙ୍କୁ ୫ କୋଟି ୩୧ ଲକ୍ଷ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ୨୦୧୦ମସିହାରୁ ବର୍ତ୍ତମାନ ସୁଦ୍ଧା ୨୯,୯୩୮ ଜଣ ଶ୍ରମିକଙ୍କୁ ୧୬ କୋଟି ୯୭ ଲକ୍ଷ ୭ ହଜାର ୮୩୦ ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏ ନେଇ ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନା କୁହନ୍ତି, ଆବେଦନ କରିଥିବା କାର୍ଡଗୁଡ଼ିକ ଯାଞ୍ଚ କରାଯାଉଛି। ସେହିଭଳି ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ନିର୍ମାଣ କାର୍ଡ ପ୍ରଦାନ କରିବେ ବୋଲି ସେ ପ୍ରକାଶ କରିଥିଲେ। ଶ୍ରମିକମାନେ ସିଧାସଳଖ କାର୍ଯ୍ୟାଳୟକୁ ଆସି କାର୍ଡ ଆବେଦନ କରିବା ପାଇଁ ସେ କହିଥିଲେ।



ହରେକୃଷ୍ଣପୁରଠାରେ ଜାତୀୟ ରାଜପଥ-୫୭ରେ ମଧ୍ୟାହ୍ନ ୧୨ଟାରେ ଶ୍ରମିକମାନେ କାମ କରୁଛନ୍ତି।

### ଖୋର୍ଦ୍ଧା ବ୍ଲକରେ ଫନୀ ପ୍ରସ୍ତୁତି ଆଜି ଅପରାହ୍ନ ୨ଟା ପୂର୍ବରୁ ହେବ ସ୍ଥାନାନ୍ତର

ଖୋର୍ଦ୍ଧା ଅଫିସ,୩୦।୪

ଫନୀର ପ୍ରଭାବ ଖୋର୍ଦ୍ଧା ଜିଲାରେ ଅଧିକ ପଡିବାକୁ ଥିବାବେଳେ ଏହାର ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ବିଗତବର୍ଷର ଅଭିଜ୍ଞତାକୁ ଆଧାର କରି ବ୍ଲକର ୧୫୫୧ ପରିବାର ସ୍ଥାନାନ୍ତର ପାଇଁ ପ୍ରଶାସନ ପକ୍ଷରୁ ପ୍ରାଥମିକ ଭାବେ ସଚେତନତା ଆରମ୍ଭ ହୋଇଛି। ଏଥିପାଇଁ ବ୍ଲକର ୨୨ ପଞ୍ଚାୟତକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ବ୍ଲକ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଫନୀ ବାତ୍ୟା ମେ ୨ରେ ଓଡ଼ିଶା ଉପକୂଳରେ ପହଞ୍ଚିବାର ସୂଚନା ରହିଛି। ପ୍ରଭାବରେ ୧ ସନ୍ଧ୍ୟାରୁ ୫ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ସହ ୧୮୦ କିମି ବେଗରୁ ଅଧିକ ପବନ ହେବାର ରହିଛି। କଚ୍ଚା ଓ ଅସୁରକ୍ଷିତ ଗୃହରେ ବାସ କରୁଥିବା ଜନସାଧାରଣଙ୍କୁ ବୁଧବାର ଅପରାହ୍ନ ୨ଟା ପୂର୍ବରୁ ନିକଟସ୍ଥ ସୁରକ୍ଷିତ ବିଦ୍ୟାଳୟ, ବାତ୍ୟା ଆଶ୍ରୟସ୍ଥଳ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ନିଜର ଦୈନନ୍ଦିନ, ଆବଶ୍ୟକ ସାମଗ୍ରୀ ସହ ସ୍ଥାନାନ୍ତର ହେବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ୨୨ ପଞ୍ଚାୟତରେ ୩ ଜଣ ସୁପରଭାଇଜିଂ ଅଫିସର ନିୟୋଜିତ କରାଯାଇଛି। ଗ୍ରାମ ରୋଜଗାର ସେବକ, ଯୋଗାଣ ସହାୟକମାନେ ସୁପରଭାଇଜିଂ ଅଫିସରଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ପ୍ରବଳ ଗ୍ରୀଷ୍ମ ପ୍ରବାହ, ଜନଜୀବନ ଅସ୍ତବ୍ୟସ୍ତ



**ରଣପୁର,୩୦।୪(ସ୍ୱ.ପ୍ର.):** ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ରଣପୁର ଅଞ୍ଚଳରେ ଲୋକେ ଡହଳବିକଳ ହେବାରେ ଲାଗିଛନ୍ତି। ଗତ କିଛିଦିନ ହେଲା ସହର ଓ ଏହାର ଆଖପାଖ ଅଞ୍ଚଳରେ ତାପମାତ୍ରା ୪୧ରୁ ୪୩ ଡିଗ୍ରୀ ମଧ୍ୟରେ ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପୂର୍ବାହ୍ନ ୧୨ଟାରୁ ରଣପୁର ବଜାରର ପ୍ରାୟ ଦୋକାନ, ବଜାର ବନ୍ଦ ହେବା ସହିତ ରାସ୍ତାଘାଟ ଜନଶୂନ୍ୟ ହୋଇ ପଡୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ କୂଅ, ପୋଖରୀ ଶୁଖିଯାଇଥିବାରୁ ଘୋର ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଭୂତଳ ଜଳସ୍ତର ହ୍ରାସ ପାଇବା ଫଳରେ ନଳକୂପଗୁଡିକରୁ ମଧ ପାଣି ବାହାରୁ ନାହିଁ। ଗୃହପାଳିତ ପଶୁମାନେ ପାଣି ପାଇଁ ବହୁ କଷ୍ଟ ଭୋଗୁଛନ୍ତି। ସୂଚନାଯୋଗ୍ୟ, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ପାନୀୟ ଜଳ ପ୍ରକଳ୍ପ ଥିଲେ ମଧ ଅଧିକାଂଶ କାର୍ଯ୍ୟ କରୁନାହିଁ। ଜଳ ସମସ୍ୟା ଉଗ୍ରରୂପ ଧାରଣ କରିଛି। ଏ ପରିସ୍ଥିତିରେ ବିଭିନ୍ନ ପଞ୍ଚାୟତରେ ପ୍ରଶାସନ ତରଫରୁ ଅଦ୍ୟାବଧି ଜଳଛତ୍ର ଖୋଲାଯାଇ ନ ଥିବା କିମ୍ବା ସାଧାରଣ ଲୋକଙ୍କୁ ପାନୀୟ ଜଳ ବଣ୍ଟନ ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ତେଣୁ ତୁରନ୍ତ ପାନୀୟ ଜଳ ଯୋଗାଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

## ୧ କୁଇଣ୍ଟାଲ ଶମ୍ବର ମାଂସ ଜବତ, ଜଣେ ଗିରଫ

ଓଡ଼ଗାଁ,୩୦।୪(ସ୍ୱ.ପ୍ର.)

ନୟାଗଡ଼ ଜିଲା ବନଖଣ୍ଡ ଓ ଓଡ଼ଗାଁ ବନାଞ୍ଚଳ ବାହାଡ଼ାଝୋଲା ସେକ୍ସନ୍ ଅନ୍ତର୍ଗତ ଶୂଳିଆ ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ଏକ କୁଇଣ୍ଟାଲ ଶମ୍ବର ମାଂସ ଜବତ କରାଯାଇଛି । ଏ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବାବେଳେ ଘଟଣା ସ୍ଥଳରୁ ଜଣେ ଫେରାର୍ ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ବସନ୍ତ ନାଇକ(୨୪)। ସୂଚନାଯୋଗ୍ୟ, ବନବିଭାଗ ମଙ୍ଗଳବାର ସକାଳ ୮ଟାରେ ଏ ନେଇ ସୂଚନା ପାଇବା ପରେ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସରିତା ବରାଳ ଓ ସହଯୋଗୀମାନେ ଶିକାରିଙ୍କୁ ତଲାସ କରିଥିଲେ । ବନ ବିଭାଗ ତଦନ୍ତ କରୁଥିବା ଘଟଣା ଶିକାରୀମାନେ ଜାଣିପାରି ଏହି ଶମ୍ବର ମାଂସକୁ ୫ଟି ବସ୍ତାରେ ପୂରାଇ ୨ ସାଇକେଲରେ ଲଦି ବୁଦା ଭିତରକୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ବିଭାଗୀୟ ଅଧିକାରୀମାନେ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ପଚରାଉଚୁରା କରୁଥିବା ସମୟରେ ଜଣେ ସେଠାରୁ ଖସି ଚାଲିଯାଇଥିଲେ। ତେବେ ବସନ୍ତଙ୍କୁ ସେମାନେ କାବୁ କରିନେଇଥିଲେ । ବିଭାଗୀୟ କର୍ମଚାରୀମାନେ ବସନ୍ତ ଧରିଥିବା ବ୍ୟାଗ୍ ଭିତରୁ ଗୋଟିଏ ଭୁଜାଲି, ଟାଙ୍ଗିଆ ଓ ଟର୍ଚ୍ଚ ଲାଇଟ୍ ଜବତ କରାଯାଇଛି। ଏହାବ୍ୟତୀତ ବୁଦା ମଧ୍ୟରୁ ଦୁଇ ସାଇକେଲ, ସମ୍ବର ମାଂସ, ସମ୍ବରର କଟା ମୁଣ୍ଡ ମଧ ଜବତ କରାଯାଇଥିଲା। ଏ ଘଟଣା ନେଇ ଆମ୍ବପଡା ଓ ବନ୍ତଳା ଗ୍ରାମର ଅନ୍ୟ ୩ ଅଭିଯୁକ୍ତଙ୍କ ବିରୋଧରେ ୧୮/୧୯-୨୦ରେ ମାମଲା ରୁଜୁ ହୋଇଥିବା ରେଞ୍ଜର ପଣ୍ଡା ସୂଚନା ଦେଇଛନ୍ତି । ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ। ସ୍ଥାନୀୟ ବନପ୍ରାଣୀ ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ସହକାରୀ ବନ ସଂରକ୍ଷକ ଅରବିନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ଜବତ ମାଂସ ପୋତି ଦିଆଯାଇଥିବା ସୂଚନା ମିଳିଛି। ଚଢ଼ାଉରେ ବନପାଳ ବରାଳଙ୍କ ସହିତ ବନରକ୍ଷୀ ଶୁଭେନ୍ଦୁ ନାୟକ, ଧରଣୀଧର ନାୟକ ଓ ଜଙ୍ଗଲ ସୁରକ୍ଷା ସ୍କ୍ୱାଡ୍ ସଦସ୍ୟମାନେ ସାମିଲ ଥିଲେ ।



ଜବତ ମାଂସ ଓ ଗିରଫ ଅଭିଯୁକ୍ତ।

### ଟାଣ ଖରାରେ ପାର୍କ କାମ କରୁଛନ୍ତି ଶ୍ରମିକ

ଖୋର୍ଦ୍ଧା ଅଫିସ,୩୦।୪

ଖୋର୍ଦ୍ଧାର ବିଜୁପଟ୍ଟନାୟକ ପାର୍କପ୍ରାଚୀରରେ ଗ୍ରିଲ ଲଗାଇବା କାର୍ଯ୍ୟ ଦୁଇଦିନ ହେଲା ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟାଣ ଖରାରେ ଶ୍ରମିକ କାମ କରୁଛନ୍ତି। ସରକାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଯିବ ନାହିଁ ବୋଲି କଟକଣା ଜାରି କରିଛନ୍ତି। ହେଲେ କଟକଣାକୁ ଅଣଦେଖା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର, ଅତିରିକ୍ତ ଶ୍ରମ କମିଶନର, ଅତିରିକ୍ତ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ୧୫ ମିଟର ଦୂରରେ ବେଆଇନ ଭାବେ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରାଯାଇଛି। ପାର୍କ ପୁନରୁଦ୍ଧାର କାମ ଖରାରେ ଶ୍ରମିକଙ୍କୁ କରିବାକୁ ଅନୁମତି କିଏ ଦେଲା, ଏହାର ବିଧିବଦ୍ଧ ଭାବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅନ୍ୟପକ୍ଷେ ଜିଲାପାଳ, ଅତିରିକ୍ତ ଶ୍ରମ କମିଶନର, ଅତିରିକ୍ତ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଖରାରେ କାମ ଚାଲିଥିବାବେଳେ ଗାଁ ଗହଳିରେ ସରକାରୀ ଆଦେଶ କିପରି ଅଣଦେଖା ହେଉଥିବ ଏଥିରୁ ଅନୁମେୟ। ଏ ନେଇ ଅତିରିକ୍ତ ଶ୍ରମ କମିଶନର ପ୍ରଦୀପ ମହାପାତ୍ରଙ୍କୁ ପଚାରିବାରେ ସେ ଏହିଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ଗରମ ଭାତହାଣ୍ଡି ପଡ଼ି ବାଳକ ଗୁରୁତର

ରଣପୁର, ୩୦।୪ (ସ୍ୱ.ପ୍ର.)

ଏସି ରୁମ୍‌ରେ ନିଆଁରେ ପୋଡ଼ି ହୋଇଥିବା ଗୁରୁତର ରୋଗୀଙ୍କୁ ଚିକିତ୍ସା କରାଯିବାର ନିୟମ ଥିବାବେଳେ ନୟାଗଡ ଜିଲା ରଣପୁର ସରକାରୀ ଡାକ୍ତରଖାନାରେ ଏଥିରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ହାଟସାହିର ଅଜୟ ସେଠୀଙ୍କ ବଡପୁଅ ଅମିତ(୧୦) ମଙ୍ଗଳବାର ଘରେ ପାଠ ପଢୁଥିବାବେଳେ ନିକଟସ୍ଥ ଟେବୁଲ ଉପରେ ଗ୍ୟାସ୍ ଚୁଲା ଦ୍ୱାରା ମା’ ଭାତ ରାନ୍ଧୁଥିଲେ । ତେବେ ହଠାତ୍ ଉଠି ପଡିବା ବେଳକୁ ତାଙ୍କ ଉପରେ ଗରମ ଭାତ ହାଣ୍ଡିଟି ଢାଳି ହୋଇଯାଇଥିଲା। ଏହାଦ୍ୱାରା ଅମିତର ବାମ ହାତ, ୨ ଗୋଡ ଓ ଜଙ୍ଘରେ ଆଘାତ ଲାଗିବା ସହ ପୋଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅମିତ୍ ସେଠାରେ କଷ୍ଟରେ ଛଟପଟ ହେଉଥିବାବେଳେ ଏସି ଲାଗିଥିବା ରୁମ୍‌ରେ ଏସି ଚାଲୁ ନ ଥିଲା। ଫଳରେ ଡାକ୍ତର ତାଙ୍କୁ ସାଧାରଣ ବେଡ୍‌ରେ ରଖି ଚିକିତ୍ସା କରିଥିଲେ। ସେହି ରୁମ୍‌ରେ ଲାଗିଥିବା ପଙ୍ଖାଟି ମଧ ଠିକ୍ ଭାବେ ଘୂରୁ ନ ଥିଲା। ଏହି ବିଷୟରେ ରଣପୁର ସରକାରୀ ଡାକ୍ତରଖାନାର ଡାକ୍ତର ବୈଦ୍ୟନାଥ ନନ୍ଦଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଡାକ୍ତରଖାନାରେ ବର୍ନ ୟୁନିଟ୍ ନାହିଁ ଓ ଏସି ଗୁଡିକ ଅଚଳ ହୋଇପଡ଼ିଛି। ସେଥିପାଇଁ ତାଙ୍କୁ ସାଧାରଣ ବେଡ୍‌ରେ ରଖାଯାଇ ଚିକିତ୍ସା କରାଯାଉଛି। ଉଲ୍ଲେଖଯୋଗ୍ୟ, ଏହି ୟୁନିଟ୍ ଅଧିକ ବ୍ୟୟବହୁଳ ହୋଇଥିବାରୁ ରାଜ୍ୟରେ ହାତ ଗଣତି କେତୋଟି ସରକାରୀ ଡାକ୍ତରଖାନାରେ ଏହି ସୁବିଧା ରହିଛି ।



ଡାକ୍ତରଖାନାରେ ଚିକିତ୍ସାଧୀନ ବାଳକ।

### ଯୋଗ ଶିବିର ଉଦ୍‌ଯାପିତ



**ଖଣ୍ଡପଡ଼ା,୩୦।୪(ସ୍ୱ.ପ୍ର.):** ସିଧାମୂଳା ଜଗନ୍ନାଥ ମନ୍ଦିର ପରିସରରେ ଶୁକ୍ରବାରଠାରୁ ଚାଲିଥିବା ୫ଦିନିଆ ଯୋଗ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରୀଛାତ୍ର ଯୋଗଦେଇ ଥିଲେ। ଶିବିରରେ ନୟାଗଡ ଜିଲାର ଯୋଗ ଶିକ୍ଷକ ପ୍ରତାପ କୁମାର ରଣସିଂ ପ୍ରଶିକ୍ଷକ ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ବିଭିନ୍ନ ଯୋଗ ଓ ଏହାର ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ବିଶେଷ ଭାବେ ସେ ଯୋଗ ଦ୍ୱାରା ଆଧାତ୍ମିକ ଉନ୍ନତି ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ। ବିଶେଷ କରି ଆଜିର ସମାଜରେ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଭାବରେ ଜୀବନ ଅତିବାହିତ କରିବାକୁ ହେଲେ ପ୍ରତ୍ୟେହ ଯୋଗ କରିବା ନିହାତି ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ। ଜଣେ ବ୍ୟକ୍ତି ୩୦ରୁ ୪୫ ମିନିଟ ପର୍ଯ୍ୟନ୍ତ ଯୋଗ କଲେ ଆରୋଗ୍ୟ ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଦିବସରେ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ରଣା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶେଷଦେବ ରାଉତ ସଂଯୋଜନା କରିଥିଲେ।

# ବିକାଶଠାରୁ ବହୁ ପଛରେ ଭେଲେଇଢିପି ଗାଁ

ଅଜୟ କୁମାର ମହାରଣା
ଖଣ୍ଡପଡ଼ା,୩୦।୪

- ■ସାତସପନ ଏଠି ପାନୀୟ ଜଳ, ଆବାସ ଯୋଜନା
- ■ସୋଲାର ଜଳ ଯୋଗାଣ ସିଷ୍ଟମ ଅଚଳ
- ■ଦୂଷିତ ନାଳ ପାଣି ହିଁ ଭରସା
- ■ଗମନାଗମନରେ ପ୍ରତିବନ୍ଧକ ସାଜିଛି ଯୋଗିଆ ନାଳ

ଗାଁର ବିକାଶ ଉପରେ ହିଁ ଦେଶର ବିକାଶ ନିର୍ଭର କରେ ବୋଲି କୁହାଯାଏ। କାରଣ ଦେଶର ୭୦ ଭାଗ ଲୋକ ଗାଁରେ ବାସ କରନ୍ତି । ତେବେ ଗ୍ରାମାଞ୍ଚଳର ଉନ୍ନତି ନିମନ୍ତେ ଯୋଜନା ସବୁ ବାସ୍ତବରେ କିପରି କାର୍ଯ୍ୟକାରୀ ହେଉଛି ତାହା ନ ଦେଖିଲେ ବିଶ୍ୱାସ କରିହୁଏନି। ଏବେ ବି ଅନେକ ଗ୍ରାମ ସମସ୍ୟାଘେରରେ ରହିଛି। ବିକାଶଠାରୁ ବହୁ ପଛରେ ପଡ଼ିଯାଇଛନ୍ତି ଗ୍ରାମାଞ୍ଚଳବାସୀ। ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ କୋସକା ପଞ୍ଚାୟତଠାରୁ ପ୍ରାୟ ୩ କି.ମି. ଦୂରରେ ପାହାଡ଼, ଜଙ୍ଗଲଘେରା ଛୋଟିଆ ଗାଁ ଭେଲେଇଢିପି ହେଉଛି ଏହାର ପ୍ରକୃଷ୍ଟ ଉଦାହରଣ। ଖଣ୍ଡପଡା ନିର୍ବାଚନମଣ୍ଡଳୀ ସୀମାନ୍ତ ଅଞ୍ଚଳସ୍ଥିତ ୬ନଂ ୱାର୍ଡଭୁକ୍ତ ଏହି ଗାଁରେ ଆଦିବାସୀ ସମ୍ପ୍ରଦାୟର ମୋଟ ୨୩ଟି ପରିବାରର ଶହେରୁ ଊର୍ଦ୍ଧ୍ୱ ଲୋକ ଏଠାରେ ବାସକରନ୍ତି । ତେବେ ଦୀର୍ଘବର୍ଷ ଧରି ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ବିକାଶର ଧାରାଠାରୁ ବହୁ ଦୂରରେ ପଡ଼ି ରହିଛି ଏହି ଗ୍ରାମ। ସରକାରୀ ଯୋଜନା ଏଠି ବିଫଳ ହୋଇ ପଡ଼ିଥିବା କହିଛନ୍ତି କେତେଜଣ ଗ୍ରାମବାସୀ।

ବିଶେଷତଃ ପାନୀୟ ଜଳ ଏଠି ସାତ ସପନ ପାଲଟିଛି। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ, ତାପମାତ୍ରା ବଢୁଥିବାବେଳେ ପାନୀୟ ଜଳ ମୁଖ୍ୟ ସମସ୍ୟା ପାଲଟିଛି । ନାଳ, ଝରଣା ଜଳ ଶୁଖିଯାଇଛି। ଗ୍ରାମବାସୀଙ୍କ ପାନୀୟ ଜଳର ଆବଶ୍ୟକତା ପୂର୍ଣ୍ଣ କରିବା ପାଇଁ ଗତ ଜାନୁୟାରୀ ମାସରେ ଏକ ସୋଲାର ସିଷ୍ଟମ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ମଧ ତାହା ଦୀର୍ଘ ଦିନ ହେବ ଅଚଳ ହୋଇଯାଇଛି। ତେଣୁ ଗାଁରେ ଥିବା ଏକମାତ୍ର ନଳକୂପର ଫ୍ଲୋରାଇଡଯୁକ୍ତ ପାଣି ବ୍ୟବହାର କରି ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପାଣିକୁ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି । ଏହାର ଦୂଷିତ ଜଳ ବ୍ୟବହାର ଯୋଗୁ ଦାନ୍ତ ନାଲି ପଡ଼ିଯାଉଛି। ତେଣୁ ବାଧ୍ୟହୋଇ ଗ୍ରାମବାସୀ ନିକଟସ୍ଥ ଦୂଷିତ ଯୋଗିଆନାଳ ପାଣି ବ୍ୟବହାର କରୁଛନ୍ତି। କୂଅ, ପୋଖରୀ ନ ଥିବାରୁ ମଣିଷ ଓ ଗୃହପାଳିତ ପଶୁଙ୍କ ନିମନ୍ତେ ସ୍ନାନ, ଶୌଚ ଓ ସଫେଇ ଆଦି କାର୍ଯ୍ୟରେ ବ୍ୟବହାର ଉପଯୋଗୀ ଜଳର ଅଭାବ ଦେଖାଦେଇଛି। ବାରମ୍ବାର ଏ ସମସ୍ୟା ନେଇ ଅଭିଯୋଗ ପରେ ସମ୍ପୃକ୍ତ ଗ୍ରାମକୁ ଜିଲାପାଳ, ବିଡିଓ ପରିଦର୍ଶନରେ ଆସି ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କେବଳ ପ୍ରତିଶ୍ରୁତି ଦେଉଛନ୍ତି। ନିର୍ବାଚନ ସମୟରେ ମଧ ପ୍ରତିଶ୍ରୁତି ଓ ଆଶ୍ୱାସନା ହିଁ ମିଳିଥାଏ। ଗାଁକୁ ସବୁଦିନିଆ ରାସ୍ତାଟିଏ ନ ଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ବିଶେଷ କରି ଗାଁକୁ ପକ୍କା ରାସ୍ତା ନ ଥିବାବେଳେ ନିକଟସ୍ଥ ଯୋଗିଆନାଳ ଯାତାୟାତରେ ପ୍ରତିବନ୍ଧକ ସାଜିଛି। ବର୍ଷାଦିନେ ନାଳରେ ପାଣି ଭରି ଯିବା ଯୋଗୁ ବାହ୍ୟ ଗମନାଗମନରେ ବାଧା ସୃଷ୍ଟି ହୋଇଥାଏ । ଏଥିଯୋଗୁ ପିଲାମାନେ ବଣ/ଜଙ୍ଗଲ ରାସ୍ତାରେ ୪ କି.ମି. ଦୂର ମଧୁପୁର ସ୍କୁଲକୁ ପାଠ ପଢିବା ପାଇଁ ଯାଆନ୍ତି। ଗମନାଗମନ ସମସ୍ୟା ଯୋଗୁ ଦୋଳ ବା ଭାରରେ ଗଣିଆ, ଦଶପଲ୍ଲା କିମ୍ବା ଗଡିଆସାହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡ଼ିଥାଏ ବୋଲି ଲୋକେ କହନ୍ତି । ଗ୍ରାମବାସୀ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରି ଶାଳପତ୍ର ସଂଗ୍ରହ କରି ଖଲିପତ୍ର କରିଥାନ୍ତି। ଏହାବ୍ୟତୀତ ଠୁଙ୍ଗା ତିଆରି କରିବା, ମୂଲ ଲାଗିବା, ଗାଈ, ଛେଳି, ମେଣ୍ଢାପାଳନ ଓ ଚାଷ କରି ଜୀବିକା ନିର୍ବାହ କରିଥାନ୍ତି । ଏଠାକାର ଗରିବ ପରିବାର ରାଶନ କାର୍ଡ ଦ୍ୱାରା ୫ କିଲୋ ଚାଉଳ ଆଣିବା ପାଇଁ ସିଙ୍ଗିବାରୀ ଯାଇ ୫୦ ଟଙ୍କା ଖର୍ଚ୍ଚ କରୁଥିବା ଅଭିଯୋଗ ହୁଏ। ପାନୀୟ ଜଳ ଭଳି ଏହି ଆଦିବାସୀ ସମ୍ପ୍ରଦାୟଙ୍କ ପାଇଁ ସରକାରଙ୍କ ଆବାସ ଯୋଜନା ସାତ ସପନ ହୋଇଥାଏ ।

ଉଲ୍ଲେଖଯୋଗ୍ୟ କି, ଗତବର୍ଷ ଗ୍ରାମବାସୀ ରୁନି ନାୟକଙ୍କ ଚାଳ ଛପର ଘରଟି ପୋଡ଼ି ଯାଇଥିବାରୁ ତହସିଲ ପକ୍ଷରୁ ତାଙ୍କୁ ମାତ୍ର ୨ଖଣ୍ଡ ପଲିଥିନ ମିଳିଥିଲା । ସେ ବାରମ୍ବାର ଆବେଦନ କରିଥିଲେ ମଧ ଆବାସ ଯୋଜନା ଅନୁସାରେ ତାଙ୍କୁ ବାସଗୃହର ସହାୟତା ମିଳି ନ ଥିଲା। ସେହିପରି ଶାନ୍ତି ନାୟକ ଗତ ବର୍ଷ ଆବାସ ଯୋଜନାର କାର୍ଯ୍ୟାଦେଶ ପାଇ ଘର ତିଆରି ଆରମ୍ଭ କରିଥିଲେ। ପ୍ରଥମ କିସ୍ତି ଭାବେ ସେ ୨୦ ହଜାର ଟଙ୍କା ପାଇଥିବାବେଳେ ଅବଶିଷ୍ଟ ଅର୍ଥ ତାଙ୍କୁ ମିଳୁ ନ ଥିବା ଅଭିଯୋଗ କରିଛନ୍ତି । ଅନେକ ବାସ୍ତବ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ ନ ଥିବା ଅଭିଯୋଗ ହୋଇଛି। ନିଧି ନାୟକ, ଦଣ୍ଡୁଆ ନାୟକ, ହାଡିବନ୍ଧୁ ନାୟକ, ମହାଦେବ ବେହେରା, ଦାଶରଥି ନାୟକ, ବୁଧେଇ ନାୟକ ପ୍ରମୁଖ ଏ ନେଇ ଅଭିଯୋଗ କରିଛନ୍ତି ।

ନୟାଗଡ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ରାଜିବ ପାଣିଗ୍ରାହୀ ମତ ପ୍ରକାଶ କରିଛନ୍ତି ଯେ, ପାନୀୟ ଜଳ ଯୋଗାଣ ନିମନ୍ତେ ଅଚଳ ହୋଇଥିବା ସୋଲାର ଜଳ ଯୋଗାଣକୁ ତୁରନ୍ତ କାର୍ଯ୍ୟକ୍ଷମ ନିମନ୍ତେ ସେ ପଦକ୍ଷେପ ନେବେ । ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି, ଉକ୍ତ ଗ୍ରାମର ମୁଖ୍ୟ ସମସ୍ୟା ପାଲଟିଥିବା ଯୋଗିଆ ନାଳ ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କୁ ନେଇ ଜିଲାପାଳଙ୍କୁ ବାରମ୍ବାର ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରିଛୁ । ମାତ୍ର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ତେବେ ଏହି ନାଳ ଉପରେ ସେତୁ ନିର୍ମାଣ ପାଇଁ ଅତି କମ୍‌ରେ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାରୁ ଏହି କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରଖିଛୁ। ସୋଲାର ଜଳ ଯୋଗାଣ ପ୍ରକଳ୍ପଟି ଗତ କାଳ ବୈଶାଖୀରେ ଅଚଳ ହୋଇଯାଇଛି । ଯେଉଁ କମ୍ପାନୀ ଏହାକୁ ସ୍ଥାପନ କରିଥିଲା ତାଙ୍କୁ ସୂଚନା ଦିଆଯାଇଛି। ତୁରନ୍ତ ଏହା କାର୍ଯ୍ୟକ୍ଷମ ହୋଇଯିବ ବୋଲି ସାହୁ କହିଥିଲେ। ତେବେ ନାଳ ଉପରେ ସେତୁ ନିର୍ମାଣ ସମ୍ପର୍କରେ ବିଧାୟକ ଅନୁଭବ ପଟ୍ଟନାୟକ ଅବଗତ ନ ଥିବା କହିଥିଲେ। ଗ୍ରାମବାସୀ ତଥା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦାବିକୁ ସରକାରଙ୍କ ନଜରକୁ ଆଣି କାର୍ଯ୍ୟକାରୀ କରାଯାଇପାରିବ ବୋଲି ସେ ସୂଚନା ଦେଇଥିଲେ । ବିଶେଷ କରି ଯୋଗିଆ ନାଳ ଉପରେ ଯଦି ଏକ ସ୍ଥାୟୀ ସେତୁ ନିର୍ମାଣ କରାଯାଇ ପାରନ୍ତା ତେବେ ଗମନାଗମନ ସମସ୍ୟାର ସମାଧାନ ହୋଇ ପାରନ୍ତା ବୋଲି କେତେଜଣ କହିଥିଲେ।



ବାସଗୃହ ଆବେଦନ କରିଥିବା ଜଣେ ହିତାଧିକାରୀ ।



ଯୋଗିଆ ନାଳ।